ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୫/୨୦୨୫ (୧୨ ପୃଷ୍ଠା) Bhubaneswar, Monday, August 25/2025 Page 12 ₹ 7.00

୫୧ଶ ଭାଗ ୨୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 270 ମୂଲ୍ୟ₹୭/-



## 'ହେୱାନ୍' ଶୁଟିଂରେ ଅକ୍ଷୟ

ଫିଲ୍ମ ନିର୍ମାତା ପ୍ରିୟଦର୍ଶନଙ୍କ 'ହେୱାନ୍' ଫିଲ୍ମର ଶୁଟିଂ ଆରମ୍ଭ ହୋଇଥିବା ନେଇ ଅଭିନେତା ଅକ୍ଷୟ କୁମାର ଏକ ବିଟିଏସ୍ ଭିଡିଓ ଶେୟାରକରି ସୂଚନା ଦେଇଛନ୍ତି।

୦୨

୧୨

## ଐଶ୍ୱର୍ଯ୍ୟ ପ୍ରତାପଙ୍କୁ ସ୍ୱର୍ଣ୍ଣ ପଦକ

ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ୫୦ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି ଭାରତର ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ।





ପୃଷ୍ଠା-୩

**କାଞ୍ଜିପାଣି ଘାଟିରେ ଭୂସ୍ଖଳନ**

କେନ୍ଦୁଝର ଜିଲାରେ ଲଗାଣ ବର୍ଷା ଯୋଗୁ ୪୯ନଂ ଜାତୀୟ ରାଜପଥର କୁଡ଼ିଆଘାଟି ରାସ୍ତାରେ ପଥର ଖସିପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। (ଫଟୋ-ଦୀପକ ମିଶ୍ର)

# ୨,୭୫୦ ପ୍ରକଳ୍ପ ବାତିଲ

**ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା**

ଭୁବନେଶ୍ୱର,୨୪।୮ (ରବିନାରାୟଣ ଜେନା)

୨୦୨୪ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟରେ ପୂର୍ବ ସରକାର ଯେଉଁସବୁ ରାତିଅଧିଆ ପ୍ରକଳ୍ପ ବଣ୍ଟନ କରିଥିଲେ, ସେଥିରେ ଏବେ ନୂଆକଥା ଦେଖିବାକୁ ମିଳିଛି। ଅଧିକାଂଶ ପ୍ରକଳ୍ପ ଠିକଣା ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେଥିମଧ୍ୟରୁ ୧,୯୦୦ ପ୍ରକଳ୍ପକୁ ବାତିଲ କରିଛନ୍ତି। ଏଥିଯୋଗୁ ରାଜକୋଷରୁ ଆଉ ୧୧୦ କୋଟି ଟଙ୍କା ଖର୍ଚ୍ଚ ହେବନାହିଁ ବୋଲି ଜଣାପଡ଼ିଛି। ଏହାବାଦ୍ ପୂର୍ବରୁ ଗଡ଼ିଆସୁଥିବା ୮୫୦ ପ୍ରକଳ୍ପକୁ ସବୁଦିନ ପାଇଁ ମୋହନ ସରକାର ବାତିଲ କରି ଦେଇଛନ୍ତି। ଇତିମଧ୍ୟରେ ସମୁଦାୟ ୨,୭୫୦ ପ୍ରକଳ୍ପ ବାତିଲ ହୋଇଥିବାବେଳେ ଏ ବାବଦକୁ ୧୫୦କୋଟିରୁ ଅଧିକ ଟଙ୍କାର କାମ ଏବେ ବନ୍ଦ ହୋଇଯାଇଛି। ଏହାକୁ ନେଇ ଶାସକ ଓ ବିରୋଧୀଦଳର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଏକପ୍ରକାର ଅସନ୍ତୋଷ ଦେଖାଦେଇଛି।

ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଅଗଷ୍ଟ ୧୬ରେ ସଂପୃକ୍ତ ଜିଲାପାଳମାନଙ୍କୁ ପତ୍ର ଲେଖି ଅବଗତ କରାଯାଇଛି। ଯୋଜନା ଓ ସଂଯୋଜନା ବିଭାଗର ପତ୍ର ପାଇବା ପରେ ଏବଂ ଘଟଣା ପ୍ରଘଟ ହେବା ପରେ ବିଧାୟକ ଓ ମନ୍ତ୍ରୀଙ୍କୁ ସାଧାରଣ ଲୋକେ ଏବେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ବାତିଲ ହେବା ପରେ ଖୋର୍ଦ୍ଧା ଜିଲାରେ ପ୍ରାୟ ୩୨୦ଟି ପ୍ରକଳ୍ପ ରହିଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୯୭-୧୯୯୮ରୁ ସ୍ୱତନ୍ତ୍ର ସମସ୍ୟା ପାଣ୍ଠି(ଏସପିଏଫ୍) ରାଜ୍ୟରେ କାର୍ଯ୍ୟକାରୀ ହୋଇଆସୁଥିଲା। ଏହି ଯୋଜନା ମାଧ୍ୟମରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପ୍ରତିଶୋଧ ଆଇନ

# ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି

- ବିପଦ ସଙ୍କେତ ଉପରେ ସୁବର୍ଣ୍ଣରେଖା, ବୈତରଣୀ
- ବଢୁଛି ଜଳକା, ଧସିଲା ବୈତରଣୀ ନଦୀବନ୍ଧ
- ହୀରାକୁଦ ଡ୍ୟାମ୍‌ର ୧୨ ଗେଟ୍ ଖୋଲା

**ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବିପଦ ସଙ୍କେତ ଉପରେ ସୁବର୍ଣ୍ଣରେଖା ଓ ବୈତରଣୀ ନଦୀଜଳ ପ୍ରବାହିତ ହେଉଥିବାବେଳେ ଜଳକା ଜଳସ୍ତର ବଢୁଛି। ଏଭଳିସ୍ଥଳେ ଆସନ୍ତା ୪୮ ଘଣ୍ଟାରେ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳର ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାକୁ ଥିବାବେଳେ କିଛି ସ୍ଥାନରେ ପ୍ରବଳ ଓ ଅତିପ୍ରବଳ ବର୍ଷା ହୋଇପାରେ, ଫଳରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ବନ୍ୟା ସ୍ଥିତି ଗମ୍ଭୀର ହୋଇପାରେ। ଅନ୍ୟପକ୍ଷରେ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ରବିବାର ସନ୍ଧ୍ୟା ସୁଦ୍ଧା ୧୨ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏଭଳିସ୍ଥଳେ ତଳମୁଣ୍ଡରେ ବର୍ଷା ଲାଗିରହିଲେ ବ୍ୟାପକ ଅଞ୍ଚଳ ଜଳାର୍ଣ୍ଣବ ହୋଇପାରେ ବୋଲି ଅନୁମାନ କରାଯାଉଛି।**

ବାଲେଶ୍ୱର (ବାଞ୍ଛାନିଧି ଦେ)/ ଭଣ୍ଡାରିପୋଖରୀ (ରାଜେନ୍ଦ୍ର ଶତପଥୀ), ୨୪।୮

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷ ଷଷ୍ଠଥର ପାଇଁ ବନ୍ୟା ଆସିଥିବାରୁ ବାଲିଆପାଳ, ଜଳେଶ୍ୱର, ଭୋଗରାଇ ସମେତ ବସ୍ତା ବ୍ଲକର ବହୁ ପଞ୍ଚାୟତରେ ପରିସ୍ଥିତି ଦୟନୀୟ ହୋଇପଡ଼ିଛି। ଅପରପକ୍ଷରେ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି। ଫଳରେ ନଦୀ ତଟବର୍ତ୍ତୀ ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଓ ସତର୍କ ସଙ୍କେତ ୯.୪୫ ମିଟର ଥିବାବେଳେ ରବିବାର ଅପରାହ୍ନ ୫ଟା ସୁଦ୍ଧା ୧୧.୧୮ ମିଟର ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇଥିବା ଦେଖିବାକୁ ମିଳିଥିଲା। ବସ୍ତା ବ୍ଲକ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୬.୫୦ ମିଟର. ଓ ସତର୍କ ସଙ୍କେତ ୬ ମିଟର ଥିବାବେଳେ ରବିବାର ଅପରାହ୍ନ ୩ଟା ସୁଦ୍ଧା ୫.୩୪ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଥିଲା।

ଅନ୍ୟପକ୍ଷରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଆନିକଟଠାରେ ବୈତରଣୀ ଜଳସ୍ତର ରବିବାର ମଧ୍ୟ ବିପଦସଙ୍କେତ ଉପରେ ରହିଛି। ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୧୮.୪୪ ମିଟରରେ ସ୍ଥିର ରହିଛି। ଏଠାରେ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଛି। ବନ୍ୟାଜଳ ସର୍ବାଧିକ ୧୯ ମିଟର ହୋଇପାରେ ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି। ନଦୀର କଣ୍ଟିଘାଇରେ ୬ ଫୁଟ୍ ଉଚ୍ଚତାର ବନ୍ୟାଜଳ ଦ୍ରୁତବେଗରେ ପ୍ରବେଶ କରି ବ୍ଲକର ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ, କୁରିଗାଁ ଆଦି ପଞ୍ଚାୟତକୁ ଜଳମଗ୍ନ କରିଛି। ଷୋଳମପୁର ପଞ୍ଚାୟତ ବିନ୍ଧାଣ ଗାଁ ପାର୍ଶ୍ୱ ସପ୍ତମାତୃକା ବ୍ୟାରେଜଠାରେ ୫୦ଫୁଟ୍ ଲମ୍ବର ନଦୀବନ୍ଧ ଧସିଯାଇଛି। ନଦୀଶଯ୍ୟାକୁ ସଙ୍କୁଚିତ କରାଯିବା ସହ ନାମକୁମାତ୍ର କଂକ୍ରିଟୀକରଣ କରାଯାଇଥିବାରୁ ଜଳସ୍ରୋତ ଚାପରେ ନଦୀବନ୍ଧ ଧସିଯାଇଥିବା କୁହାଯାଉଛି। ଜିଲାପାଳ ଦିଲୀପ ରାଉତରାଏ, ଭାଜପା ନେତା ବଦ୍ରିନାରାୟଣ ଧଳ ନଦୀବନ୍ଧ ଧସିଥିବା ସ୍ଥାନ ଓ କଣ୍ଟିଘାଇ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ସମ୍ଭାବ୍ୟ ବନ୍ୟା ସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ସହକାରୀ ଯନ୍ତ୍ରୀ ଦାସ କହିଛନ୍ତି। ପ୍ରକାଶଥାଉ କି, ଶନିବାର ଅପରାହ୍ନରେ ବୈତରଣୀ ବିପଦସଙ୍କେତ ଅତିକ୍ରମ କରିଥିଲା।

ବାଲେଶ୍ୱର ଜିଲାରେ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ରବିବାର ଉକ୍ତ ୪ଟି ବ୍ଲକର ତହସିଲଦାର, ବିଡିଓ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସ୍ଥିତି ସମୀକ୍ଷା କରିଛନ୍ତି। ଅଧିକ କ୍ଷତିଗ୍ରସ୍ତ ସମ୍ଭାବନା ଥିବା ସ୍ଥାନରେ ପ୍ରଶାସନ ପକ୍ଷରୁ ୨୨ଟି ଏସ୍ଆର୍‌ସି ବୋଟ୍ ନିୟୋଜିତ କରାଯାଇଛି। ସେହିପରି ୨ଟି ଓଡ୍ରାଫ୍ ଟିମ୍ ମୁଖ୍ୟାଳୟରେ ପ୍ରସ୍ତୁତ ରହିଥିବାବେଳେ ଆଉ ୨ଟି ପାଇଁ ଆବେଦନ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ମହଜୁଦ ରହିଥିବା ଶୁଖିଲା ଖାଦ୍ୟସାମଗ୍ରୀ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ସମ୍ପର୍କରେ ଜିଲାପାଳ ଯାଞ୍ଚ କରିଛନ୍ତି। ଏଥିସହ ବନ୍ୟା ପ୍ରଭାବରେ ଯେଉଁ ରାସ୍ତା କିମ୍ବା ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଛି, ସେଠାରେ ତୁରନ୍ତ ବାଲିବସ୍ତା ପକାଯିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଖର ସ୍ରୋତ ଥିବା ଖୋଲା ରାସ୍ତାଗୁଡ଼ିକରେ ବାରିକେଡ୍ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗୃହପାଳିତ ପ୍ରାଣୀଙ୍କୁ ଉଦ୍ଧାର ଓ ଚିକିତ୍ସା ପାଇଁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ସତର୍କ କରାଯାଇଛି।

# କ୍ରିକେଟରୁ ପୂଜାରାଙ୍କ ଅବସର

ନୂଆଦିଲ୍ଲୀ,୨୪।୮ (ପି.ଟି.)



ଦୀର୍ଘ ଏକ ଦଶନ୍ଧି ଧରି କ୍ରିକେଟର ପାରମ୍ପରିକ ଟେଷ୍ଟ ଫର୍ମାଟରେ ଭାରତୀୟ ଦଳର ମେରୁଦଣ୍ଡ ସଦୃଶ ଥିବା ଚେତେଶ୍ୱର ପୂଜାରା ରବିବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ପୂଜାରା ପାରମ୍ପରିକ ଡିଫେନ୍ସିଭ ଷ୍ଟାଇଲର ବ୍ୟାଟିଂ ଲାଗି ଜଣାଶୁଣା। ୨୦୨୩ରେ ଅନ୍ତିମ ଥର ପାଇଁ ଟିମ ଇଣ୍ଡିଆ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପୂଜାରା କ୍ୟାରିୟରରେ ୧୦୩ ଟେଷ୍ଟ ଓ ୫ ଦିନିକିଆ ଖେଳିଥିଲେ। ସେ ଟେଷ୍ଟରେ ୪୩.୬୦ ଆଭରେଜରେ ୧୯ ଶତକ ଓ ୩୫ ଅର୍ଦ୍ଧଶତକ ସହ ୭,୧୯୫ ରନ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ୨୦୧୮ ଓ ୨୦୨୧ରେ ଅଷ୍ଟ୍ରେଲିଆରେ ଲଗାତର ଦୁଇ ଥର ଐତିହାସିକ ଟେଷ୍ଟ ସିରିଜ୍ ଜିତିଥିଲା। (ବିସ୍ତୃତ ରିପୋର୍ଟ: ଖେଳ ପୃଷ୍ଠାରେ)




# ମରିବୁ ପଛେ, ସେରୁବନ୍ଧ ପର୍ବତ ଛାଡ଼ିବୁ ନାହିଁ

- ନାଲ୍‌କୋର ବକ୍ସାଇଟ୍ ଖନନ ଯୋଜନାକୁ ଜୋରଦାର ବିରୋଧ
- ଏକାଠି ହେଲେ ୨ ବ୍ଲକ୍‌ର ବହୁ ଲୋକପ୍ରତିନିଧି, ଗ୍ରାମବାସୀ

ପଟ୍ଟାଙ୍ଗୀ,୨୪।୮ (ଶରତ କୁମାର ଧଳ)

କୋରାପୁଟ ଜିଲାର ସେରୁବନ୍ଧ ବକ୍ସାଇଟ୍ ପାହାଡ଼ ସୁରକ୍ଷାରେ ବାହାରିଛନ୍ତି ସେମିଳିଗୁଡ଼ା ଓ ପଟ୍ଟାଙ୍ଗୀ ବ୍ଲକ୍‌ର ଜନସାଧାରଣ ଓ ଲୋକ ପ୍ରତିନିଧି। ଏହି ପାହାଡ଼ରୁ କୌଣସି ପ୍ରକାର ଖନନକୁ ସୁଯୋଗ ଦିଆଯିବ ନାହିଁ ବୋଲି ସେମାନେ ଚେତାବନୀ ଦେବା ସହ 'ନାଲ୍‌କୋ ଗୋ ବ୍ୟାକ୍' ନାରା ଦେଇଛନ୍ତି। ଏନେଇ ପଟ୍ଟାଙ୍ଗୀ ବ୍ଲକ୍ ମାଳିପୁଟ ପଞ୍ଚାୟତ ଅଧୀନ ମାଲକାରବନ୍ଧ ଗ୍ରାମରେ ସେରୁବନ୍ଧ ପର୍ବତ ସୁରକ୍ଷା ସମିତି ସଭାପତି ରବି ଖରାଙ୍କ ସଭାପତିତ୍ୱରେ ରବିବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଉକ୍ତ ୨ ବ୍ଲକ୍‌ର ୬ ପଞ୍ଚାୟତର ଜନସାଧାରଣ ଓ ମୁଖିଆମାନେ ଏକାଠି ହୋଇଥିଲେ। ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ, ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ୍, ଜୋନ୍ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା, ନୂଆଗାଁ ସରପଞ୍ଚ ସୁବାସ ଖରା, ପଟ୍ଟାଙ୍ଗୀ ସରପଞ୍ଚ ଆଲମେ ଫୁଲ ପ୍ରମୁଖଙ୍କ ସହ ପୂର୍ବତନ ସରପଞ୍ଚ ସାଦୁ ଗୁଣ୍ଡା, କୋରାପୁଟିଆ ସୁରକ୍ଷା ସଂଘ ସମ୍ପାଦକ ଜିସୁ ଦାନ ଦିସାରି, ସେରୁବନ୍ଧ ସମ୍ପାଦକ ବାସୁଦେବ ପାଙ୍ଗି, ଭଗବାନ ଗୋଲରୀ, ନୂଆଗାଁ ନାଏବ ସରପଞ୍ଚ ମନୋଜ ବଇ ପ୍ରମୁଖ ☞ପୃଷ୍ଠା-୪




ମାଲକାରବନ୍ଧରେ ସେରୁବନ୍ଧ ପର୍ବତ ସୁରକ୍ଷା ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ।

## ସଂକ୍ଷେପରେ

### ଏଲ୍‌ପିଜି ଟ୍ୟାଙ୍କରରେ ନିଆଁ ଲାଗି ୭ ମୃତ

ହୋଶିଆରପୁର,୨୪।୮

ପଞ୍ଜାବର ହୋଶିଆରପୁର-ଜଳନ୍ଧର ରାସ୍ତାର ମଣ୍ଡିଆଲା ଆଡ୍ଡା ନିକଟରେ ଶୁକ୍ରବାର ରାତିରେ ଏକ ପିକ୍‌ଅପ୍ ଗାଡ଼ି ସହ ଧକ୍କା ହୋଇ ଏଲ୍‌ପିଜି ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା। ଏହି ନିଆଁ ତୁରନ୍ତ ଆଖପାଖ ଅଞ୍ଚଳକୁ ବ୍ୟାପିଯିବା ସହ ୧୫ଟି ଦୋକାନ ଓ ୪ଟି ଘର ଜଳିଯାଇଥିଲା। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୧ ଜଣ ଆହତ ହୋଇଥିଲେ। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତଙ୍କ ମଧ୍ୟରୁ ଶନିବାର ଜଣକର ମୃତ୍ୟୁ ଘଟିଥିବାବେଳେ ରବିବାର ୪ ଜଣ ପ୍ରାଣ ହରାଇଛନ୍ତି। ଫଳରେ ଟ୍ୟାଙ୍କର ବିସ୍ଫୋରଣଜନିତ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଛି। ସେମାନଙ୍କ ଶରୀରର ୯୦ ଭାଗରୁ ଅଧିକ ପୋଡ଼ିଯାଇଥିଲା ବୋଲି ସିଭିଲ୍ ସର୍ଜନ ଡ. ପୱନ କୁମାର କହିଛନ୍ତି।

### ଚମ୍ପାଇ ସୋରେନ୍ ଗୃହବନ୍ଦୀ

ରାଞ୍ଚି,୨୪।୮

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍‌ଙ୍କର ନଗ୍ରି ଅଞ୍ଚଳରେ 'ହାଲ ଜୋତୋ-ରୋପା ରୋପୋ' କାର୍ଯ୍ୟକ୍ରମ ଥିବାବେଳେ ଏହା ପୂର୍ବରୁ ରାଜ୍ୟ ସରକାର ତାଙ୍କୁ ତାଙ୍କ ବାସଭବନରେ ଗୃହବନ୍ଦୀ କରିଛନ୍ତି। ପ୍ରସ୍ତାବିତ ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ-୨ (ଆର୍‌ଆଇଏମ୍‌ଏସ୍-୨)ରେ ଏହି କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଅନେକ ହଜାର ଲୋକ ସାମିଲ ହେବା ଆଶା କରାଯାଉଥିଲା। ତାଙ୍କୁ ଘରୁ ବାହାରିବାକୁ ଦିଆଯାଉ ନ ଥିବା ଚମ୍ପାଇ କହିଛନ୍ତି। ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ପ୍ରତିକାର ପଦକ୍ଷେପ ସ୍ୱରୂପ ତାଙ୍କୁ ଗୃହବନ୍ଦୀ ରଖାଯାଇଥିବା ଡିଏସ୍‌ପି କହିଛନ୍ତି। ଚମ୍ପାଇଙ୍କ ରାଞ୍ଚି ବାସଭବନ ନିକଟରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

### ଗୁଜରାଟ ସୀମାରୁ ୧୫ ପାକିସ୍ତାନୀ ମତ୍ସ୍ୟଜୀବୀ ଗିରଫ

ଅହମଦାବାଦ,୨୪।୮

ଗୁଜରାଟର କଚ୍ଛ ଜିଲା ଅନ୍ତର୍ଗତ ଭାରତ-ପାକ୍ ସୀମା ନିକଟରୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଶନିବାର ଏକ ଇଞ୍ଜିନ୍ ଚାଳିତ ବୋଟ୍ ଜବତ କରିବା ସହ ୧୫ ପାକିସ୍ତାନୀ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ସ୍ୱତନ୍ତ୍ର ଗୋଇନ୍ଦା ସୂଚନା ଅନୁଯାୟୀ, ବିଏସ୍‌ଏଫ୍ ଯବାନମାନେ ସୀମାନ୍ତ ଘାଟି ନିକଟବର୍ତ୍ତୀ କୋରି କ୍ରିକ୍ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଥିଲେ। ଏହି ସମୟରେ ବୋଟ୍ ସହ ପାକିସ୍ତାନୀ ମତ୍ସ୍ୟଜୀବୀ ଧରାପଡ଼ିଛନ୍ତି। ସେମାନଙ୍କ ଘର ପାକ୍ ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ସୁଜାୱାଲ ଜିଲାରେ। ବୋଟ୍‌ରୁ ୫୦ କେ.ଜି. ମାଛ, ୯ଟି ମାଛଧରା ଜାଲ, ଡିଜେଲ, ଖାଦ୍ୟସାମଗ୍ରୀ, ବରଫ, ଲାଠି, ଗୋଟିଏ ମୋବାଇଲ୍ ଫୋନ୍ ଏବଂ ୨୦୦ ଟଙ୍କାର ପାକିସ୍ତାନୀ ନୋଟ୍ ମିଳିଛି। ଭାରତୀୟ ଜଳରାଶିରେ ପାକିସ୍ତାନୀ ମତ୍ସ୍ୟଜୀବୀଙ୍କ ଉପସ୍ଥିତି ପଛର ଉଦ୍ଦେଶ୍ୟ ସମ୍ପର୍କରେ ତଦନ୍ତ କରାଯାଉଛି।



**ଜମ୍ମୁରେ ପ୍ରବଳ ବର୍ଷା:** ଆଇଆଇଆଇଏମ୍ ହଷ୍ଟେଲ ନିକଟରେ ପାଣିଘେରରେ ଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି।

# ରୁଷିଆ ଆଣବିକ ପ୍ଲାଣ୍ଟରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

ମସ୍କୋ,୨୪।୮



ରୁଷିଆର ଏକ ଆଣବିକ ବିଦ୍ୟୁତ୍ ପ୍ଲାଣ୍ଟ ଉପରେ ରବିବାର ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣ କରିଥିବା ମସ୍କୋ ଅଭିଯୋଗ କରିଛି। ପଶ୍ଚିମ କୁର୍ସ୍କ ଅଞ୍ଚଳରେ ଥିବା ଉକ୍ତ ପ୍ଲାଣ୍ଟରେ ଡ୍ରୋନ୍ ଆକ୍ରମଣ ଯୋଗୁ ନିଆଁ ଲାଗିଯାଇଥିଲା। ଏହାକୁ ତୁରନ୍ତ ଆୟତ୍ତ କରାଯାଇଥିବାବେଳେ କେହି ମୃତାହତ ହୋଇନାହାନ୍ତି। ଗୋଟିଏ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହେଇଥିବାରୁ ୩ ନମ୍ବର ରିଆକ୍ଟରର ଉତ୍ପାଦନ କ୍ଷମତା ୫୦% ହ୍ରାସ ପାଇଛି। ବିକିରଣ ସ୍ତର ସ୍ୱାଭାବିକ ରେଞ୍ଜ୍ ମଧ୍ୟରେ ରହିଥିବା ପ୍ଲାଣ୍ଟ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ଏହାର ୩୪ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏଭଳି ଆକ୍ରମଣ କରିଥିବା ମସ୍କୋ କହିଛି। ଶନିବାର ରାତିରେ କିଭ୍ ରୁଷିଆର କେତେକ ବିଦ୍ୟୁତ୍ ଓ ଶକ୍ତି ଉତ୍ପାଦନ କେନ୍ଦ୍ରକୁ ଟାର୍ଗେଟ କରିଥିଲା। ପ୍ରତ୍ୟେକ ଆଣବିକ କେନ୍ଦ୍ରକୁ ସବୁବେଳେ ସୁରକ୍ଷିତ ରଖାଯିବା ଜରୁରୀ ବୋଲି ଜାତିସଂଘର ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ମହାନିର୍ଦ୍ଦେଶକ ରାଫାଲ ମାରିଆନୋ ଗ୍ରୋସି କହିଛନ୍ତି। ତେବେ ଆକ୍ରମଣ ସମ୍ପର୍କରେ କିଭ୍ ପକ୍ଷରୁ କିଛି କୁହାଯାଇ ନାହିଁ।

ଇତିମଧ୍ୟରେ ରୁଷିଆର ଉତ୍ତର ଲେନିନ୍‌ଗ୍ରାଡ ଅଞ୍ଚଳରେ ୟୁକ୍ରେନ୍‌ର ଅନ୍ୟୂନ ୧୦ଟି ଡ୍ରୋନ୍‌କୁ ଖସାଇ ଦିଆଯାଇଛି। ଏହା ଫଳରେ ଉସ୍ତ-ଲୁଗା ପୋର୍ଟର ନୋଭାଟେକ୍ ଦ୍ୱାରା ପରିଚାଳିତ ଟର୍ମିନାଲରେ ନିଆଁ ଲାଗିଯାଇଥିଲା। ଶନିବାର ରାତିରେ ରୁଷିଆର ୧୩ଟି ଅଞ୍ଚଳରେ ମୋଟ ୯୫ଟି ୟୁକ୍ରେନୀୟ ଡ୍ରୋନ୍‌କୁ ରୁଷିଆର ଏୟାର ଡିଫେନ୍ସ ପ୍ରତିହତ କରିଛି। ୟୁକ୍ରେନ୍ ଯୁଦ୍ଧ ବନ୍ଦ ନିମନ୍ତେ ଶାନ୍ତି ଆଲୋଚନା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଅଲାସ୍କାରେ ପରସ୍ପରକୁ ସାକ୍ଷାତ୍ କରିଥିଲେ। ଏହା ପରେ ଟ୍ରମ୍ପଙ୍କୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସାକ୍ଷାତ୍ କରିବା ପରେ ପୁଟିନ୍‌ଙ୍କ ସହ ତ୍ରିପାକ୍ଷିକ ଆଲୋଚନା ପାଇଁ ଉଭୟ ରାଜି ହୋଇଥିଲେ। ପୁଟିନ୍ ଏବଂ ଜେଲେନ୍‌ସ୍କିଙ୍କ ମଧ୍ୟରେ ବୈଠକ ହୋଇପାରେ ବୋଲି କୁହାଯାଉଥିବାବେଳେ ଏପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇ ନାହିଁ। ଅନ୍ୟପକ୍ଷରେ ଉଭୟ ମସ୍କୋ ଏବଂ କିଭ୍ ପରସ୍ପର ବିରୋଧରେ ଆକ୍ରମଣ ଜାରି ରଖିଥିବାରୁ ଶାନ୍ତି ଆଲୋଚନା କେତେଦୂର ଆଗେଇବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୟେମେନ୍ ରାଜଧାନୀରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍

କାଇରୋ,୨୪।୮



ଇରାନ ସମର୍ଥିତ ୟେମେନ୍‌ର ହୁତି ଆତଙ୍କବାଦୀଙ୍କ ମିଶାଇଲ୍ ଆକ୍ରମଣ ଜବାବରେ ଇସ୍ରାଏଲୀ ସେନା ରବିବାର ଅପରାହ୍ଣରେ ୟେମେନ୍ ରାଜଧାନୀ ସାନା ଉପରେ ଜୋର୍‌ଦାର ବୋମାମାଡ଼ କରିଛି। ଗତ ୧୭ ତାରିଖର ଆକ୍ରମଣ ପରେ ରବିବାର ହୁତିଙ୍କ ଅକ୍ତିଆରରେ ଥିବା ସାନା ଉପରେ ଆକ୍ରମଣ ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ବିଦ୍ରୋହୀଙ୍କ ଦ୍ୱାରା ବ୍ୟବହୃତ ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଛି। ୟେମେନ୍‌ର ମିଶାଇଲ୍ ବେସ୍, ରାଷ୍ଟ୍ରପତି ଭବନ ନିକଟବର୍ତ୍ତୀ ଅଞ୍ଚଳରେ ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ୟେମେନ୍ ସୁରକ୍ଷା ବଳ ସୂତ୍ରରୁ ଆକ୍ରମଣ ସୂଚନା ଦିଆଯାଇଥିବାବେଳେ ସ୍ଥାନୀୟ ଲୋକେ ମଧ୍ୟ ରଏଟର୍ସକୁ ଏହି ଖବର ଦେଇଛନ୍ତି। ଆକ୍ରମଣରେ କେନ୍ଦ୍ରୀୟ ସାନାରେ ଥିବା ଏକ ମ୍ୟୁନିସିପାଲିଟି ବିଲ୍ଡିଂ କ୍ଷତିଗ୍ରସ୍ତ ହେବା ସହ ସେଠାରେ କେତେଜଣ ମୃତାହତ ହୋଇଛନ୍ତି। ସେହିପରି ହୋଡେଇଡା ବନ୍ଦର ସହରରେ ମଧ୍ୟ ଆକ୍ରମଣ ହୋଇଥିବା ଏକ ଇସ୍ରାଏଲୀ ଗଣମାଧ୍ୟମ ରିପୋର୍ଟ କରିଛି। ତେବେ ଇସ୍ରାଏଲ ପକ୍ଷରୁ ଆକ୍ରମଣ ସମ୍ପର୍କରେ ସ୍ପଷ୍ଟ କରାଯାଇ ନାହିଁ।

ଗତ ଶୁକ୍ରବାର ହୁତି ପକ୍ଷରୁ ଇସ୍ରାଏଲୀ ଅଞ୍ଚଳକୁ ଟାର୍ଗେଟ କରି ମିଶାଇଲ୍ ମାଡ଼ କରାଯାଇଥିଲା। ଇସ୍ରାଏଲ୍ ବିରୋଧରେ ପ୍ରଥମ ଥର ପାଇଁ ଏଭଳି କ୍ଲଷ୍ଟର ୱାର୍‌ହେଡ୍ ବ୍ୟବହାର କରିଥିଲା। ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ୍ ଏବଂ ହମାସ୍ ବିରୋଧରେ ଯୁଦ୍ଧ ଜାରି ରହିଥିବାବେଳେ ହୁତି ଆତଙ୍କବାଦୀମାନେ ବିଭିନ୍ନ ସମୟରେ ଇସ୍ରାଏଲ୍‌କୁ ଟାର୍ଗେଟ କରି ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରୁଛନ୍ତି। ହୁତି ଆକ୍ରମଣ ଯୋଗୁ ଗତ ୨ ବର୍ଷ ମଧ୍ୟରେ ଲୋହିତ ସାଗରରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୨୦୨୩ ନଭେମ୍ବରରୁ ୨୦୨୪ ଡିସେମ୍ବର ମଧ୍ୟରେ ହୁତି ଗ୍ରୁପ୍ ଶତାଧିକ ଜାହାଜକୁ ଟାର୍ଗେଟ କରି ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଥିଲେ। ଯୁଦ୍ଧବିରତି ବେଳେ ଏହି ଆକ୍ରମଣ ସାମୟିକ ଭାବେ ବନ୍ଦ ରହିଥିବାବେଳେ ପୁନର୍ବାର ଆରମ୍ଭ ହୋଇଛି।

## ଅଭିଯୋଗକାରୀ ଅଭ୍ୟାସଗତ ମିଛୁଆ: ପୂର୍ବତନ ସ୍ତ୍ରୀ

ମାଣ୍ଡ୍ୟା,୨୪।୮

**ଧର୍ମସ୍ଥଳ ମାମଲା**

କର୍ନାଟକ ଧର୍ମସ୍ଥଳରେ ବହୁସଂଖ୍ୟାରେ ନାବାଳିକା, ଯୁବତୀ ଓ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ପୋତିଦିଆଯାଇଥିବା ନେଇ ଅଭିଯୋଗ ଆଣିଥିବା ସି.ଏନ୍. ଚିନ୍ନାୟାଙ୍କୁ ଶନିବାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗିରଫ କରିଥିଲା। ସେ ପୂର୍ବରୁ କରିଥିବା ଅଭିଯୋଗ ଓ ଜେରା ବେଳେ ଦେଇଥିବା ବୟାନରେ ତାଳମେଳ ନ ରହିବାରୁ ଗିରଫ କରାଯାଇଥିବା କୁହାଯାଇଥିଲା। ଚିନ୍ନାୟା ଜଣେ ଅଭ୍ୟାସଗତ ମିଛୁଆ ବୋଲି ତାଙ୍କ ପୂର୍ବତନ ସ୍ତ୍ରୀ ରତ୍ନାମା ଅଭିଯୋଗ କରିଛନ୍ତି। ସେ କିଛି ଟଙ୍କା ପାଇବା ପାଇଁ ଗଣକବର ସମ୍ପର୍କରେ ମନଗଢ଼ା କାହାଣୀ ପ୍ରସ୍ତୁତ କରିଥାଇପାରନ୍ତି ବୋଲି ରତ୍ନାମା କହିଛନ୍ତି। ରତ୍ନାମା ୧୯୯୯ରେ ଚିନ୍ନାୟାଙ୍କୁ ବିବାହ କରିଥିଲେ। ଛାଡ଼ପତ୍ର ପ୍ରକ୍ରିୟା ଚାଲିଥିବାବେଳେ ଚିନ୍ନାୟା ଜଣେ ବେରୋଜଗାର ବୋଲି କୋର୍ଟକୁ ମିଛ କହି ଭରଣପୋଷଣ ପ୍ରଦାନରୁ ନିଜକୁ ମୁକ୍ତ କରିଥିଲେ ବୋଲି ରତ୍ନାମା କହିଛନ୍ତି।

## ଫେରାର ଉଦ୍ୟମ ବେଳେ ଅଭିଯୁକ୍ତଙ୍କ ଗୋଡ଼କୁ ଗୁଳି

ନଏଡା, ୨୪।୮

**ନଏଡା ଯୌତୁକ ହତ୍ୟା ମାମଲା**



ଉତ୍ତରପ୍ରଦେଶର ଗ୍ରେଟର ନଏଡାସ୍ଥିତ ସିର୍‌ସା ଗ୍ରାମରେ ଗୁରୁବାର ରାତିରେ ନିକ୍କି ଭାଟୀ ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ବିପିନ୍ ଭାଟୀ ଓ ଶ୍ୱଶୁର ଘର ଲୋକେ ନିଆଁରେ ଜାଳି ହତ୍ୟା କରିଥିଲେ। ପୋଲିସ ଶନିବାର ବିପିନ୍‌ଙ୍କୁ ଗିରଫ କରିଥିଲା। ତେବେ ରବିବାର ଅଧିକ ପଚରାଉଚରା ପାଇଁ ପୋଲିସ ବିପିନ୍‌ଙ୍କୁ ତାଙ୍କ ଘରକୁ ନେଉଥିବା ବେଳେ ସେ ଖସିଯିବାକୁ ଚେଷ୍ଟା କରିଥିଲେ ଏବଂ ଜଣେ ପୋଲିସ ଅଧିକାରୀଙ୍କ ପିସ୍ତଲ ଛଡ଼ାଇ ଖୋଲାରେ ଗୁଳି ଚଳାଇଥିଲେ। ପୋଲିସ ପକ୍ଷରୁ ତୁରନ୍ତ ବିପିନ୍‌ଙ୍କ ଗୋଡ଼କୁ ଗୁଳି ଚଳାଯାଇଥିଲା। ଆହତ ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିପିନ୍ କହିଛନ୍ତି, ସ୍ତ୍ରୀ ନିକ୍କିଙ୍କୁ ହତ୍ୟା କରିନି। ସ୍ତ୍ରୀଙ୍କ ସହ ତାଙ୍କର କେବଳ ଝଗଡ଼ା ହୋଇଥିଲା, ଯାହା ଅତି ସାଧାରଣ କଥା ଥିଲା। ତେବେ ଏହି ହତ୍ୟାକାଣ୍ଡକୁ ନେଇ ନିକ୍କିଙ୍କ ବାପା ଭିକାରୀ ସିଂ ପାୟଲା କହିଛନ୍ତି, ତାଙ୍କ ଝିଅଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ଗୁଳିକରି ହତ୍ୟା କରାଯାଉ। ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର କରାଯିବା ସହ ତାଙ୍କ ଘରକୁ ଧ୍ୱଂସ କରାଯାଉ ବୋଲି ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଗୁହାରି କରିଛନ୍ତି। ରବିବାର ନଏଡା ପୋଲିସ ବିପିନଙ୍କ ମାଆ ଦୟାଙ୍କୁ ଗିରଫ କରିଥିବା ବେଳେ ତାଙ୍କ ବାପା ସତ୍ୟବୀର ଓ ଭାଇ ରୋହିତ ଏବେ ଫେରାର ଅଛନ୍ତି। ବିପିନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ଶିପ୍‌କି-ଲା ଦେଇ ବାଣିଜ୍ୟ ଆରମ୍ଭ କରିବାକୁ ଚାଇନା ରାଜି

ଶିମ୍ଲା,୨୪।୮(ପି.ଟି.)

ହିମାଚଳପ୍ରଦେଶର କିନୌର ଜିଲା ଅନ୍ତର୍ଗତ ଶିପ୍‌କି-ଲା ଗିରିପଥ ଦେଇ ଭାରତ ସହ ପୁନର୍ବାର ବାଣିଜ୍ୟ ଆରମ୍ଭ କରିବାକୁ ଚାଇନା ନୀତିଗତ ଭାବେ ରାଜି ହୋଇଛି। ନିକଟରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଭାରତ ଗସ୍ତରେ ଆସିଥିବାବେଳେ ଏନେଇ ଆଲୋଚନା ହୋଇଥିଲା ବୋଲି ହିମାଚଳପ୍ରଦେଶ ସରକାର ରବିବାର କହିଛନ୍ତି। କୋଭିଡ୍ ମହାମାରୀ ଯୋଗୁ ୨୦୨୦ରେ ଏହି ଗିରିପଥ ଦେଇ ବାଣିଜ୍ୟ କାରବାର ବନ୍ଦ ରହିଥିଲା। ୩ଟି ଗିରିପଥ ଶିପ୍‌କି-ଲା, ଲିପୁଲେଖ(ଉତ୍ତରାଖଣ୍ଡ) ଏବଂ ନାଥୁ ଲା(ସିକିମ୍) ଦେଇ ସୀମାନ୍ତ ବାଣିଜ୍ୟ ପୁନର୍ବାର ଚାଲୁ କରିବା ପାଇଁ ଭାରତ ସରକାର ଚାଇନା ସହ ଆଲୋଚନା କରିଥିଲେ ବୋଲି ବହିର୍ବ୍ୟାପର ମନ୍ତ୍ରୀ ଏସ୍. ଜୟଶଙ୍କର ହିମାଚଳପ୍ରଦେଶ ସରକାରଙ୍କୁ ଜଣାଇଛନ୍ତି। ସେଥିମଧ୍ୟରୁ ଶିପ୍‌କି-ଲା ଦେଇ ବାଣିଜ୍ୟ ଆରମ୍ଭ କରିବାକୁ ବେଜିଂ ନୀତିଗତ ଭାବେ ରାଜି ହୋଇଛି। ବାଣିଜ୍ୟ କାରବାର ପୁଣି ଆରମ୍ଭ କରିବା ଲାଗି ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଲେଖିଥିଲେ।

## ରାହୁଲଙ୍କୁ ଚୁମ୍ବନ ଦେଇ ଚାପୁଡ଼ା ଖାଇଲେ



ପାଟନା, ୨୪।୮

ବିହାରର ପୂର୍ନିଆ-ଅରରିୟା ରୁଟ୍‌ରେ ରବିବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କ ସହ ଭୋଟ ଅଧିକାର ଯାତ୍ରା ଅନ୍ତର୍ଗତ ବାଇକ୍ ରାଲି କରୁଥିଲେ। ଉକ୍ତ ରାଲିରେ ରାହୁଲ ଏକ ବାଇକ୍ ଚଳାଉଥିବା ବେଳେ ତାଙ୍କ ନିକଟରେ ତେଜସ୍ୱୀ ଆଉ ଏକ ବାଇକ୍ ଚଳାଉଥିଲେ। ତେବେ ଏହି ବାଇକ୍ ରାଲି ଚାଲିଥିବାବେଳେ ଜଣେ ଯୁବକ ଅଚାନକ ଦୌଡ଼ିଆସି ରାହୁଲଙ୍କ ସୁରକ୍ଷା ବ୍ୟବସ୍ଥାକୁ ଭାଙ୍ଗି ତାଙ୍କୁ କୁଣ୍ଢାଇ ଚୁମ୍ବନ ଦେଇଥିଲେ। ଏହାପରେ ତୁରନ୍ତ ସୁରକ୍ଷାକର୍ମୀମାନେ ଯୁବକଙ୍କୁ ଟାଣି ରାହୁଲଙ୍କଠାରୁ ଦୂରକୁ ନେଇଯାଇଥିଲେ ଏବଂ ତାଙ୍କୁ ଚାପୁଡ଼ା ମାରିବାକୁ ଲାଗିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## କୁକୁରକୁ ବାଇକ୍‌ରେ ବାନ୍ଧି ରାସ୍ତାରେ ଘୋଷାଡ଼ିଲେ

ଅହମଦାବାଦ, ୨୪।୮

ଗୁଜରାଟର ଅହମଦାବାଦରେ ଜଣେ ବ୍ୟକ୍ତି ଏକ କୁକୁରକୁ ନିଜ ବାଇକ୍‌ରେ ବାନ୍ଧି ରାସ୍ତାରେ ଘୋଷାଡ଼ି ନେଉଥିବାର ମାମଲା ସାମ୍ନାକୁ ଆସିଛି। ସିସିଟିଭି ଭିଡିଓରୁ ଏହି ଘଟଣା ସମ୍ପର୍କରେ ଜଣାପଡ଼ିଛି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ରମେଶ ପଟେଲ ନାମକ ଜଣେ ବ୍ୟକ୍ତି ପ୍ରଥମେ ଏକ କୁକୁରକୁ ପିଟିଥିଲେ ଏବଂ ପରେ ସେ ବାଇକ୍‌ର ପଛଭାଗ ସହ କୁକୁରକୁ ବାନ୍ଧି ଅନେକ ଦୂର ପର୍ଯ୍ୟନ୍ତ ବାଇକ୍ ଚଳାଇଥିଲେ, ଯାହାଫଳରେ କୁକୁରଟି ରାସ୍ତାରେ ଘୋଷାଡ଼ି ହୋଇ ଚାଲିଥିଲା। ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରବିବାର ଅହମଦାବାଦ ପୋଲିସ ଘଟଣାକୁ ନେଇ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ରମେଶଙ୍କୁ ଗିରଫ କରିଛି। ତେବେ ରମେଶ କାହିଁକି କୁକୁରଟିକୁ ନିର୍ଯାତନା ଦେଉଥିଲେ, ସେ ସମ୍ପର୍କରେ ଜଣାପଡ଼ିନାହିଁ।



## 'ହେୱାନ୍'ର ଶୁଟିଂ ଆରମ୍ଭ କଲେ ଅକ୍ଷୟ

**ମୁମ୍ବାଇ:** ଫିଲ୍ମ ନିର୍ମାତା ପ୍ରିୟଦର୍ଶନଙ୍କ ଆଗାମୀ ଫିଲ୍ମ 'ହେୱାନ୍'ର ଶୁଟିଂ କେରଳର କୋଚିରେ ଆରମ୍ଭ ହୋଇଛି। ଏନେଇ ରବିବାର ଅଭିନେତା ଅକ୍ଷୟ କୁମାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ସେ ଫିଲ୍ମ ଶୁଟିଂବେଳର ଏକ ବିହାଇଣ୍ଡ ଦି ସିନ୍ (ବିଟିଏସ୍) ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ଅକ୍ଷୟଙ୍କ ସହ ଅଭିନେତା ସୈଫ୍ ଅଲି ଖାନ୍, ଫିଲ୍ମ ନିର୍ମାତା ପ୍ରିୟଦର୍ଶନ ଏବଂ ଫିଲ୍ମର ଅନ୍ୟାନ୍ୟ କ୍ରିଉ ସଦସ୍ୟ ନଜରକୁ ଆସିଛନ୍ତି। କ୍ୟାପ୍‌ଶନ୍‌ରେ ଅକ୍ଷୟ ଲେଖିଛନ୍ତି, ପ୍ରିୟଦର୍ଶନଙ୍କ ସହ ଆଉ ଏକ ଫିଲ୍ମର ଶୁଟିଂ ଆରମ୍ଭ କଲି। ପ୍ରାୟ ୧୮ ବର୍ଷ ପରେ ସୈଫ୍‌ଙ୍କ ସହ କାମ କରିବା ଆରମ୍ଭ କରିଛି, ଯାହାର ଅନୁଭୂତି ଅତ୍ୟନ୍ତ ନିଆରା। ଆସନ୍ତା ଏପ୍ରିଲ ୨ରେ 'ହେୱାନ୍' ଫିଲ୍ମ ରିଲିଜ୍ ହେବ ବୋଲି ନିର୍ମାତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଏକଦା ବଲିଉଡ୍‌ର ସୁପରହିଟ୍ ଯୋଡ଼ି କୁହାଯାଉଥିବା ଅକ୍ଷୟ ଏବଂ ସୈଫ୍ ପ୍ରାୟ ୧୮ ବର୍ଷ ପରେ ପୁଣିଥରେ କୌଣସି ଫିଲ୍ମରେ ଏକାଠି ମିଶି କାମ କରୁଛନ୍ତି। ଶେଷଥର ପାଇଁ ୨୦୦୮ରେ ରିଲିଜ୍ ହୋଇଥିବା 'ଟଶନ' ଫିଲ୍ମରେ ଉଭୟ ତାରକା ଏକାଠି ନଜରକୁ ଆସିଥିଲେ। ମେଁ ଖିଲାଡ଼ି ତୁ ଅନାଡ଼ି (୧୯୯୪), ୟେ ଦିଲାଗି (୧୯୯୪), ତୁ ଚୋର ମେଁ ସିପାହି (୧୯୯୬), କିମତ୍ (୧୯୯୮) ଆଦି ଫିଲ୍ମରେ ସୈଫ୍ ଓ ଅକ୍ଷୟଙ୍କ ଯୋଡ଼ିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ।

## ବିହାର ଏସ୍‌ଆଇଆର୍: ୯୮% ଭୋଟର ଦସ୍ତାବିଜ୍ ଦାଖଲ କଲେଣି

ନୂଆଦିଲ୍ଲୀ,୨୪।୮

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଆପତ୍ତି ଅଭିଯୋଗ ଦାଖଲ କରିବାକୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ୯୮.୨% ଭୋଟରଙ୍କଠାରୁ ଦସ୍ତାବିଜ୍ ଗ୍ରହଣ କରାଯାଇଥିବା ଶନିବାର ନିର୍ବାଚନ କମିଶନ କହିଛନ୍ତି। ଚିଠା ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ବାଦ୍ ପଡ଼ିଥିବା ଲୋକେ ଆବଶ୍ୟକ ଦସ୍ତାବିଜ୍ ସହ ପୁନର୍ବାର ନାମ ସାମିଲ ନିମନ୍ତେ ଆବେଦନ କରିବାକୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ସୁଯୋଗ ଦିଆଯାଇଥିଲା। ଜୁନ୍ ୨୪ରୁ ଅଗଷ୍ଟ ୨୪ ମଧ୍ୟରେ ୯୮.୨ ପ୍ରତିଶତ ଲୋକ ଦସ୍ତାବିଜ ଦାଖଲ କରିଥିବା ନେଇ ବିହାର ସିଇଓ ଜଣାଇଛନ୍ତି। ମାତ୍ର ୧.୮ ପ୍ରତିଶତ ଭୋଟର ଦସ୍ତାବିଜ୍ ଦାଖଲ କରିନାହାନ୍ତି।

# ଇସ୍ରୋର ଏୟାର ଡ୍ରପ୍ ଟେଷ୍ଟ ସଫଳ

ଶ୍ରୀହରିକୋଟା, ୨୪।୮



ଭାରତର ପ୍ରଥମ ମାନବ ମହାକାଶ ମିଶନ ଗଗନୟାନର ପ୍ରସ୍ତୁତି ଦିଗରେ ରବିବାର ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)କୁ ବଡ଼ ସଫଳତା ମିଳିଛି। ଇସ୍ରୋ ପକ୍ଷରୁ ପ୍ରଥମ ଇଣ୍ଟିଗ୍ରେଟେଡ୍ ଏୟାର ଡ୍ରପ୍ ଟେଷ୍ଟ (ଆଇଏଡିଟି ୦୧) ସଫଳ ହୋଇଛି। ଗଗନୟାନ ମିଶନ ପାଇଁ ପାରାଚ୍ୟୁଟ୍ ସିଷ୍ଟମକୁ ଯାଞ୍ଚ କରିବା ଉଦ୍ଦେଶ୍ୟରେ ଏହି ପରୀକ୍ଷଣ କରାଯାଇଛି। ମହାକାଶରୁ ଫେରିବା ସମୟରେ ପାରାଚ୍ୟୁଟ ଦ୍ୱାରା ମହାକାଶ ଯାନର ଗତି ହ୍ରାସ ପାଇଥାଏ। ଇସ୍ରୋ ସହ ଭାରତୀୟ ନୌସେନା, ଭାରତୀୟ ବାୟୁସେନା, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ), ଭାରତୀୟ ତଟରକ୍ଷୀ ବାହିନୀର ସଂଯୁକ୍ତ ପ୍ରୟାସରେ ଏହି ପରୀକ୍ଷଣ କରାଯାଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାଠାରେ ହୋଇଥିବା ଏହି ପରୀକ୍ଷଣରେ ଏକ ମକ୍ ମଡ୍ୟୁଲକୁ ବିମାନରୁ ଛଡ଼ାଯାଇଥିଲା, ଯାହା ନୂତନ ଭାବରେ ବିକଶିତ ପାରାଚ୍ୟୁଟର ବ୍ୟବହାର କରି ସୁରକ୍ଷିତ ଭାବେ ଅବତରଣ କରିଥିଲା। ଅବତରଣ ସମୟରେ ପାରାଚ୍ୟୁଟ ସିଷ୍ଟମ ଠିକ୍ ଭାବେ କାର୍ଯ୍ୟ କରିଥିଲା ଏବଂ ପାରାଚ୍ୟୁଟର ଗତି ଉଚିତ୍ ଅନୁପାତରେ ହ୍ରାସ ପାଇଥିବା ନେଇ ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଗଗନୟାନ ମିଶନ ଅନ୍ତର୍ଗତ ଭାରତର ମାନବବିହୀନ ମିଶନ ଆସନ୍ତା ଡିସେମ୍ବରରେ ଲଞ୍ଚ ହେବାକୁ ଥିବାବେଳେ ୨୦୨୮ରେ ମାନବଯୁକ୍ତ ମିଶନ ଲଞ୍ଚ କରାଯିବ।

# କାଞ୍ଚିପାଣି ଘାଟିରେ ଭୂସ୍ଖଳନ

କେନ୍ଦୁଝର,୨୪।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଗତ ୪ ଦିନ ହେବ ଲଗାଣ ବର୍ଷା ଲାଗି ରହିଛି। ତଳିଆ ଅଞ୍ଚଳରେ ପାଣି ଜମି ରହିଥିବା ବେଳେ ଅନେକ କଚ୍ଚାଘର ଭାଙ୍ଗିଯାଇଛି। ରାସ୍ତାପାର୍ଶ୍ୱ ପାହାଡ଼ ତଥା ଜୁଡ଼ିଆ ଓ କାଞ୍ଚିପାଣି ଘାଟିରୁ ଭୂସ୍ଖଳନ ହୋଇ ମାଟି ଓ ପଥର ଖସି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିବା ଦେଖିବାକୁ ମିଳିଛି। ତେବେ ଭୂସ୍ଖଳନ ଯୋଗୁ କୌଣସି ବଡ଼ ଧରଣର ଅଘଟଣ ଘଟି ନ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଲଗାଣ ବର୍ଷା ଯୋଗୁ କେନ୍ଦୁଝର, ବାଂଶପାଳ ଓ ତେଲକୋଇ ବ୍ଲକ୍ ଅଞ୍ଚଳରେ ଅବସ୍ଥା ବେହାଲ ହୋଇପଡ଼ିଛି। କେନ୍ଦୁଝର ସହରର ବିଭିନ୍ନ ୱାର୍ଡ, ସାହି ଓ ତଳିଆ ଅଞ୍ଚଳରେ ପାଣି ଜମି ରହିଛି। ଶନିବାର ରାତି ପ୍ରାୟ ୧୨ଟାରେ ଜାତୀୟ ରାଜପଥ ୪୯ର କାଞ୍ଚିପାଣି



କାଞ୍ଚିପାଣି ଘାଟିରେ ଭୂସ୍ଖଳନ ହୋଇ ରାଜପଥରେ ମାଟି ଜମି ରହିଛି।

ଘାଟିରେ ପାହାଡ଼ରୁ ଭୂସ୍ଖଳନ ହୋଇଥିଲା। ପ୍ରାୟ ୬ଫୁଟ୍ ଉଚ୍ଚତାର ମାଟି ଅତଡ଼ା ଧସି ରାସ୍ତା ଉପରେ ଜମା ହୋଇ ରହିଥିବାରୁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବଲାଙ୍ଗିରୁ ରାଉରକେଲା ଯାଉଥିବା ଏକ ଯାତ୍ରୀବାହୀ ବସ୍ ପ୍ରାୟ ୪ଘଣ୍ଟା ଫସି ରହିବା ପରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଜେସିବି ମେଶିନ ଦ୍ୱାରା ମାଟି ଏବଂ ଗଛ ସଫା କରାଯାଇଥିଲା। ପରେ ବସ୍‌ଟି ଗନ୍ତବ୍ୟ ସ୍ଥଳକୁ ଯାଇଥିଲା। ଏଥିସହ ଜାତୀୟ ରାଜପଥରେ ଶତାଧିକ ଗାଡ଼ି, ଟ୍ରକ୍ ଓ ଛୋଟ ଯାନବାହନ ରାତିତମାମ ଅଟକି ରହିଥିଲା। ଏନ୍‌ଏଚ୍‌ଏଆଇ ପକ୍ଷରୁ କେନ୍ଦୁଝର-ଜଗମୋହନପୁର ରାସ୍ତାର ଗୋଟିଏ ପାର୍ଶ୍ୱରୁ ସଫେଇ କରାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ କରୁଥିବାରୁ ଟ୍ରାଫିକ୍ ଜାମ୍ ରହୁଛି। ଅନ୍ୟପଟ ରାସ୍ତା ଉପରେ ଜମିଥିବା ମାଟିକୁ ଯଥାଶୀଘ୍ର ଉଠାଯାଇ ଯାତାୟାତ ସ୍ୱାଭାବିକ କରାଯିବ ବୋଲି ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ମୋବେଶ ଗାମୀ ସୂଚନା ଦେଇଛନ୍ତି।

## ଜୁଡ଼ିଆରେ ଧସିଲା ପଥର, ଯାତାୟାତ ବ୍ୟାହତ

ସେହିପରି ଜାତୀୟ ରାଜପଥ ୪୯ର ଜୁଡ଼ିଆ ଘାଟି ରାସ୍ତାପାର୍ଶ୍ୱ ପାହାଡ଼ରୁ ରବିବାର ଭୋର ସମୟରେ ୨ଟି ବଡ଼ ପଥର ଖସି ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଏନ୍‌ଏଚ୍‌ଏଆଇ ପକ୍ଷରୁ ପଥର ହଟାଯିବା ପରେ ଗାଡ଼ି ଚଳାଚଳ କରିଥିଲା।

## ଇଣ୍ଟିଗ୍ରେଟେଡ୍ ଏୟାର ଡିଫେନ୍ସ ୱେପନ୍ ସିଷ୍ଟମ୍‌ର ସଫଳ ପରୀକ୍ଷଣ



ବାଲେଶ୍ୱର,୨୪।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଶନିବାର ଇଣ୍ଟିଗ୍ରେଟେଡ୍ ଏୟାର ଡିଫେନ୍ସ ୱେପନ୍ ସିଷ୍ଟମ୍ (ଆଇଏଡିଡବ୍ଲ୍ୟୁଏସ୍)ର ସଫଳତାର ସହ ପରୀକ୍ଷଣ କରାଯାଇଛି। ଆଇଏଡିଡବ୍ଲ୍ୟୁଏସ୍ ହେଉଛି ଏକ କ୍ୱିକ୍ ରିଆକ୍ସନ ସର୍ଫେସ ଟୁ ଏୟାର ମିଶାଇଲ (କ୍ୟୁଆର୍‌ଏସ୍‌ଏମ୍), ଆଡ୍‌ଭାନ୍ସଡ୍ ଭେରି ଶର୍ଟ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ (ଭିଏସ୍‌ଏର୍‌ଓଆର୍‌ଏଡିଏସ୍) ଏବଂ ହାଇ ପାୱାର ଲେଜର ବେସ୍‌ଡ ଡାଇରେକ୍ଟେଡ ୱେପନ (ଡିଇଡବ୍ଲ୍ୟୁ) ଅନ୍ତର୍ଭୁକ୍ତ।

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ପ୍ରୟୋଗଶାଳା (ଡିଆରଡିଏଲ୍) ଦ୍ୱାରା ଗଠିତ ଏକ କେନ୍ଦ୍ରୀୟ ଆଦେଶ ଓ ନିୟନ୍ତ୍ରଣ ପ୍ରୟୋଗଶାଳା ମାଧ୍ୟମରେ ଏହି ଯୁଦ୍ଧାସ୍ତ୍ର ପ୍ରଣାଳୀର ପରୀକ୍ଷଣକୁ ନିରୀକ୍ଷଣ ଓ ନିୟନ୍ତ୍ରଣ କରାଯାଇଥିଲା। ଇମରାଟ୍ ରିସର୍ଚ୍ଚ ସେଣ୍ଟର ଦ୍ୱାରା ଆଡଭାନ୍ସଡ ଭେରି ଶର୍ଟ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ ଓ ସେଣ୍ଟର ଫର ହାଇ ଏନର୍ଜି ସିଷ୍ଟମ ଆଣ୍ଡ ସାଇନ୍ସ ଦ୍ୱାରା ହାଇ ପାୱାର ଲେଜର ବେସ୍‌ଡ ଡାଇରେକ୍ଟେଡ ୱେପନ ବିକଶିତ କରାଯାଇଛି। ଏହି ପରୀକ୍ଷଣ ସମୟରେ ଦୁଇଟି ହାଇ-ସ୍ପିଡ୍ ଫିକ୍ସଡ୍ ୱିଙ୍ଗ୍ ମାନବହୀନ ବାୟୁଯାନ ଟାର୍ଗେଟ୍ ସହିତ ଗୋଟିଏ ମଲଟି-କପ୍ଟର ଡ୍ରୋନ୍‌କୁ ମିଶାଇ ୩ଟି ଭିନ୍ନ ଭିନ୍ନ ପରିସୀମା ଓ ଉଚ୍ଚତାରେ ଥିବା ଟାର୍ଗେଟକୁ 'କ୍ୟୁଆରଏସ୍‌ଏମ୍', ଭିଏସ୍‌ଏର୍‌ଓଆର୍‌ଏଡିଏସ୍ ଓ ଡିଇଡବ୍ଲ୍ୟୁର ସମ୍ମିଳିତ ପ୍ରଣାଳୀ ଏକସଙ୍ଗେ ଲକ୍ଷ୍ୟ ପରିସରକୁ ନେଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ଦେଇଥିଲା।

ଡିଆର୍‌ଡିଓର ବରିଷ୍ଠ ବୈଜ୍ଞାନିକଙ୍କ ସମେତ ଭାରତୀୟ ସେନାର ପ୍ରତିନିଧିମାନେ ଏହି ପରୀକ୍ଷଣକୁ ନିରୀକ୍ଷଣ କରିଥିଲେ। ଏହି ସଫଳ ପରୀକ୍ଷଣ ଦ୍ୱାରା ଦେଶର ପ୍ରତିରକ୍ଷା ପାଇଁ ଅସ୍ତ୍ରପ୍ରଣାଳୀର ବିଶ୍ୱସନୀୟତା ପ୍ରଦର୍ଶନ ପୂର୍ବକ ସାମ୍ପ୍ରତିକ ଯୁଦ୍ଧାସ୍ତ୍ର ବିକାଶର କାର୍ଯ୍ୟକ୍ରମକୁ ପ୍ରମାଣିତ କରିଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ 'ଆଇଏଡିଡବ୍ଲ୍ୟୁଏସ'ର ସଫଳତାର ସହ ବିକାଶ ତଥା ସଫଳ ପ୍ରୟୋଗ ପାଇଁ ଡିଆର୍‌ଡିଓ, ଭାରତୀୟ ସେନା ସମେତ ଏଥିରେ ଜଡ଼ିତ ଅନ୍ୟାନ୍ୟ ସଂସ୍ଥାଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମାତ ଏହି ସଫଳ ପରୀକ୍ଷଣ ପାଇଁ ବୈଜ୍ଞାନିକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ନନ୍ଦନକାନନରେ ଧଳାବାଘ ଛୁଆ ମୃତ

ବାରଙ୍ଗ,୨୪।୮ (ଲିଙ୍ଗରାଜ ରାଉତ)



ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଏକ ଧଳା ଅଣ୍ଡିରା ବାଘଛୁଆର ମୃତ୍ୟୁ ଘଟିଛି। ଜନ୍ମ ପରଠାରୁ ବାଘଛୁଆଟି ଚିକିତ୍ସିତ ହେଉଥିଲା। ୨୦୨୫ ଜୁନ ୭ରେ ଧଳା ବାଘୁଣୀ ମୌସୁମୀ ଓ ସାଧାରଣ ରଙ୍ଗର ବାଘ ରାଜେଶଠାରୁ ୨ଟି ଛୁଆ ଜନ୍ମ ହୋଇଥିଲେ। ତେବେ ଅଣ୍ଡିରା ବାଘଛୁଆଟି ଦୁର୍ବଳ ଥିବାବେଳେ ତା'ର ଓଜନ ମାତ୍ର ୬୫୦ ଗ୍ରାମ ରହିଥିଲା। ସେହିପରି ଏହାର ଆଗ ଅଙ୍ଗରେ କୁକୁରମାନଙ୍କ ଠାରେ ଦେଖିବାକୁ ମିଳୁଥିବା ସ୍ୱିମର ପପି ସିଣ୍ଡ୍ରୋମ ପରି ବିକୃତି ପରିଲକ୍ଷିତ ହୋଇଥିଲା। ଜନ୍ମର ୪ ଦିନ ପରେ ଛୁଆଟି ଆଉ କ୍ଷୀରପାନ କରି ନ ଥିଲା। ଫଳରେ ତାକୁ ପ୍ରାଣୀ ଶିଶୁପାଳନ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ପରୀକ୍ଷାନିରୀକ୍ଷା ପରେ ନାଭିରେ ସଂକ୍ରମଣ ଓ ଶରୀରର ତାପମାତ୍ରା କମ ଥିବା ଜଣାପଡ଼ିବାରୁ ତାକୁ ଏକ ଇନକ୍ୟୁବେଟରରେ ରଖାଯାଇଥିଲା। ସେଠାରେ ଅକ୍ସିଜେନ ଓ ଇନଫ୍ରାରେଡ୍ ଥେରାପି ଦିଆଯାଇଥିଲା। ଅଙ୍ଗପ୍ରତ୍ୟଙ୍ଗକୁ ଶକ୍ତ କରିବା ପାଇଁ ଫିଜିଓଥେରାପି ମଧ୍ୟ କରାଯାଉଥିଲା। ସପ୍ତାହେକାଳ ଛୁଆଟି ଠିଆ ହୋଇ ନ ପାରିବାରୁ ମଳରେ ରକ୍ତ ପଡ଼ିବା ସହ କାନ ସଂକ୍ରମଣ ଓ ଶରୀରରେ କ୍ଷତ ଆରମ୍ଭ ହୋଇଯାଇଥିଲା। ଅପରପକ୍ଷରେ ମୌସୁମୀର ଅନ୍ୟ ମାଈ ବାଘଛୁଆଟି ଜନ୍ମରୁ ରୋଗଣା ଥିବାରୁ ତା'ର ଚିକିତ୍ସା ବି ଜାରିରହିଛି ବୋଲି ଶନିବାର ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ବାଘଛୁଆଟିର ମୃତ୍ୟୁ ପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ ୨୮ରେ ପହଞ୍ଚିଛି। ସେଥିମଧ୍ୟରୁ ୧୭ ଅଣ୍ଡିରା ଓ ୧୧ ମାଈ ରହିଛନ୍ତି। ଯେଉଁଥିରେ ୧୯ ସାଧାରଣ ରଙ୍ଗର ବାଘ(୧୧ ଅଣ୍ଡିରା, ୮ମାଈ), ୫ ଧଳାବାଘ (୩ ଅଣ୍ଡିରା, ୨ ମାଈ) ଏବଂ ୪ କଳାବାଘ (୩ ଅଣ୍ଡିରା,୧ମାଈ) ଅଛନ୍ତି।

# ରେଙ୍ଗାଲି ଡ୍ୟାମ୍‌ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ପବିତ୍ରନଗର,୨୪।୮ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ବ୍ରାହ୍ମଣୀ ନଦୀ ଉପରେ ଥିବା ରେଙ୍ଗାଲି ଡ୍ୟାମ୍‌ର ୨ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଶନିବାର ଗୋଟିଏ ଗେଟ୍ ଖୋଲାଯାଇଥିବା ବେଳେ ରବିବାର ପୂର୍ବାହ୍ନ ୧୦ଟାରେ ଦ୍ୱିତୀୟ ଗେଟ୍ ଖୋଲାଯାଇଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଚଳିତବର୍ଷ ତୃତୀୟ ଥର ପାଇଁ ଗେଟ୍ ଖୋଲାଯାଇଛି। ରେଙ୍ଗାଲି ଡ୍ୟାମ୍ ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ପୂର୍ବାହ୍ନ ୧୦ଟା ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୧୨୨.୧୧ ମିଟର ଥିଲା। ଫଳରେ ଡ୍ୟାମ୍ କର୍ତ୍ତୃପକ୍ଷ ଦ୍ୱିତୀୟ ଗେଟ୍ ଖୋଲି ବନ୍ୟା ଜଳ ନିଷ୍କାସନ କରିଥିଲେ। ଅପରାହ୍ନ ୪ଟା ସୁଦ୍ଧା ଜଳସ୍ତର ୧୨୨.୨୪ ମିଟର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୫୮୬୩.୧୪ ଘନମିଟର ବନ୍ୟା ଜଳ ପ୍ରବେଶ କରୁଥିବାବେଳେ ଖୋଲାଯାଇଥିବା ୨ଟି ଗେଟ୍ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ ୩୪୦୩.୭୮ ଘନ ମିଟର ବନ୍ୟା ଜଳ ନିଷ୍କାସନ କରାଯାଉଛି।

# କିଟିଙ୍ଗି ଗାଁରେ ୨୦ ଚିକୁନଗୁନିଆ ଆକ୍ରାନ୍ତ

ପାରଳାଖେମୁଣ୍ଡି,୨୪।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତ କିଟିଙ୍ଗି ଗ୍ରାମରେ ୨୦ ଜଣ ଚିକୁନଗୁନିଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗତ କିଛିଦିନ ହେଲା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜ୍ୱରରେ ପୀଡ଼ିତ ହେବା ସହ ସେମାନଙ୍କ ହାତଗୋଡ଼ ବିନ୍ଧା ହେଉଛି। ଏ ସମ୍ପର୍କରେ ସୂଚନା ପାଇବା ପରେ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଏକ ଟିମ୍ ଗ୍ରାମରେ ପହଞ୍ଚି ଜ୍ୱରପୀଡ଼ିତଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲା। ପରୀକ୍ଷା ପରେ ପୀଡ଼ିତମାନେ ଚିକୁନଗୁନିଆ ରୋଗରେ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଥିବା କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସୌମ୍ୟରଞ୍ଜନ ଦାସ କହିଛନ୍ତି।

କିଟିଙ୍ଗି ଗ୍ରାମରେ ରବିବାର ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ୬ ଜଣ ବିଶେଷଜ୍ଞ ଡାକ୍ତରଙ୍କ ସହ ୧୦ ଜଣିଆ ଟିମ୍‌କୁ ନେଇ ଆୟୋଜିତ ଉକ୍ତ ଶିବିରରେ ମୋଟ ୨୪୩ ଜଣଙ୍କ ଚିକିତ୍ସା କରାଯାଇଥିବା ବେଳେ ୭୩ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୨୦ ଜଣ ଚିକୁନଗୁନିଆ ସଂକ୍ରମିତ ଥିବା ଜଣାପଡ଼ିଛି। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ଯୋଗାଇ ଦିଆଯାଇଛି। ତେବେ କେହି ଏଥିରେ ଭୟଭୀତ ନ ହେବାକୁ କୁହାଯାଇଛି। ନିୟମିତ ଭାବରେ ସ୍ୱାସ୍ଥ୍ୟ ବିଭାଗ ପରିଦର୍ଶନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ତଥାପି ଲୋକେ ସଚେତନ ଓ ସତର୍କ ରହି ନିୟମିତ ମଶାରି ବ୍ୟବହାର କରିବା ଜରୁରୀ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଗ୍ରାମରେ ପରିମଳ ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ଠିକ ନ ଥିବା କାରଣରୁ ଜ୍ୱର ବ୍ୟାପିବାରେ ସହାୟକ ହୋଇଥାଇପାରେ। ଏଥିରେ ସୁଧାର ଆଣିବାକୁ ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ ହୋଇପଡିଛି।

# ନୂଆପଡ଼ା ଜିଲାରେ ବାଘ ଆତଙ୍କ: ୨ଟି ଛେଳିକୁ ମାରି ଖାଇଲା

ନୂଆପଡ଼ା,୨୪।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟରେ କିଛି ମାସ ବ୍ୟବଧାନ ପରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ବାଘ ୨ଟି ଛେଳିକୁ ଖାଇଥିବାବେଳେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଶନିବାର ଅପରାହ୍ନରେ ବୋଡେନ ବ୍ଲକ ନାଗପଡା ପଞ୍ଚାୟତ ଖୋଲିଭିତର ଗାଁର କେତେଜଣ ଲୋକ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିଲେ। ସେହି ସମୟରେ ହଠାତ୍ ଜଙ୍ଗଲରୁ ଏକ କଲରାପତରିଆ ବାଘ ଆସି ଚରୁଥିବା ଛେଳି ଉପରେ ଝାମ୍ପ ମାରିଥିଲା। ବାଘକୁ ଦେଖି ଛେଳି ଚରାଳିମାନେ ଭୟରେ ଦୌଡି ପଳାଇଥିଲେ। ଛେଳିଗୁଡ଼ିକ ମଧ୍ୟ ଏଣେତେଣେ ଦୌଡ଼ିଥିଲେ। ହେଲେ ଗୋଟିଏ ଛେଳିକୁ ବାଘ ଝାମ୍ପି ନେଇ ଶିକାର କରିଥିଲା। ଉକ୍ତ ଛେଳିଟି ଖୋଲିଭିତର ଗାଁର ଜୟସିଂ ଚିନ୍ଦାଙ୍କର ବୋଲି ଜଣାପଡ଼ିଛି। ସେହିପରି କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ରୁପିଆମ ଗାଁର କେତେଜଣ ଜଙ୍ଗଲକୁ ଛେଳି ଚରାଇବା ପାଇଁ ନେଇଥିଲେ। କମଳ ମାଝିଙ୍କ ଏକ ଛେଳିକୁ ବାଘ ଟେକି ନେଇ ଆହାର କରିଥିଲା। ୨ଟି ଛେଳିକୁ ବାଘ ଶିକାର କରିବା ପରେ ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଲୋକେ ଓ ପାହାଡ ତଳି ଗାଁର ଲୋକ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପାହାଡ ତଳି ଗାଁମାନଙ୍କର ଲୋକେ ସବୁବେଳେ ଦଳ ଦଳ ହୋଇ ଯିବାଆସିବା କରୁଛନ୍ତି। ଖବରପାଇ ସୁନାବେଡା ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଓ କୋମନା ବନ ବିଭାଗ କର୍ମଚାରୀ ରବିବାର ଘଟଣାସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ଏ ସଂକ୍ରାନ୍ତରେ ବନ୍ୟପ୍ରାଣୀ ବିଭାଗ ଏସିଏଫ୍ ସଞ୍ଜୀବ ବନଗୋଳାଙ୍କୁ ପଚାରିବାରୁ ସୁନାବେଡା ଅଭୟାରଣ୍ୟ ଭିତରେ ବାଘ ଆତଙ୍କ ଲାଗି ରହିଥିବା କହିଥିଲେ।

# ସମ୍ବଲପୁରରେ ଖୋଲିବ ଓୟୁଏଟି କ୍ୟାମ୍ପସ୍



ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୪।୮ (ବନ୍ଦନା ସେଠୀ/ରବିନାରାୟଣ ଜେନା)


**ଓୟୁଏଟିର ୬୪ତମ ପ୍ରତିଷ୍ଠା ଦିବସ**

- **ଖୁବ୍‌ଶୀଘ୍ର ସାର ଅଭାବ ଦୂର ହେବ: ଉପମୁଖ୍ୟମନ୍ତ୍ରୀ**
- **ମିଶ୍ରିତ ଚାଷ କରିବାକୁ ପରାମର୍ଶ ଦେଲେ ରାଜ୍ୟପାଳ**

ସମ୍ବଲପୁରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଆଉ ଏକ କ୍ୟାମ୍ପସ୍ ଖୋଲିବ। ଏଥିପାଇଁ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ। ଏଥିସହ ବଲାଙ୍ଗୀର ଓ ମୟୂରଭଞ୍ଜରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ଫିସେରିକଲେଜଖୋଲିବବୋଲିଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୂଚନା ଦେଇଛନ୍ତି। ରବିବାର ଓୟୁଏଟି ଭୁବନେଶ୍ୱରର ୬୪ତମ ପ୍ରତିଷ୍ଠା ଦିବସ ସମାରୋହରେ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଜୈବିକ କୃଷିର ଗୁରୁତ୍ୱ ଉପରେ ଆଲୋକପାତ କରି କହିଲେ, ଭାରତ ଏକ ଆମଦାନୀକାରୀ ରାଷ୍ଟ୍ରରୁ ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତ ଚାଇନାରୁ ଫସ୍‌ଫେଟ ଓ ୟୁରିଆ ଆମଦାନୀ ବନ୍ଦ କରିଥିବାରୁ କିଛି ସମୟ ପାଇଁ ସାର ମିଳିବାରେ ଅସୁବିଧା ଦେଖାଦେଇଥିଲା। ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏନେଇ କେନ୍ଦ୍ର ଫର୍ଟିଲାଇଜର ମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଚିଠି ଲେଖି ଜଣାଯାଇଛି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ। ଏବେ ଚାଷୀଙ୍କୁ ସାର ଦିଆଚାଲିଛି। ଏହାସହ ରାସାୟନିକ ସାର ବ୍ୟବହାର ନ କରି ଜୈବିକ ସାର ବ୍ୟବହାର କରିବା ପାଇଁ ମଧ୍ୟ ଚାଷୀଙ୍କୁ ସେ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ହରିବାବୁ କମ୍ଭମପାଟି ଛାତ୍ରୀଛାତ୍ର, କୃଷକଙ୍କ ସମେତ କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଏଟି ଅଗ୍ରଣୀ ଭୂମିକା ନିଭାଇବାକୁ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ନିମନ୍ତେ ବ୍ୟୟ ଆକଳନ, ଜମି ଓ ବିଦ୍ୟୁତ୍‌ର ଆବଶ୍ୟକତା, ଆୟ ଆକଳନ ଏବଂ ବିଭିନ୍ନ ସବ୍‌ସିଡି ଯୋଜନା ସମ୍ପର୍କରେ ତଥ୍ୟ ରଖି ପ୍ରକଳ୍ପ ପ୍ରୋଫାଇଲ ପ୍ରସ୍ତୁତ କରିବାକୁ ଓୟୁଏଟି କର୍ତ୍ତୃପକ୍ଷଙ୍କୁ କହିଥିଲେ। ଆମ ଦେଶରେ କୃଷି ଏକ ବୃତ୍ତି ନୁହେଁ ଏହା ଆମ ସଂସ୍କୃତିର ଅଂଶ ଏବଂ ଏହା ପରିବାର ସହିତ ଅର୍ଥନୀତିକୁ ପ୍ରତିପାଳନ କରେ। ତେବେ ଓଡ଼ିଶା ମାଛ ଚାଷ, କୁକୁଡ଼ା ଓ ଅଣ୍ଡା ଚାଷରେ ପଛରେ ରହିଛି। ଆନ୍ଧ୍ରପ୍ରଦେଶ ପରି ଓଡ଼ିଶାରେ ସମସ୍ତ ସୁବିଧା ରହିଛି। ତେଣୁ ଓଡ଼ିଶା ଚାଷୀ ମିଶ୍ରିତ ଚାଷ ବିଶେଷକରି ଧାନ ଚାଷ ସହ ପୋଖରୀ କରି ମାଛ ଚାଷ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଓୟୁଏଟି ଦକ୍ଷ ମାନବ ସମ୍ବଳ ଏବଂ ଅଭିନବ ସମାଧାନ କୌଶଳର ବିକାଶ କରିବା ଦରକାର। ପ୍ରକ୍ରିୟାକରଣ, ଭାଲ୍ୟୁ ଆଡିଶନ, ମାର୍କେଟିଂ ଏବଂ ରପ୍ତାନିରେ କୃଷିର ବର୍ଦ୍ଧିତ ପରିସର ଉପରେ ଆଲୋକପାତ କରି ଠିକ୍ କୃଷି, ଜୈବ ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ସ୍ଥାୟୀ ସମ୍ବଳ ପରିଚାଳନା ଉପରେ ଅଧିକ ଧ୍ୟାନ ଦେବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓୟୁଏଟିରେ ୱାଇଫାଇ କ୍ୟାମ୍ପସ ଉଦ୍‌ଘାଟନ କରିଥିଲେ।

ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଚାଷ ଓ ଚାଷୀର ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ। ଏକାମ୍ର ବିଧାୟକ ବାବୁ ସିଂ ଏବଂ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବକ୍ତବ୍ୟ ରଖିଥିଲେ। ଡିନ୍ ସମ୍ପ୍ରସାରଣ ଶିକ୍ଷା ଡ. ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଭାଷଣ ଓ ରେଜିଷ୍ଟ୍ରାର ପ୍ରତିଭା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମାର୍ଟ ଚାଷୀ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର, ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯିବାସହ ପୁସ୍ତିକା ଉନ୍ମୋଚିତ ହୋଇଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଗୋଧୂଳି ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର(ଭକ୍ତି ସାହିତ୍ୟରେ ରାୟ ରମାନନ୍ଦ ପଟ୍ଟନାୟକଙ୍କ ସାରସ୍ୱତ ଅବଦାନ), ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।
- ସ୍ଥାପନା ଟ୍ରଷ୍ଟ ପକ୍ଷରୁ 'ବନ୍ଦେ ଓଡ଼ିଶା' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ ଟା।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ଫେରିବାକୁ ହେବ ପୁସ୍ତକ ଲୋକାର୍ପଣ, ସ୍ଥାନ: ହୋଟେଲ୍ ଆର୍ଯ୍ୟ ପ୍ୟାଲେସ, ସମୟ: ସନ୍ଧ୍ୟା ୬ଟା।
- ଚିନ୍ତା ଓ ଚେତନା ପକ୍ଷରୁ ୪୮ତମ ବର୍ଷା ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ ଟା।
- ବି.କେ ପବ୍ଲିକେଶନ୍ ପ୍ରାଇଭେଟ୍ ଲିଃ ପକ୍ଷରୁ ପାଠକାର୍ପଣ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ ଟା ୨୯।

## ଖୋର୍ଦ୍ଧା

- ଉତ୍କଳ ବୈଷୟିକ କଲେଜର ଓରିଏଣ୍ଟେଶନ କାର୍ଯ୍ୟକ୍ରମ, ସ୍ଥାନ: ରଥିପୁର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ଶରଧାପୁର ଫୁଟବଲ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ ପରିସର, ଖଇରା,ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- କପ୍ତିପଦା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି,ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହରିହର ଭେଟ ମନ୍ଦିର, ହରିହର ନଗର,ସମୟ: ସକାଳ ୮ଟା୩୦।
- ବିଇଏମ୍ସି ପକ୍ଷରୁ ଫୁଟ୍‌ବଲ୍ ମ୍ୟାଚ୍ , ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ଅପରାହ୍ନ ୪ ଟା।

## ଗଞ୍ଜାମ

- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୋଟିନଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଦିଗପହଣ୍ଡି , ସମୟ: ପୂର୍ବାହ୍ନ ୧୦ ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଆସିକା ବ୍ଲକ ଆଲିପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଚିନିଶିଳ୍ପ ନୂଆଗାଁ, ଆସିକା, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଚିହ୍ନଟ ଶିବିର, ସ୍ଥାନ: ଆସିକା ବ୍ଲକ କାଳଷଣ୍ଢପୁର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: କୋଟଗଡ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବହ୍ନ ୧୦ଟା।

## ଗଜପତି

- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କାଶୀନଗର ବ୍ଲକ୍ ଖାଣ୍ଡବାଗ୍ରାମ, ସମୟ: ସକାଳ ୯ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମାକୁମାରୀ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ବ୍ରହ୍ମକୁମାରୀ ଶାଖା, ଜଗନ୍ନାଥରୋଡ, ଢେଙ୍କାନାଳ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ପାରାଦୀପ କଲେଜ ଏନ୍‌ସିସି ଲ୍ୟୁଟନାଣ୍ଟଙ୍କ ପାଇଁ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜରିମୂଳ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବ୍ରହ୍ମାକୁମାରୀ ଅଳି ଭଉଣୀଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ : ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ସକାଳ ୯ଟା।
- ଜାରକାକୁ ଏନ୍‌ଏସି ମାନ୍ୟତା ଦାବିରେ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ଆନ୍ଦୋଳନ, ସ୍ଥାନ: ଜାରକା ଫ୍ଲାଏ ଓଭରବ୍ରିଜ୍ ତଳ,ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋରେଇ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଦ୍ମଶ୍ରୀ କବି ରାଧାମୋହନ ଗଡ଼ନାୟକଙ୍କ ୧୧୫ତମ ଜୟନ୍ତୀ ଓ ଆଲୋଚନା ଚକ୍ର, ସ୍ଥାନ: ବିଞ୍ଝାରପୁର ବ୍ଲକ ଗୌଡ଼ସାହି ଧନେଶ୍ୱର ହାଇସ୍କୁଲ ପରିସର, ସମୟ : ଅପରାହ୍ନ ୨ଟା।

## ନୟାଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୫ମ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୩ୟ ଦିବସ, ସ୍ଥାନ: ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ବ୍ଲକର କିଆଝର ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ମେଗା ଶିଶୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ବ୍ରହ୍ମକୁମାରୀ ସୋସିଆଲ ସର୍ଭିସ୍, ମୁନିଗୁଡା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: କଦମା, ଗୁଡାରି ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଝରିଗାଁ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୩ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବୈପାରୀଗୁଡା ବ୍ଲକ୍ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ସେମିଳିଗୁଡ଼ା ବ୍ଲକ କୁନ୍ଦୁଲି ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକର ମାଳିବେଲଗାଁ ପଞ୍ଚାୟତ, ମାରୀଚମାଳ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା, ସ୍ଥାନ: ଜୟନ୍ତଗିରି, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପୌର ପରିଷଦ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରକ୍ତଦାନ ଶିବିର, ସ୍ଥାନ: ଭବାନୀନଗରସ୍ଥିତ କୋରାପୁଟ ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ୟୁରିଆ ସାର ଅଭାବକୁ ନେଇ ମାଲକାନଗିରି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାସ୍ତା ଅବରୋଧ ଓ ଧାରଣା, ସ୍ଥାନ: ମାଲକାନଗିରି ବ୍ଲକ ଶିଖପାଲ୍ଲୀ ସଦର ପଞ୍ଚାୟତ ୩୨୬ ନଂ. ଜାତୀୟ ରାଜପଥ, ସମୟ: ସକାଳ ୮ ଟା ।
- ପଞ୍ଚାୟତ ମୁକ୍ତ ବାଲ୍ୟ ବିବାହ ନିମନ୍ତେ ପ୍ରଶିକ୍ଷଣ, ସ୍ଥାନ: କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା ।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି, ସ୍ଥାନ : ରେଢ଼ାଖୋଲ, ସମୟ : ପୂର୍ବାହ୍ନ ୧୦ଟା ।
- ସପ୍ତାହ ବ୍ୟାପୀ ଚାଲିଥିବା ଫଟୋ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା ।

## ରାଉରକେଲା

- ଗାୟତ୍ରୀ ଶକ୍ତିପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨, ଗାୟତ୍ରୀ ଶକ୍ତିପୀଠ, ସମୟ: ସକାଳ ୬ଟା।
- ୬୯ତମ ଜିଲା ବିଦ୍ୟାଳୟ କ୍ରୀଡ଼ା ଚାମ୍ପିୟନଶିପ୍, ସ୍ଥାନ: ଉଦିତନଗର, ସମୟ: ସକାଳ ୯ଟା ୩୦।
- ସୁଶୀଳାବତୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରେନ ସଫେଇ ନେଇ କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ଉଦିତନଗର ସମୟ: ପୂର୍ବାହ୍ନ ୧୧ଟା ।
- ଚିତ୍ରାଙ୍କନ ପ୍ରତିଯୋଗିତା ଓ ମଡେଲ ପ୍ରସ୍ତୁତି, ସ୍ଥାନ: ସେକ୍ଟର-୩ ୟୁଥ୍ ହଷ୍ଟେଲ ଅଫ୍ ଇଣ୍ଡିଆ, ସମୟ: ଅପରାହ୍ନ ୩ଟା।
- ସାହିତ୍ୟ ଆସର, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସଭା କକ୍ଷ, ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗୋଇଶର, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଗ୍ରାଜୁଏଶନ ଡେ ପାଳନ, ସ୍ଥାନ: ବିକାଶ ଶିକ୍ଷାନୁଷ୍ଠାନ ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର, ସ୍ଥାନ: ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ଅମଲା ସଂଘର ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲା ଅମଲା ଭବନ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଛତରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଭାଜପା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଟାଉନ ହଲ୍, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣୀ ବ୍ଲକ ଟାଇଁସର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଦୁର୍ଜନତଏଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ରାଜସ୍ୱ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖଡିଆଳ ବ୍ଲକ ଭୂଲିଆ ସିକୁଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।
- ୮ତମ ନୂଆପଡ଼ା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡା, ସମୟ: ଅପରାହ୍ନ ୪ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ପାରିବାରିକ କ୍ଷେତ୍ରରେ ସାମାନ୍ୟ କାରଣରୁ ବିତର୍କ ଲାଗି ମାନସିକ ଅବସ୍ଥା ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ଲାଗି ପଡିବେ। ଏଣେ ବାରମ୍ବାର ନିଜର ସ୍ୱାସ୍ଥ୍ୟ ଭଲ ନରହୁଥିବାରୁ ମଧ୍ୟ ବ୍ୟସ୍ତତା ବଢ଼ିଯିବ । ଅଶ୍ୱିନୀ ନକ୍ଷତ୍ରର ରଚନାତ୍ମକ କାର୍ଯ୍ୟ ଜନ ସମାଜରେ ଆଦରଣୀୟ ହେବ।

**ବୃଷ** - ଆଲୋଚନାରେ ଟିକିଏ ଜୋର୍ ଦେଇ କଥା କହିବାରୁ ବନ୍ଧୁସମ୍ପର୍କରେ ଫାଟ ସୃଷ୍ଟି ହେବ। ମୃଗଶିରା ନକ୍ଷତ୍ର ଯେତେ ଭଲକାମ କଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ଅସୁବିଧାକୁ ଜଣାଇଲେ ମଧ୍ୟ ଉପରିସ୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ବଢ଼ିବ।

**ମିଥୁନ** - ଅଭାବନୀୟ ପରିସ୍ଥିତି ବଦଳି ଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। କଳେବଳେ କୌଶଳେ ପ୍ରାପ୍ୟ ଅର୍ଥ ପାଇବାକୁ ଚେଷ୍ଟା କରି ସଫଳ ହେବେ। ଅଫିସରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହଯିବାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଆରଦ୍ରା ନକ୍ଷତ୍ର ଉଚ୍ଚବର୍ଗଙ୍କ ସଂସ୍ପର୍ଶରେ ଆସିପାରନ୍ତି।

**କର୍କଟ** - କର୍ମକ୍ଷେତ୍ରର କେତେକ ଅସଜଡ଼ା କାମକୁ ନେଇ ମାନସିକ ସ୍ଥିତି ଜଟିଳ ହେବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଅଶ୍ଳେଷା ନକ୍ଷତ୍ରର ସକାଳୁ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।

**ସିଂହ** - ଅଭାବନୀୟ ପରିସ୍ଥିତି ବଦଳିଯିବାରୁ ଆଶ୍ୱସ୍ତି ଲଭିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ସଫଳତା ମିଳିବ। ଅସ୍ଥିରତା ଦୂର କରିବା ବିଷୟରେ ପ୍ରିୟବନ୍ଧୁଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଉତ୍ତରାଫାଲଗୁନୀ ନକ୍ଷତ୍ର ପରିସ୍ଥିତି ବଶତଃ ମନ ନ ଥିଲେ ମଧ୍ୟ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କନ୍ୟା** - ଅତି ନିକଟରେ ରହୁଥିବା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବ। ବାଣିଜ୍ୟ, ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମାରାଶି ବୃଦ୍ଧି ପାଇବ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ।

**ତୁଳା** - ଧୈର୍ଯ୍ୟ ଓ ସ୍ଥିରତା ବଳରେ ଅସାଧ ସାଧନ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। କୌଣସି ଯୁବ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ସକାଳୁଆ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ମନସ୍ତାପ କରିବାକୁ ପଡିପାରେ। ସ୍ୱାତୀ ନକ୍ଷତ୍ର ସକାଶେ ଗଠନମୂଳକ କାମରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** - ଜ୍ୟେଷ୍ଠା ନକ୍ଷତ୍ର ଆଲୋଚନା ମାଧ୍ୟମରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିପାରିବେ। ଭୁଲ୍ ବୁଝାମଣାରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିପାରେ। କର୍ମକ୍ଷେତ୍ରରେ ବିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେବ। ରାଜନୀତି, କଚେରି ମାମଲା, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** - ପୂର୍ବାଷାଢ଼ା ନକ୍ଷତ୍ର ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାରୁ ଅନ୍ୟମନସ୍କ ରହିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପଡ଼ୋଶୀମାନେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ମଧ୍ୟ କଳହ କରିବେ । ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ତଥା ଅସହଯୋଗରୁ ଚିନ୍ତିତ ରହିବେ।

**ମକର** - ଆଜି ବନ୍ଧୁଙ୍କ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେମିତି କିଛି ହେବ ନାହିଁ । କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଧନିଷ୍ଠା ନକ୍ଷତ୍ର ବାଟରେ କାହାକୁ ଅପେକ୍ଷାକରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** - ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିସ୍ଥିତି ଉପୁଜିବ। ଜମିଜମା, ପୁରାତନ ଜିନିଷ କିଣାବିକା ଆଲୋଚନା ସଫଳ ହେବ। ବାଦବିବାଦ, ଧନହାନି ଓ ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଅସ୍ଥିରତା ଦୂର ହେବ।

**ମୀନ** - ଆଜି ଉତ୍ତରଭାଦ୍ରପଦ ନକ୍ଷତ୍ରର କର୍ମାରମ୍ଭ ସାଙ୍ଗକୁ ଅର୍ଥଲାଭ ଯୋଗୁ ମନ ପ୍ରଫୁଲ୍ଲ ରହିବ। ସାଂଗଠନିକ ସ୍ତରରେ ସହକର୍ମୀଙ୍କର ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ନିଜର ଇଚ୍ଛା ଅନୁଯାୟୀ କାମ ହାସଲ କରି ଦିନଟିକୁ ଆନନ୍ଦର ସହ ବିତାଇବେ।

ଆଜି ଅଗଷ୍ଟ ୨୫ ତାରିଖ, ଚକ୍ଷୁଦାନ ପକ୍ଷ ଆରମ୍ଭ (ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮), ଭାଦ୍ରବ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର, ଶ୍ରୀମନ୍ଦିରରେ ନିକୁ ଲୀଳା, ରାଶିନକ୍ଷତ୍ର- ଉତ୍ତରାଫାଲଗୁନୀ/ସିଂହ, ସକାଳ ଘ.୦୮.୨୯ ଗତେ କନ୍ୟା ଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ତୃତୀୟାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୩ ଗତେ ଘ.୦୭.୦୭ ମଧ୍ୟେ, ଘ.୧୦.୩୩ ଗତେ ଘ.୦୧.୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୭ ଗତେ ଘ.୦୮.୪୦ ମଧ୍ୟେ ରାହୁ କାଳ।

# ଫୁଟ୍‌ବଲ ଖେଳାଳିଙ୍କ ମୃତ୍ୟୁ, ଉତ୍ତେଜନା

ଦେବଗଡ଼,୨୪।୮(ଶଶାଙ୍କ ଶେଖର ଝାଙ୍କର)- ଦେବଗଡ଼ସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ରବିବାର ଫୁଟ୍‌ବଲ ଟୁର୍ନାମେଣ୍ଟ ଚାଲିଥିବାବେଳେ ଏକ ଅଭାବନୀୟ ଘଟଣା ଘଟିଛି। ଫୁଟ୍‌ବଲ ଖେଳୁଥିବା ଜଣେ ଖେଳାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେବଗଡ଼ ସହର ଭୂୟାଁସାହିର ପ୍ରକାଶ ନାୟକ। ସୂଚନା ଅନୁଯାୟୀ, ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଦେବଗଡ଼ ପୌର ପ୍ରଶାସନ ପକ୍ଷରୁ କାଉନ୍‌ସିଲର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିବାବେଳେ ଜିଲା ଆଥଲେଟିକ୍ ଆସୋସିଏଶନ ପରିଚାଳନା କରୁଥିଲା। ରବିବାର ୨ ଏବଂ ୭ ନମ୍ବର ୱାର୍ଡର ଫୁଟ୍‌ବଲ ଟିମ୍ ମଧ୍ୟରେ ପଡ଼ିଆରେ ମ୍ୟାଚ ଚାଲିଥିବାବେଳେ ଖେଳାଳି ପ୍ରକାଶ ତଳେ ପଡ଼ିଯାଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଅନୁମାନ କରୁଛନ୍ତି। ଜିଲା ଆଥ୍‌ଲେଟିକ ଆସୋସିଏଶନ ଟୁର୍ନାମେଣ୍ଟ ପରିଚାଳନା କରୁଥିବାବେଳେ ପଡିଆ ନିକଟରେ ଜରୁରିକାଳୀନ ସେବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା ନ ଥିଲା। ଏହାକୁ ନେଇ ଖେଳାଳି ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଡାକ୍ତରଖାନାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

# ଆଜି ଦିଲ୍ଲୀରେ ଓଡ଼ିଶା କଂଗ୍ରେସର ମାନସମନ୍ଥନ

### ୩୫ ସାଙ୍ଗଠନିକ ଜିଲା ସଭାପତିରେ ବାଜିପାରେ ମୋହର

ଭୁବନେଶ୍ୱର,୨୪।୮(ରବିନାରାୟଣ ଜେନା) ଆସନ୍ତାକାଲି(ସୋମବାର) ନୂଆଦିଲ୍ଲୀର ଇନ୍ଦିରା ଭବନରେ ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ଓଡ଼ିଶା କଂଗ୍ରେସର ମାନସ ମନ୍ଥନ ହେବ। ଲୋକ ସଭାର ବିରୋଧୀଦଳ ନେତା ତଥା ଏଆଇସିସିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ରାଜ୍ୟ କଂଗ୍ରେସ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଭକ୍ତଙ୍କ ସୂଚନା ଅନୁଯାୟୀ, ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସ ସଙ୍ଗଠନ କିଭଳି ଅଧିକ ମଜଭୁତ ହେବ ସେଥିପାଇଁ ରାହୁଲ ସ୍ୱତନ୍ତ୍ର ଟିପ୍ସ ଦେବେ। ସୃଜନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆସନ୍ତାକାଲି ଓଡ଼ିଶାର ପାଳି ରହିଛି। ଏହି ଅବସରରେ ରାଜ୍ୟ କଂଗ୍ରେସର ବିଭିନ୍ନ ଦିଗ ଉପରେ ଆଲୋଚନା ହେବ। ବିଶେଷ କରି କଂଗ୍ରେସର ୩୫ଟି ସାଙ୍ଗଠନିକ ଜିଲାର ସଭାପତି ଚୟନ ନିଷ୍ପତ୍ତି ପାଇଁ ଆଲୋଚନା ହେବ। ଏଥିପାଇଁ ସଂଯୋଜକ ଓ ପର୍ଯ୍ୟବେକ୍ଷକ ଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ସାଙ୍ଗଠନିକ ଜିଲା ସଭାପତି ଚୟନ ପାଇଁ କ'ଣ ସବୁ ସର୍ତ୍ତ ରଖାଯିବ ତା' ଉପରେ ବିସ୍ତୃତ ଆଲୋଚନା ହେବ। ଏହି କ୍ରମରେ ରାଜ୍ୟରେ କଂଗ୍ରେସ ଜିଲାସ୍ତରରେ ସଭାପତି ବଛାଯିବ। ଏଥିଲାଗି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ରାଜ୍ୟ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ସହିତ ସାଙ୍ଗଠନିକ ଜିଲାର କର୍ମକର୍ତ୍ତା ଓ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଦିଲ୍ଲୀ ଗସ୍ତ କରିଥିବା ସେ ସୂଚନା ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସମ୍ପଦ ବେଳେ ନ କରିବ ଚାତର**
**ବିପଦ ବେଳେ ନ ହୋଇବ କାତର।**

ସମ୍ପଦ ପ୍ରାପ୍ତିରେ ମନରେ କୌଣସି ପ୍ରକାର ଗର୍ବ ଏବଂ ଅହଙ୍କାର ଆଣିବା ଅନୁଚିତ। ସେହିପରି ବିପଦ ପଡ଼ିଥିବା ବେଳେ ମ୍ରିୟମାଣ ନ ହୋଇ ଏହାକୁ ଧୈର୍ଯ୍ୟର ସହ ମୁକାବିଲା ବା ସାମ୍ନା କରିବା ଉଚିତ। ବିପଦକୁ ସାମ୍ନା କରିବା ପାଇଁ ମନରେ ସାହସ ବାନ୍ଧିଲେ ବିପଦ ଟଳିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସବୁ ଯାଉ ମହତ ଥାଉ**
**ମହତ ଗଲେ ନ ମିଳେ ଆଉ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନ ସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ଏହାକୁ ଯିଏ ଥରେ ହରାଏ ସିଏ ଆଉ ତାହା ଫେରିପାଏନା। ଧନସମ୍ପତ୍ତି ଥରେ ଚାଲିଗଲେ ତାହା ହୁଏତ ଫେରି ଆସିବାର ସମ୍ଭାବନା ରହିଥାଏ, କିନ୍ତୁ ମାନସମ୍ମାନ ପୁନଶ୍ଚ ଫେରି ଆସି ନ ଥାଏ। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ। ତେଣୁ ଏଥି ପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୨,୭୫୦ ପ୍ରକଳ୍ପ ...

ରାଜ୍ୟ ସରକାର ଗାଁଗଣ୍ଡାର ମୌଳିକ ସମସ୍ୟାକୁ ଦୃଷ୍ଟିରେ ରଖି ବିଧାୟକ ଏବଂ ମନ୍ତ୍ରୀଙ୍କ ସୁପାରିସ ଆଧାରରେ କେଉଁଠି ଭାଗବତ ଟୁଙ୍ଗି ତ ଆଉ କେଉଁଠି ଖେଳପଡ଼ିଆ ଭଳି ଉନ୍ନତିମୂଳକ ପ୍ରକଳ୍ପ ଲାଗି ପାଣ୍ଠି ପ୍ରଦାନ କରୁଥିଲେ। ମାତ୍ର ତାହା ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା(ସିଏମ୍‌ଏସ୍‌ଏ) ଯୋଜନା ନାମରେ ନାମିତ ହୋଇଥିଲା। ଏହି ଯୋଜନାରେ ନବୀନ ସରକାର ୨୦୨୩-୨୦୨୪ରେ ସବୁ ଜିଲାରେ ପ୍ରାୟ ୩ହଜାରରୁ ଅଧିକ ପ୍ରକଳ୍ପ ପାଇଁ ଶତାଧିକ କୋଟି ଟଙ୍କାର ଅନୁଦାନ ରାଶି ଦେବାକୁ ଘୋଷଣା କରିଥିଲେ। ହେଲେ ଇତିମଧ୍ୟରେ ଦୁଇବର୍ଷ ବିତିଥିଲେ ହେଁ ସେଥିରୁ କେତେକ ପ୍ରକଳ୍ପର ମୂଳଦୁଆ ପଡ଼ି ନ ଥିବାବେଳେ ଆଉ କେତେକ ପ୍ରକଳ୍ପ ପାଇଁ ଟେଣ୍ଡର ହୋଇନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କଠାରୁ ପ୍ରକଳ୍ପର ସ୍ଥିତାବସ୍ଥା ରିପୋର୍ଟ ଲୋଡାଯାଇଥିଲା। ଜିଲାପାଳମାନଙ୍କ ରିପୋର୍ଟ ଆଧାରରେ ରାଜ୍ୟରେ ପ୍ରାୟ ୨୭୫୦ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାଯାଇଥିଲା। ଏହାକୁ ନେଇ ରାଜ୍ୟ ସରକାର ସଂପୃକ୍ତ ପ୍ରକଳ୍ପଗୁଡ଼ିକୁ ଚଳିତମାସ ୧୬ରେ ବାତିଲ କରିଛନ୍ତି। ଯେଉଁଠାରେ ଲୋକଙ୍କ ସମସ୍ୟା ରହିଛି ସେଠାରେ ନୂତନ ଯୋଜନା ସିଏମ୍‌ଏସ୍‌ଏରୁ ଦେବାକୁ ମୋହନ ସରକାର ବିଚାର କରିଛନ୍ତି। ହେଲେ ମୂଳ କଥା ହେଉଛି କେତେକ ଅଞ୍ଚଳରେ ଲୋକେ ନିଜ ହାତରୁ ଖର୍ଚ୍ଚ କରି ଭାଗବତ ଟୁଙ୍ଗୀ, କ୍ଲବ ଘର, ଖେଳପଡ଼ିଆ ଓ ବିଭିନ୍ନ ଦଳିତ ସମାଜର ପ୍ରକଳ୍ପ ଭଳି ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ କରିଛନ୍ତି ଏବଂ କେତେକ ଅଧାପନ୍ତରିଆ ଅବସ୍ଥାରେ ରହିଛି। ୨୦୨୪ ଜୁନ୍‌ରେ ସରକାର ପରିବର୍ତ୍ତନ ହେବା ଯୋଗୁଦ ଉକ୍ତ ପ୍ରକଳ୍ପଗୁଡ଼ିକ ଶେଷ ହୋଇପାରିନାହିଁ। ସମ୍ପ୍ରତି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଯେଉଁ ପ୍ରକଳ୍ପଗୁଡିକ ଟେଣ୍ଡର ହୋଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ତାହା ଚାଲୁ ରହିବ, ଅବଶିଷ୍ଟ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବାତିଲ ହେବ। ଏହି ନ୍ୟାୟରେ ଏବେ ରାଜ୍ୟରେ ସମୁଦାୟ ୨୭୫୦ ପ୍ରକଳ୍ପ ବାତିଲ ହୋଇଥିବାବେଳେ ଏ ବାବଦକୁ ୧୫୦କୋଟି ଟଙ୍କାର କାମକୁ ବନ୍ଦ କରାଯାଇଛି। ତେବେ ୨୦୨୩-୨୪ ଆର୍ଥିକବର୍ଷ ଲାଗି ପୂର୍ବ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ପ୍ରକଳ୍ପ ମଧ୍ୟରୁ ପ୍ରାୟ ୧୯୦୦ଟି ପ୍ରକଳ୍ପକୁ ବାତିଲ କରାଯାଇଛି, ଯାହାର କି ପ୍ରକଳ୍ପ ମୂଲ୍ୟ ପ୍ରାୟ ୧୧୦କୋଟି ଟଙ୍କା ହେବ। ଖୋର୍ଦ୍ଧାରେ ୩୨୦ଟି ପ୍ରକଳ୍ପ ବାତିଲ ହୋଇଛି, ଯାହାର ମୂଲ୍ୟ ୧୯କୋଟିରୁ ଅଧିକ ହେବ ବୋଲି ଜଣାଯାଇଛି। ଏହାକୁ ନେଇ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି।

### ମରିବୁ ପଛେ, ...

ଯୋଗଦେଇ ନାଲ୍‌କୋର ମନଗଢ଼ା କଥାରେ ନ ପଡ଼ି ନିଜ ନିଜ ମଧ୍ୟରେ ଏକତା ବଜାୟ ରଖିବା ଉପରେ ମତ ଦେଇଥିଲେ। ସେରୁବନ୍ଧ ବକ୍ସାଇଟ ପାହାଡ଼କୁ ସୁରକ୍ଷା ଦେବା ଆବଶ୍ୟକ ରହିଛି। ଉକ୍ତ ପାହାଡ଼ ଆମ ଜୀବିକା, ମରିବା ପଛେ ପଛକୁ ନ ହଟି ନାଲକୋକୁ କଡ଼ା ଜବାବ୍ ଦେଇ ଆଗକୁ ଯିବାର ଆବଶ୍ୟକତା ରହିଛି ବୋଲି ଏହି ଲୋକ ପ୍ରତିନିଧିମାନେ କହିଥିଲେ। ନାଲକୋ କମ୍ପାନୀ ଆମ ଅଞ୍ଚଳରେ ବର୍ତ୍ତମାନ ଯାଏ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିନାହିଁ। ଏହି କମ୍ପାନୀ ପାଇଁ ବିଗତଦିନରେ ହୋଇଥିବା ବିସ୍ଥାପିତମାନଙ୍କୁ ଥଇଥାନ କେତେ କରାଯାଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ସେମାନେ ନାଲ୍‌କୋ ଫାଉଣ୍ଡେଶନ ଦ୍ୱାରା ନାଲ୍‌କୋ କମ୍ପାନୀ କରୁଥିବା କାର୍ଯ୍ୟକ୍ରମକୁ କଡ଼ା ବିରୋଧ କରିବା ପାଇଁ ଉପସ୍ଥିତ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରୁ ଜଣେ ମହିଳା 'ମା' ଜୁଲମେ ପାଇଁ ଉକ୍ତ ସେରୁବନ୍ଧ ଖଣି ପାହାଡ଼କୁ ନାଲକୋ ଯେତେ ନେବା ପାଇଁ ଚେଷ୍ଟା କଲେ ମଧ୍ୟ ଆମେ ମରିଯିବୁ ପଛେ ଛାଡିବୁ ନାହିଁ' ବୋଲି ବଡ଼ପାଟି କରି କହିଥିଲେ।

ନାଲକୋ କମ୍ପାନୀ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଗତ କିଛିଦିନ ତଳେ ଭୁବନେଶ୍ୱରରେ ହୋଇଥିବା ଏକ କାର୍ଯ୍ୟକ୍ରମରେ ଦାମନଯୋଡ଼ିରେ ୧ ନିୟୁତ ଟନ୍ ବିଶିଷ୍ଟ ଆଲୁମିନା ରିଫାଇନାରିର ପଞ୍ଚମ ଷ୍ଟ୍ରିମ୍ ପାଇଁ ୫,୬୭୭ କୋଟି ଟଙ୍କା ଏବଂ ୩.୫ ନିୟୁତଟନ୍ କ୍ଷମତା ବିଶିଷ୍ଟ ପଟ୍ଟାଙ୍ଗୀ ବକ୍ସାଇଟ୍ ଖଣି ପାଇଁ ୧,୯୬୧ କୋଟି ଟଙ୍କା ନିବେଶ କରିବ ବୋଲି ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହାକୁ ଭୁଲିଯାଆନ୍ତୁ ବୋଲି ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି। ସୂଚନା ଥାଉକି, ନାଲକୋ କମ୍ପାନୀ ଦ୍ୱାରା ସେରୁବନ୍ଧ ବକ୍ସାଇଟ୍ ପାହାଡ଼ ଖନନ ହେଲେ ସେମିଳିଗୁଡ଼ା ଏବଂ ପଟ୍ଟାଙ୍ଗୀ ବ୍ଲକ୍‌ର ୬ ପଞ୍ଚାୟତ ଯଥା- ଖୁଡି, ଷୋରିପଦର, ପଟ୍ଟାଙ୍ଗି, ନୂଆଗାଁ, ମାଳିପୁଟ ଓ କୋଟିଆର ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବା ସହ ଲୋକେ ବିସ୍ଥାପିତ ହେବେ। ଏଥିପାଇଁ ଏହାକୁ ବିରୋଧ ହେଉଥିବାରୁ ଗତ ପଲ୍ଲିସଭା ସମୟରେ ସମିତିର ଅନେକ କର୍ମକର୍ତ୍ତାଙ୍କୁ ରାତିଅଧିଆ ପୋଲିସ ଉଠାଇ ନେଇ ମିଛ ମାମଲାରେ ଜେଲ୍ ପଠାଇଥିବା ସମିତି ସଭାପତି ଖରା ଅଭିଯୋଗ କରିଛନ୍ତି। ଏପରି କି ଷଡ଼ଯନ୍ତ୍ର କରାଯାଇ ପଲ୍ଲିସଭାରେ ସେରୁବନ୍ଧ ପାହାଡ଼ରୁ ବକ୍ସାଇଟ୍ ଖନନକୁ ଅନୁମତି ହାସଲ କରାଯାଇଛି ବୋଲି ଖରା ଅଭିଯୋଗ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବୈଶାଖୀ



@ ବଣ୍ଟି



@ ଦିଗାମ୍ବର



@ ମହମ୍ମଦ ଅଫତାବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କ୍ରୀଡ଼ା ଛାତ୍ରାବାସ, ଟେନିସ୍ କୋର୍ଟ ଉଦ୍‌ଘାଟିତ

## ଶୈକ୍ଷିକ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହେଉଛି କ୍ରୀଡ଼ା

ସାକ୍ଷୀଗୋପାଳ,୨୪।୮ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ସମେତ ଅନ୍ୟ ଅତିଥିବୃନ୍ଦ ।

ସତ୍ୟବାଦୀ ବ୍ଲକ ମୁଳଅଳସା ଗ୍ରାମରେ 'ସାଇ ଏକାଡେମୀ' କ୍ରୀଡ଼ା ଛାତ୍ରାବାସ ଏବଂ ଟେନିସ୍ କୋର୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗଦେଇ ଶିକ୍ଷା ସଂସ୍କାର ସେବାର ଅନ୍ତୁଡ଼ିଶାଳ ସତ୍ୟବାଦୀ ଅଞ୍ଚଳ ସହିତ କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି କହିଥିଲେ। ୭ଟି ଟେନିସ୍ କୋର୍ଟ ସହିତ ୧୨୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡ଼ା ଛାତ୍ରାବାସ ବିଧାୟକ ଲୋକାର୍ପଣ କରିଥିଲେ। ଯେଉଁଠି ପିଲାମାନେ ଉନ୍ନତମାନର କ୍ରୀଡ଼ାଭ୍ୟାସ କରି ପ୍ରତିଯୋଗିତାରେ ଉତ୍କୃଷ୍ଟ ସଫଳତା ଅର୍ଜନ କରିବା ନିମନ୍ତେ ସୁଯୋଗ ରହିଛି ଏବଂ କ୍ରୀଡା ହେଉଛି ଶୈକ୍ଷିକ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସେ କହିଥିଲେ। ରାଜ୍ୟ ସରକାର ପ୍ରତି ବ୍ଲକସ୍ତରରେ ମିନି ଷ୍ଟାଡିୟମ କରିବାପାଇଁ ୧୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ଏହି କ୍ରୀଡ଼ା ଅନୁଷ୍ଠାନ ଜମି ଯୋଗାଇ ଦେଇପାରିଲେ, ଏଠାରେ ସତ୍ୟବାଦୀ ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ସମ୍ଭବ ହୋଇପାରିବ ବୋଲି ବିଧାୟକ ପ୍ରସ୍ତାବ ରଖିଥିଲେ। ସେହିପରି ରାସ୍ତା ସମ୍ପ୍ରସାରଣ, ପାନୀୟ ଜଳ, ବିଦ୍ୟୁତ ଓ ଆନୁସଙ୍ଗିକ ସୁବିଧା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଗାଁରୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରକୁ କ୍ରୀଡ଼ାବିତମାନଙ୍କୁ ପହଞ୍ଚାଇବାକୁ ଏହି ଅନୁଷ୍ଠାନ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ନେଇ ସାଇ ଏକାଡେମୀର ସଭାପତି ପ୍ରିୟଦର୍ଶିନୀ ପାଣି କହିଛନ୍ତି। ସମ୍ମାନିତ ଅତିଥି ଭାବେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲା ଟେନିସ ଆସୋସିଏଶନ ସମ୍ପାଦକ ସୁନୀଲ କୁମାର ମହାପାତ୍ର, ଓଡ଼ିଶା ଟେନିସ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ, ଆର୍‌ଏସ୍‌ଏସ ସହପ୍ରାନ୍ତ କାର୍ଯ୍ୟବାହ ସୁଦର୍ଶନ ଦାଶ, ପ୍ରାନ୍ତୀୟ କାର୍ଯ୍ୟକାରୀ ସଦସ୍ୟ ରାଜକିଶୋର ସାହୁ, ଭାଜପା ପୁରୀ ଜିଲା ସଭାପତି ଦେବେନ୍ଦ୍ର ନାଥ ତରାଇ, ସିପିଏସ୍ ପୁରୀର ଅଧ୍ୟକ୍ଷ ଡ. ଅମୀୟ କାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ବିଷ୍ଣୁ ପ୍ରିୟା ବରାଳ ଓ ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ପୁରୀ ଜିଲାର ଶ୍ରମିକ ନେତା ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ମହାନ୍ ପ୍ରଚେଷ୍ଟାର ଅନନ୍ୟ ଅନୁଷ୍ଠାନ ସାଇ ଏକାଡେମୀ ଗଠନରେ ସ୍ୱର୍ଗତ ମିଶ୍ରଙ୍କ ପରିବାରକୁ ପ୍ରଶଂସା କରିଥିଲେ। ଉତ୍ସବରେ ଶିକ୍ଷାବିତ ଲୋକନାଥ ପାଣି ଅଧ୍ୟକ୍ଷତା କରିଥିବାବେଳେ ଶ୍ୟାମ ପ୍ରକାଶ ସେନାପତି ସଂଯୋଜନା କରିଥିଲେ। ସୋମବାର ୨ ଦିନିଆ ଜାତୀୟ ଟେନିସ ପ୍ରତିଯୋଗିତା ଆରମ୍ଭ ହେବ। ଉଦ୍‌ଘାଟିତ ହୋଇଥିବା ସାଇ ଏକାଡେମୀ ହେଉଛି ପୂର୍ବ ଭାରତର ଏକ ବୃହତ ଘରୋଇ ଟେନିସ ପ୍ରଶିକ୍ଷଣ କେନ୍ଦ୍ର। ଏକାଡେମୀର ପ୍ରମୁଖ କର୍ମକର୍ତ୍ତା ରୋଜା ପ୍ରିୟଦର୍ଶୀ ଧନ୍ୟବାଦ ଦେଇଥିଲେ।

## ୨ ମାସ ବିତିଲା ନାବାଳିକା ଅପହରଣ

# ଉଦ୍ଧାର କରିବାରେ ପୋଲିସ ବିଫଳ

ପିପିଲି,୨୪।୮ (ଦୁର୍ଗା ମାଧବ ମିଶ୍ର)


ପିପିଲି ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିନେବାର ଇତି ମଧ୍ୟରେ ୨ମାସ ବିତିଗଲାଣି, ମାତ୍ର ପୋଲିସ ଉଦ୍ଧାର କରିବାରେ ବିଫଳ ହୋଇଛି। ପିପିଲି ପୋଲିସ କାହା ନିର୍ଦ୍ଦେଶକୁ ଖାତିର ନ କରି ଚୁପ୍ ହୋଇ ବସିଛି। ପୋଲିସର ଏତାଦୃଶ କାର୍ଯ୍ୟକଳାପକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠୁଛି। ପିପିଲି ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ ଜୁନ୍ ୨୦ ତାରିଖ ରାତି ଗୋଟାଏ ସମୟରେ ଅପହରଣ କରି ନେଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୩୭୭/୨୫ରେ ଏକ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି। ଅପହରଣ ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ପୁରୀ ସିଡବ୍ଲୁସିର ଚେୟାରପର୍ସନ ଏ. କେ. ମହାପାତ୍ର ଜୁନ୍ ୩୦ରେ ଅର୍ଡର ନଂ.୧୮୪୮/ସିଡବ୍ଲୁସିରେ ପିପିଲି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପୋଲିସ କୌଣସି ପଦକ୍ଷେପ ନ ନେବାରୁ ପୁନର୍ବାର ପିପିଲି ଥାନାକୁ ନିର୍ଦ୍ଦେଶ ଦେବା ସହ ଡିଜିପି, ଆଇଜି ଇଷ୍ଟର୍ନ ରେଞ୍ଜ, ଜିଲାପାଳ, ଏଡିଏମ୍, ଏସ୍‌ପି, ଡିଏସ୍‌ପି ପ୍ରମୁଖଙ୍କୁ ଜଣାଇଥିଲେ।

# କେନ୍ଦ୍ରରେ ଉଠିବ ଭାଗବତ ଟୁଙ୍ଗି କଥା

## ଭାଗବତ ଟୁଙ୍ଗି ପାଇଁ ବଦ୍ରି ମିଶ୍ର ସମ୍ବର୍ଦ୍ଧିତ

ପୁରୀ,୨୪।୮ (ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ପ୍ରତୀକ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ରଖାଯିବ ବୋଲି କେନ୍ଦ୍ର ଏକାଡେମୀର ସ୍ୱତନ୍ତ୍ର ସଦସ୍ୟ ପଦ୍ମଶ୍ରୀ ମୋହନ ସିଂ କହିଛନ୍ତି। ହୋଟେଲ ମେ'ଫେୟାରରେ ରାଜ୍ୟ ବାହାରେ ପ୍ରବାସୀ ଓଡ଼ିଆଙ୍କ ପାଇଁ ୯ଟି ଭାଗବତ ଟୁଙ୍ଗି ପ୍ରତିଷ୍ଠା କରିଥିବା ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଭାଗବତ ଭାଷ୍ୟକାର ବଦ୍ରି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଡ. ସିଂ, ଓଡ଼ିଶାର ୭୨୦୦ ଭାଗବତ ଟୁଙ୍ଗିରେ ପୁନଃ ଭାଗବତ ପାଠ, ଓଡ଼ିଶାର ଆଧ୍ୟାତ୍ମିକ ଜନଜାଗରଣରେ ସହାୟତା ଦେବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଜୟାନନ୍ଦ ସିଂହ, ଡ. ଅମଲ ଚାଟାର୍ଜୀ, ଡ. ମୃଣାଳିନୀ ପାଣ୍ଡେ ଓ ଡ. ଏମ. ସୁରେୟା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବିହାରର ଗୟା ଓ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଘରେ ଘରେ ଭାଗବତ ପଠନ ହେବ ବୋଲି ଡ. ବଦ୍ରି ମିଶ୍ର ଜଣାଇଛନ୍ତି।



ଛତିଶଗଡ ଅର୍ଥ ମନ୍ତ୍ରୀ ଓ.ପି ଚୌଧୁରୀ, ଓଡ଼ିଶା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ଅନ୍ୟ ନେତାମାନେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ।

# କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ପ୍ରସ୍ତୁତି ବୈଠକ

କଣାସ,୨୪।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଦଶହରା ପଡ଼ିଆରେ ଅନୁଷ୍ଠିତ କୁଞ୍ଜେଶ୍ୱରୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ରବିବାର କଣାସ ବଡ଼ମଠ ପରିସରରେ ସ୍ଥାୟୀ ସଭାପତି କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ କଣାସରେ ସ୍ଥାପିତ ଜନମଙ୍ଗଳ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ବିଂଶତମ୍ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ କିପରି ସରସ, ସୁନ୍ଦର ହେବ ସେଥିପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ଶାରଦୀୟ ମହୋତ୍ସବର ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ଗତବର୍ଷ ମହୋତ୍ସବର ହିସାବପତ୍ର ଉପସ୍ଥାପନ କରିଥିଲେ। ବୈଠକରେ ସାମାଜିକ କର୍ମୀ ଶ୍ରୀକାନ୍ତ ପଟ୍ଟଯୋଶୀ, ଦେବଦତ୍ତ ପରିଡ଼ା, ବାଳକୃଷ୍ଣ ସାହା, ଶିକ୍ଷାବିତ୍ ଭାଗିରଥି ମହାପାତ୍ର, ସୁନିଲ୍ କୁମାର ନରେନ୍ଦ୍ରମ, ପ୍ରଫୁଲ୍ଲ ପ୍ରଧାନ, ବୃନ୍ଦାବନ ପଟ୍ଟନାୟକ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ। କଣାସ ଅଞ୍ଚଳର ଐତିହ୍ୟ ଲୁକ୍କାୟିତ ହୋଇ ରହିଯାଉଥିବା ପ୍ରତିଭାମାନଙ୍କୁ ଆଗଧାଡ଼ିକୁ ଆଣିବା ପାଇଁ କଣାସ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ୧୯ବର୍ଷ ହେଲା ଏହି କାର୍ଯ୍ୟକ୍ରମ କରିଆସୁଛନ୍ତି। ଚଳିତ ବର୍ଷ ଅକ୍ଟୋବର ୨ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ବିଂଶତମ୍ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ଅନୁଷ୍ଠିତ ହେବାପାଇଁ ସଭାରେ ସ୍ଥିର କରାଯାଇଥିଲା। ଚଳିତ ବର୍ଷ ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ଐତିହାସିକ ପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ତଥ୍ୟ ସମ୍ବଳିତ ଲେଖା ସ୍ମରଣିକା 'କୁଞ୍ଜେଶ୍ୱରୀ'ରେ ପ୍ରକାଶ ନିମନ୍ତେ ଅଞ୍ଚଳର ବୁଦ୍ଧିଜୀବୀ ଲେଖକ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସେପ୍ଟେମ୍ବର ୧୦ତାରିଖ ସୁଦ୍ଧା ସମ୍ପାଦକ ଜନମଙ୍ଗଳ କ୍ଲବ୍ ସା/ପୋ-କଣାସ, ଜି-ପୁରୀ, ପିନ-୭୫୨୦୧୭ରେ ପଠାଇବା ପାଇଁ ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ଅନୁରୋଧ କରିଛନ୍ତି। ଦ୍ୱିତୀୟ ପ୍ରସ୍ତୁତି ବୈଠକ ଗଣେଶ ପୂଜା ଦିନ ଅନୁଷ୍ଠିତ ହୋଇ ଚୂଡ଼ାନ୍ତ ନିଷ୍ପତି ନିଆଯିବା ପାଇଁ ସ୍ଥିର କରାଯାଇଥିଲା।

# ଶ୍ରୀଜଗନ୍ନାଥଙ୍କ ନବକଳେବର ସିନେମା ପ୍ରଦର୍ଶିତ

ପୁରୀ,୨୪।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥଙ୍କ ନବକଳେବର ସିନେମା ରବିବାର ଶ୍ରୀ ସଦାଶିବ ପରିସରରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା, ଶ୍ରୀମନ୍ଦିର ପୂର୍ବତନ ପରିଚାଳନା ସଦସ୍ୟ ତଥା ସେବାୟତ ଅନନ୍ତ ତିଆଡ଼ି, ବରିଷ୍ଠ ସେବାୟତ ଭଗବାନ ସୁଆର, ଜଗନ୍ନାଥ ଖୁଣ୍ଟିଆ, ସୋମନାଥ ଖୁଣ୍ଟିଆ, ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହିପ୍ରଦର୍ଶନୀକୁ ଛତିଶା ନିଯୋଗ ଏବଂ ସୁଆର ମହାସୁଆର ନିଯୋଗ ପକ୍ଷରୁ ଆୟୋଜନ କରାଯାଇଛି। ସୁଆର ମହାସୁଆର ନିଯୋଗର ସଭାପତି ପଦ୍ମନାଭ ମହାସୁଆର, ସମ୍ପାଦକ ନାରାୟଣ ମହାସୁଆର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସିନେମାର କଳାକାର ପିଙ୍କି ପ୍ରଧାନ, କେଦାର ମିଶ୍ର, ରବି ମିଶ୍ର, ସର ଅପାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛତିଶା ନିଯୋଗ ପକ୍ଷରୁ ମାର୍ଗଦର୍ଶକ ଓ ପ୍ରେରଣା ପାଇଁ ପରମ୍ ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କୁ ମହାପ୍ରଭୁ ଅଙ୍ଗବସ୍ତ୍ର ପାଟ ପ୍ରଦାନ କରାଯାଇଥିଲା ଏବଂ ବିନୀ ସାମଲ ଓ ପୁରା ଟିମ୍‌କୁ ଶ୍ରୀମନ୍ଦିର ଶ୍ରୀସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ସୂତ୍ରଧର ଅଭିନେତା ଶମ୍ଭୁନାଥ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିବା ବେଳେ ଡ. ବିଶ୍ୱନାଥ ମିଶ୍ର ମଞ୍ଚ ସଂଯୋଜନା କରିଥିଲେ।

# ଜାତୀୟ ମହାକାଶ ବିଜ୍ଞାନ ଦିବସ ପାଳିତ

କୋଣାର୍କ,୨୪।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପକ୍ଷରୁ ଜାତୀୟ ମହାକାଶ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଶ୍ୱନାଥ ଖିଲାରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ଦେଶରେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଅନେକ ସଫଳତା ଓ ସଂସ୍କାର ଅଣାଯାଇ ଯୁବପିଢ଼ିଙ୍କ ଆଗ୍ରହ ବଢ଼ାଇବା ଲାଗି ଇସ୍ରୋ ଭାରତୀୟ ମହାକାଶ ହାକାଥନ ଓ ରୋବୋଟିକ୍ସ ଚ୍ୟାଲେଞ୍ଜ ସୃଷ୍ଟି କରିପାରିଛି। ଦେଶରେ ଚନ୍ଦ୍ରାୟନ-୩ ସଫଳତା ହାସଲ ପରେ ଚନ୍ଦ୍ରାୟନ-୪ ଉତ୍କ୍ଷେପଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ମହାକାଶ ବିଜ୍ଞାନ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରମାନେ ଏଥିରେ ନିଜକୁ ସାମିଲ କରି ଏହାର ସଫଳ ରୂପାୟନ ଓ କାର୍ଯ୍ୟକାରିତା ଉପରେ ଅଧ୍ୟୟନ ଓ ଗବେଷଣାମୂଳକ କାର୍ଯ୍ୟରେ ଦୃଢ଼ ଇଚ୍ଛାଶକ୍ତି ଜାଗ୍ରତ କରିବା ପାଇଁ ଏମ୍‌ପି ଡ. ତରାଇ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆର୍.କେ. ମାଧବ, ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଭାରତୀୟ ମହାକାଶ ବିଜ୍ଞାନ ଓ ଚନ୍ଦ୍ରାୟନର ସଫଳତା ଉପରେ ଆଲୋକପାତ କରିଥିଲେ। ଏଥିରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଈଶ୍ୱର ଚନ୍ଦ୍ର ବେହେରା, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କୋଣାର୍କ ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ, ଏମ୍‌ପିଙ୍କ କୋଣାର୍କ ଏନ୍‌ଏସି ପ୍ରତିନିଧି ମଙ୍ଗରାଜ ମୁଦୁଲି, ଏମ୍‌ପିଙ୍କ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରତିନିଧି ରାକେଶ ବିଶ୍ୱାଳ, କାକଟପୁର ବ୍ଲକ ପ୍ରତିନିଧି କୈଳାଶ ନାୟକ, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ, ବାଲିକପିଳେଶ୍ୱର ମଣ୍ଡଳ ସଭାପତି ଦିଲ୍ଲୀପ ପ୍ରଧାନ, ବାଲିଦୋକାନ ପୂର୍ବତନ ମଣ୍ଡଳ ସଭାପତି ଭ୍ରମର ଜେନା ପ୍ରମୁଖ ଉପସ୍ଥିତ ଥିଲେ।




# ସରକାରୀ ବିଦ୍ୟାଳୟରେ ନାମଲେଖା, ଘରୋଇରେ ପାଠପଢ଼ା

## କାର୍ଯ୍ୟରେ ଲାଗୁନି ଇଣ୍ଟରନେଟ୍ ସ୍ମାର୍ଟ କ୍ଲାସ ରୁମ୍

ଗୋପ,୨୪।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ସରକାରୀ ବିଦ୍ୟାଳୟରେ ନାଁ ଗଡୁଛି, ହେଲେ ଦିନେ ବି ବିଦ୍ୟାଳୟ ମାଟି ମାଡୁନାହାନ୍ତି ଛାତ୍ରୀଛାତ୍ର। କିନ୍ତୁ ଉପସ୍ଥାନ ଖାତାରେ ସବୁଦିନ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାକୁ ଆସୁଥିବା ରେକର୍ଡ ରହୁଛି। କେବଳ ପରୀକ୍ଷା ସମୟରେ ଛାତ୍ରୀଛାତ୍ରମାନେ ସରକାରୀ ସ୍କୁଲରୁ ଆଡ୍‌ମିଟ କାର୍ଡ ନେଇ ପରୀକ୍ଷା ଦେବାକୁ ବିଭିନ୍ନ କେନ୍ଦ୍ରକୁ ଯାଉଥିବା ଦେଖିବାକୁ ମିଳିଛି। ଘରୋଇ ସ୍କୁଲରେ ଅଷ୍ଟମ, ନବମ, ଦଶମ ଶ୍ରେଣୀରେ ପାଠ ପଢ଼ାଇବା ଲାଗି ଭିତ୍ତିଭୂମି ନ ଥିବାବେଳେ ପାଠ ପଢ଼ାଇବା ଲାଗି ମଧ୍ୟ ଅନୁମତି ନାହିଁ। ତେବେ ସେଠାରେ ପାଠପଢ଼ା ହେଉଛି।

ଗୋପ ବ୍ଲକ ଅଞ୍ଚଳରେ କିଛି ଘରୋଇ ସ୍କୁଲକୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଇବାକୁ ଅନୁମତି ମିଳିଛି। ହେଲେ ସେଠାରେ ନବମ ଓ ଦଶମ ଶ୍ରେଣୀ ପଢ଼ାଯାଉଛି ବୋଲି ସ୍କୁଲ କର୍ତ୍ତୃପକ୍ଷ ଦାବି କରୁଛନ୍ତି। ପିଲାଙ୍କ ଅଷ୍ଟମ ଶ୍ରେଣୀ ସରିବା ମାତ୍ରେ ଅଭିଭାବକ ଏସ୍‌ଏଲ୍‌ସି (ସ୍କୁଲ ଲିଭିଂ ସାର୍ଟିଫିକେଟ) ଦେବାକୁ ନିୟମ ରହିଥିଲେ ମଧ୍ୟ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଏକ ସରକାରୀ ସ୍କୁଲରେ ତାଙ୍କର ଚିହ୍ନା ଅଛି, ସେଠାରେ ନାଁ ଲେଖାଯିବ ଓ ଏଠାରେ ପଢ଼ାଯିବ ବୋଲି କହି ବୁଝାଉଛନ୍ତି। ଏମିତି କି ସରକାରୀ ସ୍କୁଲରେ ନାମ ଲେଖାଇଲେ ସମସ୍ତ ସରକାରୀ ସୁବିଧା ମିଳିବ, ସେଠାରେ ଉପସ୍ଥାନ ଆମେ ଦେଖିବୁ। ପରୀକ୍ଷା ଫଳ କିପରି ଭଲ ହେବ ତାହା ଆମ ଦାୟିତ୍ୱ ବୋଲି ଘରୋଇ ସ୍କୁଲ କର୍ତ୍ତୃପକ୍ଷ ବୁଝାଇ ପଢ଼ାଇବାକୁ ବାଧ୍ୟ କରୁଛନ୍ତି। ଯଦି କୌଣସି ଅଭିଭାବକ ପ୍ରଶ୍ନ କରୁଛନ୍ତି ଆପଣଙ୍କ ସ୍କୁଲରେ ତ ନବମ ଓ ଦଶମ ଶ୍ରେଣୀ ପାଇଁ ଅନୁମତି ନାହିଁ, କିପରି ଘରୋଇ ସ୍କୁଲରେ ପାଠପଢ଼ା ଯାଉଛି। ବିଭିନ୍ନ ଆଳଦେଖାଇ ଓ ପିଲାଙ୍କ ରେଜଲ୍ଟ ଖରାପ ହେବ କହି ଅଭିଭାବକମାନଙ୍କୁ ବୁଝାଇ ସେଠାରେ ନାମଲେଖା ଓ ଫର୍ମପୂରଣ ଫି' ଆଦି ଆଦାୟ କରାଯାଉଛି। ଏପରି କି ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଖୋଲାଖୋଲି ବିଜ୍ଞାପନ ପୋଷ୍ଟର ମାରି ପିଲାଙ୍କ ନାମଲେଖା ନିମନ୍ତେ ଆହ୍ୱାନ କରୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କଥା ମାଟ୍ରିକ୍ ସାର୍ଟିଫିକେଟ ଦେବା ବେଳକୁ ସରକାରୀ ସ୍କୁଲର ସାର୍ଟିଫିକେଟ ଦସ୍ତଖତ ରେଜିଷ୍ଟର୍ ଘରୋଇ ସ୍କୁଲକୁ ଆସୁଛି। ପିଲାମାନେ ସେଠାରୁ ସାର୍ଟିଫିକେଟ ନେଉଛନ୍ତି। ସରକାରୀ ସ୍କୁଲର କାଗଜପତ୍ର କିପରି ଘରୋଇ ବିଦ୍ୟାଳୟକୁ ଆସୁଛି ତାକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ମଧ୍ୟାହ୍ନଭୋଜନ ଲାଗି ଆସୁଥିବା ଚାଉଳ ଓ ଅର୍ଥରାଶି ଲୁଟ କରାଯାଉଛି। ଏହା ଉପରେ ବିଧିବଦ୍ଧ ତଦନ୍ତ ହେବା ସହ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଅନ୍ୟପକ୍ଷରେ ସରକାର ଗୋପ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିତ କରିବା ସହ ସବୁ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ରୁମ ଇଣ୍ଟର୍‌ନେଟ ବ୍ୟବସ୍ଥା କରିଛନ୍ତି, ମାତ୍ର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କ'ଣ ପାଇଁ କରିନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତ୍ୟେକ ମାସରେ ମଧ୍ୟାହ୍ନଭୋଜନ ଚାଉଳ ସମେତ ଅର୍ଥ ରାଶିକୁ ମଧ୍ୟ ହଡ଼ପ କରାଯାଉଛି, ଯଦିଓ ଅଧିକାଂଶ ସରକାରୀ ବିଦ୍ୟାଳୟ ଏପରି ଘଟଣାରେ ସମ୍ପୃକ୍ତ ନାହାନ୍ତି, ତେବେ କେତେକ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏପରି ଘଟଣାରେ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କୁ ପଚାରିବାରେ ସେ କୁହନ୍ତି, ଉଚ୍ଚ ବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଦାୟିତ୍ୱ ଜିଲା ଶିକ୍ଷା ଅଧିକାରୀଙ୍କର। ଏଭଳି ସମ୍ବେଦନଶୀଳ ଘଟଣା ନଜରକୁ ଆସିନି, ଯଦି ଏପରି ହେଉଥାଏ ତେବେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।



# ସାମୂହିକ ପ୍ରୟାସ ବୈଶ୍ୱିକ ଅସ୍ଥିରତା ଦୂର କରିବ: ରାଜ୍ୟପାଳ

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଛାୟା ଜାତିସଂଘ ଉଦ୍‌ଯାପିତ

ଭୁବନେଶ୍ୱର,୨୪।୮(ଅନୁରାଧା ମହାରଣା)



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଅନ୍ୟମାନେ ଶ୍ରେଷ୍ଠ ମଡେଲକୁ ପୁରସ୍କୃତ କରୁଛନ୍ତି।

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଛାୟା ଜାତିସଂଘର ଦ୍ୱାଦଶ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଲେ, ଆଜିର ବିଶ୍ୱରେ ଅସ୍ଥିରତା ଦେଖାଦେଇଥିବା ବେଳେ ନବସର୍ଜନା ଓ ସାମୂହିକ ପ୍ରୟାସ ଦ୍ୱାରା ଏହି ସଙ୍କଟର ସମାଧାନ ହୋଇପାରିବ। ଏବେ ଆମେ ପାରସ୍ପରିକ ସହାବସ୍ଥାନ ମଧ୍ୟରେ ବାସ କରୁଛୁ। ତେବେ ଜଳବାୟୁ ପରିବର୍ତ୍ତନ, ଦାରିଦ୍ର୍ୟ, ମହାମାରୀ, ଲିଙ୍ଗଗତ ସମାନତା, ଡିଜିଟାଲ ପରିବର୍ତ୍ତନ ଏବଂ ଆଞ୍ଚଳିକ ସଂଘର୍ଷ ଆଦି ଏବେ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ତଥାପି ନବସର୍ଜନା, ସ୍ଥାୟୀ ବିକାଶ ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ଅପାର ସୁଯୋଗ ରହିଛି ବୋଲି ସେ କହିଥିଲେ। ନେତୃତ୍ୱକୁ କ୍ଷମତାର ମାଧ୍ୟମ ରୂପେ ବ୍ୟବହାର କରିବା ପରିବର୍ତ୍ତେ ଏହାକୁ ସେବାର କର୍ତ୍ତବ୍ୟ ଏବଂ ସହଯୋଗର ମାଧ୍ୟମ ଭାବେ ଆପଣାଇବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଗୋଟିଏ ରାଷ୍ଟ୍ରର ପ୍ରକୃତ ଶକ୍ତି ଆଧିପତ୍ୟରେ ନୁହେଁ, ସହଯୋଗରେ ନିହିତ ରହିଛି ବୋଲି ରାଜ୍ୟପାଳ କହିଥିଲେ। ନିଜ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରି ସେ କହିଲେ, ଜାତିସଂଘରେ ଭାରତକୁ ପ୍ରତିନିଧିତ୍ୱ କରିବା ତାଙ୍କର ଜୀବନବ୍ୟାପୀ ସ୍ୱପ୍ନ ଥିଲା, କିନ୍ତୁ ସେହି ସ୍ୱପ୍ନ ପୂରଣ ହୋଇପାରିନାହିଁ। ତେବେ ଛାୟା ଜାତିସଂଘ କାର୍ଯ୍ୟକ୍ରମରେ ଯୋଗଦେଇ ବେଶ ଆନନ୍ଦିତ ବୋଲି ରାଜ୍ୟପାଳ କହିଥିଲେ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଛାୟା ଜାତିସଂଘ ଭଳି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଗୋଟିଏ ଗୋଟିଏ ଚିନ୍ତାଧାରା ସହ ଆସିଥାନ୍ତି, ହେଲେ ହଜାରେ ଚିନ୍ତାଧାରା ସହ ଫେରିବାର ସୁଯୋଗ ସେମାନଙ୍କୁ ମିଳିଥାଏ। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରପର୍ସନ ଡ. ମୋନାଲିସା ବଳ, ସ୍କୁଲ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଏବଂ ଅନ୍ତର୍ଜାତୀୟ ପାଠ୍ୟକ୍ରମର ମୁଖ୍ୟ ମାର୍କ ଏଲ. କୋଲମ୍ୟାନ ପ୍ରମୁଖ ଉପସ୍ଥିତ ଥିଲେ।

ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କିଟ ଇଣ୍ଟରନ୍ୟାଶନାଲ ସ୍କୁଲର ୧୦୦ଜଣ ଛାତ୍ରୀଛାତ୍ରଙ୍କ ସମେତ ଦେଶର ବିଭିନ୍ନ ବିଦ୍ୟାଳୟରୁ ୧ହଜାରରୁ ଅଧିକ ବିଦ୍ୟାର୍ଥୀ ଯୋଗଦେଇଥିଲେ। ମୋଟ ୧୩ଟି କମିଟି ଗଠନ କରାଯାଇଥିବାବେଳେ ଶାନ୍ତି, ସୁରକ୍ଷା ଓ ପରିବେଶ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ଜଳବାୟୁ ପରିବର୍ତ୍ତନ, ସାଇବର ଯୁଦ୍ଧ, ପରମାଣୁ ଅସ୍ତ୍ରର ବିରୋଧ, ଶରଣାର୍ଥୀ ସଙ୍କଟ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ

## ମୌସୁମୀ ଅଧିବେଶନ ପୂର୍ବରୁ କେନ୍ଦ୍ରୀୟ ହାରରେ ଦରମା ଦାବି

ଭୁବନେଶ୍ୱର,୨୪।୮(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ୭୦ ହଜାରରୁ ଊର୍ଦ୍ଧ୍ୱ ଲେଭଲ ଭି(ଏ) ବର୍ଗର ଅବହେଳିତ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ। ଏବେ ସେମାନେ ମାତ୍ର ୨୨୦୦ ଗ୍ରେଡ ପେ' ହାରରେ ବେତନ ପାଉଛନ୍ତି। ଏହି ଗ୍ରେଡ ପେ' ଆମ ଦେଶରେ ଅନ୍ୟ କୌଣସି ରାଜ୍ୟରେ ପ୍ରଚଳିତ ନାହିଁ ବୋଲି ଲେଭଲ ଭି(ଏ) ୟୁନିୟନ ଓଡ଼ିଶାର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ଯଦି ସେମାନଙ୍କୁ ଅନ୍ୟ ୨୩ଟି ରାଜ୍ୟ ଭଳି ୪୨୦୦ ଗ୍ରେଡ ପେ' ଭାବରେ ଅବିକଳ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ କରା ନ ଯାଏ, ତେବେ ବିଧାନସଭା ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏନେଇ ଭୁବନେଶ୍ୱରସ୍ଥିତ ଗୋଦାବରୀଶ ଭବନରେ ରବିବାର ଏକ ବୈଠକ ବସିଥିଲା। ସଂଘ ସଦସ୍ୟ ପ୍ରକାଶ ନାରାୟଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆବାହକ ଭାବେ ପ୍ରଦୀପ୍ତ ବେହେରା, ବିବେକାନନ୍ଦ ବେହେରା, ମଳୟ କୁମାର ଜେନା, ଆରତ ଭଞ୍ଜନ ସାହୁ, ସୁନୀଲ କୁମାର ପ୍ରଧାନ, ଦେବକୀ ପାତ୍ରଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ରହି ଦାବି ଉପସ୍ଥାପନ କରିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବୈଶାଖୀ



@ ବର୍ଷା



@ ବିଶ୍ୱଜିତ୍



@ ଦିଗମ୍ବର



@ ମହମ୍ମଦ ଅଫତାବ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନନ୍ଦନକାନନ: ଇକୋ ସେନ୍ସିଟିଭ ଜୋନ୍‌ରେ ସର୍ଭେ ଆରମ୍ଭ

## ବଦଳିବ ବସ୍‌ଷ୍ଟାଣ୍ଡ ରୂପରେଖ

ବାରଙ୍ଗ,୨୪।୮ (ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବା ଉଦ୍ଦେଶ୍ୟରେ ନନ୍ଦନକାନନ ପକ୍ଷରୁ ଇକୋ ସେନ୍ସିଟିଭ ଜୋନକୁ ନେଇ ସର୍ଭେ କାମ ଆରମ୍ଭ ହୋଇଯାଇଛି। ଏଥିସହ ନୂତନ ଜ୍ଞାନକୌଶଳରେ ଏହାର ରୂପରେଖ ବଦଳାଇବା ପାଇଁ ମଧ୍ୟ ପ୍ରୟାସ କରାଯାଉଛି। ଏନେଇ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ଉକ୍ତ ସର୍ଭେ କାମର ଦାୟିତ୍ୱ ଏକ ସ୍ୱେଚ୍ଛାସେବୀ ସଂଗଠନ ଚନ୍ଦନମ୍‌କୁ ଦିଆଯାଇଛି। ସଂଗଠନ ପକ୍ଷରୁ ଅବସରପ୍ରାପ୍ତ ଫରେଷ୍ଟ ଅଫିସର ଭୀମସେନ ମହାରଣା, ଦୀପକ ରଞ୍ଜନ ଖିଲାର, ପ୍ରବୋଧ ଚନ୍ଦ୍ର ନାୟକଙ୍କୁ ନେଇ ଗଠନ କରାଯାଇଛି। ଏମାନେ ସେନ୍ସିଟିଭ ଅଞ୍ଚଳକୁ ଗସ୍ତ କରି ସେଠାରେ ଗଢି ଉଠିଥିବା ହୋଟେଲ, ପାନ ଦୋକାନ ଓ ଅନ୍ୟାନ୍ୟ ବ୍ୟବସାୟୀମାନଙ୍କ ଅସୁବିଧା ଓ ସୁବିଧା ବିଷୟରେ ପଚାରି ବୁଝି ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହାସହ ଦୋକାନ ଓ ହୋଟେଲରୁ ବାହାରୁଥିବା ପ୍ଲାଷ୍ଟିକ ବୋତଲ, ଜରି, ବଳକା ଖାଦ୍ୟ, ଅଳିଆ ଆବର୍ଜନା, ବର୍ଜ୍ୟବସ୍ତୁ ପକାଇବାର ସୁବିଧା, ପର୍ଯ୍ୟଟକ ମାନଙ୍କ ସୁବିଧା, ରାସ୍ତାଘାଟ, ପାନୀୟ ଜଳ, ଲାଇଟ, ଆସୁଥିବା ଯାତ୍ରୀବାହୀ ଗାଡି ରହିବାର ସୁବିଧା, ବ୍ୟବସାୟୀମାନଙ୍କ ସ୍ଥାୟିତ୍ୱ ଆଦି ବିଭିନ୍ନ ବିଷୟରେ ପଚାରିବୁଝିଛନ୍ତି। ଏଥିସହ ଇକୋ ସେନ୍ସିଟିଭ ଅଞ୍ଚଳରେ ବେଆଇନ ଭାବେ ଗଢିଉଠିଥିବା ଅଟ୍ଟାଳିକା ଓ ପ୍ରତିଷ୍ଠାନଗୁଡ଼ିକର ତାଲିକା ମଧ୍ୟ ସଂଗ୍ରହ କରିଛନ୍ତି ଏହି ସର୍ଭେ ଘଟଣା ପରେ ନନ୍ଦନକାନନ ବସଷ୍ଟାଣ୍ଡର ରୂପରେଖ ଖୁବ୍ ଶୀଘ୍ର ବଦଳିବାକୁ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ସର୍ଭେ ପରେ ଏହାର ରିପୋର୍ଟ ନନ୍ଦନକାନନ ଉପନିର୍ଦ୍ଦେଶକ ଓ ଖୋର୍ଦ୍ଧା ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ପ୍ରବୋଧ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।



ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୮୧ତମ ଜନ୍ମବାର୍ଷିକୀ ଅବସରରେ ସଂଯୁକ୍ତା ଓ ରଘୁନାଥ ପାଣିଗ୍ରାହୀ କଲ୍‌ଚରାଲ ହେରିଟେଜ୍ ଫାଉଣ୍ଡେଶନ ପକ୍ଷରୁ ରବିବାର ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ତୁମରି ସ୍ମୃତିରେ'।

# ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ

ତ୍ରିଶୂଳିଆ, ୨୪।୮(ତୁଷାରକାନ୍ତ ବେହେରା)

ମୁଣ୍ଡଳୀସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଭୌତିକ ସଂସ୍ଥାନର ନିର୍ଦ୍ଦେଶକ ଡ. କରୁଣାକର ଯୋଗଦେଇ ସମାଜରେ ସମସ୍ତ ବୃତ୍ତିର ଆବଶ୍ୟକତା ସମାନ ମାତ୍ରାରେ ରହିଛି ଓ ଏହାର ସୁବିନିଯୋଗରେ ହିଁ ସମାଜର ସମୃଦ୍ଧି ସମ୍ଭବ ବୋଲି ଡ. ନନ୍ଦ ନିଜ ବକ୍ତବ୍ୟରେ କହିଥିଲେ। ଏଥିସହ ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ ଏବଂ ମନୁଷ୍ୟ ଜାତି ସର୍ବଦା ଜିଜ୍ଞାସୁ ରହି ସମାଜର ଉନ୍ନତି ସାଧନା ନିମନ୍ତେ କାର୍ଯ୍ୟ କରିଆସୁଛି ବୋଲି ପକ୍ଷ ରଖିଥିଲେ। ଏହି ଅବସରରେ ଭୌତିକ ସଂସ୍ଥାନର ବୈଜ୍ଞାନିକ ଡ. କ୍ଷୀରୋଦ ଚନ୍ଦ୍ର ପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରାଚାର୍ଯ୍ୟ ରାମରାଜ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ଶିକ୍ଷକ ପ୍ରଦୀପ ପଣ୍ଡା ଏବଂ ଶିକ୍ଷୟିତ୍ରୀ ତପସ୍ୱିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ମହାକାଶ ବିଜ୍ଞାନ ଉପରେ ଏକ ପ୍ରଦର୍ଶନୀ ଆୟୋଜନ କରିଥିଲେ। ଜୀବବିଜ୍ଞାନ ଶିକ୍ଷୟିତ୍ରୀ ରାଜଶ୍ରୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟରେ ଆହୁରି ୪ଦିନ ବର୍ଷା

ଭୁବନେଶ୍ୱର,୨୪।୮(ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ୨୯ ତାରିଖ ଯାଏ ବର୍ଷା ଲାଗି ରହିବ। ସୋମବାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରିକରାଯାଇଛି। ସେହିଭଳି ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ସତର୍କ କରାଯାଇଛି। ୨୬ରେ ୨ ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ୬ ଜିଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି।

# ଅନ୍ତର୍ଜାତୀୟସ୍ତରରେ ଓଡ଼ିଆ ପୁଅର ବାଜିମାତ

ଭୁବନେଶ୍ୱର,୨୪।୮(ସୌମ୍ୟରଞ୍ଜନ ରାଉତ)

ଭିଏତ୍‌ନାମ ଠାରେ ଅନୁଷ୍ଠିତ ମଡେଲିଂ ପ୍ରତିଯୋଗିତାରେ ଓଡ଼ିଆ ପୁଅ ତାହିଦ୍ ହାସନ ଖାନ୍ ପ୍ରଥମ ସ୍ଥାନ ଅଧିକାର କରି ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରିପାରିଛନ୍ତି। ତାହିଦ୍ ୟୁନିଟ୍-୮ ଡିଏଭି ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ର। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୫୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୪ ଦିନର ପ୍ରତିଯୋଗିତାରେ ନ୍ୟାଶନାଲ୍



କଷ୍ଟ୍ୟୁମ୍ ରାଉଣ୍ଡ, ଟ୍ୟାଲେଣ୍ଟ, ନିଜ ପରିଚୟ ରାଉଣ୍ଡ ଆଦି ହୋଇଥିଲା। ତାହିଦ ବିଜେତା ହେବା ସହ 'ସୁପର୍ ଟ୍ୟାଲେଣ୍ଟ' ସବ୍‌ଟାଇଟଲ ମଧ୍ୟ ପାଇଛନ୍ତି। ମିଶନ ଡ୍ରିମ୍ସ ମିସ୍ ଇଣ୍ଡିଆ ବିଜେତା ଅୟନା ରାଉତରାୟ ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଗୁରୁ ବିଦ୍ଦୁ ସେଠୀ ସାଇକୃପା କଳା କେନ୍ଦ୍ରରେ ନୃତ୍ୟ ପ୍ରଶିକ୍ଷଣ ଦେଇଥିଲେ। ମିଷ୍ଟର ଆଣ୍ଡ ମିସ୍ ଟିନ ସୁପର ଗ୍ଲୋବ ଓ ଜୁନିଅର ମଡେଲ ଇଣ୍ଟରନ୍ୟାଶନାଲର ଷ୍ଟେଟ୍ ଡାଇରେକ୍ଟର ଜ୍ୟୋତିର୍ମୟୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସେ ଏହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହୋଇଥିଲେ।







# ହରିପୁର କ୍ରିକ୍ ତଟରେ ପୁନର୍ଜୀବିତ ହେଲା ସମୁଦ୍ର ଘାସ

## ପ୍ରଦୂଷଣ ହ୍ରାସ, ଉପକୂଳ ସୁରକ୍ଷା ଦେଉଥିବା ଦାବିକଲେ ବୈଜ୍ଞାନିକ

ଭୁବନେଶ୍ୱର, ୨୪।୮(ବନ୍ଦନା ସେଠୀ)



ବୈଚିତ୍ର୍ୟମୟ ସାମୁଦ୍ରିକ ପରିସଂସ୍ଥା ମଧ୍ୟରେ ସ୍ୱଳ୍ପ ଆଲୋଚିତ ଉଦ୍ଭିଦ ସମୂହ ମଧ୍ୟରେ ସମୁଦ୍ର ଘାସ (ସି' ଗ୍ରାସ) ବା ସାମୁଦ୍ରିକ ସପୁଷ୍ପକ ଉଦ୍ଭିଦ ଅନ୍ୟତମ। ଓଡ଼ିଶାରେ କେବଳ ଚିଲିକା ହ୍ରଦରେ ସି ଗ୍ରାସ୍ ରହିଛି। ମାତ୍ର ୨୦୧୨ରେ ପ୍ରଥମଥର ପାଇଁ ଗଞ୍ଜାମ ଜିଲା ଗୋପାଳପୁର ନିକଟରେ ସମୁଦ୍ରକୁ ସଂଯୋଗ ହୋଇଥିବା ହରିପୁର କ୍ରିକ୍ ତଟରେ ଏହା ଦେଖାଯାଇଥିଲା। ଏ ନେଇ ଇଣ୍ଡିଆନ୍ ଜର୍ନାଲ ଅଫ୍ ଜିଓ ମେରାଇନ୍ ସାଇନ୍ସରେ ସାମୁଦ୍ରିକ ଜୀବ ବୈଜ୍ଞାନିକ ଡ. ଦେବାଶିଷ ମହାପାତ୍ରଙ୍କ ଗବେଷଣାମୂଳକ ପ୍ରବନ୍ଧ ପ୍ରକାଶ ପାଇବା ପରେ ଲୋକଲୋଚନକୁ ଆସିଥିଲା। ହେଲେ କେତେକ କାରଣରୁ ୨୦୧୯ ମଧ୍ୟରେ ଏହି ବିରଳ ସି ଗ୍ରାସ୍ ହରିପୁର କ୍ରିକ୍ ତଟରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ତେବେ ବିଲୁପ୍ତ ହୋଇଯାଇଥିବା ଏହି ସି ଗ୍ରାସ୍ ୨୦୧୯-୨୧ କୋଭିଡ୍ ଲକ୍‌ଡାଉନ୍ ସମୟରେ ପୁନର୍ଜୀବିତ ହୋଇଥିବା ଦେଖାଯାଇଛି। ଏହା ଜଣାପଡିବା ପରେ ଡ. ମହାପାତ୍ର ଓ ଡ. ସଙ୍ଗୀତା ମିଶ୍ର ଏହା ଉପରେ ଅଧିକ ଗବେଷଣା ଆରମ୍ଭ କରିଥିଲେ। ତେବେ ତାହା ସେହି ବିରଳ ହାଲୋଫିଲା ଓଭାଲିସ୍ ପ୍ରଜାତିର ସି' ଗ୍ରାସ୍ ବୋଲି ପ୍ରମାଣିତ ହୋଇଛି ବୋଲି ନ୍ୟାଶନାଲ ଏକାଡେମୀ ସାଇନ୍ସ ଲେଟର୍ସରେ ପ୍ରକାଶିତ ଆଉ ଏକ ଗବେଷଣା ପ୍ରବନ୍ଧରେ ଉଲ୍ଲେଖ କରାଯାଇଛି।

ଡ. ମହାପାତ୍ର କହିଛନ୍ତି, ସି ଗ୍ରାସ୍‌କୁ ଇକୋସିଷ୍ଟମ ଇଞ୍ଜିନିୟର କୁହାଯାଏ। ଏମାନେ ପରିବେଶ ସହିତ ସମନ୍ୱୟ ରକ୍ଷା କରି ପ୍ରଦୂଷଣ ହ୍ରାସ କରିନ୍ତି। ଏଥିସହ ସମୁଦ୍ର ତଳର ବାଲି, ତରଙ୍ଗ ଓ ପାଣିର ଗତିକୁ ସ୍ଥିର କରିବାରେ ସହାୟକ ହୁଅନ୍ତି। ଫଳରେ ଉପକୂଳର ସୁରକ୍ଷା ହୋଇଥାଏ। ୨୦୧୨ ପରଠାରୁ ବିଭିନ୍ନ ଘୂର୍ଣ୍ଣିବାତ୍ୟା, ପ୍ରଦୂଷଣ, ନୌକାଚାଳନା ପରି ମାନବୀୟ କାର୍ଯ୍ୟକଳାପ ପାଇଁ ସି ଗ୍ରାସ୍‌ଗୁଡିକ ଲୁପ୍ତ ହୋଇଯାଇଥିଲା। ତେବେ କୋଭିଡ୍ ଲକ୍‌ଡାଉନ ସମୟରେ କରାଯାଇଥିବା ପର୍ଯ୍ୟବେକ୍ଷଣରେ ମାନବୀୟ କାର୍ଯ୍ୟକଳାପ ଯଥା ପର୍ଯ୍ୟଟନ, ମାଛଧରା, ନୌକା ଚଳାଚଳ ପ୍ରାୟ ବନ୍ଦ ହେବାରୁ ହରିପୁର କ୍ରିକ୍‌ରେ ସମୁଦ୍ର ଘାସର ସ୍ୱାଭାବିକ ପୁନର୍ଜନ୍ମ ଦେଖିବାକୁ ମିଳିଛି। ଏହା ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।




## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବୈଶାଖୀ



@ ବର୍ଷା



@ ଦିଗାମ୍ବର



@ ମହମ୍ମଦ ଅଫତାବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏନ୍ଏସି ମାନ୍ୟତା ଦାବିରେ ଆଜି ବୋଲଗଡ଼ ବନ୍ଦ

## କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତିକୁ ବିଜେଡିର ସମର୍ଥନ

ବୋଲଗଡ଼,୨୪।୮ (ଦେବବ୍ରତ ହୋତା)

ବୋଲଗଡ଼କୁ ଏନ୍ଏସି ମାନ୍ୟତା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ୬ଘଣ୍ଟିଆ ବୋଲଗଡ଼ ବନ୍ଦ ଡାକରା ଦିଆଯାଇଛି। ଏହାକୁ ପୂର୍ଣ୍ଣ ସମର୍ଥନ କରିବା ପାଇଁ ବିଜେଡି ପକ୍ଷରୁ ବିଧାୟକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ସ୍ଥାନୀୟ ଟାଉନ କ୍ଲବ ସଭାଗୃହରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଓ ଶୋଭାଯାତ୍ରା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାକୁ ବୈଠକରେ ଆଲୋଚନା ସହ ସ୍ଥିର ହୋଇଛି।

ସୂଚନାଯୋଗ୍ୟ, ଭାଜପା ସରକାର ଚଳିତ ମାସରେ ନୂତନ ଭାବେ ବିଭିନ୍ନ ଜିଲାର ୧୨ଟି ସହରକୁ ଏନ୍ଏସି ମାନ୍ୟତା ପ୍ରଦାନ କରାଯିବାକୁ ଘୋଷଣା କରିଛନ୍ତି। ତେବେ ଏନ୍ଏସି ମାନ୍ୟତାପ୍ରାପ୍ତ ନିମନ୍ତେ ସରକାରଙ୍କ ଅଧିନିୟମର ସମସ୍ତ ସର୍ତ୍ତ ପୂରଣ କରୁଥିବା ବୋଲଗଡ଼କୁ ଏଥିରେ ସ୍ଥାନ ମିଳି ନ ଥିବାରୁ ବୋଲଗଡ଼ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଏବଂ ଅନ୍ୟମାନେ।

ଏନ୍ଏସିଭୁକ୍ତ ହେବା ପାଇଁ ଜନସଂଖ୍ୟା ଦୃଷ୍ଟିରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖା ଥିବାବେଳେ ଏଠାରେ ତହସିଲ ଅଫିସ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ମହାବିଦ୍ୟାଳୟ, ୨ଟି ଉଚ୍ଚ ବିଦ୍ୟାଳୟ, ଆମ ହସ୍ପିଟାଲ, ପ୍ରାଣୀ ଚିକିତ୍ସାଳୟ, ଥାନା, ଜଳସେଚନ କାର୍ଯ୍ୟାଳୟ, ପୋଷ୍ଟଅଫିସ, ଟେଲିଫୋନ ଏକ୍ସଚେଞ୍ଜ, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ,ଅଗ୍ନିଶମ ସେବାକେନ୍ଦ୍ର, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, କୃଷି ଓ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ୫ଟି ଇଂଲିଶ ମିଡିୟମ ଘରୋଇ ବିଦ୍ୟାଳୟ, ୩ଟି ଜାତୀୟକରଣ ଓ ଗ୍ରାମ୍ୟ ବ୍ୟାଙ୍କ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ ଓ ୭ଟି ବଜାର ଅଞ୍ଚଳ ସମେତ ଅନ୍ୟାନ୍ୟ ପ୍ରତିଷ୍ଠାନ ରହିଛି। ଏହାସତ୍ତ୍ୱେ ଏନ୍ଏସି ମାନ୍ୟତା ନ ଦେବା ସରକାରଙ୍କ ବୈମାତୃକ ମନୋଭାବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବୋଲଗଡ଼କୁ ଏନ୍ଏସି ମାନ୍ୟତା ଦେବାକୁ ୨୦୦୯ ମସିହାରୁ ଦାବିହୋଇ ଆସୁଥିବାବେଳେ ଗତବର୍ଷ ଫେବୃଆରୀରେ ତତ୍କାଳୀନ ବିଜେଡି ସରକାର ସମୟରେ ଘୋଷିତ ହୋଇଥିବା ୩୫ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ବୋଲଗଡ଼ ନାମ ନ ଥିବାରୁ ଜନଆନ୍ଦୋଳନ ସହ ବୋଲଗଡ଼ ବନ୍ଦ ଡାକରା ଦିଆଯାଇଥିଲା। ଶେଷରେ ସରକାର ୨୦୨୪ ମାର୍ଚ୍ଚ ୧୩ରେ ବୋଲଗଡ଼କୁ ଏନ୍ଏସି ନେଇ ଘୋଷଣା କରିଥିଲେ। ଅଞ୍ଚଳବାସୀ ଏହାକୁ ସ୍ୱାଗତ କରିଥିଲେ। ମାତ୍ର ପରେ ଭାଜପା ସରକାରକୁ ଆସିବାପରେ ପୂର୍ବ ଘୋଷଣାକୁ ଅଣଦେଖା କରାଯାଉଛି। ସରକାର ଆସନ୍ତା ୩୧ରେ ଆଉ କେତୋଟି ସହରକୁ ଏନ୍ଏସି ଘୋଷଣା କରିବେ ବୋଲି ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଥିବା ଜଣାପଡ଼ିଛି। ତେବେ ବୋଲଗଡ଼ ନାମକୁ ବିଚାରକୁ ନିଆ ନ ଗଲେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛି। ସରକାର ଖୋର୍ଦ୍ଧା ଜିଲାପାଳଙ୍କୁ ସ୍ଥାନୀୟ ଅଞ୍ଚଳ ବାବଦରେ କିଛି ଅଧିକ ତଥ୍ୟ ମାଗିଥିବା ଏନ୍ଏସି କ୍ରିୟାନୁଷ୍ଠାନ କମିଟି ସଭାପତି ଗୋପୀନାଥ ଖାଡ଼ଙ୍ଗା ସୂଚନା ଦେଇଛନ୍ତି।

# ଅଟୋକୁ ଧକ୍କା ଦେଲା ଟ୍ରକ୍: ୩ ଗୁରୁତର

ଟାଙ୍ଗୀ,୨୪।୮ (ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଥାନା ଅନ୍ତର୍ଗତ ବେଣ୍ଟଛକରେ ରବିବାର ଯାତ୍ରୀବାହୀ ଅଟୋରିକ୍ସାକୁ ପଛପଟୁ ଏକ ଟ୍ରକ ଧକ୍କା ଦେଇଛି। ଫଳରେ ଅଟୋରେ ବସିଥିବା ୩ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ରଣପୁର ଥାନା ଅନ୍ତର୍ଗତ ଗୋପାଳପୁରର ଜିତେନ୍ଦ୍ର କୁମାର ସାହୁ, ସୋମେଶ କୁମାର ସାହୁ ଏବଂ ରାଜକିଶୋର ସାହୁ। ସମସ୍ତଙ୍କୁ ଉଦ୍ଧାର କରାଯାଇ ଚାନ୍ଦପୁରସ୍ଥିତ ବସନ୍ତମଞ୍ଜରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ଚାନ୍ଦପୁର ପୋଲିସ ପହଞ୍ଚି ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି। ଦୁର୍ଘଟଣାଗ୍ରସ୍ତ ଅଟୋରିକ୍ସା ଭୁବନେଶ୍ୱରରୁ ଚାନ୍ଦପୁରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

# ପୋଖରୀରୁ ଶ୍ରମିକଙ୍କ ମୃତଦେହ ଜବତ

ଟାଙ୍ଗୀ,୨୪।୮ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ପଞ୍ଚାୟତ ତୋଟାପଡ଼ା ଗାଁ ପୋଖରୀରୁ ଜଣେ ଶ୍ରମିକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଖବର ପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପୋଖରୀରେ ଭାସୁଥିବା ମୃତଦେହ ଜବତ କରିଥିଲେ। ମୃତକ ହେଲେ ଚାନ୍ଦପୁର ଥାନା ଅନ୍ତର୍ଗତ ବେଣ୍ଟ ଗ୍ରାମର ବନମାଳୀ ପଲେଇ(୪୨)। ସେ ମାଛଧରା ଡଙ୍ଗାରେ ଶ୍ରମିକ କାର୍ଯ୍ୟ କରୁଥିଲେ। ସେ କିଭଳି ଓ କେଉଁ ଅବସ୍ଥାରେ ପୋଖରୀରେ ବୁଡ଼ିଗଲେ ନା ତାଙ୍କୁ ମାରି ଏଠାରେ ପକାଇ ଦିଆଯାଇଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଟାଙ୍ଗୀ ପୋଲିସ ସୂଚନା ଦେଇଛି।

# ଆହୁରି ୫ଦିନ ବର୍ଷା

ଭୁବନେଶ୍ୱର,୨୪।୮ (ଅନୁରାଧା ମହାରଣା)

ରାଜ୍ୟରେ ଆହୁରି ୫ଦିନ ଅର୍ଥାତ୍ ଆସନ୍ତା ୨୯ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ୨୬ ତାରିଖରେ ୨ ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ୬ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ବିକାଶ ପାଇଁ ପ୍ରତିଶ୍ରୁତି ଦେଲେ ବିଧାୟିକା



ବୈଠକରେ ନୂଆପଡ଼ା ଗ୍ରାମବାସୀଙ୍କ ସହ ବିଧାୟିକା ଉପାସନା ମହାପାତ୍ର ଆଲୋଚନା କରୁଛନ୍ତି।

## ସମ୍ବର୍ଦ୍ଧନା ଜଣାଇଲେ ନୂଆପଡ଼ା ଗ୍ରାମବାସୀ

କୃଷ୍ଣପ୍ରସାଦ,୨୪।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅଧୀନ କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ା ଗ୍ରାମର ୪୪୦ ପରିବାର ପକ୍ଷରୁ ବିଧାୟିକା ଉପାସନା ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନୂଆପଡ଼ା ଗ୍ରାମବାସୀଙ୍କ ଆମନ୍ତ୍ରଣ କ୍ରମେ ବିଧାୟିକା ମହାପାତ୍ର ସମର୍ଥକଙ୍କ ଗହଣରେ ଆସି ପହଞ୍ଚିବା ପରେ ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନାଙ୍କ ନେତୃତ୍ୱରେ ଶତାଧିକ ଲୋକ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପରେ ଏକ ବିରାଟ ଶୋଭାଯାତ୍ରାରେ ବିଧାୟିକା ପ୍ରଭୁ ଶ୍ରୀଗୁପ୍ତେଶ୍ୱର ଦେବଙ୍କ ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିଥିଲେ। ମନ୍ଦିରରୁ ବାହାରି ବିଧାୟିକା ମହାପାତ୍ର ଦଶଦୋଳ ପଡ଼ିଆରେ ପହଞ୍ଚି ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ। ନୂଆପଡ଼ା ଗ୍ରାମବାସୀଙ୍କ ସାମଗ୍ରିକ ବିକାଶ ନିମନ୍ତେ ସେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ବାସିନ୍ଦା ପାନୀୟଜଳ ଯୋଗାଣ, କଂକ୍ରିଟ ରାସ୍ତା ନିର୍ମାଣ, ପ୍ରଭୁ ଶ୍ରୀଗୁପ୍ତେଶ୍ୱର ଦେବ ଏବଂ ଶ୍ରୀଗାଦିଶ୍ୱର ଦେବଙ୍କ ମନ୍ଦିର ସହିତ ପୋଖରୀ ପୁନରୁଦ୍ଧାର, ଶ୍ମଶାନର ଉନ୍ନତୀକରଣ ଆଦି ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକା ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ପର୍ଯ୍ୟାୟକ୍ରମେ ସମସ୍ୟାଗୁଡ଼ିକର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ନୂଆପଡ଼ା ଗ୍ରାମ୍ୟ କମିଟି ସମ୍ପାଦକ ସୁକାନ୍ତ କୁମାର ପ୍ରଧାନ, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ନୂଆପଡା ସମିତିସଭ୍ୟା ମମତାମୟୀ ପ୍ରଧାନ, ଏମ୍‌ପି ପ୍ରତିନିଧି ହରିହର ଦାଶ, ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ଯୁବନେତା ପ୍ରଦୀପ କୁମାର ଜେନା, ମନୋଜ କୁମାର ଜେନା, ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ

କଳାପଥର,୨୪।୮ (ଗଙ୍ଗାଧର ସାହୁ)

ବରପୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଥୁରିପଡ଼ା ମହାବେରଣା ଉଚ୍ଚ ବିଦ୍ୟାପୀଠରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତୁଳସୀପୁର ସେବାକେନ୍ଦ୍ର ତରଫରୁ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅର୍ଜୁନ ବେହେରା, ବିଜୟ ମହାନ୍ତି, ସୁଚିତ୍ରା ମନ୍ତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ସମ୍ପୃକ୍ତ ଅଞ୍ଚଳରେ କିପରି ସମ୍ପୂର୍ଣ୍ଣ ଭାବେ ନିଶା ବନ୍ଦ ହୋଇପାରିବ ସେନେଇ ଜନସଚେତନତା ସୃଷ୍ଟି ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଶାନ୍ତି ଭଉଣୀ, ଭାରତୀ ଭଉଣୀ, ଖୁସି ଭଉଣୀ ଓ କୁମାର ବଜେନ୍ଦ୍ର ଭାଇ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ।

# ମରଣାନ୍ତକ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ଜଟଣୀ,୨୪।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ସହରରେ ଶନିବାର ଘଟିଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ରବିବାର ପୋଲିସ ଅଭିଯୁକ୍ତ ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ରଙ୍ଗମାଟିଆ ନୂଆଗାଁ ଅଞ୍ଚଳର ସୁଶାନ୍ତ ନାୟକ(୩୮)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଲୁହା ଚାପଡ଼ ଜବତ କରାଯାଇଛି। ଏ ନେଇ ଜଟଣୀ ଥାନାରେ ଏକ ମାମଲା (ନଂ.୩୯୫/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ କହିଛନ୍ତି। ପୋଲିସ ସୂଚନା ମୁତାବକ, ଚନ୍ଦନ ନାୟକ ଜଟଣୀ ମ୍ୟୁନିସିପାଲିଟିରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୩ ତାରିଖ ସକାଳେ ସେ କାମ ପାଇଁ ଘରୁ ବାହାରି ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଚନ୍ଦନ 'ମୋ ଜଟଣୀ' ନିକଟରେ ଅପେକ୍ଷା କରିଥିବାବେଳେ ଅଭିଯୁକ୍ତ ସୁଶାନ୍ତ ଏକ ଚାପଡ଼ ଧରି ଆସି ପଛପଟୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସୁଶାନ୍ତଙ୍କ ସ୍ତ୍ରୀ ସହ ଚନ୍ଦନଙ୍କର ସମ୍ପର୍କ ଗଢ଼ିଉଠିଥିଲା। ଏହାକୁ ନେଇ ଚନ୍ଦନ ଏବଂ ସୁଶାନ୍ତଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି ହୋଇଥିଲା। ଫଳରେ ଯୋଜନାବଦ୍ଧ ଭାବେ ଚନ୍ଦନଙ୍କୁ ମାରିବା ପାଇଁ ସୁଶାନ୍ତ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




# ପଲ୍ଲା ଛକ ରାସ୍ତା ମରଣଯନ୍ତା: ଜମୁଛି ବର୍ଷାପାଣି



ରାସ୍ତାରେ ଥିବା ଖାଲରେ ବର୍ଷାପାଣି ଜମି ରହିଛି।

ଖୋର୍ଦ୍ଧା,୨୪।୮ (ପ୍ରଭାତ ପାଣିଗ୍ରାହୀ)

ଗତ ସପ୍ତାହେ ହେଲା ଖୋର୍ଦ୍ଧାରେ ଲଘୁଚାପ ବର୍ଷା ଲାଗିରହିଛି। ସହରର ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରକୁ ଉଦ୍‌ବୃତ୍ତ ହୋଇଆସୁଛି। ରାସ୍ତାରେ ଥିବା ଖାଲଖମାରେ ବର୍ଷାଜଳ ଜମି ରହିଛି। ପଲ୍ଲା ଛକ ଗଜପତି ପ୍ରତିମୂର୍ତ୍ତି ଛକରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଫଳରେ ଯାନବାହନ ଯାତାୟତବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଗାତରେ ପାଣି ଜମି ରହିବା ଫଳରେ ଆମ୍ବୁଲାନ୍ସ, ଘରୋଇ ବସ୍ ଚକା ଦବୁଛି। ରାସ୍ତା ସାରା ଖାଲ ଯୋଗୁ ଯାତ୍ରୀ ହଇରାଣ ହେଉଛନ୍ତି। ରାସ୍ତା ମରାମତି ଉପରେ ଗୁରୁତ୍ୱ ଦିଆଯାଉନାହିଁ। ରାସ୍ତା ପାର୍ଶ୍ୱ ଦୋକାନ ଗୃହ ଆଗରେ ପାଣି ଜମି ରହି ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ପଲ୍ଲା ଛକ ସ୍ଥାନୀୟ ଲୋକ ଏବଂ ବ୍ୟବସାୟୀଙ୍କ ମୁଣ୍ଡବ୍ୟଥା ବଢାଇଛି। ଏହି ରାସ୍ତାର ଗୋଟିଏ ପାର୍ଶ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବେଳେ ଅନ୍ୟପଟେ ନୂଆ ବସଷ୍ଟାଷ୍ଟଠାରୁ ଟିଏଲ୍‌ସି ରୋଡ ବାଇପାସ୍ ଦେଇ ୫୭ ନମ୍ବରକୁ ସଂଯୋଗ କରୁଛି। ଏହାର ଚାରିପାଖରେ ଦୋକାନ ବଜାର ଖୁନ୍ଦି ହୋଇ ରହିଥିବାବେଳେ ନିକଟରେ ବିଭିନ୍ନ କାର୍ଯ୍ୟାଳୟ ରହିଛି। ନିମ୍ନମାନର କାମ ଯୋଗୁ ବାରମ୍ବାର ରାସ୍ତାରୁ ପିଚୁ ଛାଡ଼ିବା ସହ ଖାଲଖମା ହେଲାଣି ବୋଲି ଲୋକେ କହୁଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପଲ୍ଲା ଛକ ନୂଆ ବସଷ୍ଟାଣ୍ଡଠାରୁ ଚଣ୍ଡିତୁଆ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଛି। କିଛି ମାସ ପରେ ରାସ୍ତାର ପିଚୁ ଉଠି ଗାତ ସୃଷ୍ଟି ହେଲାଣି। ତେଣୁ ଗାଡ଼ି ଚଳାଚଳରେ ସମସ୍ୟା ଉପୁଜୁଛି। ନିକଟରେ ପୂର୍ତ୍ତବିଭାଗ ରାସ୍ତା ଉଭୟ ପାର୍ଶ୍ୱରେ ଥିବା ଗାତରେ ଗୋଡ଼ି ପଥର ପକାଇ କାମ ସାରିଦେଇଥିଲେ। ଏହି ରାସ୍ତାରୁ ପୁଣି ଥରେ ପିଚୁ ଉଠି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ପୂର୍ତ୍ତ ବିଭାଗର ଜଣେ ଅଧିକାରୀ କହିଛନ୍ତି, ବର୍ଷା ଛାଡ଼ିବା ପରେ ରାସ୍ତା ମରାମତି କରାଯିବ।



**ଅଧ୍ୟାତ୍ମବାଦୀ ବିବେକାନନ୍ଦ ପଟ୍ଟନାୟକଙ୍କ ପରଲୋକ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଅଞ୍ଚଳର ବରିଷ୍ଠ ନାଗରିକ, ସୁଲେଖକ, ଆଧାତ୍ମବାଦୀ ବିବେକାନନ୍ଦ ପଟ୍ଟନାୟକଙ୍କ ୯୬ବର୍ଷ ବୟସରେ ରବିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ସେ ଜଣେ ଉଚ୍ଚକୋଟୀର ଲେଖକ, ସାମାଜିକକର୍ମୀ, ସୁସଂଗଠକ, ଆଧାତ୍ମିକ ଚେତନାର ବ୍ୟକ୍ତି ଭାବେ ସୁପରିଚିତ ଥିଲେ। ତାଙ୍କ ରଚିତ ଜ୍ଞାନ ଦର୍ପଣ, ମାୟାବଳଣ ପୁସ୍ତକ ପାଠକ ମହଲରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା। ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସାହିତ୍ୟ,ସାମାଜିକ ଓ ଶୈକ୍ଷିକ ଅନୁଷ୍ଠାନ ସହିତ ସେ ଜଡ଼ିତ ଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ହାଉସିଂବୋର୍ଡସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀର ନିକଟରେ ତାଙ୍କର ଦୁଇପୁଅ ବିଶ୍ୱ ପ୍ରକାଶ ପଟ୍ଟନାୟକ, ଚନ୍ଦ୍ର ପ୍ରକାଶ ପଟ୍ଟନାୟକଙ୍କ ସମେତ ଝିଅ,ଜ୍ୱାଇଁ ଓ ନାତିନାତୁଣି ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବୈଶାଖୀ



@ ବର୍ଣ୍ଣି



@ ବିଶ୍ୱଜିତ୍



@ ଦିଗାମ୍ବର



@ ମହମ୍ମଦ ଅଫତାବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଲିଥିନମୁକ୍ତ ପୂଜା, ଡିଜେମୁକ୍ତ ରୋଶଣି, ନିଶାମୁକ୍ତ ଭସାଣିକୁ ଗୁରୁତ୍ୱ

କଟକ,୨୪।୮(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ଶାନ୍ତି କମିଟିର ମହାସଭା ମଣିସାହୁଛକ ପୂଜା କମିଟି ନିମନ୍ତ୍ରଣକ୍ରମେ ସ୍ଥାନୀୟ କ୍ୟାଣ୍ଟନମେଣ୍ଟ ରୋଡ୍ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପଲିଥିନ୍‌ମୁକ୍ତ ପୂଜା-ଡିଜେମୁକ୍ତ ରୋଶଣି-ନିଶାମୁକ୍ତ ଭସାଣିର ଆହ୍ୱାନ ଦିଆଯାଇଛି। ସେପ୍ଟେମ୍ବର ୨୮ ମହାଷଷ୍ଠୀରୁ ଦୁର୍ଗାପୂଜା ଆରମ୍ଭ ହୋଇ ଅକ୍ଟୋବର ୩ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଛି। ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ କମିଟିର ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ, ସର୍ପାଦୁର୍ଗା ପୂଜା କମିଟି ସମ୍ପାଦକ ମନୋଜ ଦାସଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବିଭିନ୍ନ ପୂଜା କମିଟିର ପଦାଧିକାରୀଙ୍କ ପରଲୋକ ଗମନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମହାସଭାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମହାନଗର ନିଗମ ମେୟର ସୁବାସ ସିଂ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ



କ୍ୟାଣ୍ଟନମେଣ୍ଟ ରୋଡ୍‌ରେ କଟକ ମହାନଗର ଶାନ୍ତି କମିଟି ଦୁର୍ଗାପୂଜା ଓ ଭସାଣି ଉତ୍ସବ ନେଇ ଅନୁଷ୍ଠିତ ପ୍ରସ୍ତୁତି ସଭାରେ ଯୋଗଦେଇଥିବା ଅତିଥିମାନେ।

ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଇଂ. ମହମ୍ମଦ ମୋକିମ୍, ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମ୍‌ସି କମିଶନର କିରଣଦୀପ କୌର ସାହୋତା, ଏଡିସିପି ଦେବଦତ୍ତ କର, ଡେପୁଟି ମେୟର ଦମୟନ୍ତୀ ମାଝୀ, ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଜେଡି କଟକ ନଗର ସଭାପତି ମଧୁସୂଦନ ସାହୁ, କଂଗ୍ରେସ ନେତା ସୁରେଶ ମହାପାତ୍ର, ସିପିଆଇ ନେତା ଅମରେନ୍ଦୁ ମହାନ୍ତି, ଭାଜପା ନେତା ଲଲାଟେନ୍ଦୁ ବଡୁ ଓ ସିପିଆଇ(ଏମ) ନେତା ବଦ୍ରିନାରାୟଣ ଦାସ ଯୋଗ ଦେଇଥିଲେ। କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ ୨୦୨୪ ବର୍ଷର ଆୟ-ବ୍ୟୟ ହିସାବ ଉପସ୍ଥାପନ କରିବା ସହ ଚଳିତବର୍ଷ ଦୁର୍ଗାପୂଜା ସମ୍ପର୍କିତ ପ୍ରସ୍ତାବର

**କଟକ ମହାନଗର ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣି ପ୍ରସ୍ତୁତି ମହାସଭା**

- ସେପ୍ଟେମ୍ବର ୨୮ରୁ ମହାଷଷ୍ଠୀ ଓ ଅକ୍ଟୋବର ୩ରେ ଭସାଣି
- ଜୋର ଜବରଦସ୍ତି ଚାନ୍ଦା ଆଦାୟକୁ ବିରୋଧ

ମୁଖ୍ୟାଂଶଗୁଡ଼ିକ ଆଗତ କରିଥିଲେ। ସେଥିମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଶୋଭାଯାତ୍ରା ନିମନ୍ତେ ରାତ୍ର ୧୨ଟା ପର୍ଯ୍ୟନ୍ତ ମାଇକ୍ ବଜାଇବା ପାଇଁ ଅନୁମତି ପ୍ରଦାନ, ପୂର୍ବବର୍ଷଗୁଡ଼ିକ ଭଳି ସ୍ଥିରୀକୃତ ହୋଇଥିବା ମେଢ଼ ଯାତାୟାତ ପଦ୍ଧତିକୁ ଅନୁପାଳନ, ଚାନ୍ଦିନୀଚୌକର ପରମ୍ପରା ମେଳଣରେ ଯୋଗ ଦେବାକୁ ଅନୁମତି ପ୍ରଦାନ କରିବାକୁ କହିଥିଲେ। ସେହିପରି ଷଷ୍ଠୀଠାରୁ ଦ୍ୱାଦଶୀ ପର୍ଯ୍ୟନ୍ତ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ, ରିହାତି ମୂଲ୍ୟରେ ମଣ୍ଡପଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ, ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ପୋଲିସ କଣ୍ଟ୍ରୋଲ ରୁମ୍, ଦେବୀଗଡ଼ା ରାସ୍ତାର ମରାମତି ବା ପୁନଃନିର୍ମାଣ କରିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା, ସମଗ୍ର ଅଞ୍ଚଳକୁ ଆଲୋକୀକରଣ ସହ ମୂର୍ତ୍ତି ବିସର୍ଜନ ନିମନ୍ତେ ୪/୫ଟି ଜଳପୂର୍ଣ୍ଣ କଂକ୍ରିଟ୍ କୃତ୍ରିମ ପୋଖରୀ ନିର୍ମାଣ, ମେଢ଼ ଯାତାୟାତବେଳେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଡାଳ କାଟିବା ସହ କେବୁଲ, ବିଭିନ୍ନ ପୂଜା କମିଟି ପକ୍ଷରୁ କରାଯାଉଥିବା ତୋରଣ ଓ ସାଂସ୍କୃତିକ ମଣ୍ଡପଗୁଡିକର ଶୁଳ୍କ ସମ୍ପୂର୍ଣ୍ଣଭାବେ ଛାଡ଼ କରିବାକୁ ରାଜ୍ୟ ସରକାର ଓ ମହାନଗର ନିଗମକୁ ନିବେଦନ କରାଯାଇଛି । ବିଶେଷଭାବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ତୋରଣ ଓ ଆଲୋକ ସଜ୍ଜା କରିବା ଏବଂ ଜୋର-ଜବରଦସ୍ତି ଚାନ୍ଦା ଆଦାୟ ନ କରିବାକୁ ପୂଜା କମିଟିଗୁଡ଼ିକୁ ନିବେଦନ କରାଯାଇଛି। ଏହି ପ୍ରସ୍ତାବଗୁଡ଼ିକୁ ସର୍ବସମ୍ମତକ୍ରମେ ଗୃହୀତ କରାଯାଇଥିଲା। ମହାସଭାରେ ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ଦେବାଶିଷ ରାୟ, ନରେଶ ସାହୁ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଧରଣୀଧର ନାୟକ, ଶିବେନ୍ଦ୍ର ହାତୀ, ଗୌତମ ପରିଡା, ତାପସ ପ୍ରହରାଜ, ଶ୍ରୀମନ୍ତ ଦାସଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ମଣିସାହୁ ଛକ ପୂଜା କମିଟି ସମ୍ପାଦକ ରାକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨୧୨ ୟୁନିଟ୍ ରକ୍ତ ସଂଗୃହୀତ

ମଙ୍ଗୁଳି-ଜଗତପୁର,୨୪।୮(ମାନସ ସାମଲ)

**ଟେଟ୍ରାହେଡ୍ରନ୍ ପକ୍ଷରୁ ରକ୍ତଦାନ ଶିବିର**

କଟକ ଜିଲା ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ନିୟୁ କ୍ୟାମ୍ପସ ପରିସରରେ ଆୟୋଜିତ ଶିବିରକୁ ଅନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ତ୍ରିଦେବ ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମରିବା ପୂର୍ବରୁ ସମାଜ ପାଇଁ କିଛି କରିକି ଯିବା। ସେଥିପାଇଁ ସ୍ୱାର୍ଥପର ନ ହୋଇ ନିଃସ୍ୱାର୍ଥପରଭାବେ ସମାଜ ଓ ଦେଶ ପାଇଁ କିଛି କରିବାକୁ କହିଥିଲେ। ଶିବିରରୁ ମୋଟ ୧,୨୧୨ ୟୁନିଟ୍ ରକ୍ତ ସଂଗୃହୀତ ହେବା ପରେ ଏହା ବେଶ୍ ଚର୍ଚ୍ଚାକୁ ଆସିଛି। ଅଧକ୍ଷଙ୍କ ସ୍ତ୍ରୀ ତଥା ରେଡକ୍ରସର ଜିଲା ସଂଯୋଜିକା ଡା. ସସ୍ମିତା ପଟ୍ଟନାୟକ ଓ ଶିକ୍ଷାବିତ୍ ତାପସ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିବାବେଳେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପିକାଅଧ୍ୟାପକ, ସୁପରଭାଇଜର, ସ୍ଥାନୀୟ ସରପଞ୍ଚ ଓ ସାମାଜିକକର୍ମୀଙ୍କ ସମେତ ସମସ୍ତ କର୍ମଚାରୀ ଶିବିରରେ ସାମିଲ ହୋଇ ରକ୍ତଦାନ କରିଥିଲେ।



ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ନିୟୁ କ୍ୟାମ୍ପସ ପରିସରରେ ଆୟୋଜିତ ରକ୍ତଦାନ ଶିବିର।

# 'ଚାକିରି ଅନ୍ୱେଷୀ ନ ହୋଇ ନିଯୁକ୍ତି ସୁଯୋଗ ସୃଷ୍ଟି କର'



ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପଲିଟେକ୍‌ନିକରେ ବିଶ୍ୱ ଉଦ୍ୟମିତା ଦିବସ ପାଳନ ଅବସରରେ ଆୟୋଜିତ ଆଲୋଚନାଚକ୍ର।

କଟକ,୨୪।୮(କାର୍ତ୍ତିକ ସାହୁ)

**ଡ୍ରିମ୍‌ସ ପଲିଟେକ୍‌ନିକରେ ବିଶ୍ୱ ଉଦ୍ୟମିତା ଦିବସ'**

ଶିକ୍ଷା ସମାପ୍ତି ପରେ ଛାତ୍ରୀଛାତ୍ର ଚାକିରି ଆଶାୟୀ ହେବା ପରିବର୍ତ୍ତେ ନିଜେ ଉଦ୍ୟୋଗ ସ୍ଥାପନ କରି ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦରକାର। ଏଥିପାଇଁ ସରକାର ସମସ୍ତ ସହାୟତା ଓ ପରାମର୍ଶ ଯୋଗାଇ ଦେବାର ବ୍ୟବସ୍ଥା ରହିଛି ବୋଲି କଟକ ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ମନୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି। ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପଲିଟେକ୍‌ନିକରେ ବିଶ୍ୱ ଉଦ୍ୟମିତା ଦିବସ ପାଳନ ଅବସରରେ ଏଣ୍ଟରପ୍ରିନିୟରଶିପ୍ ଡେଭଲପମେଣ୍ଟ ସେଲ ଓ ଇନଷ୍ଟିଚ୍ୟୁଶନ୍ ଇନୋଭେଶନ୍ କାଉନ୍‌ସିଲ ସହଯୋଗରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମହାପାତ୍ର ଯୋଗଦେଇ ରାଜ୍ୟରେ ଯୁବ ଉଦ୍ୟୋଗୀଙ୍କ ପାଇଁ ଶିଳ୍ପ ପ୍ରତିଷ୍ଠାର ସୁବର୍ଣ୍ଣ ସୁଯୋଗ ରହିଥିବାବେଳେ ସେମାନେ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଏଭଳି ଆଲୋଚନାଚକ୍ର ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷା ଡ. ତପସ୍ୱିନୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଏକାଡେମିକ୍ ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି ମାର୍ଗଦର୍ଶନ କରିଥିଲେ। ଇଡି ସେଲ୍ ସଂଯୋଜକ ଅଧ୍ୟାପକ ଶୁଭକାମ ହୋତା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ୫ମ ସେମିଷ୍ଟର ଛାତ୍ରୀ ସ୍ନେହାଶ୍ରୀ ଜେନା କାର୍ଯ୍ୟକ୍ରମ ସଂଯୋଜନା ଓ ୩ୟ ସେମିଷ୍ଟର ଛାତ୍ର ଓମ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ।

**ସାମାଜିକ ଗଣମାଧ୍ୟମରେ ଫଟୋ ଭାଇରାଲ**

# ବିଦ୍ୟାଳୟରେ ଆଣ୍ଠେଇଲେ ପିଲା



ଆଣ୍ଠେଇବା ବେଳର ଦୃଶ୍ୟ।

କଟକ ସଦର,୨୪।୮(ସୁଶାନ୍ତ କୁମାର ଜେନା): ବିଦ୍ୟାଳୟକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। ହେଲେ ୪୨ମୌଜା ଅନ୍ତର୍ଗତ ଏକ ଉଚ୍ଚ ବିଦ୍ୟାଳୟର ପ୍ରାର୍ଥନା କ୍ଲାସ୍‌ରେ ପିଲାମାନେ ଆଣ୍ଠେଇ ଥିବାର ଏକ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ରବିବାର ଭାଇରାଲ୍ ହେବାରେ ଲାଗିଛି। ବିଦ୍ୟାଳୟ ପରିସରରେ ଅନେକ ପିଲା ଆଣ୍ଠେଇଥିବାବେଳେ ନିକଟରେ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିବା ମଧ୍ୟ ଦେଖିବାକୁ ମିଳିଛି। ଏହି ଫଟୋଟି ଶନିବାରର ହୋଇଥିବା କୁହାଯାଉଥିବାବେଳେ କାହିଁକି ଏକ ସଙ୍ଗରେ ଏତେ ପିଲା ଆଣ୍ଠେଇଲେ ସେନେଇ ସମ୍ପୃକ୍ତ ବିଦ୍ୟାଳୟ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସର୍ବସମ୍ମୁଖରେ ପିଲାଙ୍କୁ ଆଣ୍ଠେଇ ଅପମାନିତ କରିବା ଘଟଣାକୁ ଅଭିଭାବକ ମହଲରେ ନିନ୍ଦା କରାଯାଇଛି।




# ମୂର୍ତ୍ତି ଗଢ଼ିବାରେ ନିମଗ୍ନ ମନୋରମା

କଟକ,୨୪।୮(ଶିଳ୍ପା ପ୍ରିୟଦର୍ଶିନୀ)

ଦୁଇଦିନ ପରେ ଆରମ୍ଭ ହେବ ପାର୍ବଣ। ଗଣେଶ ପୂଜାଠାରୁ ଏହି ପାର୍ବଣ ଋତୁ ଆରମ୍ଭ ହେବାକୁ ଥିବାବେଳେ ଗଣେଶ ମୂର୍ତ୍ତିଠାରୁ ଆରମ୍ଭ କରି ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ ରହିଛନ୍ତି କାରିଗର। ସହରର ବିଶେଷ କରି ଶିଳ୍ପୀ କୁମ୍ଭାରସାହିର କାରିଗରମାନେ ମୂର୍ତ୍ତି ଗଢ଼ାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାନ୍ତି। ଏହି ସାହିର ପ୍ରତ୍ୟେକଙ୍କ ଘରେ ମୂର୍ତ୍ତି ନିର୍ମାଣ କରାଯାଇଥାଏ। ସେମାନଙ୍କ କୁଳବେଉସା ହେଉଛି ମୂର୍ତ୍ତି ଗଢ଼ିବା। ଆଉ ଏହି କୁଳବେଉସାକୁ ବଞ୍ଚାଇ ରଖିବାକୁ ପ୍ରତ୍ୟେକ କାରିଗର ଉଦ୍ୟମ କରି ଆସୁଛନ୍ତି। ଏହି ପ୍ରୟାସରେ କଟକର ମନୋରମା ମିଶ୍ର(୪୮)। ଶିଳ୍ପୀ କୁମ୍ଭାର ସାହିର ସ୍ୱର୍ଗତ ବିଜୟ ମିଶ୍ରଙ୍କ ସ୍ତ୍ରୀ ମନୋରମା ଜଣେ ଗୃହିଣୀ ସହ ମୂର୍ତ୍ତି ତିଆରି କାମ କରୁଛନ୍ତି। ଗଣେଶ ପୂଜାକୁ ଦୃଷ୍ଟିରେ ରଖି ପ୍ରାୟ ୩ମାସ ହେବ ମୂର୍ତ୍ତି ତିଆରିରେ ଲାଗି ପଡ଼ିଛନ୍ତି। କଟକ ସମେତ ଭୁବନେଶ୍ୱର, ଢେଙ୍କାନାଳ,



**କୁଳବେଉସା ବଞ୍ଚାଇବାର ପ୍ରୟାସ ଜାରି**

ବରଗଡ଼, ବଲାଙ୍ଗୀରରୁ ମୂର୍ତ୍ତି ପାଇଁ ତାଙ୍କ ନିକଟକୁ ଅର୍ଡର ଆସିଛି। ମୂର୍ତ୍ତିର ଦାମ୍ ୧୦୦ ଟଙ୍କାରୁ ଆରମ୍ଭ କରି ୭୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ମୂର୍ତ୍ତି ବିକ୍ରିରୁ ଯାହା ରୋଜଗାର ହୋଇଥାଏ ସେଥିରେ ମନୋରମା ନିଜ ପରିବାରର ଗୁଜୁରାଣ ମେଣ୍ଟାଇଥାନ୍ତି। ଏନେଇ ମନୋରମା କହିଛନ୍ତି, କଟକରେ ଶିଳ୍ପୀ କୁମ୍ଭାର ସାହି ମୂର୍ତ୍ତି କାମ ପାଇଁ ଖୁବ୍ ପ୍ରସିଦ୍ଧ। କୁଳବେଉସାକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିଛି। ଆଜିକୁ ୨୨ବର୍ଷ ହେବ ମୂର୍ତ୍ତି ନିଜ ହାତରେ ଗଢୁଛି। ଏଥିରେ ମୋ ଝିଅ ଓ ପୁଅ ମୋତେ ସହଯୋଗ କରିଥାନ୍ତି। ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଏହି କାର୍ଯ୍ୟ ବଜାୟ ରଖିବି ବୋଲି ମନୋରମା କହିଛନ୍ତି।



❝ ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। **-ଶ୍ରୀଅରବିନ୍ଦ**



# ପ୍ରତିଶୋଧ ଆଇନ

ଗଣତନ୍ତ୍ରରେ କେହି ସ୍ଥାୟୀ ନୁହନ୍ତି। ଦୀର୍ଘ ଶାସନ ବି ଅନେକଙ୍କ ପାଇଁ କାଳ ହୋଇଛି। ତେଣୁ ଯେଉଁମାନେ କ୍ଷମତାରେ ବସିଗଲା ପରେ ଭାବିନିଅନ୍ତି ଯେ ଚୌକିଟା ସେମାନଙ୍କ ପାଇଁ ଆଜୀବନ ରହିଯିବ, ତାହା ବାରମ୍ବାର ଭୁଲ୍ ପ୍ରମାଣିତ ହେବାରେ ଲାଗିଛି। କେନ୍ଦ୍ରରେ ଶାସନ କରୁଥିବା ଭାଜପା ସରକାର ନିକଟରେ ଲୋକ ସଭାରେ ଆଣିଥିବା ୩ ବିଲ୍‌କୁ ନେଇ ଏବେ ବିବାଦ ଦେଖାଦେଇଛି। ଦେଶର ପ୍ରଧାନମନ୍ତ୍ରୀ, କୌଣସି ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ କିମ୍ବା କେନ୍ଦ୍ର/ରାଜ୍ୟର ମନ୍ତ୍ରୀମାନେ ଗମ୍ଭୀର ଅପରାଧିକ ମାମଲାରେ ୩୦ ଦିନ ପାଇଁ ଗିରଫ ହେଲେ ସେମାନେ ୩୧ ଦିନରେ ପଦରୁ ଆପେ ଆପେ ହଟିଯିବେ ବୋଲି ଉକ୍ତ ବିଲ୍‌ରେ ଦର୍ଶାଯାଇଛି। ସରକାରଙ୍କ ଦ୍ୱାରା ଆଗତ ଉକ୍ତ ପ୍ରସ୍ତାବିତ ଆଇନକୁ ବିରୋଧୀ ତୀବ୍ର ବିରୋଧ କରିବା ସହ ଏ ସମ୍ବନ୍ଧୀୟ କାଗଜକୁ ଚିରି ଫିଙ୍ଗିଥିବା ଦେଖିବାକୁ ମିଳିଛି।

ପ୍ରସ୍ତାବିତ ଆଇନର ସ୍ୱରୂପକୁ ଦେଖିଲେ ସାଧାରଣ ଲୋକ ଭାବିପାରନ୍ତି ଯେ, ଏହାଦ୍ୱାରା ରାଜନୀତି ଅପରାଧମୁକ୍ତ ହେବ ଓ ଦୁର୍ନୀତି ହ୍ରାସ ପାଇଯିବ। କିନ୍ତୁ ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଅନେକ ରାଜନେତା ପରବର୍ତ୍ତୀ ସମୟରେ ଦୋଷୀ ସାବ୍ୟସ୍ତ ହୋଇ ନ ଥାନ୍ତି। ଏହାର ଅର୍ଥ ହେଲା ବହୁ ସମୟରେ ରାଜନୈତିକ ଉଦ୍ଦେଶ୍ୟ ରଖି ସରକାରୀ ଦଳ ବିରୋଧୀଙ୍କୁ ଟାର୍ଗେଟ କରିଥାଆନ୍ତି। କେନ୍ଦ୍ରରେ ଶାସନ କରୁଥିବା ଦଳ ରାଜ୍ୟରେ ଥିବା ବିପକ୍ଷ ଦଳର ମନ୍ତ୍ରୀ ବା ନେତାଙ୍କୁ ଜେଲରେ ପଶେଇବା ପାଇଁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଲଗାଇ ଦେଇଥାଆନ୍ତି। ନିକଟ ଅତୀତର ଉଦାହରଣ ଦେଖିଲେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଝାଡ଼ଖଣ୍ଡର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ନିଆଯାଇପାରେ। ନିର୍ବାଚନ ପୂର୍ବରୁ ସେମାନଙ୍କୁ ଜେଲରେ ରଖିବାରେ କେନ୍ଦ୍ର ସକ୍ଷମ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରି ନାହିଁ। ସେହିପରି ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ ଜୟଲଲିଥାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ତାଙ୍କ ମୃତ୍ୟୁ ପରେ ମଧ୍ୟ ସିଦ୍ଧ ହୋଇପାରି ନାହିଁ। ଅନୁରୂପ ଭାବେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ାଙ୍କୁ ଅନେକ ଶହ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇ ଜେଲ ପଠାଯାଇଥିଲା। ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ଗୋଟିଏ ହେଲେ ଅଭିଯୋଗ ସାବ୍ୟସ୍ତ ହୋଇପାରି ନ ଥିବାରୁ ଆଜି ମଧ୍ୟ କୋଡ଼ା ନିର୍ଦ୍ଦୋଷ ବ୍ୟକ୍ତି ଭାବେ ଜୀବନଯାପନ କରୁଛନ୍ତି। ଯେଉଁଭଳି ଓଡ଼ିଶାର ଅନେକ ଲକ୍ଷ ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟିଥିବା ଚିଟ୍‌ଫଣ୍ଡ କମ୍ପାନୀର ମାଲିକମାନେ ଅତି ଖୁସିରେ ଓ ବଡ଼ ଗାଡ଼ିରେ ବୁଲି ପାରୁଛନ୍ତି। ଏଥିସହିତ ସମସ୍ତେ ଜାଣନ୍ତି କେନ୍ଦ୍ର ସରକାରଙ୍କ ରୋଷର ଶିକାର ହୋଇ ଟୁଲ୍‌କିଟ୍ ଘଟଣାରେ ବେଙ୍ଗାଲୁରୁର ସାମାଜିକ କର୍ମୀ ଦିଶା ରବିଙ୍କୁ କିଭଳି ଦିଲ୍ଲୀ ପୋଲିସ ଗିରଫ କରିଥିଲା।

> **ସବୁ ରାଜନୈତିକ ଦଳଙ୍କ ମାନସିକତା ଗୋଟିଏ ଜାଗାରେ ମିଶିଯାଉଛି। ଯେହେତୁ କ୍ଷମତାରେ ରହିବା ହୋଇଯାଉଛି ଏକମାତ୍ର ଲକ୍ଷ୍ୟ, ସେହେତୁ ଏଭଳି ନକାରାତ୍ମକ ଆଇନ ସୃଷ୍ଟି କରିବା ପଛରେ ଦୁଷ୍ଟ ବୁଦ୍ଧି କାର୍ଯ୍ୟ କରୁଛି। ତେଣୁ ଦୀର୍ଘ ଶାସନ କାଳରେ ଯେଉଁ ଦଳ ବା ନେତାଙ୍କୁ ଭୋଟର ସମର୍ଥନ କରିବେ ସମସ୍ତେ ଏହିଭଳି ଶାସକଙ୍କୁ ଦେଖୁଥିବେ। ଏହି ନେତାମାନେ କେବଳ ଗାଦି ବଞ୍ଚାଇବାକୁ ପ୍ରତିଶୋଧପରାୟଣ ପାଲଟୁଥିବେ। ବାକି ଦେଶ ଯୁଆଡ଼େ ଯାଉଛି ଯାଉ।**

ଅଦ୍ୟାବଧି ତାଙ୍କ ବିରୋଧରେ ଦୋଷ ପ୍ରମାଣିତ ହୋଇପାରି ନାହିଁ। ତେଣୁ କେନ୍ଦ୍ର ପକ୍ଷରୁ ଅଣାଯାଇଥିବା ପ୍ରସ୍ତାବିତ ଆଇନ ଭବିଷ୍ୟତରେ କାର୍ଯ୍ୟକ୍ଷମ ହେଲେ ସେଥିରୁ କେବଳ ଶାସକ ଦଳର ସୁବିଧା ହେବ। ଏହି ସ୍ତମ୍ଭର ଆରମ୍ଭରେ ଯାହା ଲେଖିଛୁ ତାହାକୁ ପୁନର୍ବାର ଏଠାରେ ଦୋହରାଉଛୁ । ଶାସକ ଦଳ ବୋଇଲେ ଯେଉଁ ସମୟରେ ଯିଏ। ଆଜି ମୋଦି ପ୍ରଧାନମନ୍ତ୍ରୀ ଓ ଭାଜପା ଶାସନ କରୁଛି। ଆମରି ଜୀବନକାଳରେ ଓ ଖୁବ୍‌ଶୀଘ୍ର ସମସ୍ତେ ଦେଖିବେ ଏଥିରେ ପରିବର୍ତ୍ତନ ଆସିଯିବ। ଭାଜପାର ଲୋକପ୍ରିୟତା ଅନେକ ରାଜ୍ୟରେ ବଜାୟ ରହିବ। ସେଠାରେ ଥିବା ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ରରେ ଶାସନ କରୁଥିବା ଅନ୍ୟ ଦଳ ଏହି ଆଇନକୁ ନେଇ ହଇରାଣ କରିବା ସହିତ ୩୦ ଦିନ ପାଇଁ ଜେଲ୍ ପଠାଇଦେବ। ନିକଟ ଅତୀତରେ ମହାରାଷ୍ଟ୍ରର ଅଜିତ ପାୱାର ତାଙ୍କର ଦୁର୍ନୀତି ମାମଲାରୁ ବଞ୍ଚିବା ପାଇଁ ଭାଜପା ସହିତ ହାତ ମିଳାଇବା ପରେ ଧୋବଫରଫର ହୋଇ ଧୋବା ଘାଟରୁ ଫେରିଲେ। ଭବିଷ୍ୟତରେ ଅନ୍ୟ ଦଳର ସରକାର କେନ୍ଦ୍ରରେ ଶାସନ କରୁଥିବା ବେଳେ ସମ୍ଭବତଃ ଅନେକ ଭାଜପା ମୁଖ୍ୟମନ୍ତ୍ରୀ ଓ ରାଜନେତା ଦଳବଦଳ କରିପାରନ୍ତି। ଯେଉଁ ମନ୍ଦ ଉଦ୍ଦେଶ୍ୟ ରଖାଯାଇ ପ୍ରଥା ସୃଷ୍ଟି କରାଯିବ, ତାହା ଭବିଷ୍ୟତରେ ବିକଟାଳ ରୂପ ଧାରଣ କରିବା ଏକପ୍ରକାର ନିଶ୍ଚିତ। କଂଗ୍ରେସ ସମୟରେ ଉଗ୍ରବାଦ ବିରୋଧରେ ଆତଙ୍କବାଦ ନିରୋଧୀ ଆଇନ (ପ୍ରିଭେନ୍‌ଶନ ଅଫ୍ ଟେରୋରିଜମ୍ ଆକ୍ଟ ବା ପୋଟା) ଜନ୍ମ ନେଇଥିଲା। ତାହାକୁ କଂଗ୍ରେସ ସରକାର ବ୍ୟବହାର କରି ଜନସାଧାରଣଙ୍କୁ ଧମକାଇବାରେ ବ୍ୟବହାର କରିଥିଲା। ସେହି ଆଇନକୁ ପରିବର୍ତ୍ତନ କରି ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ଅନ୍‌ଲଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନ୍‌ଶନ୍ ଆକ୍ଟ ବା ୟୁଏପିଏ) ମାଧ୍ୟମରେ ଭାଜପା ଏବେ ସେହି କଂଗ୍ରେସ ନେତାମାନଙ୍କୁ ଜେଲକୁ ପଠାଉଛି।

ଏଭଳି ପ୍ରତିହିଂସାପରାୟଣ ମନୋବୃତ୍ତି ନେଇ ଯେତେ ଆଇନ ସୃଷ୍ଟି ହେଉଛି ସେଗୁଡ଼ିକ ଜନସାଧାରଣଙ୍କ ସେବାରେ କିମ୍ବା ଦେଶର ମଙ୍ଗଳରେ ବ୍ୟବହୃତ ହେବା ପରିବର୍ତ୍ତେ କେବଳ ରାଜନୈତିକ ବିରୋଧୀଙ୍କୁ ଘାଣ୍ଟିବାରେ କାମ କରୁଛି। ଏଥିରୁ ପ୍ରମାଣ ମିଳୁଛି ଯେ, ସବୁ ରାଜନୈତିକ ଦଳଙ୍କ ମାନସିକତା ଗୋଟିଏ ଜାଗାରେ ମିଶିଯାଉଛି। ଯେହେତୁ କ୍ଷମତାରେ ରହିବା ହୋଇଯାଉଛି ଏକମାତ୍ର ଲକ୍ଷ୍ୟ, ସେହେତୁ ଏଭଳି ନକାରାତ୍ମକ ଆଇନ ସୃଷ୍ଟି କରିବା ପଛରେ ଦୁଷ୍ଟ ବୁଦ୍ଧି କାର୍ଯ୍ୟ କରୁଛି। ତେଣୁ ଦୀର୍ଘ ଶାସନ କାଳରେ ଯେଉଁ ଦଳ ବା ନେତାଙ୍କୁ ଭୋଟର ସମର୍ଥନ କରିବେ ସମସ୍ତେ ଏହିଭଳି ଶାସକଙ୍କୁ ଦେଖୁଥିବେ। ଏହି ନେତାମାନେ କେବଳ ଗାଦି ବଞ୍ଚାଇବାକୁ ପ୍ରତିଶୋଧପରାୟଣ ପାଲଟୁଥିବେ। ବାକି ଦେଶ ଯୁଆଡ଼େ ଯାଉଛି ଯାଉ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 2 | | | 7 |
| | 8 | | 9 | | | | 1 | |
| | | 3 | | | 8 | | | |
| 3 | | 2 | 4 | | | | | 6 |
| | | 9 | 6 | | | | | |
| | 5 | | | | | | 7 | 3 |
| 5 | | 1 | | | | 9 | 3 | |
| | | | | 2 | | 7 | | 8 |
| 6 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 8 | 1 | 3 | 5 | 7 | 9 | 4 |
| 7 | 3 | 5 | 4 | 9 | 6 | 1 | 8 | 2 |
| 1 | 4 | 9 | 7 | 8 | 2 | 3 | 6 | 5 |
| 8 | 5 | 7 | 2 | 1 | 4 | 6 | 3 | 9 |
| 6 | 9 | 1 | 8 | 5 | 3 | 4 | 2 | 7 |
| 4 | 2 | 3 | 6 | 7 | 9 | 8 | 5 | 1 |
| 9 | 8 | 6 | 5 | 4 | 1 | 2 | 7 | 3 |
| 3 | 1 | 2 | 9 | 6 | 7 | 5 | 4 | 8 |
| 5 | 7 | 4 | 3 | 2 | 8 | 9 | 1 | 6 |

ଗତକାଲିର ଉତ୍ତର

# ଶୁଳ୍କ ଯୁଦ୍ଧ




ଡ. ରଜନୀକାନ୍ତ ଖୁଣ୍ଟିଆ

ଗୋଟିଏ ମୂଷା ଓ ବେଙ୍ଗ ପୋଖରୀରେ ରହୁଥିଲେ। ଯଦିଓ ଭିନ୍ନ, ସେମାନେ ଭଲ ବନ୍ଧୁ ଥିଲେ, ସେମାନେ ପରସ୍ପର କଥାବାର୍ତ୍ତା କରୁଥିଲେ, ଖାଦ୍ୟ ବାଣ୍ଟୁଥିଲେ ଏବଂ ଦେଖାଶୁଣା କରୁଥିଲେ। ଦିନେ ବେଙ୍ଗର ଏକ ସ୍ୱାର୍ଥପର ଧାରଣା ଆସିଲା। ସବୁବେଳେ ମୂଷା ପାଖରେ ରହିବା ମଜାଦାର ଓ ଫଳପ୍ରଦ ହେବ ବୋଲି ଭାବି ସେ ଏକ ସୂତାର ଗୋଟିଏ ପାର୍ଶ୍ୱକୁ ନିଜ ଗୋଡ଼ରେ ଏବଂ ଅନ୍ୟ ପାର୍ଶ୍ୱକୁ ମୂଷାର ଗୋଡ଼ରେ ବାନ୍ଧିଦେଲା। ମୂଷା କିଛି ସନ୍ଦେହ କଲା ନାହିଁ- ସେ ତା' ବନ୍ଧୁକୁ ବିଶ୍ୱାସ କଲା। ପରେ ଯେତେବେଳେ ବେଙ୍ଗ ପୋଖରୀରେ ପହଁରୁଥିଲା, ମୂଷାକୁ ଖାଦ୍ୟ ଖୋଜିବା ପାଇଁ କୂଳ ଦେଇ ଚାଲିବାକୁ ପଡ଼ିଲା। କିନ୍ତୁ ବେଙ୍ଗର ଗତି ମୂଷାର ଗୋଡ଼କୁ ଟାଣି ନେଇଥିଲା, ଯାହା ଫଳରେ ସେ ଝୁଣ୍ଟି ପଡ଼ିଲା ଏବଂ ଚିତ୍କାର କଲା। ଉପରେ ଉଡୁଥିବା ଏକ ବାଜ ଚିତ୍କାର ଶୁଣିଲା, ମୂଷାକୁ ଦେଖିଲା ଏବଂ ତଳକୁ ଝାମ୍ପି ଦେଲା। ଗୋଟିଏ ମୁହୂର୍ତ୍ତରେ ବାଜ ମୂଷାକୁ ଧରିଲା, କିନ୍ତୁ ଯେହେତୁ ମୂଷା ବେଙ୍ଗ ସହିତ ବନ୍ଧା ହୋଇଥିଲା, ସେ ଉଭୟଙ୍କୁ ଆକାଶକୁ ଉଠାଇନେଲା। ବେଙ୍ଗ, ଯିଏ ତା'ର ବନ୍ଧୁର ସ୍ୱାଧୀନତାକୁ ବିଶ୍ୱାସଘାତ କରିଥିଲା, ଏବେ ତା'ର ବିଶ୍ୱାସଘାତର ଶିକାର ନିଜେ ହେଲା। ବ୍ୟକ୍ତିଗତ ଲାଭ ପାଇଁ ବନ୍ଧୁଙ୍କୁ ବିଶ୍ୱାସଘାତ କରିବା ବିଶ୍ୱାସ ଏବଂ ସୁରକ୍ଷା ଉଭୟକୁ ନଷ୍ଟ କରିପାରେ ଓ ଶେଷରେ କ୍ଷତି ପ୍ରାୟତଃ ବିଶ୍ୱାସଘାତକଙ୍କ ପାଖକୁ ଫେରିଆସେ। ଏହା କାହାଣୀଟିଏ ହୋଇପାରେ, କିନ୍ତୁ ଏହି ଗୋଲାକାର ଦୁନିଆରେ ସ୍ୱାର୍ଥପରତା ଓ ବିଶ୍ୱାସଘାତକତା କେବେନା କେବେ ନିଜସ୍ୱ ଓ ସମୂହ କ୍ଷତି ସାଧନ କରିଥାଏ।

ଏହି କ୍ରମରେ ଆଜିର ପ୍ରସଙ୍ଗଟି ଉପରୋକ୍ତ ଗଳ୍ପ ସହିତ ବେଶ୍ ମେଳଖାଏ। ଏକ ନାଟକୀୟ ପଦକ୍ଷେପ ଭାବରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ସପ୍ତାହରୁ ଭାରତୀୟ ଆମଦାନୀ ଉପରେ ୫୦% ଶୁଳ୍କ ଲାଗୁ କରିଛନ୍ତି। ଆମେରିକା ଓ ଭାରତ ଦୀର୍ଘ ସମୟ ଧରି ନିଜକୁ 'ରଣନୈତିକ ଅଂଶୀଦାର' ଭାବରେ ବର୍ଣ୍ଣନା କରିଆସୁଛନ୍ତି। ତଥାପି ଟ୍ରମ୍ପ୍‌ଙ୍କ ହଠାତ୍ ଉଚ୍ଚ ଶୁଳ୍କ ଉଭୟ ଦେଶର ସହଭାଗିତାର ଭାବନାକୁ ଉଲ୍ଲଂଘନ କରିଛି। ଆମେରିକାର ଲାଭ ପାଇଁ ଭାରତ ଉପରେ ଚାପ ପକାଇବା ଲାଗି ଉଦ୍ଦିଷ୍ଟ ଏହି ପଦକ୍ଷେପ, ଆମେରିକାର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବାର ମଧ୍ୟ ଆଶଙ୍କା ସୃଷ୍ଟି କରିଛି। ଯେପରି ବେଙ୍ଗର ବିଶ୍ୱାସଘାତକତା ବେଙ୍ଗ ଓ ମୂଷା ଉଭୟଙ୍କୁ ଦୁର୍ବଳ କରିଦେଇଛି, ସେହିପରି ଲାଭ ହାସଲ କରିବା ପାଇଁ ଉଦ୍ଦିଷ୍ଟ ଶୁଳ୍କ ଉଭୟ ଅର୍ଥନୀତିକୁ କ୍ଷତି ପହଞ୍ଚାଇପାରେ ଏବଂ ବହୁଦିନର ବିଶ୍ୱାସ ଓ ସୁସମ୍ପର୍କକୁ ମଧ୍ୟ କ୍ଷତି ପହଞ୍ଚିବ।

ଭାରତୀୟ ରପ୍ତାନି ଉପରେ ଅଧିକ ଶୁଳ୍କ ଲାଗୁ କରିବା, ଆମେରିକାର ବାଣିଜ୍ୟ, ଭୂରାଜନୈତିକ ଏବଂ ରଣନୈତିକ ଚିନ୍ତାର ମିଶ୍ରଣକୁ ଉଲ୍ଲେଖ କରେ। ଏହି ପଦକ୍ଷେପ ପଛରେ ଏକ ପ୍ରମୁଖ କାରଣ ହେଉଛି ଦୁଇ ଦେଶ ମଧ୍ୟରେ ବଢୁଥିବା ବାଣିଜ୍ୟ ଅସନ୍ତୁଳନ। ଭାରତ ୨୦୨୪ରେ ଆମେରିକାକୁ ୮୭ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା, ଯେତେବେଳେ ଆମଦାନୀ ଯଥେଷ୍ଟ କମ ଥିଲା, ଯାହାକୁ ଟ୍ରମ୍ପ୍ ଆମେରିକୀୟ ଶିଳ୍ପ ପାଇଁ ଅନୁଚିତ ଏବଂ କ୍ଷତିକାରକ ବୋଲି ବିଚାର କରନ୍ତି। ସେ ଯୁକ୍ତି କରନ୍ତି ଯେ, ଭାରତ ଆମେରିକୀୟ ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଏବଂ ଅଣ-ଶୁଳ୍କ ପ୍ରତିବନ୍ଧକ ବଜାୟ ରଖିଛି, ଯାହା ଆମେରିକୀୟ ବ୍ୟବସାୟ ପାଇଁ ଭାରତୀୟ ବଜାରରେ ପ୍ରବେଶ କରିବା କଷ୍ଟକର । ଶୁଳ୍କ ବୃଦ୍ଧିକୁ ପ୍ରୋତ୍ସାହିତ କରୁଥିବା ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଭାରତ ଦ୍ୱାରା ରୁଷୀୟ ଅଶୋଧିତ ତୈଳର ନିରନ୍ତର ଆମଦାନୀ, ଯାହା ରୁଷ ବିରୋଧରେ ଆମେରିକା ନେତୃତ୍ୱରେ ଲାଗୁ ହୋଇଥିବା ପ୍ରତିବନ୍ଧକକୁ ଦୁର୍ବଳ କରେ। ଭାରତ ପ୍ରତିଦିନ ୨୦ ଲକ୍ଷ ବ୍ୟାରେଲ ପର୍ଯ୍ୟନ୍ତ ରୁଷୀୟ ତେଲ ରିହାତିହାରରେ କିଣୁଛି, ଏହାକୁ ଘରୋଇ ଭାବରେ ବିଶୋଧନ କରୁଛି ଏବଂ ତା'ପରେ ପ୍ରସ୍ତୁତ ଉତ୍ପାଦ ରପ୍ତାନି କରୁଛି- ଯାହା ମଧ୍ୟରୁ କିଛି ପାଶ୍ଚାତ୍ୟ ବଜାରରେ ବିକ୍ରି ହେଉଛି। ଟ୍ରମ୍ପ୍ ଏହାକୁ କେବଳ ଆର୍ଥିକ ସୁଯୋଗବାଦ ଭାବରେ ନୁହେଁ ବରଂ ୟୁକ୍ରେନ୍ ବିବାଦ ମଧ୍ୟରେ ଏହାକୁ ବିଶେଷକରି କୂଟନୈତିକ ଅବମାନନା ଭାବରେ ମଧ୍ୟ ଦେଖନ୍ତି। ଏହା ବ୍ୟତୀତ ଚାଇନା ଏବଂ ରୁଷିଆ ସମେତ ଏକ ଭୂରାଜନୈତିକ ଗୋଷ୍ଠୀ, ବ୍ରିକ୍ସ ସହିତ ଭାରତର ଗଭୀର ସମ୍ପର୍କ ଓ ପରିବର୍ତ୍ତନଶୀଳ ବିଶ୍ୱସ୍ତରୀୟ ମେଣ୍ଟ ୱାଶିଂଟନ୍‌ରେ ଚିନ୍ତା ସୃଷ୍ଟି କରିଛି। ଟ୍ରମ୍ପ୍ ମଧ୍ୟ ଶୁଳ୍କକୁ ଜାତୀୟ ସୁରକ୍ଷା ଏବଂ ରଣନୈତିକ




ବିଶ୍ୱସ୍ତତା ସହିତ ଯୋଡ଼ିଛନ୍ତି । ଯଦି ଭାରତ ରୁଷ ସହିତ ଶକ୍ତି ଏବଂ ସାମରିକ ବାଣିଜ୍ୟ ଜାରି ରଖେ, ତେବେ ଭାରତ ଆହୁରି ସମସ୍ୟାର ସମ୍ମୁଖୀନ ହୋଇପାରେ ବୋଲି ଆମେରିକା ଚେତାବନୀ ଦେଇଛି। ଭାରତ ଏହାର ଶକ୍ତି ସୁରକ୍ଷା ଏବଂ ଦୀର୍ଘକାଳୀନ ଚୁକ୍ତିନାମାକୁ ଉଲ୍ଲେଖ କରି ଏହି ପଦକ୍ଷେପଗୁଡ଼ିକୁ ଅନୁଚିତ ବୋଲି କହିଛି। ଯଦି ପରସ୍ପର ବାଣିଜ୍ୟ ଆଲୋଚନା ମାଧ୍ୟମରେ କିଛି ପରିବର୍ତ୍ତନ ନ ହୁଏ, ତେବେ ଏହା ଭାରତର ଆମେରିକା ରପ୍ତାନିକୁ ୮୫-୮୭ ବିଲିୟନ ଡଲାରରୁ ୪୦-୪୫ ବିଲିୟନ ଡଲାର ପର୍ଯ୍ୟନ୍ତ ପ୍ରଭାବିତ କରିପାରେ, ଯାହା ବୟନଶିଳ୍ପ, ଔଷଧ, ଅଳଙ୍କାର ଏବଂ ଯନ୍ତ୍ରପାତି ଭଳି ପ୍ରମୁଖ କ୍ଷେତ୍ରକୁ ପ୍ରଭାବିତ କରିପାରେ। ତିରୁପୁର ଏବଂ ଲୁଧିଆନା ଭଳି ଶିଳ୍ପାଞ୍ଚଳଗୁଡ଼ିକ ଅର୍ଡର ବାତିଲ ଓ ନିଯୁକ୍ତି ପ୍ରତି ବିପଦ ସୃଷ୍ଟି କରିବ ଏବଂ ଭିଏତ୍‌ନାମ ବିବର୍ତ୍ତିତ ବାଣିଜ୍ୟରୁ ଲାଭ ପାଇବାର ସମ୍ଭାବନା ରହିଛି। ଆର୍ଥିକ ଦୃଷ୍ଟିରୁ, ଡଲାର ବିପକ୍ଷରେ ଟଙ୍କା ଦୁର୍ବଳ ହେବାରେ ଲାଗିଛି ଓ ଭାରତୀୟ ଶେୟାର ବଜାର ପ୍ରଭାବିତ ହୋଇଛି। ଅର୍ଥନୀତିଜ୍ଞମାନେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜି.ଡି.ପି. ଅଭିବୃଦ୍ଧିରେ ୦.୪% ପ୍ରଭାବ ପଡ଼ିବ ବୋଲି ଆକଳନ କରିଛନ୍ତି, ଯଦିଓ କିଛି ଲୋକ ଏକ ନୀରବ ଦୀର୍ଘକାଳୀନ ପ୍ରଭାବ ଆଶା କରୁଛନ୍ତି।

ଟ୍ରମ୍ପ୍‌ଙ୍କ ଶୁଳ୍କ ସାମଗ୍ରିକ ବଜାର ଉପରେ ଗଭୀର ପ୍ରଭାବ ପକାଇ ନ ପାରେ। ବରଂ ଏହା ବୟନଶିଳ୍ପ, ଔଷଧ, ଇଲେକ୍‌ଟ୍ରୋନିକ୍ସ, କୃଷି ଏବଂ ଯନ୍ତ୍ରପାତି ରପ୍ତାନି ଭଳି କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି। ଭାରତ ଏକ ରକ୍ଷଣଶୀଳ ଓ ସୁପରିଚାଳିତ ଅର୍ଥନୀତି ଏବଂ ଏହାର ଉତ୍ପାଦଗୁଡ଼ିକ ଘରୋଇ ବଜାର ଉପରେ ପ୍ରାୟ ନିର୍ଭରଶୀଳ । ତେଣୁ ଶୁଳ୍କ ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିବାର ସମ୍ଭାବନା ନାହିଁ। ଆର୍ଥିକବର୍ଷ ୨୦୨୫ ସୁଦ୍ଧା ଭାରତର ସାମଗ୍ରୀ ଏବଂ ସେବା ରପ୍ତାନି ଜିଡିପିର ୨୧ ପ୍ରତିଶତ, ଯାହାକି କିଛି ଆଶ୍ୱସ୍ତି ପ୍ରଦାନ କରେ। ଏହା ବ୍ୟତୀତ କେବଳ ସାମଗ୍ରୀ ରପ୍ତାନି ଜିଡିପିର ୧୧%ରୁ କମ୍। ଭାରତର ସାମଗ୍ରିକ ରପ୍ତାନି ନିର୍ଭରଶୀଳତା କେବଳ ତୁଳନାତ୍ମକ ଭାବରେ କମ୍ ନୁହେଁ, ବରଂ ଆମେରିକାକୁ ଏହାର ସାମଗ୍ରୀ ରପ୍ତାନି ମଧ୍ୟ ଜିଡିପିର ପ୍ରାୟ ୨%ରୁ କମ୍, ଯାହା ଅତିରିକ୍ତ ଆଶ୍ୱାସନା ପ୍ରଦାନ କରୁଛି। କିନ୍ତୁ ସବୁଠାରୁ ବଡ଼ ସମସ୍ୟା ହେଉଛି ବିଶ୍ୱ ବାଣିଜ୍ୟ ମାନ୍ଦାବସ୍ଥା, ଯାହା ରପ୍ତାନି ଏବଂ କର୍ପୋରେଟ୍ ଆୟକୁ ପ୍ରଭାବିତ କରିବ। ଭାରତୀୟ ପୁଞ୍ଜି ବଜାରକୁ ବୈଦେଶିକ ପୁଞ୍ଜି ବିନିଯୋଗ ହ୍ରାସ ଘଟିବ।

ଅନ୍ତର୍ଜାତୀୟ ସହଯୋଗ ପାଇଁ ଶୁଳ୍କ ଯୁଦ୍ଧ ଏକ ଗମ୍ଭୀର ବିପଦ, ବିଶେଷକରି ଆଜିର ବିଶ୍ୱସ୍ତରୀୟ ଅର୍ଥନୀତିରେ ଯେଉଁଠାରେ ରାଷ୍ଟ୍ରଗୁଡ଼ିକ ବାଣିଜ୍ୟ, ନିବେଶ ଏବଂ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ପରସ୍ପର ସହିତ ଜଡ଼ିତ। ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ କିମ୍ବା ରାଜନୈତିକ ଚାପ ପ୍ରୟୋଗ କରିବା ଲାଗି ଯେତେବେଳେ କୌଣସି ଦେଶ ଆମଦାନୀ ଉପରେ ଉଚ୍ଚ ଶୁଳ୍କ ଲାଗୁ କରେ, ଏହା ସାଧାରଣତଃ ପ୍ରଭାବିତ ରାଷ୍ଟ୍ରଗୁଡ଼ିକଠାରୁ ପ୍ରତିଶୋଧମୂଳକ କାର୍ଯ୍ୟ ଆରମ୍ଭ କରେ। ଏହା ବାଣିଜ୍ୟିକ ଅଂଶୀଦାରମାନଙ୍କ ମଧ୍ୟରେ ବିଶ୍ୱାସକୁ ଦୁର୍ବଳ କରେ, ବିଶ୍ୱ ବାଣିଜ୍ୟ ପ୍ରବାହକୁ ବାଧା ଦେଇପାରେ ଏବଂ ବିଶ୍ୱ ବାଣିଜ୍ୟ ସଙ୍ଗଠନ ଭଳି ପ୍ରତିଷ୍ଠାନ ମାଧ୍ୟମରେ ଦଶନ୍ଧି ଧରି ନିର୍ମିତ ବହୁପାକ୍ଷିକ ଚୁକ୍ତିନାମାକୁ ଦୁର୍ବଳ କରିପାରେ। ଜଳବାୟୁ ପରିବର୍ତ୍ତନ, ଶକ୍ତି ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ ଭଳି ଅନ୍ତର୍ଜାତୀୟ ସମସ୍ୟା ଉପରେ ଏକାଠି କାମ କରିବାର ସାମୂହିକ କ୍ଷମତାକୁ ହ୍ରାସ କରେ। ଶୁଳ୍କ ଯୁଦ୍ଧ ସେଠି ସୀମା ତିଆରି କରିପାରେ, ଯେଉଁଠି ପୂର୍ବରୁ ବନ୍ଧୁତାର ସେତୁ ଥିଲା । ଶୁଳ୍କ ବଜାରକୁ ସୁରକ୍ଷିତ କରିପାରେ, କିନ୍ତୁ ଦୀର୍ଘଦିନର ସମ୍ପର୍କକୁ ଯେ ବିଗାଡ଼ି ଦେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ସହକାରୀ ପ୍ରଫେସର,
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ: ୯୯୩୭୨୮୫୬୭୨**

# ଏକ ସୁଖଦ ଯାତ୍ରା



ଅନୀତା ପଟ୍ଟନାୟକ

ଅରବିନ୍ଦ ଓ ନନ୍ଦିନୀ ନାମକ ଦୁଇ ଭାଇଭଉଣୀ ଥିଲେ। ସେମାନେ ବାହାରକୁ ବୁଲିଯିବାକୁ ଭାରି ଭଲ ପାଉଥିଲେ। ତାଙ୍କର ପିତା କମଳ ଲୋଚନ ଓ ମାଆ ଉର୍ବୀ ଅଯୋଧ୍ୟାକୁ ଯାଇ ଶ୍ରୀରାମଙ୍କ ଦର୍ଶନ କରିବାକୁ ସ୍ଥିର କଲେ। ଅନେକ ଯାତ୍ରୀ ଟ୍ରେନରେ ଚଢୁଥିବା ଓ ଓହ୍ଲାଉଥିବା ଅରବିନ୍ଦ ଦେଖିଲା। ସେ ମାଆଙ୍କୁ ପଚାରିଲା ଏହି ଟ୍ରେନରେ ସମସ୍ତେ କ'ଣ ଅଯୋଧ୍ୟା ଯାଉ ନାହାନ୍ତି। ସେ କହିଲେ, ରାମଙ୍କଠାରୁ ଯେ ଡାକରା ପାଇଛି ସେ ହିଁ ରାମଙ୍କ ବିଗ୍ରହକୁ ଦର୍ଶନ କରିବାକୁ ଯାଉଛି। ଜଣେ ସାଧୁ ପରି ଦିଶୁଥିବା ବ୍ୟକ୍ତି ଯେ କି ଅଯୋଧ୍ୟାକୁ ଯାଉଥିଲେ ସେ କହିଲେ ରାମ ହେଉଛନ୍ତି ପରମବ୍ରହ୍ମ ଓ ସେ ହେଉଛନ୍ତି ପରମ ତପ, ବ୍ରହ୍ମତ୍ୱ ଓ ବ୍ରହ୍ମତାରକ। ନନ୍ଦିନୀ ମହା ଚଗଲି। ସେ ପଚାରିଲା ଏ ଟ୍ରେନଟି ଏତେ ଅଙ୍କାବଙ୍କା ଚାଲୁଛି। ରାମ ଆମକୁ ନିମନ୍ତ୍ରଣ କରି ନାହାନ୍ତି। ତଥାପି ଆମେ ତାଙ୍କ ବିଗ୍ରହ ଦର୍ଶନ କରିବାକୁ ଯାଉଛୁ। ଅରବିନ୍ଦ ଓ ଉର୍ବୀ କହିଲେ ଆମମାନଙ୍କୁ ଟିକେ ରାମଙ୍କ ତତ୍ତ୍ୱ ବୁଝାଇ ଦିଅନ୍ତୁ।

ସେ କହିଲେ, ଭଗବାନ ଜାଜ୍ୱଲ୍ୟମାନ ହେଉଥିବା ଦେବତାମାନଙ୍କଠାରୁ ମଧ୍ୟ ପୁରାତନ। ସେ ଜନ୍ମିତ ସତ୍ତା ଭାବେ ପୁରାତନ ଓ ପ୍ରଥମ। ଆମ ଭିତରେ ପ୍ରବାହିତ ଅମରତ୍ୱର ଶିରା ପ୍ରଶିରା ଭୌତିକ ଶରୀରରେ ବାସ କରୁଥିବା ଆଧ୍ୟାତ୍ମିକ ସତ୍ତା। ଆମର ଆତ୍ମାଠାରୁ ଅଧିକ ଶାନ୍ତିପ୍ରଦ ସ୍ଥାନ ନାହିଁ। ତେଣୁ ଆତ୍ମୋପଲବ୍ଧି ନିର୍ବାଣ ପ୍ରାପ୍ତି। ତେଣୁ ତାଙ୍କର ଅନ୍ୟ ନାମ ଆତ୍ମାରାମ। ଟ୍ରେନଟି ରହି ଯାଇଥିବା ସମୟରେ ନନ୍ଦିନୀ ଟ୍ରେନର ସଫା ଗୃହକୁ ଯାଇଥିଲା। ସେ ଫେରିବା ସମୟରେ ଦେଖିଲା ତା'ର ଖାଇବାଟିକୁ ଗୋଟିଏ ମାଙ୍କଡ଼ ଝାମ୍ପି ନେଲା ଓ ତଳେ ଫିଙ୍ଗି ଦେଲା। ପ୍ଲାଟଫର୍ମରେ ବୁଲୁଥିବା କୁକୁର ଓ ପକ୍ଷୀମାନେ ତାକୁ ଖାଇଗଲେ। ନନ୍ଦିନୀ କାନ୍ଦିବାକୁ ଉଦ୍ୟତ ହେଉଥିବାବେଳେ କମଳଲୋଚନ କହିଲେ, ମୁଁ ଆର ଷ୍ଟେସନରେ ତୋ ପାଇଁ ଖାଇବା ଆଣିଦେବି। ନନ୍ଦିନୀ କହିଲା ଆଉ ଅଯୋଧ୍ୟା ଯିବା ନାହିଁ। ରାମ କ'ଣ କରିଥିଲେ କି ସେ ମୋର ଖାଇବା ଟିକକ ମଧ୍ୟ ବଞ୍ଚାଇ ପାରିଲେ ନାହିଁ। ପାଖରେ ବସିଥିବା ସାଧୁ ଜଣକ କହିଲେ, ରାମ ପୃଥିବୀ ଆଗରେ ପ୍ରମାଣ କରିଥିଲେ ଯେଉଁମାନେ ତାଙ୍କ ସନ୍ତାନଙ୍କୁ ଭଲ ପାଆନ୍ତି, ସେ ସେମାନଙ୍କୁ ରକ୍ଷା କରନ୍ତି। ପଶୁ, ପକ୍ଷୀ, ଋଷି, ମୁନି ସରଳ ବ୍ୟକ୍ତିତ୍ୱ ସତୀ ସାଧ୍ୱୀମାନଙ୍କୁ ସେ ଭଲ ପାଉଥିଲେ ଓ ରକ୍ଷା କରିଥିଲେ। ନନ୍ଦିନୀ ବୁଝିଗଲା ତା'ର ଖାଦ୍ୟ ମାଙ୍କଡ଼ ନେଇ ବିଞ୍ଚିଦେଲା ଓ ପଶୁ ପକ୍ଷୀମାନେ ଖାଇଗଲେ, ତାହା ହିଁ ରାମଙ୍କର ଇଚ୍ଛା ଥିଲା। ସେ ସାଧୁଙ୍କୁ ପଚାରିଲା ରାମ କେଉଁଠି ରୁହନ୍ତି ? ସାଧୁ କହିଲେ ତୁମେ ଏପରି ଏକ ସ୍ଥାନ କୁହ ଯେଉଁଠାରେ ରାମ ନାହାନ୍ତି। ରାମଙ୍କୁ ଥରେ ଜଣେ ଋଷି କହିଥିଲେ, ଯେଉଁଠାରେ ଲୋକମାନଙ୍କର ଆଖି ତୁମର ଦର୍ଶନ ପାଇଁ ବ୍ୟଗ୍ର, କାନ ତୁମ ଗାଥା ଶୁଣିବାକୁ ବ୍ୟାକୁଳ, ଜିଭ ତୁମ କଥା କହିବାରେ ଆନନ୍ଦ ପାଏ, ଯେଉଁମାନେ ଭୋଜନ କରିବା ପୂର୍ବରୁ ବ୍ରହ୍ମାର୍ପଣ ବୋଲି ଖାଦ୍ୟ ଗ୍ରହଣ କରନ୍ତି, ସାଧୁସନ୍ଥମାନଙ୍କୁ ସମ୍ମାନ ଦିଅନ୍ତି। ଯେଉଁ ହାତ ପୂଜା କରିବାରେ ବ୍ୟସ୍ତ, ପାଦରେ ଦିଅଁଙ୍କୁ ଦର୍ଶନ ପାଇଁ ଆଗେଇ ଥାନ୍ତି। ତୁମ ପ୍ରତି ପ୍ରେମ କାମନା କରନ୍ତି, ସାଂସାରିକ ଧନକୁ ତୁଚ୍ଛ ମଣନ୍ତି, ନାରୀମାନଙ୍କୁ ଉଚିତ ସମ୍ମାନ ଦିଅନ୍ତି। ହୃଦୟ ଭିତରୁ ମନ୍ଦ ଗୁଣ ତ୍ୟାଗ କରନ୍ତି, ସର୍ବତ୍ର ଅନ୍ୟ ଦୁଃଖରେ ସମଦୁଃଖୀ ହୁଅନ୍ତି, ଆପଣ ସେଠାରେ ରୁହନ୍ତୁ।



ଅରବିନ୍ଦ ଦେଖିଲେ, ଅଯୋଧ୍ୟାକୁ ଯାଉଥିବା ଲୋକମାନେ ଲିଖିତ ଜପ ଧରି ରାମନାମ ଲେଖୁଛନ୍ତି। ଅରବିନ୍ଦ ପଚାରିଲା ସେମାନେ ଏପରି କାହିଁକି କରୁଛନ୍ତି ? ପାଖରେ ବସିଥିବା ସାଧୁ ଜଣକ କହିଲେ, ରାମ ନାମ ଜଗତର ଶ୍ରେଷ୍ଠ ନାମ। ମହାତ୍ମାଗାନ୍ଧୀ ମୃତ୍ୟୁ ସମୟରେ ଶ୍ରୀରାମଙ୍କ ନାମ ଧରି ଦେହତ୍ୟାଗ କରିଥିଲେ। ତୁଳସୀ ଦାସ ରାମ ନାମ ତୁଣ୍ଡରେ ଧରିଥିବାରୁ ସେ ମହାନ୍। ହନୁମାନର ପ୍ରତ୍ୟେକ ଲୋମ ରାମ ନାମ ଉଚ୍ଚାରଣ କରୁଥିବାରୁ ସେ ଆଜି ସର୍ବତ୍ର ପୂଜିତ। ରାମନାମ ଲେଖୁଥିବା ସମୟରେ ଭକ୍ତ ଓ ଭଗବାନ ସେହି ସମୟରେ ଏକାକାର ହୋଇଥାନ୍ତି। ଶ୍ରୀରାମ ନାମ ଗୁଞ୍ଜରିତ ହେଉଥିବା କାନ ତାଙ୍କ ନିକଟକୁ ଯିବା ପାଇଁ ଏକ ନିମନ୍ତ୍ରଣ ପତ୍ର ସଦୃଶ। ସୁନ୍ଦର ପ୍ରକୃତିକୁ ଅନୁସରଣ କରିବା ପାଇଁ ରାମନାମ ମାଧ୍ୟମରେ ସେ ପ୍ରୋତ୍ସାହିତ କରନ୍ତି। ମନକୁ ବିଶ୍ଳେଷଣ କରିବାକୁ ସେ ବାର୍ତ୍ତା ଦିଅନ୍ତି। ମନରେ ଏକ ମାନଚିତ୍ର ଆଙ୍କନ୍ତି ଯେ ଅନ୍ତରରେ ତୁମେ ପରିକଳ୍ପନା କରିଥିବା ମୁକ୍ତି ଆଡ଼କୁ ତୁମେ ପ୍ରବାହିତା ରାମ ନାମ ଲେଖୁଥିବା ସମୟରେ ସମୟ କୁହେ ତୁମର ଆଉ କିଛି ପ୍ରାପ୍ତି କରିବାର ଅଛି ତାହା ହେଉଛି ମୋକ୍ଷ।

ନନ୍ଦିନୀ କହିଲା ବାପା କହୁଥିଲେ, ଭଗବାନ ନିରାକାର। ଆମକୁ ଅଯୋଧ୍ୟାକୁ ଆଣି ରାମଙ୍କ ବିଗ୍ରହ ବା ଆକାର ଦେଖାଇବାକୁ ଚାହୁଁଛନ୍ତି। ସାଧୁ ଜଣକ କହିଲେ ଭଗବାନ ନିରାକାର ଓ ସାକାର ମଧ୍ୟ। ତୁମେ ଯେଉଁଟିକୁ ଭଲ ପାଉଛ ତାହା ହିଁ ଠିକ। ସମୁଦ୍ରର ହିମ ପ୍ରବାହରେ ବରଫଖଣ୍ଡ ତିଆରି ହୁଏ ଓ ଗ୍ରୀଷ୍ମ ପ୍ରବାହରେ ମିଳାଇ ଯାଏ ସେହିପରି ଭକ୍ତର ଭକ୍ତିରେ ସେ ରୂପ ନିଅନ୍ତି ଓ ସେ ରୂପକୁ ତ୍ୟାଗ କରିଥାନ୍ତି। ଏହି ଜୀବନଟି ଗୋଟିଏ ପାନ୍ଥଶାଳା। ଟ୍ରେନଟି ଅଙ୍କାବଙ୍କା ରାସ୍ତା ଦେଇ ଯେପରି ଯାଉଛି ସେହିପରି ଜୀବନଟି ଅଙ୍କାବଙ୍କା ରାସ୍ତା ଦେଇ ଚାଲେ। କିନ୍ତୁ ଗନ୍ତବ୍ୟ ସ୍ଥଳ ଓ ଲକ୍ଷ୍ୟ ସ୍ଥଳ ଏକ। ସମୁଦ୍ର ତରଙ୍ଗରେ ଖେଳାଳି ଯେପରି ନିର୍ଭୟରେ ଖେଳେ ଲକ୍ଷ୍ୟଚ୍ୟୁତ ହୁଏନାହିଁ, ସେହିପରି ଭକ୍ତି ରସରେ ଶକ୍ତିପାଇ ଏକାଗ୍ର ଚିତ୍ତରେ ଶ୍ରୀରାମଙ୍କର ଦର୍ଶନ କରିବା ଉଚିତ। ଏହି ସମୟରେ ଟ୍ରେନଟି ଗନ୍ତବ୍ୟସ୍ଥଳରେ ପହଞ୍ଚି ଯାଇଥିଲା।

କମଳଲୋଚନ ଭାବୁଥିଲେ ଅଧର୍ମ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତା'ର ବିନାଶ ନିଶ୍ଚିତ। ଉର୍ବୀ ଭାବୁଥିଲେ, ଯେତେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ୍ୟ ଧର୍ମର ବିଜୟ ହେବ। ଅରବିନ୍ଦ ଭାବିଲା ବନ୍ଧୁତ୍ୱର ପରାକାଷ୍ଠା ରାମ ଦେଖାଇଛନ୍ତି। ନନ୍ଦିନୀ ଭାବିଲା ରାମଙ୍କ ରୂପରୁ ଆରମ୍ଭ ହୋଇଛି ପତିପତ୍ନୀଙ୍କ ଭଲ ପାଇବା ଓ ସମାଜରେ ସୁସମ୍ପର୍କ କିପରି ପ୍ରତିଷ୍ଠା ହୋଇପାରିବ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସେକ୍ଟର-୧୦,
ସିଡିଏ, କଟକ
ମୋ :୯୬୯୨୯୮୦୦୨୬**

## ଏଇ ଭାରତରେ

ଆଜିର ବିଜ୍ଞାନ ଯୁଗରେ ବି ଏଭଳି ଅନେକ ଅଛନ୍ତି ଯେଉଁମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅଜବ କାମସବୁ କରନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ରାଜସ୍ଥାନର ଝାଲାୱାଡ ଜିଲାର ଗଙ୍ଗାଧାର ଅଞ୍ଚଳରେ। ଏଠାରେ ବର୍ଷା କରାଇବା ପାଇଁ ଲୋକେ ଗଧକୁ ପୂଜା କରିଛନ୍ତି। ଖାଲି ସେତିକି ନୁହେଁ ଗଧ ଉପରେ ଗାଁର ମୁଖିଆଙ୍କୁ ବସାଇ ଶ୍ମଶାନ ବୁଲାଇଛନ୍ତି। ପୁରାତନ ଅନ୍ଧବିଶ୍ୱାସ ଅନୁସାରେ ଲୋକେ ପ୍ରଥମେ ଗଧକୁ ପୂଜାର୍ଚ୍ଚନା କରିଥିଲେ। ତା'ପରେ ଫୁଲମାଳ ପିନ୍ଧାଇ ଗଧକୁ ଆଳତି କରି ତିଳକ ଲଗାଇଥିଲେ। ଏହାପରେ ପ୍ରସାଦ ଭାବରେ ଗଧକୁ ଗୁଲାପ ଜାମୁନ୍ ଖୁଆଇଥିଲେ। ପରେ ଗାଁ ଲୋକେ ମୁଖିଆଙ୍କୁ ଗଧ ଉପରେ ପଛୁଆ ମୁହଁ କରି ବସାଇ ଶ୍ମଶାନକୁ ନେଇଯାଇ ୭ ଥର ପରିକ୍ରମା କରାଇଥିଲେ। ଶେଷରେ ଲୋକେ ଇନ୍ଦ୍ରଦେବତାଙ୍କୁ ପ୍ରାର୍ଥନା କରି ଘରକୁ ଫେରିଥିଲେ। ଲୋକଙ୍କର ବିଶ୍ୱାସ ଏଭଳି ପୂଜାର୍ଚ୍ଚନା କରିବା ପରେ ଇନ୍ଦ୍ରଦେବତା ସନ୍ତୁଷ୍ଟ ହୋଇ ଖୁବ୍‌ଶୀଘ୍ର ବର୍ଷା କରାଇବେ। ତେବେ ବର୍ଷା ହେଉ କି ନ ହେଉ ଏଭଳି ଏକ ଅଜବ କାରନାମାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଢେର୍ ଚର୍ଚ୍ଚା ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ଅଗଷ୍ଟ ୧୯୭୬**

- ବୋକାରୋ ଇସ୍ପାତ କାରଖାନାରୁ ପ୍ରଥମ ଥର ପାଇଁ ଉଚ୍ଚ ଶକ୍ତିସମ୍ପନ୍ନ ଆଲୟ ଷ୍ଟିଲ୍ ଉତ୍ପାଦନ ଆରମ୍ଭ।
- ତାମିଲନାଡୁରେ ରାଷ୍ଟ୍ରପତି ଶାସନର ମିଆଦକୁ ପୁନଃ ୬ ମାସ ପାଇଁ ବୃଦ୍ଧି କରାଯିବା ବ୍ୟବସ୍ଥା ଲୋକସଭା ଦ୍ୱାରା ଅନୁମୋଦିତ।

## ଚିରନ୍ତନୀ

ଦେହର ପ୍ରସାଧନ ରହେ ପଡ଼ି ଦେହେ
ଖାଲି
ମନର ବାସନା ଗୋ
ସବୁ ଦାଗ ଯାଏ ଜାଳି !
ନିରାଶ କବି ଯଥା ଆକାଶରେ ଗାଏ ଗୀତ
ତେସନ ଜୀବନ ହିଁ
ମଉଳଇ ଆରେ ମିତ !
-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ବିସର୍ଜନ ପୋଖରୀ ସଫା ହେବ କେବେ

ମହାଶୟ,

ଆଗକୁ ପାର୍ବଣର ଋତୁ ଆସୁଛି । ମହାପ୍ରଭୁ ଗଜାନନଙ୍କଠାରୁ ଆରମ୍ଭ କରି ଖୁଦୁରୁକୁଣୀ ଗାଁ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାର୍ତ୍ତିକେଶ୍ୱର ପୂଜା ଭଳି ବହୁ ପୂଜାର ମୃଣ୍ମୟୀ ମୂର୍ତ୍ତି ପୁରୀ ଶ୍ରୀସେତୁ ପାର୍ଶ୍ୱରେ ଥିବା ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜିତ ହୁଅନ୍ତି । ତେବେ ଦୁଃଖର ବିଷୟ ଯେ ୧ବର୍ଷ ଧରି ଏହି ପୋଖରୀ ସଫା ନ ହୋଇ ବିଷାକ୍ତ ପଲିଥିନ, ଛିଣ୍ଡାଜରି ଅଖା, ରିଜେକ୍ଟ ଟାୟାର ଓ ମଦବୋତଲ ସହିତ ଘାସ ଭର୍ତ୍ତି ହୋଇ ରହିଥିବାରୁ ପଚାଗନ୍ଧରେ ନାକ ଫାଟିପଡୁଛି । ପୁରୀ ପୌର ସଂସ୍ଥାର କୁମ୍ଭକର୍ଣ୍ଣ ନିଦ୍ରା କେବେ ଭଙ୍ଗ ହେବ କେଜାଣି ? କର୍ତ୍ତୃପକ୍ଷ ଏହି ବିଷାକ୍ତ ବିସର୍ଜନ ପୋଖରୀର ତୁରନ୍ତ ପୁନରୁଦ୍ଧାର କରିବା ଦରକାର ।

**-ଡି.ପି. ତ୍ରିପାଠୀ, ଶ୍ରୀସେତୁ ସ୍କୋୟାର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଜେଡି ବୈଠକରେ ସୁଜାତା

## ଭାଇରାଲ ଭିଡିଓକୁ ନେଇ ଚର୍ଚ୍ଚା ଜୋର୍

ଭୁବନେଶ୍ୱର,୨୪।୮
(ରବିନାରାୟଣ ଜେନା)

ବରିଷ୍ଠ ପ୍ରଶାସନିକ ଅଧିକାରୀ ପଦରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ସୁଜାତା କାର୍ତ୍ତିକେୟନ ରାଉତ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡିର ମଙ୍ଗ ଧରିବା ନେଇ ଚର୍ଚ୍ଚା ଲାଗି ରହିଛି। ରବିବାର ସୁଜାତାଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରଚାରିତ ହେବା ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅସୁସ୍ଥ ହେବା ପରେ ତାଙ୍କୁ ଦଳୀୟ ନେତା, ଭାଜପାର ବରିଷ୍ଠ ନେତୃବୃନ୍ଦ ଓ ମନ୍ତ୍ରୀଙ୍କ ସାକ୍ଷାତ ପରେ ଏବେ ବିଜେଡିରେ ନେତୃତ୍ୱ ତଥା ଉତ୍ତରାଧିକାରୀ କଥା ସାମ୍ନାକୁ ଆସିଛି। କେବେକେ ସାମାଜିକ ଗଣମାଧ୍ୟମରେ ଏଭଳି ଚର୍ଚ୍ଚା ମଧ୍ୟ ହେଲାଣି, ସୁଜାତା ଖୁବଶୀଘ୍ର ଦଳର ନେତୃତ୍ୱ ନେବେ। ତେବେ କଥାଟା ଯେତିକି ଗୁରୁତ୍ୱ ରଖୁଛି ତାକୁ ବଳ ଯୋଗାଇଛି ବିଜେଡିର ବୈଠକ।

ବିଜେଡି ବୈଠକରେ ସୁଜାତାଙ୍କ ଉପସ୍ଥିତି ଯେମିତି ସବୁ କିଛି ବୟାନ କରୁଛି। କିଛିମାସ ପୂର୍ବରୁ ସୁଜାତା ଆଇଏଏସ୍ ପଦରୁ ଅବ୍ୟାହତି ନେବା ରାଜ୍ୟବାସୀଙ୍କୁ ଯେତିକି ଆଶ୍ଚର୍ଯ୍ୟ ଚକିତ କରିଥିଲା ଏବେ ତାଙ୍କର ବୈଠକରେ ଉପସ୍ଥିତ ରହିବା ତାକୁ ଅଧିକ ରଞ୍ଜିତ କରୁଛି। ସାମାଜିକ ଗଣମାଧ୍ୟମରେ ଯେଉଁ ଭିଡିଓ ଘୁରି ବୁଲୁଛି ତାହା ନ କହିଲେ ବି ସବୁ ବୁଝାଇ ଦେଉଛି। ତେବେ ଭିଡିଓରେ ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ ଓ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ରହିଛନ୍ତି। ବୈଠକରେ କ'ଣ ସବୁ ଆଲୋଚନା ହୋଇଛି ତାହା ସ୍ପଷ୍ଟ ଜଣାପଡୁ ନ ଥିଲେ ହେଁ ଆଗାମୀ ଦିନରେ ଦଳରେ କିଛି ନୂଆ ସମୀକରଣ ହେବାକୁ ଯାଉଥିବା ସଙ୍କେତ ଦେଉଛି। ତେବେ ବିରୋଧୀ ଦଳ ପକ୍ଷରୁ ଚର୍ଚ୍ଚାକୁ ଖଣ୍ଡନ କରାଯାଇ ନାହିଁ କିମ୍ବା କୌଣସି ପ୍ରକାର ସ୍ପଷ୍ଟୀକରଣ ମଧ୍ୟ ଦିଆଯାଇନାହିଁ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ବିଜେଡିରେ ନେତୃତ୍ୱ ପରିବର୍ତ୍ତନ ନେଇ ଯେତେବେଳେ ଚର୍ଚ୍ଚା ଜୋର ଧରିଛି, ସେତେବେଳେ ସଭାପତି ନବୀନ ତାକୁ ହାଲୁକା ଭାବରେ ନେଇଛନ୍ତି। ଭବିଷ୍ୟତରେ ଦଳର ମଙ୍ଗ କିଏ ଧରିବ ତାହା ରାଜ୍ୟବାସୀ ନିଷ୍ପତ୍ତି ନେବେ ବୋଲି ନବୀନ କହି ଆସୁଥିବାରୁ ଆଗାମୀ ଦିନରେ ବିଜେଡି ରାଜନୀତି କେଉଁ ଆଡ଼କୁ ଯାଉଛି ତାହା ଉପରେ ସମସ୍ତଙ୍କ ନଜର।

# ସରକାର ୟୁରିଆ କଳାବଜାର ରୋକନ୍ତୁ: କଂଗ୍ରେସ

## ୟୁରିଆ ଦର ୬୦୦: ଡିଏପି ୧୭୦୦ରେ ବିକ୍ରି

## ଚାଷୀକୁଳ ହତାଶ, ସରକାର ଉଦାସ



ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁଙ୍କ ସହ ଦଳୀୟ ନେତ୍ରୀ।

ଭୁବନେଶ୍ୱର,୨୪।୮
(ରବିନାରାୟଣ ଜେନା)

ଚଳିତବର୍ଷ ମୌସୁମୀ ବର୍ଷା ଯୋଗୁ ଚାଷ ଭଲ ହେବ ବୋଲି ଚାଷୀକୁଳ ଆଶା ବାନ୍ଧି ବସିଥିବାବେଳେ ୟୁରିଆ କଳାବଜାର ଚାଷୀଙ୍କ ଉପରେ ଦାଉ ସାଧୁଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ରବିବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ କହିଥିଲେ, ସରକାରୀ ଦାବି ଥିବା ସତ୍ତ୍ୱେ ଓଡ଼ିଶାରେ ୟୁରିଆ ସଙ୍କଟ ତୀବ୍ର ହୋଇଛି। ସରକାର କହିଥିଲେ ୨.୯୪ ଲକ୍ଷ ଟନ୍ ପୂର୍ବରୁ ଷ୍ଟକ୍ ଥିଲା ଓ ୪.୫ ଲକ୍ଷ ଟନ୍ ଖରିଫ ପାଇଁ ମିଳିଥିବାରୁ ୭.୯୪ ଲକ୍ଷ ଟନ୍ ଉପଲବ୍ଧ ଅଛି। ସେଥିରୁ ୩.୬୫ ଲକ୍ଷ ଟନ୍ ବିକ୍ରି ହୋଇଛି ଓ ୪.୨୪ ଲକ୍ଷ ଟନ୍ ବିଭିନ୍ନ ଜିଲାରେ ବାକି ରହିଛି। କିନ୍ତୁ ସରକାରଙ୍କର କଥା ଯଦି ସତ, ତା' ହେଲେ ଚାଷୀମାନେ କାହିଁକି ସାର ପାଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗୀର, ସୁନ୍ଦରଗଡ଼, କଟକ (ନିଶିନ୍ତକୋଇଲି) ଓ ସମୁଦ୍ରତଟୀୟ ଅଞ୍ଚଳରେ ଟ.୨୬୬.୫୦ ଦରର ୟୁରିଆ ୫୦୦ ଟଙ୍କାରୁ ୬୦୦ ଟଙ୍କାରେ ବିକ୍ରି ହେଉଛି। ଏପରି କି ନୂଆପଡାରେ ୟୁରିଆ ବ୍ୟାଗପିଛା ୯୦୦ ଟଙ୍କା ଦେବାକୁ ଚାଷୀ ବାଧ ହେଉଛି ବୋଲି ଅଭୟ କହିଛନ୍ତି। ୧୩୫୦ ଟଙ୍କାର ଡି.ଏ.ପି. ଏବେ ୧୭୦୦ ଟଙ୍କାରେ ବିକ୍ରି ହେଉଛି। କୃଷକମାନେ ଅଭିଯୋଗ କରିଛନ୍ତି, ମାର୍କଫେଡ୍ ଦ୍ୱାରା ସରକାରୀ ସବସିଡି ୟୁରିଆକୁ ପ୍ରାଇଭେଟ୍ ବେପାରୀଙ୍କୁ ବେପରୁଆ ଭାବେ ବାଣ୍ଟି ଦିଆଯାଉଛି, ଯାହାକୁ କି ସେମାନେ କଳାବଜାରରେ ଦୁଇଗୁଣା ଦରରେ ବିକୁଛନ୍ତି। ସେ ଆହୁରି ମଧ ଅଭିଯୋଗ କରିଛନ୍ତି ଯେ, କୃଷି ବିଭାଗ ଯେଉଁ ରିଟେଲ ରେଡ୍ ବା ଲାଇସେନ୍ସ ରଦ୍ଦ କଥା କହୁଛି ତା'ର ସୁଫଳ ଚାଷୀମାନଙ୍କୁ ମିଳିପାରିନାହିଁ। କାରଣ କିଛି କଳାବଜାରକାରୀ ଆଉ ଅସାଧୁ କର୍ମଚାରୀଙ୍କ ସଲାସୁତୁରା ଯୋଗୁ ଏହା ଏକ ପ୍ରହସନରେ ପରିଣତ ହୋଇଛି।

ପିସିସି ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ କହିଥିଲେ, ଆବଶ୍ୟକ ସମୟରେ କୃଷକ ସାର ପାଉ ନାହାନ୍ତି, ନାନୋ ୟୁରିଆ ଗ୍ରହଣ ସ୍ଥିର ହୋଇନାହିଁ। ଯଦିଓ ସାର ବ୍ୟବହାର ଓଡ଼ିଶାରେ ତୁଳନାତ୍ମକ କମ୍ କିନ୍ତୁ କଳାବଜାର ଓ ଦୁର୍ନୀତି ପାଇଁ ଖରିଫ ଧାନଚାଷ ବିପଦରେ ଏବଂ ଚାଷୀଙ୍କ ଜୀବନ ଜୀବିକା ସଙ୍କଟରେ ପଡ଼ିଛି। ତୁରନ୍ତ କଳାବଜାରକାରୀଙ୍କୁ ଜବତ କରି ଦୋଷୀ ଡିଲର ଓ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସମବାୟ ମାଧ୍ୟମରେ ସାର ବଣ୍ଟନ କରାଯାଉ, ଆଧାର ଆଧାରିତ ପଞ୍ଚାୟତସ୍ତରରେ ବଣ୍ଟନ ହେଉ। ପ୍ରତ୍ୟେକ ଜିଲାରେ ବଫର ଷ୍ଟକ୍ ଗଠନ ହେଉ ଏବଂ କ୍ଷତିଗ୍ରସ୍ତ କୃଷକଙ୍କ ପାଇଁ ସ୍ୱତନ୍ତ୍ର ଅନୁକମ୍ପା ଘୋଷଣା କରିବାକୁ ସେ ଦାବି କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଅଶୋକ ସ୍ୱାଇଁ, ରୂପାଦୀପ୍ତା ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର କହିଥିଲେ, ଏହା କେବଳ ଯେ ସରକାରଙ୍କ ବିଫଳତା ତାହା ନୁହେଁ, ଏହା କୃଷକଙ୍କ ସହିତ ଧୋକା।

# ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ପରଲୋକ

ଫୁଲବାଣୀ,୨୪।୮
(ରାକେଶ କୁମାର ରାଉତ)



କନ୍ଧମାଳ ଜିଲା ବାଲିଗୁଡ଼ାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ପରଲୋକ ଘଟିଛି। ତାଙ୍କୁ ୫୫ବର୍ଷ ହୋଇଥିଲା। ସେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିବାରୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ରାତି ସାଢ଼େ ୯ଟାରେ ତାଙ୍କର ଦେହାନ୍ତ ହୋଇଛି। କରେନ୍ଦ୍ର ୨୦୦୪ରୁ ୨୦୦୯ ଏବଂ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବାଲିଗୁଡ଼ା ନିର୍ବାଚନମଣ୍ଡଳୀରୁ ଭାଜପାରୁ ବିଧାୟକ ହୋଇଥିଲେ। ସେ ଜଣେ ଯୁବନେତା ଭାବରେ ନିଜ ନିର୍ବାଚନମଣ୍ଡଳୀରେ ପରିଚିତ ଥିଲେ। ନିର୍ବାଚନମଣ୍ଡଳୀରେ କିଭଳି ବିକାଶ ହେବ ତାହା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ସେ କୁଇ ଭାଷାରେ ୩ଟି ପୁସ୍ତକ ମଧ ଲେଖିଥିଲେ। ତାଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। କରେନ୍ଦ୍ରଙ୍କ ଦେହାନ୍ତ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ତାଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ 'X'ରେ ପୋଷ୍ଟ କରିବା ସହ କରେନ୍ଦ୍ରଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଉଠାଇନେଲା ପୋଲିସ

## ମୃତ୍ୟୁଶଯ୍ୟାରେ ସ୍ତ୍ରୀ, ଅସହାୟ ଅବସ୍ଥାରେ ୩ ନାବାଳିକା ଝିଅ

ଫୁଲବାଣୀ,୨୪।୮
(ରାକେଶ କୁମାର ରାଉତ)

ରାଜ୍ୟ ସରକାର ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କାର୍ଯ୍ୟ ଜାରି ରଖିଥିବାବେଳେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ପଞ୍ଚାୟତର ପଲେ ଗ୍ରାମରେ ରହୁଥିବା ବିକାଶ ସିକଦାର ଓରଫ ବିକାଶ ଚୌଧୁରୀ ନାମକ ଜଣେ ବ୍ୟକ୍ତିଙ୍କୁ ଜିଲା ପୋଲିସ ଉଠାଇନେଇଛି। ବିକାଶ ୨୦୦୬ରୁ ନିଜ ନାମ ବଦଳାଇ ଦାରିଙ୍ଗବାଡ଼ିରେ ରହିଆସୁଥିଲେ। ଇତିମଧ୍ୟରେ ସେ ସ୍ଥାନୀୟ ଅଞ୍ଚଳର ରସାଲୀ ପ୍ରଧାନଙ୍କୁ ବିବାହ ମଧ କରିଛନ୍ତି। ଏବେ ତାଙ୍କର ୩ କନ୍ୟାସନ୍ତାନ ମାମୁନି (୧୦), ମହାମୁଦା (୫) ଓ ଆପସନା (ଏକ ବର୍ଷ ଦୁଇମାସ) ରହିଛନ୍ତି। ପୋଲିସ ବିକାଶଙ୍କୁ ଶୁକ୍ରବାର ତାଙ୍କୁ ଘରୁ ଉଠାଇ ନେଇଥିଲା। ତାଙ୍କୁ ଏବେ ଏକ ଷ୍ଟେ ହୋମ୍‌ରେ ରଖା ଯାଇଥିବା ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ କହିଛନ୍ତି। ଅନ୍ୟପକ୍ଷରେ ବିକାଶଙ୍କ ସ୍ତ୍ରୀ ରସାଲୀ ଦୀର୍ଘଦିନ ଧରି ରୋଗାକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ବିଭିନ୍ନ ଡାକ୍ତରଖାନାରୁ ନିରାଶ ହୋଇ ଫେରିବା ପରେ ଏବେ ଏକ ଘରୋଇ ସଂସ୍ଥାରେ ଆଶ୍ରୟ ନେଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ୩ ନାବାଳିକା ଝିଅ ଅଜାଘରେ ଆଶ୍ରୟ ନେଇଛନ୍ତି। ଅଜା କାମ କରିବା ପାଇଁ ଅସମର୍ଥ ଥିବାରୁ ଅସହାୟ ବୃଦ୍ଧା ଆଈ ଗୀତାଞ୍ଜଳି ନିଜେ ମୂଲ ଲାଗି ଚଳନ୍ତି। ୩ ନାତୁଣୀଙ୍କୁ ଖାଇବାକୁ ଦେବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ସେପଟେ ଝିଅ ମୃତ୍ୟୁମୁଖରେ। କାହାକୁ ବଞ୍ଚାଇବେ ବୋଲି ଆଈ ଜାଣିପାରୁନାହାନ୍ତି। ଗ୍ରାମବାସୀ ସଂଯୁକ୍ତା ପ୍ରଧାନ, ଉପେ କୁମାର ନାୟକ କହିଛନ୍ତି, ପୋଲିସ ଆସି ବିକାଶଙ୍କୁ ଉଠାଇ ନେଇଛି। କାହିଁକି ନେଇଛି ଆମେ ଜାଣିନାହୁଁ। ୩ ନାବାଳିକା ଝିଅ ଏବେ ବହୁ କଷ୍ଟରେ ଅଛନ୍ତି। ବାଲିଗୁଡ଼ା ଏସ୍‌ଡିପିଓ କହିଛନ୍ତି ବିକାଶଙ୍କୁ ନିଜ ନାଗରିକତା ପ୍ରମାଣ କରିବା ପାଇଁ ୩୦ ଦିନ ସମୟ ଦିଆଯାଇଛି। ସେହି ସମୟ ମଧ୍ୟରେ ପ୍ରମାଣ ଦେଇ ନ ପାରିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ବିକାଶଙ୍କ ରୋଗିଣା ସ୍ତ୍ରୀ ଓ ପିଲାଙ୍କ ଦାୟିତ୍ୱ କିଏ ନେବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ବଡ଼ଚଣା ବିଜେଡିକୁ ଶକ୍ତ ଧକ୍କା

## ଭାଜପାରେ ସାମିଲ ହେଲେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସହ ଶତାଧିକ କର୍ମୀ

## ସରକାରଙ୍କ ଉପରେ ବଢୁଛି ଭରସା: ମନମୋହନ ସାମଲ

ଭୁବନେଶ୍ୱର,୨୪।୮
(ରବିନାରାୟଣ ଜେନା)

ଯାଜପୁର ଜିଲା ବଡ଼ଚଣାରେ ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ରବିବାର ବିଜେଡିର ବହୁ ବରିଷ୍ଠ ନେତା ଓ କର୍ମୀ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣପର୍ବରେ ଏନେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଓଡ଼ିଶା ସରକାରଙ୍କ ନିଷ୍ଠାପର ଓ ନିରବଚ୍ଛିନ୍ନ କାର୍ଯ୍ୟଶୈଳୀ ଉପରେ ରାଜ୍ୟବାସୀଙ୍କ ଭରସା ଦିନକୁ ଦିନ ବଢୁଛି। ଦେଶର ଏକ ନମ୍ବର ରାଜ୍ୟ ଭାବେ ଓଡ଼ିଶାକୁ ଗଢ଼ି ତୋଳିବାକୁ ସରକାର ବଦ୍ଧପରିକର। ଏହି ପରିପ୍ରେକ୍ଷୀରେ ନୂତନ କର୍ମୀଙ୍କ ଯୋଗଦାନ ଦ୍ୱାରା ତୃଣମୂଳସ୍ତରରେ ଭାଜପା ସଙ୍ଗଠନ ଅଧିକ ସୁଦୃଢ଼ ହେବ ବୋଲି ସେ କହିଛନ୍ତି।

ଏହି ମିଶ୍ରଣ ପର୍ବ ଅବସରରେ ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ, ବଡ଼ଚଣା ବ୍ଲକ ବିଜେଡିର ପୂର୍ବତନ ସଭାପତି ତଥା ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହାସହିତ ବଡ଼ଚଣା ବ୍ଲକର ପୂର୍ବତନ ଛାତ୍ର ସଭାପତି ଜିତେନ୍ଦ୍ର କୁମାର ନାୟକ, ଦର୍ପଣ ସରପଞ୍ଚ ରଞ୍ଜନ କୁମାର ଦାସ, ବଡ଼ଚଣା ସମିତି ସଭ୍ୟ ମଧୁସୂଦନ ବଳ, ଭୂଷଣ୍ଡପୁର ସରପଞ୍ଚ ଯଯାତି କେଶରୀ ରାଉତ, ସିହା ସରପଞ୍ଚ ସୁଶ୍ରୀ ମିଶ୍ର, ଧାନମଣ୍ଡଳ ସରପଞ୍ଚ ନବଦ୍ୱୀପ ନାୟକ, ବଡ଼ଘୁମୁରି ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ଅଣକା ସରପଞ୍ଚ ଦେବଯାନୀ ମହାପାତ୍ର, ସମିତି ସଭ୍ୟା ରଶ୍ମିତା ସ୍ୱାଇଁ, ମାଣ୍ଡୁକା ସମିତି ସଭ୍ୟା ମିନତୀ ଦଳେଇ, ଚାରିନଙ୍ଗଳ ପଞ୍ଚାୟତ ସମିତିସଭ୍ୟା ଚନ୍ଦ୍ରକଳା ଜେନା, ନଳୀପୁର ସରପଞ୍ଚ ସେକ୍ ଗନି, ପତରାଜପୁର ସରପଞ୍ଚ ତନୁଶ୍ରୀ ଦାସ, ଭରତପର ସରପଞ୍ଚ ବିଭୂତି ଭୂଷଣ ସାମଲ, ସମିତିସଭ୍ୟା ଦୁର୍ଗାବତୀ ସାମଲ, ବାଲିପଡ଼ିଆ ସମିତିସଭ୍ୟା ମନୋରମା ଭଞ୍ଜ, ବଡ଼ବାଲିକୁଦା ସମିତି ସଭ୍ୟା କାମିନୀ ନାୟକ, ବରପଦା ପଞ୍ଚାୟତ ସମିତିସଭ୍ୟା ସ୍ମରଣିକା ବଳ, ମାଣ୍ଡୁକ ସରପଞ୍ଚ ପ୍ରଭାସିନୀ ମଲିକ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସଭାପତି ମନମୋହନ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟବାସୀ ହନ୍ତସନ୍ତ, ମନ୍ତ୍ରୀ ଜିଦ୍‌ରେ ଅଟଳ: ଭକ୍ତ

ଭୁବନେଶ୍ୱର,୨୪।୮
(ରବିନାରାୟଣ ଜେନା)

କ୍ୟାଡ଼ର ପୁନର୍ଗଠନ, ପଦୋନ୍ନତି ଓ ଦରମା ବୃଦ୍ଧି ଭଳି ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘ ୧୩ ଦିନ ହେବ ଆନ୍ଦୋଳନ ଚଳାଇଥିବାରୁ ରାଜସ୍ୱ କାର୍ଯ୍ୟାଳୟ ଅଚଳ ରହିଛି। ସଂଘ ସଦସ୍ୟ ଅଭିଯୋଗ କରିଛନ୍ତି, ସେମାନେ ବାରମ୍ବାର ରାଜ୍ୟ ସରକାରଙ୍କୁ ନିଜ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି, କିନ୍ତୁ କୌଣସି ସୁଫଳ ମିଳି ନାହିଁ। ଏହି ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜିଦ୍‌ରେ ଅଟଳ ରହିବା ଠିକ୍ ନୁହେଁ। ଜିଦ୍ ଛାଡି ଆଲୋଚନା ପାଇଁ ସଂଘର ନେତାମାନଙ୍କୁ ଡାକିବା ସହ ଅମଲାମାନଙ୍କ ଦାବି ବିଚାରପୂର୍ବକ ତୁରନ୍ତ ସମାଧାନର ବାଟ ବାହାର କରାଯାଉ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।

ଓଡ଼ିଶା ରାଜସ୍ୱ ଅମଲା ସଂଘର ବ୍ୟାନର ଅଧୀନରେ ୩୦ଟି ଜିଲାରେ ୧୦,୦୦୦ରୁ ଅଧିକ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହେଲେ ସୁରେଶ ଗଣମାଧ୍ୟମକୁ ଚେତାବନୀ ଦେଇଛନ୍ତି, 'ସେମାନେ ସୋମବାର କାର୍ଯ୍ୟରେ ଯୋଗଦେବେ, ନଚେତ୍ ଆମ ପାଖରେ ଅଲଗା ଅସ୍ତ୍ର ଅଛି' ତାକୁ ପ୍ରୟୋଗ କରିବୁ। ଭକ୍ତ କହିଛନ୍ତି, ପୂର୍ବରୁ ବିଜେଡି ସରକାର ମଧ ଏହି ଦାବିଗୁଡ଼ିକ ପୂରଣ କରିବାରେ ବିଫଳ ହୋଇଥିଲେ। ଭାଜପା ମଧ ଏହି ଦାବି କାହିଁକି ପୂରଣ କରୁନାହିଁ ତାହା ବୁଝାପଡୁନାହିଁ ବୋଲି ଭକ୍ତ କହିଛନ୍ତି।

## ଜାତୀୟ ଖବର

# ଗର୍ଭବତୀ ସ୍ତ୍ରୀଙ୍କୁ ଖଣ୍ଡ ଖଣ୍ଡ କରି ନଦୀରେ ଫିଙ୍ଗିଲେ ସ୍ୱାମୀ

ହାଇଦ୍ରାବାଦ,୨୪।୮



ସ୍ୱାମୀ ମହେନ୍ଦରଙ୍କ ସହ ଜ୍ୟୋତି

ହାଇଦ୍ରାବାଦରେ ଜଣେ ୨୭ ବର୍ଷୀୟ ଟ୍ୟାକ୍ସି ଡ୍ରାଇଭର ତାଙ୍କ ୨୧ ବର୍ଷୀୟା ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡଖଣ୍ଡ କରି ନଦୀରେ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ସ୍ୱାତୀ ଓରଫ ଜ୍ୟୋତିଙ୍କ ଶରୀରର କେତେ ଖଣ୍ଡ ହାଇଦ୍ରାବାଦ ମେଟ୍ରୋପଲିଟାନ ଅଞ୍ଚଳ ଅନ୍ତର୍ଗତ ମେଡିପାଲ୍ଲିସ୍ଥିତ ଡ୍ରାଇଭରଙ୍କ ଘରୁ ମିଳିଥିବାବେଳେ ଅନ୍ୟ ଖଣ୍ଡଗୁଡ଼ିକ ନଦୀରେ ଫିଙ୍ଗାଯାଇଥିବା ସ୍ଥାନୀୟ ପୋଲିସ କହିଛି। ହତ୍ୟାକାଣ୍ଡ ପଛର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି। ମେଡିପାଲ୍ଲୀର ବୋଡୁପାଲ ଅଞ୍ଚଳରେ ଜ୍ୟୋତି ସ୍ୱାମୀ ମହେନ୍ଦର ରେଡ୍ଡୀଙ୍କ ସହ ରହୁଥିଲେ। ଶନିବାର ଅପରାହ୍ନ ୪ଟା ୩୦ ମିନିଟ୍ ସମୟରେ ଏହି ହତ୍ୟାକାଣ୍ଡ ଘଟିଛି। ପାରିବାରିକ ବିବାଦକୁ ନେଇ ଝଗଡ଼ା ପରେ ମହେନ୍ଦର ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରମାଣ ଲୁଚାଇବାକୁ ସେ ମୃତଦେହକୁ ଆରିରେ ଖଣ୍ଡଖଣ୍ଡ କରି ହାତ, ଗୋଡ଼ ଓ ମୁଣ୍ଡକୁ ମୁସି ନଦୀରେ ଫିଙ୍ଗିଦେଇଥିଲେ। ଅବଶିଷ୍ଟ ଅଙ୍ଗକୁ ମହେନ୍ଦର ନିଜ କୋଠରୀ ଭିତରେ ଏକ ଟ୍ରଙ୍କ୍‌ରେ ରଖିଥିଲେ ବୋଲି ପୋଲିସ କହିଛି। ସ୍ତ୍ରୀ ନିଖୋଜ ଥିବାନେଇ ମହେନ୍ଦର ତାଙ୍କ ଭଉଣୀଙ୍କୁ କହିଥିଲେ। ଭଉଣୀ ସନ୍ଦେହ କରି ଜଣେ ସମ୍ପର୍କୀୟଙ୍କୁ ଜଣାଇବା ପରେ ଉଭୟ ଥାନାକୁ ଯାଇଥିଲେ। ବିକାରାବାଦ ଜିଲାର ମହେନ୍ଦର ଓ ଜ୍ୟୋତି ୨୦୨୪ ଜାନୁଆରୀରେ ବିବାହ କରିଥିଲେ। ଏହା ପୂର୍ବରୁ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ବିବାହ ପରେ ସେମାନେ ହାଇଦ୍ରାବାଦ ଆସି ଏକ ଭଡ଼ାଘରେ ରହୁଥିଲାବେଳେ ସେମାନଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ଲାଗୁଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଏମ୍‌ପିଙ୍କ ଦସ୍ତଖତ ଜାଲିଆତି କରି ଉପରାଷ୍ଟ୍ରପତି ପଦ ପାଇଁ ଦାଖଲ ନାମାଙ୍କନପତ୍ର ଖାରଜ

ନୂଆଦିଲ୍ଲୀ,୨୪।୮

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ କେରଳର ଜଣେ ବ୍ୟକ୍ତି ୪୪ ଏମ୍‌ପିଙ୍କ ଜାଲ୍ ଦସ୍ତଖତ ସହ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଜାଲିଆତି ଜଣାପଡ଼ିବା ପରେ ତାଙ୍କ ନାମାଙ୍କନ ଖାରଜ ହୋଇଯାଇଛି। କେରଳର ଜାକୋବ ଜୋସେଫ୍‌ଙ୍କ ନାମାଙ୍କନରେ ୨୨ ପ୍ରସ୍ତାବକ ଓ ୨୨ ଜଣ ସମର୍ଥକଙ୍କ ନାଁ ଓ ସ୍ୱାକ୍ଷର ରହିଥିଲା। ସେମାନେ ଲୋକ ସଭା ଓ ରାଜ୍ୟ ସଭାର ସଦସ୍ୟ। ତେବେ ସମ୍ପୃକ୍ତ ଏମ୍‌ପିମାନଙ୍କୁ ନ ଜଣାଇ ସେମାନଙ୍କ ଜାଲ୍ ଦସ୍ତଖତ କରାଯାଇଥିଲା। ଜୋସେଫ୍‌ଙ୍କ ନାମାଙ୍କନପତ୍ରରେ ଆଦୌ ସ୍ୱାକ୍ଷର କରି ନ ଥିବା କେତେଜଣ ଏମ୍‌ପି ସ୍ପଷ୍ଟ କରିଛନ୍ତି। ନାମାଙ୍କନ ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ଥିବାବେଳେ ୪୬ ଜଣ ପ୍ରାର୍ଥୀ ୬୮ଟି ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୯ ଜଣଙ୍କର ୨୮ଟି ନାମାଙ୍କନ ଖାରଜ ହୋଇଥିଲା। ଅନ୍ୟ ୨୭ ଜଣଙ୍କର ୪୦ ନାମାଙ୍କନପତ୍ରକୁ ଯାଞ୍ଚ କରାଯିବା ପରେ ସେମାନଙ୍କ ମଧ୍ୟରୁ କେବଳ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଏବଂ ଇଣ୍ଡିଆ ବ୍ଲକ୍ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କ ନାମାଙ୍କନ ବୈଧ ବୋଲି ଜଣାପଡ଼ିଛି।


**OFFICE OF THE MEDICAL OFFICER I/C CHC, ANLABERENI, BLOCK PROGRAMME MANAGEMENT UNIT, CHC ANLABERENI NATIONAL HEALTH MISSION**

Notice No.1060 Date. 21.08.2025

No.E-342 : Sealed tenders are invited from reputed agencies/ individuals for engagement of Hiring the vehicle in the CHC Anlabereni. The details regarding application format, terms and conditions of the tenders may be download from district website i.e. https://dhenkanal.odisha.gov.in/. The tenders should reach the office of the undersigned latest by 20.09.2025, 3.00 PM through Speed post/Registered post/ Courier only. The tender will be opened on 22.09.2025 at 3.00 PM in the office of the undersigned in presence of the bidders/authorized representative of the bidders. The undersigned is not responsible for any postal delay and reserves all right to cancel any or all the tender at any stage of selection/ finalization process without assigning any reason thereof. Any typographical error may be exempted.

Sd./- Medical Officer I/C, CHC, Anlabereni, Dhenkanal
OIPR-10273/11/0001/2526

**OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, CUTTACK MAHANADI BIHAR : CUTTACK-753004**

Govt. of Odisha e-procurement Notice
Bid Identification No. rwssctc-03/2025-26

No.O-621 : The Superintending Engineer, RWS&S Division, Cuttack on behalf of Governor of Odisha invites percentage bid through e-procurement in double cover system according to norm of e-procurement.

1. Nature of work : Construction of Govt. Quarters
2. No. of tenders : 1 Nos.
3. Tender Paper Cost : 6000/-
4. Value of work : Rs.34.48 lakhs
5. Class of Contractor : "B" and "C" Class
6. Date and time of availability of bid document in portal : 11 hour of 30.08.25 to 12.09.25 up to 17 hours
7. Date & time of seeking tender clarification : 11.09.25 up to 17 hours
8. Date & time of opening of tender : 15.09.25 at 11:30 Hours in the office of the Superintending Engineer, RWS&S Division, Cuttack
9. Time of completion : 6 months
10. The bidders have to participate in online biding only. Further details can be seen from the website https://www.tendersorissa.gov.in.

Sd./- Superintending Engineer RWS&S Division, Cuttack
OIPR-25022/11/0016/2526

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**

E-mail ID : cebuildings_orissa@yahoo.co.in, Tel. - (0674)-2391523
No.B-437

INVITATION FOR BIDS (IFB)
File No. B-IV-H-(ALMC)-13/2025 No. 32739 Dt. 21st Aug, 2025
Invitations for Bids
Bid Identification No. C.E.(B) - 23/2025-26

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Works Deptt., Govt. of Odisha, invites percentage rate bids in double cover system in ONLINE MODE only | | |
| 2. | Nature of work | : | Supply, installation, testing & commissioning of 2x1250KVA DG Set for Trauma Care of PMP Medical College, Angul for the year 2025-26 |
| 3. | No. of work | : | 01 No. |
| 4. | Bid Cost | : | 10,000/- |
| 5. | Class of Contractor | : | MV/HT/Specialized agency with associate electrical contractor having valid license from ELBO/ OEM having joint venture with electrical contractor having valid license from ELBO. |
| 6. | Availability of Bid Documents in the website | : | From dt.01.09.2025 to 17:00 hours of dt.15.09.2025 |
| 7. | Date of Opening of Bid | : | Dt.16.09.2025 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd./- Chief Engineer (Buildings-I), Odisha, Bhubaneswar
OIPR-34117/11/0133/2526

**GOVT. OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR** No.O-632

Email ID : se_nerwkjr@rediffmail.com
Identification No. NCB-12 / RWCKJR / 2025-26
No. 3284 / Date : 19.08.2025

1. Name of the work : **Repair / Maintenance of the Rural roads Constructed under Pradhan Mantri Gram Sadak Yojana in the District of Keonjhar**. 2. Total No. of Packages : **02 (Two) Nos.** 3. Estimated cost (Approx) : **From Rs.126.18 lakh to Rs.241.06 lakh (Approximately).** 4. Period of Completion : **60 Calendar Months.** 5. Other details :

| Procurement Officer | Bid Identification No. | No. of Work | Availability of tender On-line for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief Construction Engineer, Rural Works Circle, Keonjhar | NCB-12/ RWCKJR /2025-26 | 02 Nos. | 29.08.2025 at 11.00 A.M. | 12.09.2025 upto 5.00 P.M. |

• Further details can be seen from the website : www.pmgsytenders.gov.in

Sd./- Chief Construction Engineer R.W. Circle, Keonjhar
OIPR-25177/11/0087/2526

**ODISHA HYDRO POWER CORPORATION LTD. OFFICE OF THE SENIOR GENERAL MANAGER (ELECTRICAL) UPPER KOLAB HYDRO ELECTRIC PROJECT**

AT/PO : BARINIPUT, DIST. : KORAPUT - 764006
PHONE : 06854-242001, Fax : 06854-242038, E-mail : sgmel_ukhep@ohpcltd.com
CIN : U40101OR1995SGC003963
e-PROCUREMENT NOTICE No.- UKHEP/ET-06/2025-26, Dated 20.08.2025

No.CAD-1557 : The Unit Head, Upper Kolab Hydro Electric Project, Bariniput, Koraput, Odisha invites **percentage rate bid** in Single cover system in **ONLINE MODE** only from eligible contractors for the works as mentioned below.

| Sl No. | Name of the work | Approx. Estimated cost (in Rs) | E.M.D. (in Rs) | Cost of bid document | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/M & Upkeep Maintenance of Civil Works to Residential and Non-Residential Buildings at Bariniput Colony for a period of 12 months, UKHE Project, Bariniput | 13,26,993.82/- | 13,270/- | 7080/- (Rs.6000 + 18% GST) | "C" or "D" Class | From 10:00 AM of 29.08.2025 to 13:00 Hrs of 08.09.2025 | At 11.30 Hrs. of 09.09.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

Sd./- Unit Head UKHEP, Bariniput
OIPR-04002/11/0115/2526

**GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION-II, BHADRAK** No.O-635

ee_rwbdk2@yahoo.co.in
"e" Procurement Notice for Road Works
Identification Online Tender 08/RWD/BDK-II/2025-26, Dtd.20.08.2025

1. Name of the Work : Road Works as per Annexure, 2. Total Number of Works : 1 No., 3. Approximate Estimated Cost : Rs.95.77 lakhs, 4. Class of Contractor : "B" Class, 5. Period of Completion : As Per Annexure, 6. Type of Tender : Double Cover, 7. Other details : The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Bhadrak | 08 | 30.08.2025 at 11.00 A.M. | 08.09.2025 up to 5.00 P.M. | 08.09.2025 up to 3.00 P.M. | 09.09.2025 at 11.00 A.M. | Will be intimated latter |

8. **Further details can be seen from the e-procurement portal "https://www.tendersorissa.gov.in"**
9. Any other changes / Corrigendum may be seen only in website www.tendersorissa.gov.in

Sd./- Executive Engineer R.W. Division-II, Bhadrak
OIPR-25090/11/0028/2526

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର** No.O-607

(ଗ୍ରାମ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)
NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender/22-2025-26/BPR

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 22-2025-26/BPR | Road Works under PERIODICAL MAINTENANCE | 02 Nos. | From Rs.127.37 lakhs to Rs.174.46 Lakhs | "B" Class & "A" Class as applicable | 04 (Four) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/22-2025-26/BPR | 30.08.2025 at 10.00 A.M. | 15.09.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : https://tendersodisha.gov.in

Sd./- Chief Construction Engineer R.W.Circle, Berhampur
OIPR-25071/11/0114/2526

# ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା

ପୁରୀ,୨୪।୮ (ଅଜିତ୍ କୁମାର ମହାନ୍ତି)

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ଏବଂ ଶ୍ରୀକ୍ଷେତ୍ରରେ ଚାଲିଛି ଶ୍ରୀକୃଷ୍ଣ ଲୀଳା। ଏହି କ୍ରମ ଅନୁଯାୟୀ, ଭାଦ୍ରବ ଶୁକ୍ଳ ପ୍ରତିପଦା ତିଥି ରବିବାର ଅବସରରେ ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ରାମକୃଷ୍ଣ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ସେଠାରୁ ନାଟମନ୍ଦିର ଖଟଶେଯ ଉପରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ହେବା ପରେ ମାଟିମଣ୍ଡପ ସାହିର ଆଖଡ଼ା ପକ୍ଷରୁ ଦାବାଗ୍ନି ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ବେଶଧାରୀମାନେ ମାଟିମଣ୍ଡପ ସାହିର ଆଖଡ଼ାରୁ ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ପରେ ଆଜ୍ଞାମାଳ ପାଇ ଦାବାଗ୍ନି ଅସୁର ତା'ର ପ୍ରକୋପ ଦେଖାଇଥିଲା। ପରେ କୃଷ୍ଣ ଏବଂ ବଳରାମଙ୍କ ହସ୍ତରେ ବଧ ହୋଇଥିଲା। ଦାବାଗ୍ନି ଶବ୍ଦର ଅର୍ଥ ବନ ଦହନ। ଯେତେବେଳେ ଭଗବାନ ଶ୍ରୀକୃଷ୍ଣ କାଳୀୟଦଳନ କଲେ, ସେଦିନ କୌଣସି ଗୋପୀଗୋପାଳମାନେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ସମସ୍ତେ ଯମୁନା ନଦୀ କୂଳରେ ଥିବା ଜଙ୍ଗଲରେ ରହିଯାଇଥିଲେ। ସେହିଦିନ ରାତିରେ ପ୍ରଚଣ୍ଡ ବେଗରେ ଦାବାଗ୍ନି ପ୍ରଜ୍ୱଳିତ ହେଲା। ଯାହା ଏତେ ପ୍ରଚଣ୍ଡ, ତାହାକୁ ଦେଖି ନନ୍ଦ, ଯଶୋଦା, ଗୋପୀଗୋପାଳ ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ତେଣୁ ସେମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଶରଣ ପଶିଥିଲେ। ଶ୍ରୀକୃଷ୍ଣ ସର୍ବସମ୍ମୁଖରେ ସେହି ଦାବାଗ୍ନିକୁ ଭକ୍ଷଣ କରିଥିଲେ। ଫଳରେ ଜଙ୍ଗଲ ରକ୍ଷା ପାଇବା ସହ ଗୋପୀ ଗୋପାଳମାନେ ସମସ୍ତେ ଆଶ୍ୱସ୍ତି ଲାଭ କରିଥିଲେ। ସେହି ଦ୍ୱାପର ଯୁଗର କାହାକୁ ସ୍ମରଣ କରାଯାଇ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହେଉଛି।


ମାଟିମଣ୍ଡପ ସାହି ପକ୍ଷରୁ ଦାବାଗ୍ନି ଅସୁର ସହ କୃଷ୍ଣ ବଳରାମ ନୀତି ଓ କୃଷ୍ଣ ଲିଳାନୀତି ସମ୍ପନ୍ନ କରୁଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୮।୨୦୨୫

| | |
|---|---|
| ୭,୬୮,୧୯୯ ଟଙ୍କା | |
| ସୁନା | ୩୩.୮୦୦ ଗ୍ରାମ୍ |
| ରୁପା | ୨୨.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ମଙ୍ଗଳପୁରରେ ବାଘ ଆତଙ୍କ

ପିପିଲି,୨୪।୮ (ଦୁର୍ଗା ମାଧବ ମିଶ୍ର)

ପୁରୀ ଜିଲା ପିପିଲି ବ୍ଲକର ମଙ୍ଗଳପୁର ଗାଁରେ ବାଘ ଆତଙ୍କ ଦେଖାଦେଇଛି। ଗ୍ରାମର ଶତାଧିକ ଲୋକେ ତଡ଼ାବାଡ଼ି ଟର୍ଚ୍ଚ ଧରି ଘରବାଡ଼ି ଓ ଗହୀରରେ ଖୋଜାଖୋଜି କରୁଛନ୍ତି। ପ୍ରତ୍ୟକ୍ଷଦର୍ଶୀ ବାନାମ୍ବର ପଲାଇଙ୍କ କହିବା କଥା, ସେ ଗୁହାଳକୁ ଯାଇଥିବା ସମୟରେ ଏକ ହଳଦିଆ ରଙ୍ଗ ଦେହରେ କଳା ରଙ୍ଗ ଗାର ଥିବା ଏକ ଅଜଣା ଜୀବ ଦେଖିଥିଲେ। କୁକୁରମାନେ ତାକୁ ଦେଖି ଭୁକିବା ସହ ତା' ଠୁଁ ଦୂରେଇ ରହିଲେ। ଭୟରେ ବାନାମ୍ବର ଗାଁ ଲୋକଙ୍କୁ ଡାକିବା ପରେ ସମସ୍ତେ ଏକାଠି ହୋଇ ବାନାମ୍ବରଙ୍କଠାରୁ ଘଟଣା ସମ୍ପର୍କରେ ଶୁଣିବା ପରେ ଅଜଣା ଜନ୍ତୁକୁ ଠାବ କରୁଛନ୍ତି। ଲୋକେ ଏହାକୁ ବାଘ ବୋଲି ଅନୁମାନ କରି ଭୟଭୀତ ଅଛନ୍ତି। ଗ୍ରାମର ଶତାଧିକ ଲୋକ ଏହି ଅଜଣା ଜୀବ ଭୟରେ ରାତିସାରା ଉଜାଗର ରହିଥିଲେ। ଶନିବାର ଭୋର ସମୟରେ ଗ୍ରାମର ଜଣେ ମହିଳା ଫୁଲ ତୋଳୁଥିବା ସମୟରେ ଏହି ଅଜଣା ଜୀବକୁ ଦେଖି ଗାଁ ଲୋକଙ୍କୁ କହିଥିଲେ, ମାତ୍ର ମହିଳାଙ୍କ କଥାକୁ କେହି ବିଶ୍ୱାସ କରି ନ ଥିଲେ। ପରବର୍ତ୍ତୀ ସମୟରେ ବାନାମ୍ବର ଦେଖିବା ପରେ ବିଶ୍ୱାସ କରିଥିଲେ। ଏହି ଅଜଣା ଜୀବକୁ ଲୋକମାନେ ବାଘ ବୋଲି କହୁଥିବାରୁ ଏବଂ ଆଖପାଖ ଗାଁଗୁଡ଼ିକୁ ଏହି ଖବର ପ୍ରଚାରିତ ହୋଇଯିବାରୁ ଭୟର ବାତାବରଣ ସୃଷ୍ଟି ହୋଇଯାଇଛି। ଏହାର ପ୍ରଭାବ ରବିବାର ଅନୁଭୂତ ହୋଇଛି। ମଙ୍ଗଳପୁର ବଜାରର ଦୋକାନ ବଜାର ଖୋଲିଥିଲେ ମଧ୍ୟ ଜନଗହଳି କମ୍ ଥିଲା, ବ୍ୟବସାୟ ପ୍ରଭାବିତ ହୋଇଥିଲା। ସେପଟେ ଖୋର୍ଦ୍ଧା ବନଖଣ୍ଡ ଅଧୀନ ବାଲିପାଟଣା ବନ୍ୟାଞ୍ଚଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଜଣା ଜନ୍ତୁର ପଦଚିହ୍ନର ଫଟୋ ନେବା ସହ ଟେପ୍ ପକାଇ ମାପଚୁପ କରି ଲୋକଙ୍କୁ ଆଶ୍ୱାସନା ଦେଇ ଅନୁଧ୍ୟାନ କରିଥିଲେ। ଗ୍ରାମବାସୀ ବାଘ ଆତଙ୍କରେ ଭୟଭୀତ ଥିବାବେଳେ ବନ କର୍ମଚାରୀ ହାଲ୍କା ଭାବେ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବେ ବୋଲି ବନ ବିଭାଗ କର୍ମଚାରୀ ବିଶ୍ୱ ନାରାୟଣ ମିଶ୍ର କହିଛନ୍ତି।

### ସୁଦର୍ଶନ ମନ୍ଦିରରୁ ଚୋରି

କାକଟପୁର/ଅସ୍ତରଙ୍ଗ,୨୪।୮ (ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଲୁଟେରା ମାତିଛନ୍ତି। ସିଧାସଳଖ ଟାର୍ଗେଟ କରୁଛନ୍ତି ଗୋଟିଏ ପରେ ଗୋଟିଏ ମନ୍ଦିର। ଶନିବାର ବିଳମ୍ବିତ ରାତିରେ ଅସ୍ତରଙ୍ଗ ବ୍ଲକ ସରିପୁରସ୍ଥିତ ସୁଦର୍ଶନ ମନ୍ଦିରରୁ ଲୁଟେରାମାନେ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି କରି ନେଇଛନ୍ତି। ସୂଚନାଯୋଗ୍ୟ, ଅସ୍ତରଙ୍ଗ ବ୍ଲକ ସରିପୁରସ୍ଥିତ ଚକ୍ରରାଜ ସୁଦର୍ଶନ ମନ୍ଦିରରୁ ହୁଣ୍ଡି ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସବୁ ଟଙ୍କା ନେଇ ଯାଇଛନ୍ତି। ସ୍ଥାନୀୟ ଅଞ୍ଚଳର ନିଶାସକ୍ତ ଯୁବକ ଏଭଳି ଚୋରି କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ବର୍ତ୍ତମାନ ଏଭଳି ଦିନକୁ ଦିନ ଲୁଟେରାଙ୍କ ପ୍ରାଦୁର୍ଭାବ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଯାଇଛି।

### ମୁମ୍ବାଇ ଢାଞ୍ଚାରେ ଷ୍ଟୋନ ଗଣେଶ

ଅସ୍ତରଙ୍ଗ,୨୪।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଗଣେଶ ପୂଜାକୁ ଧୁମ୍‌ଧାମ୍‌ର ସହ ପାଳନ କରାଯିବାକୁ ସବୁଠି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। କିନ୍ତୁ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ଜିଓଳରେ ଥିବା ଗାଦି ଗୋସାଇଁ ଯୁବ ପରିଷଦ ପ୍ରତିବର୍ଷ ଗଣେଶ ପୂଜା ମହାଆଡ଼ମ୍ବରରେ ପାଳନ କରିଥାଏ। ସ୍ଥାନୀୟ ଅଞ୍ଚଳରେ ୪୦ରୁ ଅଧିକ କ୍ଲବ୍ ରହିଛି। ପ୍ରତିବର୍ଷ ବିଭିନ୍ନ କ୍ଲବ୍ ପକ୍ଷରୁ ପୂଜା ପାଇଁ ଆକର୍ଷଣୀୟ ମୂର୍ତ୍ତି ଓ ତୋରଣ କରାଯାଏ। ଚଳିତବର୍ଷ ଗଣେଶ ପୂଜା ପାଇଁ କିଛି ନୂଆ କରିବା ପାଇଁ କ୍ଲବଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ସେଥିମଧ୍ୟରୁ କେନ୍ଦ୍ରାପଟି ପଞ୍ଚାୟତ ଜିଓଳ ଗାଦି ଗୋସାଇଁ ଯୁବ ପରିଷଦ କ୍ଲବ ପକ୍ଷରୁ ମୁମ୍ବାଇ ଢାଞ୍ଚାର ଷ୍ଟୋନ୍ ଗଣେଶ କରିବେ ବୋଲି କ୍ଲବର ସଦସ୍ୟମାନେ କହିଛନ୍ତି।

# କ୍ଲବ ସଦସ୍ୟ କଲେ ରାସ୍ତା ମରାମତି

ଗୋପ,୨୪।୮ (ଭାରତୀ ଭୂଷଣ ଉପାଧ୍ୟାୟ)

- ୧୨ ଥର ଟୁଇଟ୍ ପରେ ମଧ୍ୟ ଶୁଣିଲାନି ପ୍ରଶାସନ
- ଦୈନନ୍ଦିନ ଘଟୁଥିଲା ଛୋଟବଡ଼ ଦୁର୍ଘଟଣା

ବାରମ୍ବାର ଟୁଇଟ୍ ପରେ ବି ପ୍ରଶାସନ ଶୁଣିଲାନି। କୋଣାର୍କ-ପୁରୀ ରାସ୍ତାର ଗୋପ ବଜାର ଛକ ଠାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଦୈନନ୍ଦିନ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ବାଇକ ଆରୋହୀଙ୍କର ଦୁର୍ଘଟଣା ଘଟୁଥିଲା। ଏହାକୁ ନେଇ କୁସୁପୁର ଯୁବ ପରିଷଦ ସଦସ୍ୟମାନେ ରବିବାର ସକାଳେ ବଡ଼ ବଡ଼ ଗର୍ତ୍ତଗୁଡ଼ିକରେ ବଜୁରି ସହିତ ଡଷ୍ଟ ପକାଇଥିବା ଦେଖିବାକୁ ମିଳିଥିଲା। ଏପରି ଏକ କାର୍ଯ୍ୟକୁ ଦେଖି ସାଧାରଣ ଲୋକେ ଯୁବ ପରିଷଦ ସଦସ୍ୟମାନଙ୍କୁ ମଧ୍ୟ ପ୍ରଶଂସା କରିଥିଲେ।

ପ୍ରକାଶ ଯେ, ଦୈନନ୍ଦିନ ଗୋପ ବଜାର ଦେଇ ଦେଶବିଦେଶର ପର୍ଯ୍ୟଟକଙ୍କ ସହ ଶତାଧିକ ପର୍ଯ୍ୟଟକ କୋଣାର୍କ, ପୁରୀ ଯାଇଥାନ୍ତି। ଏହି ବଜାର ଏକ ବଡ଼ ବଜାର ହୋଇଥିବା ବେଳେ ଗୋପ ବଜାର ଦେଇ ଦୈନନ୍ଦିନ ମଧ୍ୟ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ ଜିଲା ସହିତ ଅନ୍ୟାନ୍ୟ ଜିଲାର ଲୋକମାନେ ପୁରୀ, କୋଣାର୍କ ବୁଲି ଯାଇଥାନ୍ତି। ମାତ୍ର ପ୍ରାୟତଃ ସମୟରେ ଏହି ରାସ୍ତାଗୁଡ଼ିକ ଖାଲଖମାପୂର୍ଣ୍ଣ ହୋଇଥିବା ବେଳେ ରାସ୍ତା ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗ ନୀରବଦ୍ରଷ୍ଟା ପାଲଟିଥାଏ। ଅଳ୍ପଦିନ ତଳେ ପୂର୍ତ୍ତବିଭାଗ ପକ୍ଷରୁ କୋଣାର୍କଠାରୁ ଗୋପ ପର୍ଯ୍ୟନ୍ତ ୬ କୋଟି ଟଙ୍କା ବ୍ୟୟରେ ରାସ୍ତା କାର୍ଯ୍ୟ କରାଯାଇଥିବା ବେଳେ ନିମ୍ନମାନର କାର୍ଯ୍ୟ ହେବା ସହିତ ଏ ପର୍ଯ୍ୟନ୍ତ ମଧ୍ୟ ଆଉ କିଛି କାର୍ଯ୍ୟ ବାକିଥାଇ ବିଲ୍ ହୋଇ ଯାଇଥିବା ଅଭିଯୋଗ ରହିଛି। କିଛିଦିନ ଧରି ଗୋପ ବଜାର ସହିତ ଆଉ କେତେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ହେବା ପରେ ପର୍ଯ୍ୟଟକଙ୍କ ସହ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅଭିଯୋଗକୁ ନେଇ କେତେକ ଗଣମାଧ୍ୟମ, ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲାପାଳ ଓ ପୂର୍ତ୍ତବିଭାଗ ସଚିବ ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ତୁରନ୍ତ କାମ କରାଯିବା ଲାଗି ଟୁଇଟ୍ ଯୋଗେ ଅଭିଯୋଗ କରିଥିଲେ। ଦୀର୍ଘଦିନ ଧରି କେହି ଏହି କାମ ନ କରିବାରୁ ଶେଷରେ ଯୁବ ପରିଷଦର ସଦସ୍ୟ ରାକେଶ କୁମାର ଭୋଳ, ସିଲନ କୁମାର ସାହୁ, ମନୋଜ କୁମାର ମାଟି, ଅତୁଲ୍ୟ କୁମାର ମହାନ୍ତି, ଚିନ୍ମୟ କୁମାର ସାହୁଙ୍କ ସମେତ ସଦସ୍ୟମାନେ ବଡ଼ ବଡ଼ ଗର୍ତ୍ତଗୁଡ଼ିକ କାମ କରିଛନ୍ତି।


ଯୁବକମାନେ ରାସ୍ତା ମରାମତି କରୁଛନ୍ତି ।

## ସଫେଇ ସଫାକଲେ ଗ୍ରାମବାସୀ

ବଳଙ୍ଗା,୨୪।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଡିସି-୩୪ ସଫେଇ ଅଳିଆ ଓ ଅନାବନା ଗଛ ପତ୍ରରେ ଭର୍ତ୍ତି ହୋଇ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ଚାଷୀମାନଙ୍କ ବିଲରେ ଅଣ୍ଟାଏ ପାଣି ଥିବାବେଳେ ପାଣି ନିଷ୍କାସନ ପାଇଁ କେବଳ ଏହି ସଫେଇ ଉପରେ ନିର୍ଭର କରିଛନ୍ତି। ସଫେଇରେ ଜଙ୍ଗଲ ହୋଇଥିବାରୁ ପାଣି ଯିବା କଷ୍ଟକର ହୋଇପଡୁଛି। ସଫେଇ ସଫା କରିବା ବିଳମ୍ବ ହେବାରୁ ଆଖପାଖ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଜଣାଇବା ପରେ କାମ ନ ହେବାରୁ ବାଧ୍ୟ ହୋଇ ଚାଷୀମାନେ ଏକତ୍ର ହୋଇ ସଫେଇ ସଫା କରିଛନ୍ତି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଆମେମାନେ କାମ କଲୁ, କିନ୍ତୁ ବିଭାଗୀୟ କର୍ମଚାରୀ ଓ ଠିକାଦାର ଏହି କାମକୁ ଦେଖେଇ ବିଲ୍ କରିନେବେ ବୋଲି ସନ୍ଦେହ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ରାଉତଙ୍କୁ ପଚାରିବାରେ ପ୍ରକାଶ କରିଛନ୍ତି ଯେ, ଆମେ ସଫା କରିଚାଲିଛୁ।

## ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଲେ ୧୪୬ ଛାତ୍ରୀଛାତ୍ର

ସାକ୍ଷୀଗୋପାଳ,୨୪।୮ (ଭରତ ରାଉତ)

ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ତରଫରୁ ସାକ୍ଷୀଗୋପାଳରେ ମଣ୍ଡଳସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଚଳିତ ବର୍ଷ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା ଅତି ଶୃଙ୍ଖଳାର ସହିତ ସମାପ୍ତ ହୋଇଛି। ଚଳିତବର୍ଷ ବିଭିନ୍ନ ପଞ୍ଚାୟତର ୧୪୬ ଜଣ ଅଂଶଗ୍ରହଣ କରିଛନ୍ତି। ସେବକସାହିସ୍ଥିତ ଜାଗେଶ୍ୱରୀ ମଣ୍ଡପରେ ଆୟୋଜିତ ଏହି ପ୍ରତିଯୋଗିତାରେ ଗୁରୁ ନୀଳମଣି ଜେନା ଏବଂ ଗୁରୁ ରାଧା ବଲ୍ଲଭ ବରାଳ ଜୁରି ଭାବରେ ରହି କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଦିବାକର ମହାପାତ୍ର, ସାଂସ୍କୃତିକ ସମ୍ପାଦକ ବିଜୟ ମହାପାତ୍ର, ସଦସ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ରବି ନାରାୟଣ ଷଡ଼ଙ୍ଗୀ ଏବଂ ଆଲୋକ ଖୁଣ୍ଟିଆ ପରିଚାଳନା କରିଥିଲେ।

# ନିମାପଡ଼ାରେ ଖୁବ୍‌ଶୀଘ୍ର ଶିଳ୍ପ ପ୍ରତିଷ୍ଠା ହେବ

ନିମାପଡ଼ା,୨୪।୮ (ବିଚିତ୍ରାନନ୍ଦ ସାହୁ)

**ନିମାପଡ଼ା ତହସିଲ ଅଞ୍ଚଳରେ ୧୦୫ ଏକର ସରକାରୀ ଜମି ଚିହ୍ନଟ**

ନିମାପଡ଼ା ଅଞ୍ଚଳରେ ଖୁବ୍‌ଶୀଘ୍ର ଶିଳ୍ପ ପ୍ରତିଷ୍ଠା ହେବ। ନିମାପଡ଼ାର ଭାଗ୍ୟ ଓ ରୂପରେଖ ବଦଳିବ। ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍ୟମ ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏବେ ସ୍ଥାନୀୟ ତହସିଲ୍‌ଦାର ମନୋଜ ପ୍ରଧାନଙ୍କ ପ୍ରଗାଢ଼ ଉଦ୍ୟମ ଓ ପ୍ରଚେଷ୍ଟା ଯୋଗୁ ତହସିଲ ଅଞ୍ଚଳରେ ୧୦୫ ଏକର ସରକାରୀ ଜମି ଚିହ୍ନଟ ହୋଇଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚିହ୍ନଟ ହୋଇଥିବା ସରକାରୀ ଜମି ଶିଳ୍ପ ପ୍ରତିଷ୍ଠା ପାଇଁ ବହୁଳ ଭାବେ ସହାୟକ ହେବ। ନିମାପଡ଼ାରେ ଶିଳ୍ପ ପ୍ରତିଷ୍ଠା ହେଲେ ନିମାପଡ଼ାର ବହୁବିଧ ବିକାଶ ଓ ଅଭିବୃଦ୍ଧି ଘଟିବ। ନିମାପଡ଼ାରେ ପ୍ରଥମ ପର୍ଯ୍ୟାୟରେ ରାଜସ୍ୱ ବିଭାଗ ପକ୍ଷରୁ ଚିହ୍ନଟ ହୋଇଥିବା ୧୫ ଏକର ସରକାରୀ ଜମିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ୟମ ଓ ପ୍ରଚେଷ୍ଟାରେ ଏକ କପଡ଼ା ତିଆରି କାରଖାନା ପ୍ରତିଷ୍ଠା କରାଯିବା ପାଇଁ ପରିକଳ୍ପନା କରାଯାଇଛି। ଏହି କପଡ଼ା ଶିଳ୍ପ ପ୍ରତିଷ୍ଠା ପାଇଁ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ନିମାପଡ଼ାରେ ଶିଳ୍ପ ପ୍ରତିଷ୍ଠା ହେଲେ ଉତ୍କର୍ଷ ନିମାପଡ଼ା, ବିକଶିତ ନିମାପଡ଼ା, ବିକଶିତ ଓଡ଼ିଶା ଭିଜନର ପରିକଳ୍ପନା ଓ ସ୍ୱପ୍ନ ସାକାର ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

ଅନ୍ୟପକ୍ଷରେ ନିମାପଡ଼ା ରାଜସ୍ୱ ବିଭାଗ ପକ୍ଷରୁ ୭ଟି ମୌଜାରେ ମୋଟ ୧୦୫ ଏକର ୫୦ ଡିସିମିଲ ସରକାରୀ ଜମି ଚିହ୍ନଟ ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ସରକାରୀ ଜମି ଚିହ୍ନଟ କରାଯିବ ଓ ଏଥିପାଇଁ ଏକ ଲ୍ୟାଣ୍ଡ ବ୍ୟାଙ୍କ ପ୍ରସ୍ତୁତ କରାଯାଇଥିବା ତହସିଲଦାର କହିଛନ୍ତି। ଏହି ଜମି ଚିହ୍ନଟ କାର୍ଯ୍ୟରେ ରାଜସ୍ୱ ପରିଦର୍ଶକ ରାମଚନ୍ଦ୍ର ପାତ୍ର, ସତ୍ୟବାନ ପଲାଇ, ଅନସୂୟା ମଲ୍ଲିକ ପ୍ରମୁଖ ସହାୟତା କରିଥିଲେ। ଏତେ ପରିମାଣର ସରକାରୀ ଜମି ଚିହ୍ନଟ ହେବା ଘଟଣା ସ୍ଥାନୀୟ ରାଜସ୍ୱ ବିଭାଗ ପାଇଁ ଏକ ଉଲ୍ଲେଖନୀୟ ସଫଳତା ଆଣିଦେଇଛି ବୋଲି ବିଭିନ୍ନ ମହଲରେ କୁହାଯାଇଛି। ନିମାପଡ଼ାରେ ଶିଳ୍ପ ପ୍ରତିଷ୍ଠା ହେଲେ ନିମାପଡ଼ାବାସୀ ବହୁଳ ଭାବେ ଉପକୃତ ହୋଇପାରିବେ।

# 'ଆସ ସ୍କୁଲ ଯିବା ଅଭିଯାନ'ର ସଫଳ ରୂପାୟନ


ଆସ ସ୍କୁଲ ଯିବା ଅଭିଯାନରେ ସଚେତନ କରାଯାଉଛି ।

କୋଣାର୍କ,୨୪।୮ (ଜ୍ୟୋତିରାଜ ମହାନ୍ତି)

ସ୍କୁଲ ବାହାରେ ଥିବା ୬ ବର୍ଷରୁ ୧୮ ବର୍ଷ ବୟସ୍କ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ ହୋଇଛି। ଅଭିଭାବକଙ୍କ ସଚେତନତାର ଅଭାବ, ଦାରିଦ୍ର୍ୟ, ସ୍ୱାସ୍ଥ୍ୟଗତ ସମସ୍ୟା, ସ୍ଥାନାନ୍ତର ପ୍ରଭୃତି ସମସ୍ୟା ଯୋଗୁ ଅନେକ ପିଲା ଅଧାରୁ ସ୍କୁଲ ଛାଡ଼ିଛନ୍ତି। ବୟସ ହୋଇଯାଇଥିଲେ ମଧ୍ୟ କେତେକ ପିଲା ସ୍କୁଲ ମାଟି ମାଡ଼ି ନାହାନ୍ତି। ଏହି ପରିପ୍ରେକ୍ଷୀରେ ଡ୍ରପ ଆଉଟ ଏବଂ ମୋଟେ ସ୍କୁଲ ଆସି ନ ଥିବା ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଇ ସେମାନଙ୍କର ଶିକ୍ଷା ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟରସ୍ତରୀୟ କମିଟି ପକ୍ଷରୁ ଜାରି ରହିଥିବା ପ୍ରଚେଷ୍ଟାରେ ସଫଳତା ମିଳିଥିବା ଜଣାଯାଇଛି। କ୍ଲଷ୍ଟରସ୍ତରୀୟ କମିଟିର ଆବାହକ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ନିୟମିତ କାଉନସେଲିଂ ଫଳରେ ଡ୍ରପ୍ ଆଉଟ ଥିବା ୪ଜଣ ଛାତ୍ରୀଛାତ୍ର ସ୍କୁଲରେ ନାମ ଲେଖାଇଛନ୍ତି। ସ୍କୁଲ ଯିବାକୁ ଇଚ୍ଛୁକ ଥିବା ଆଉ ୫ଜଣ ଛାତ୍ରୀଛାତ୍ର ନାମ ଲେଖାଇବା ଅପେକ୍ଷାରେ ଅଛନ୍ତି। ପାରିବାରିକ କଳହରେ ପ୍ରଭାବିତ ହୋଇ ମୋଟେ ସ୍କୁଲ ଯାଇ ନ ଥିବା ୮ବର୍ଷର ଶିଶୁ ନିଖିଳ ଦାସ ଓ ଡ୍ରପଆଉଟ ବାଳିକା ପୂର୍ଣ୍ଣିମା ଦାସଙ୍କ ନାମ ଭୈରବ ନୋଡାଲ ୟୁପିଏସ୍, ଲିପା ଦାସଙ୍କ ନାମ ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଶୁଭଜିତ୍ ବରାଳଙ୍କ ନାମ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ଲେଖାଯାଇଛି। କାଉନସେଲିଂ ପରେ ସ୍କୁଲ ଯିବା ପାଇଁ ଇଚ୍ଛୁକ ଥିବା ଆଉ ୫ଜଣ ପିଲାଙ୍କ ନାମ ଲେଖାଇବା ନିମନ୍ତେ ବ୍ଲକସ୍ତରୀୟ କମିଟିର ସହଯୋଗ ଲୋଡ଼ା ଯାଇଥିବା ଜଣାଯାଇଛି। 'ଆସ ସ୍କୁଲ ଯିବା ଅଭିଯାନ'କୁ ତ୍ୱରାନ୍ୱିତ କରିବା ଦିଗରେ ଗୋପ ବିଇଓ ପ୍ରମୋଦ କୁମାର କରଙ୍କ ନିୟମିତ ମାର୍ଗଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଥିବା ସିଆର୍‌ସିସି ବାହିନୀପତି ପ୍ରକାଶ କରିଛନ୍ତି।

## କୋଣାର୍କରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

କୋଣାର୍କ,୨୪।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସ୍ଥିତ ନରସିଂହ ଦେବ ଦୁର୍ଗା ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଶାରଦୀୟ ନବରାତ୍ର ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକରେ ଚଳିତ ବର୍ଷ ଦୁର୍ଗା ପୂଜାକୁ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଆୟୋଜନ କରିବା, ଷଷ୍ଠୀ ତିଥି ୨୯ ତାରିଖରେ ମାଟି ଅନୁକୂଳ କାର୍ଯ୍ୟ ସମ୍ପାଦନ ସମେତ ପୂଜା ସମ୍ପର୍କିତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଉପଦେଷ୍ଟା ରାମକୃଷ୍ଣ ମହାନ୍ତି, ସଭାପତି ସୁଶାନ୍ତ କୁମାର ମହାନ୍ତି, ସମ୍ପାଦକ ନଟବର ମହାରଣା ଓ କୋଷାଧ୍ୟକ୍ଷ ବୀରବର ସ୍ୱାଇଁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# କାକଟପୁର କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା

ଅସ୍ତରଙ୍ଗ,୨୪।୮ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁର ନିର୍ବାଚନମଣ୍ଡଳୀର ହେଡ୍‌କ୍ୱାର୍ଟର୍ସ ଭାବେ ପରିଗଣିତ ହେଉଥିବା ବେଳେ ଏନ୍‌ଏସି ମାନ୍ୟତା ତାଲିକାରେ ସର୍ବାଗ୍ରେ ରହିଥିଲା। ବିଜେଡି ସରକାର ସମୟରେ ନିର୍ବାଚନକୁ ଆଖିଆଗରେ ରଖି କାକଟପୁରକୁ ଏନ୍‌ଏସି ଘୋଷଣା କରିଥିଲା, ମାତ୍ର ନିର୍ବାଚନ ପରେ ଭାଜପା ସରକାରକୁ ଆସିଲା ପରେ କାକଟପୁରର ଏନ୍‌ଏସି ମାନ୍ୟତା ସ୍ୱପ୍ନ ପାଲଟିଛି। ରାଜ୍ୟରେ ବିଭିନ୍ନ ପ୍ରାନ୍ତରୁ ଏନ୍‌ଏସି ମାନ୍ୟତା ପାଇଁ ବନ୍ଦ, ହରତାଳ, ବିକ୍ଷୋଭ ଚାଲିଥିବା ବେଳେ କାକଟପୁରର ମାନ୍ୟତା ଅଧାରେ ଅଟକିଛି। ରବିବାର ରାଜ୍ୟ ବିରୋଧୀ ଦଳ ଜାତୀୟ କଂଗ୍ରେସର କାକଟପୁର ବ୍ଲକ କଂଗ୍ରେସ ପକ୍ଷରୁ ଏନ୍‌ଏସି ମାନ୍ୟତା ଦାବି ନେଇ ଆସନ୍ତା ୨୮ ତାରିଖ କାକଟପୁର ୧୨ ଘଣ୍ଟିଆ ବନ୍ଦ ଡାକରା ପାଇଁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ ୧୨ ଘଣ୍ଟିଆ ଅଖ ଚକ ବନ୍ଦ ସହିତ ଶାନ୍ତିପୂର୍ଣ୍ଣ ବନ୍ଦ ସଫଳତା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ବୈଠକରେ ବ୍ଲକ କଂଗ୍ରେସ ସଂଯୋଜକ ଯଶବନ୍ତ ନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ଜିଲା ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, ବିଚିତ୍ରାନନ୍ଦ ଦାଶ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ସେକଲିୟା କତ, ମଲିକ ଏନାମୂଲ, ଅରକ୍ଷିତ କାଣ୍ଡି, ସୁକାନ୍ତ ପରିଡା, ନଳିନୀ କାନ୍ତ ଦୀକ୍ଷିତ, କରୁଣାକର ସେନାପତି, ରଜବ ଅଲ୍ଲୀ ବେଗ, ସେକ ହିମାୟତ, ପ୍ରଫୁଲ୍ଲ ନାୟକ, ପ୍ରଫୁଲ ବିଶ୍ୱାଳ, ହୃଷୀକେଶ ବେହେରା, ନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ ।

## ମଲ୍ଟି ଲେଭଲ କାର୍ ପାର୍କିଂରୁ ତଳକୁ ଖସିଲା ବୋଲେରୋ

ପୁରୀ,୨୪।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥବଲ୍ଲଭ ମଲ୍ଟି ଲେଭଲ କାର୍ ପାର୍କିଂଠାରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାର୍କି ସମୟରେ ପ୍ରଥମ ମହଲାରୁ ବୋଲେରୋ ଗାଡ଼ି ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ ଗାଡ଼ିରେ ଥିବା ଡ୍ରାଇଭର ଗୁରୁତର ହୋଇଛନ୍ତି। ଗୁରୁତର ଡ୍ରାଇଭର ହେଉଛନ୍ତି ଭଦ୍ରକ ଜିଲା ଧାମରା ଅଞ୍ଚଳର ସଞ୍ଜୟ ସେଠୀ। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୀ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଗାଡ଼ି ପ୍ରଥମ ମହଲାରୁ ତଳକୁ ପଡ଼ି ଗାଡ଼ିଟି ଭାଙ୍ଗି ଚୁରମାର ହୋଇଛି। ପାର୍କି ସମୟରେ ଡ୍ରାଇଭର ପଛକୁ ଗାଡ଼ି ନେଉଥିବା ବେଳେ ଗାଡ଼ିଟି ତଳକୁ ଖସି ପଡ଼ିଥିବା ଜଣାପଡ଼ିଛି ।

ସୂଚନାଥାଉକି, ଭଦ୍ରକ ଧାମରା ମେରାଇନ ଥାନା ବଳଭଦ୍ରପ୍ରସାଦ ଗ୍ରାମର ସଞ୍ଜୟ ସେଠୀ ଯାତ୍ରୀଙ୍କୁ ନେଇ ପୁରୀ ଆସିଥିଲେ। ସମସ୍ତେ ଗାଡ଼ିରୁ ଓହ୍ଲାଇବା ପରେ ସଞ୍ଜୟ ଗାଡ଼ିକୁ ପାର୍କି କରୁଥିବା ବେଳେ ଭୁଲ୍‌ରେ ବ୍ୟାକ ଗିଅର ଦେଇ ଆକ୍ସିଲେଟର ଅଧିକ ଦେଇଥିବାରୁ ଏଭଳି ହୋଇଥିବା ସନ୍ଦେହ କରାଯାଉଛି। ଫଳରେ ଗାଡ଼ି ତଳକୁ ଖସି ପଡିଥିଲା। ସଞ୍ଜୟଙ୍କ ଉପସ୍ଥିତ ବୃଦ୍ଧି ଯୋଗୁ ଗାଡ଼ି ପଛକୁ ପଳାଇଥିଲେ। ଯାହାଫଳରେ ଗୁରୁତ୍ୱର ହୋଇ ନ ଥିଲେ। ତେବେ ସଞ୍ଜୟଙ୍କୁ ସ୍ଥାନୀୟ ଲୋକ ସେଠାରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରିଥିଲେ। ଶ୍ରୀଜଗନ୍ନାଥବଲ୍ଲଭ ମଲ୍ଟି ଲେଭଲ କାର ପାର୍କିଂରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ନେଇ ସାଧାରଣରେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଜଗନ୍ନାଥବଲ୍ଲଭ ପାର୍କିରେ ଉପଯୁକ୍ତ ସୁରକ୍ଷା ନ ନଥିବାରୁ ଗାଡ଼ି ପାର୍କି କରିଥିବା ଡ୍ରାଇଭରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଗନ୍ନାଥ ବଲ୍ଲଭ କାର୍ ପାର୍କି କାର୍ଯ୍ୟ ଚାଲିଥିବା ବେଳେ କାହିଁକି ପ୍ରଥମ ମହଲାରେ ଗାଡ଼ି ପାର୍କି କରାଯାଉଛି, ସେ ନେଇ ପ୍ରଶ୍ନ ଉଠୁଛି। ପାର୍କିଂସ୍ଥଳର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ପରେ ପାର୍କି ପାଇଁ ଅନୁମତି ରହିବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ତଳେ ପଡିଥିବା କାର୍ ।

# ପର୍ଯ୍ୟଟନ ଭିତ୍ତିଭୂମିକୁ ଆହୁରି ଉନ୍ନତ, ସଶକ୍ତ କରାଯିବ

**ଭାରତୀୟ ଟୁର ଅପରେଟର ଆସୋସିଏଶନର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ**

ପୁରୀ,୨୪।୮ (ଅଜିତ୍ କୁମାର ମହାନ୍ତି)

ଭାରତୀୟ ଟୁର ଅପରେଟର ଆସୋସିଏଶନ (ଆଇଏଟିଓ)ର ୪୦ତମ ବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପର୍ଯ୍ୟଟନ ପାଇଁ ସରକାରୀସ୍ତରରେ ନିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପର୍ଯ୍ୟଟନ ଭିତ୍ତିଭୂମିକୁ ଆହୁରି ଉନ୍ନତ ଓ ସଶକ୍ତ କରାଯିବ। ପର୍ଯ୍ୟଟକଙ୍କ ଆଗମନରେ ଯେପରି କୌଣସି ପ୍ରକାରର ପ୍ରତିବନ୍ଧକ ନ ରୁହେ, ସେନେଇ ପୁରୀ-ଭୁବନେଶ୍ୱର ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ। କୋଣାର୍କ-ପୁରୀ ୨ଲେନ୍ ଏବଂ କୋଣାର୍କରୁ ପିପିଲି ୨ ଲେନ୍ ବିଶିଷ୍ଟ କରାଯିବ। ଯେଉଁ ହୋଟେଲ୍‌ରେ ୨୦ରୁ ଅଧିକ ରୁମ୍ ଥିବ, ସେହି ହୋଟେଲକୁ ଓପନ ବାର ଲାଇସେନ୍ସ ପ୍ରଦାନ କରାଯିବ। ବାର ଲାଇସେନ୍ସ ପଲିସି ପ୍ରତିବର୍ଷ ଅପେକ୍ଷା ପ୍ରତି ୩ ବର୍ଷରେ ପରିବର୍ତ୍ତନ କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଁ ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି କାମ କରାଯିବ ବୋଲି କହିଛନ୍ତି।

ଆଇଏଟିଓର ପୂର୍ବାଞ୍ଚଳ ଅଧ୍ୟକ୍ଷ ଜେ. କେ. ମହାନ୍ତି ଅଭିଭାଷଣରେ କହିଛନ୍ତି, ସମ୍ପ୍ରତି ବେଳାଭୂମି ଓ ଶ୍ରୀମନ୍ଦିର ପରିକ୍ରମା ଚତୁର୍ପାର୍ଶ୍ୱରେ ସଫାସୁତରା ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଓଡ଼ିଶାରେ ତୃତୀୟ ଥର ପାଇଁ ଆଇଏଟିଓ ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ଚଳିତ ବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଟୁର୍ ଅପରେଟର, ଟ୍ରାଭେଲ ଏଜେଣ୍ଟ, ହୋଟେଲିୟର, ଟୁରିଷ୍ଟ ଟ୍ରାନ୍ସପୋର୍ଟ ଅପରେଟର, ଏୟାରଲାଇନ୍ସ ସହ ଜଡ଼ିତ ବ୍ୟକ୍ତିବିଶେଷ ବହୁ ଉପାଦେୟ ଜ୍ଞାନ ଏବଂ ଅଭିଜ୍ଞତା ଓ ଅନୁଭବ ବାଣ୍ଟିଛନ୍ତି। ଏହି ଅନୁଭବ ଓ ଜ୍ଞାନକୁ ଏକାଠି ସଙ୍କଳନ କରି ଅଭିଜ୍ଞ ବ୍ୟକ୍ତିମାନେ ପର୍ଯ୍ୟଟନର ବିକାଶ ପାଇଁ ଦେଇଥିବା ବିଭିନ୍ନ ପ୍ରସ୍ତାବକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିବୁ ବୋଲି ସେ କହିଛନ୍ତି। ସମ୍ମିଳନୀରେ ୧୭ ରାଜ୍ୟରୁ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରକୁ 'ଫାମ ଟୁର୍‌ରେ ଯିବେ। ପୁରୀ, କୋଣାର୍କ, ସାତପଡ଼ା, ସାକ୍ଷୀଗୋପାଳ, ରଘୁରାଜପୁର, ଚିଲିକା, ଭିତରକନିକା, କୋରାପୁଟ ସମେତ ବିଭିନ୍ନ ସ୍ଥାନକୁ ଯାତ୍ରା କରି ସେଠାକାର ପର୍ଯ୍ୟଟନ ଭିତ୍ତିଭୂମି ଓ ସୌନ୍ଦର୍ଯ୍ୟର ଆସ୍ୱାଦର ସାଜିବେ। ନିଜ ରାଜ୍ୟ ଓ ଟୁର୍ ୱେବସାଇଟ୍ ସଂସ୍ଥାରେ ଏହାର ପ୍ରଚାର ପ୍ରସାର କରି ପର୍ଯ୍ୟଟକଙ୍କୁ ଆଗମନ ପାଇଁ ମାର୍ଗ ପ୍ରସ୍ତୁତ କରିବେ। ଉଦ୍‌ଯାପନୀ ଉତ୍ସବରେ ଆଇଏଟିଓ ସଭାପତି ରବି ଗୋସାଇଁ, ଆଇଏଟିଓର ଉପସଭାପତି ସଞ୍ଜୟ ରାଜଦାନ, ସମ୍ପାଦକ ରଜନୀଶ କାଇସ୍ଥ, ସମ୍ପାଦକ ବିନୟ ତ୍ୟାଗୀ, ଆଇଏଟିଓ ଓଡ଼ିଶା ଚାପ୍ଟରର ଗଗନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ମିଳନୀରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନ୍ୟ ଅତିଥିମାନେ ।

## ମଲ୍ଟି ଲେଭଲ କାର୍ ପାର୍କିଂରୁ ତଳକୁ ଖସିଲା ବୋଲେରୋ

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀଜଗନ୍ନାଥବଲ୍ଲଭ ମଲ୍ଟି ଲେଭଲ କାର୍ ପାର୍କିଂର ପ୍ରଥମ ମହଲାରେ ରବିବାର ଏକ ବୋଲେରୋ ଖସିପଡ଼ିଛି। ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ହୋଇଛନ୍ତି। ସେ ହେଲେ ଭଦ୍ରକ ଧାମରା ଅଞ୍ଚଳର ସଞ୍ଜୟ ସେଠୀ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପୁରୀ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପାର୍କିଂ ସମୟରେ ଡ୍ରାଇଭର ପଛକୁ ଗାଡ଼ି ନେଉଥିବାବେଳେ ସୁରକ୍ଷା ବାଡ଼ା ନ ଥିବାରୁ ତାହା ତଳକୁ ଖସି ପଡ଼ିଥିବା ଜଣାପଡିଛି।



# ୪ ଡକାୟତ ଗିରଫ

## ଖଣ୍ଡା, ଛୁରି, ଲଙ୍କାଗୁଣ୍ଡ ଆଦି ଜବତ

ଭୁବନେଶ୍ୱର,୨୪।୮(ସତ୍ୟଜିତ ରାଉତ)

କଂଗ୍ରେସ ଭବନ ପଛପଟେ ଏକ ପରିତ୍ୟକ୍ତ ଘରେ ଡକାୟତି ଯୋଜନା ବେଳେ କ୍ୟାପିଟାଲ ଥାନା ପୋଲିସ ଏକ ଗ୍ୟାଙ୍ଗର ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଛୁରି, ଖଣ୍ଡା, ଲଙ୍କା ଗୁଣ୍ଡ, ମୋବାଇଲ, ଫେସ ମାସ୍କ ଆଦି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେଶରୀନଗର ବସ୍ତିର ବରୁଣ ମାଝୀ (୩୨), ରାଜେଶ ପ୍ରଧାନ (୨୪), ମସଜିଦ କଲୋନୀର ସେକ ମୁସ୍ତାକିନ (୨୩) ଓ ସେକ ଆବୁ ବକର୍ (୨୩)। ରବିବାର ସମସ୍ତଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଚଢ଼ାଉ ବେଳେ ବାଦଲ ନାୟକଙ୍କ ସମେତ ଆଉ କେତେଜଣ ଅଭିଯୁକ୍ତ ଖସି ପଳାଇଥିବାରୁ ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଚୋରି, ଲୁଟ, ଡ଼କାୟତି ଆଦି ମାମଲା ରହିଛି। ଏନେଇ ପୋଲିସ ମାମଲା (ନଂ.୪୪୯/୨୦୨୫)ରୁଜୁ କରିଛି।

# ପାପଡ଼ାହାଣ୍ଡି ଘଟଣା ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ ସ୍ୱାକ୍ଷର

## ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ

ଭୁବନେଶ୍ୱର, ୨୪।୮(ବନ୍ଦନା ସେଠୀ)



ଉତ୍ସବରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟ ଅତିଥିମାନେ।

ଭାରତ ଛାଡ଼ ଆନ୍ଦୋଳନ ସମୟରେ ଦେଶରେ ବିଦ୍ରୋହର ଅଗ୍ନି ପ୍ରଜ୍ୱଳିତ ହୋଇଥିବାବେଳେ ଓଡ଼ିଶା ମାଟିରେ ପ୍ରଜାମାନଙ୍କର ଦେଶଭକ୍ତିର ସ୍ୱର ଗୁଞ୍ଜରିତ ହୋଇଥିଲା। ୧୯୪୨ ଅଗଷ୍ଟ ୨୪ରେ ବ୍ରିଟିଶ ପୋଲିସର ବର୍ବରୋଚିତ ଗୁଳିକାଣ୍ଡରେ ଏହି ମାଟିରେ ରକ୍ତରଞ୍ଜିତ ଇତିହାସ ଲେଖା ଯାଇଥିଲା। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିର ତୁରୀ ନଦୀକୂଳରେ ବ୍ରିଟିଶମାନେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ପୁନରାବୃତ୍ତି କରିଥିଲେ। ଏହି ଘଟଣା କେବଳ ଏକ ସ୍ଥାନୀୟ ପ୍ରଜାବିଦ୍ରୋହ ନୁହେଁ, ଏହା ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ ସ୍ୱାକ୍ଷର ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ ପକ୍ଷରୁ ରବିବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ପାପଡାହାଣ୍ଡି ଘଟଣା ଓଡିଶା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର। ଭାରତଛାଡ଼ ଆନ୍ଦୋଳନ ଭାରତ ଆତ୍ମାର ଚିତ୍କାର ଥିଲା। ସ୍ୱାଧୀନତା ନିମନ୍ତେ ନବରଙ୍ଗପୁର ପରି ଏକ ଆଦିବାସୀବହୁଳ ଅଞ୍ଚଳର ଜନସାଧାରଣ ଯେପରି ତ୍ୟାଗ କରିଥିଲେ, ତାହା ଉତ୍ତରପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧିବାଦୀ ଚିନ୍ତକ ପ୍ରହ୍ଲାଦ ସିଂହ କହିଲେ, ଭାରତ ଛାଡ଼ ଆନ୍ଦୋଳନର ଆହ୍ୱାନ ପରେ ଅବିଭକ୍ତ କୋରାପୁଟ ଜିଲାର ପ୍ରଜାମାନେ ଇଂରେଜ ଶାସନକୁ ତୀବ୍ର ବିରୋଧ କରିଥିଲେ। ବ୍ରିଟିଶମାନଙ୍କର ବର୍ବରୋଚିତ ଆକ୍ରମଣରେ ଏଠାରେ ୮୩ଜଣ ଶହୀଦ ହୋଇଥିଲେ। ତେଣୁ ଏହାକୁ ରକ୍ତତୀର୍ଥ ପାପଡାହାଣ୍ଡି ବୋଲି ଅଭିହିତ କରାଯାଏ ବୋଲି ସେ କହିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ନବରଙ୍ଗପୁର ଜନଜାତିର ଯୋଗଦାନ ଓଡିଶା ସ୍ୱାଧୀନତା ସଂଗ୍ରାମର ଏକ ପାହାଚ ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଥିଲେ। ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଶବରୀ ସାଂସ୍କୃତିକ ସଂସଦ ପ୍ରତିଷ୍ଠାତା ସଦସ୍ୟ ଡ. ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଯାତ୍ରା ଟିକେଟ ଦର ୨ଶହ ମଧ୍ୟରେ ରହୁ

## ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

- ଗ୍ରେଡେଶନ ଭିତ୍ତିରେ ଯାତ୍ରା ପରିବେଷଣ ଦର ଧାର୍ଯ୍ୟ କରାଯାଉ
- ଯାତ୍ରାରେ ନଗ୍ନତାକୁ ପ୍ରଶ୍ରୟ ଦିଆଯିବ ନାହିଁ

ଭୁବନେଶ୍ୱର, ୨୪।୮(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚ ପକ୍ଷରୁ ଖୋର୍ଦ୍ଧା ଜିଲାର ସମସ୍ତ ଅପେରା କମିଟି (ଦୋଳ ପୂର୍ଣ୍ଣିମା କମିଟି, ଗ୍ରାମ୍ୟ କମିଟି, ମନ୍ଦିର କମିଟି ଓ ମେଳା କମିଟି)କୁ ନେଇ ରବିବାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଖଣ୍ଡଗିରି ଛକସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ସୁଗମ ଓ ସୁଲଭ ବ୍ୟବସ୍ଥା ଆପଣାଇବା ଯାତ୍ରା ପାର୍ଟି ନିକଟରେ ଦାବି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ମଞ୍ଚ ସମ୍ପାଦକ କୃଷ୍ଣଚନ୍ଦ୍ର ଜେନା କହିଛନ୍ତି ଯେ, ଯାତ୍ରା ପରିବେଷଣ ପାଇଁ ଯାତ୍ରା ପାର୍ଟି ପକ୍ଷରୁ ରାତି ପିଛା ନିଆଯାଉଥିବା ଦର ଏବେ ସମସ୍ୟା ସୃଷ୍ଟି କରିଛି। ରାତି ପିଛା ଏବେ ଏ-ଗ୍ରେଡ ଦଳ ୪ଲକ୍ଷ ୨୦ ହଜାର ଟଙ୍କା ନେଉଛନ୍ତି। ତେଣୁ ଯାତ୍ରା ଦେଖିବାପାଇଁ ଟିକେଟ ୨ଶହରୁ ୪ଶହ ଟଙ୍କାରେ ବିକ୍ରି ହେଉଛି। ଫଳରେ ଗୋଟିଏ ପରିବାରରୁ ୫ଜଣ ଆସିଲେ, ସର୍ବନିମ୍ନ ୧୦୦୦ ଟଙ୍କା ଟିକେଟ ଦେଇ ଯାତ୍ରା ଦେଖିବା ନେଇ ଆଉ ଆଗ୍ରହ ପ୍ରକାଶ ପାଉନାହିଁ। ତେଣୁ ଯାତ୍ରା ଦେଖିବାକୁ ଦର୍ଶକଙ୍କ ଆଗମନ ପୂର୍ବ ତୁଳନାରେ ହ୍ରାସ ପାଇଛି। ଯାତ୍ରା ପାର୍ଟି ଗ୍ରେଡେଶନ ଭିତ୍ତିରେ ରାତି ପିଛା ଯାତ୍ରା ପରିବେଷଣର ଦର ଧାର୍ଯ୍ୟ କରିବାକୁ ଦାବି ହୋଇଛି। ଏ-ଗ୍ରେଡ୍ ଯାତ୍ରା ପାର୍ଟି ରାତି ପିଛା ୨ଲକ୍ଷ ୫୦ ହଜାର ଟଙ୍କା, ବି-ଗ୍ରେଡ ୨ଲକ୍ଷ ଏବଂ ସି-ଗ୍ରେଡ୍ ପାର୍ଟି ୧ଲକ୍ଷ ୮୦ ହଜାର ଟଙ୍କା ଦର ଧାର୍ଯ୍ୟ କରିବାକୁ ଦାବି କରାଯିବ। ଏହା ହୋଇପାରିଲେ ଲୋକେ ୧୦୦ରୁ ୨ଶହ ଟଙ୍କା ଭିତରେ ଟିକେଟ ଦେଇ ଯାତ୍ରା ଦେଖିପାରିବେ ଏବଂ ପୁଣି ଯାତ୍ରା ଦେଖିବାକୁ ବିପୁଳ ଯାତ୍ରା ଦର୍ଶକଙ୍କ ଭିଡ଼ ଜମିବ ବୋଲି ସେ କହିଛନ୍ତି। ମଞ୍ଚର ନୃସିଂହ ପ୍ରସାଦ ସୁନ୍ଦରାୟ କହିଛନ୍ତି, ବଳିଷ୍ଠ କାହାଣୀକୁ ଯାତ୍ରା ମାଲିକମାନେ ଗୁରୁତ୍ୱ ଦେବାକୁ ଦାବି ରଖାଯିବ। ଯାତ୍ରାରେ ନଗ୍ନତାକୁ କୌଣସିପ୍ରକାରରେ ମଧ ପ୍ରଶ୍ରୟ ଦିଆଯିବ ନାହିଁ। ଏନେଇ ସମସ୍ତ ଯାତ୍ରା ଆୟୋଜକ କମିଟିମାନେ ସହମତି ପ୍ରକାଶ କରିଛନ୍ତି। ଯେପରି ସାମାନ୍ୟତମ ନଗ୍ନତା ଦେଖିବାକୁ ନ ମିଳେ ସେଥିପ୍ରତି ଯାତ୍ରା ମାଲିକମାନେ ଗୁରୁତ୍ୱ ଦେବେ। ଯେପରି ମହିଳା ଦର୍ଶକ ସପରିବାର ବସି ଯାତ୍ରା ଦେଖିପାରିବେ ସେନେଇ ଯାତ୍ରା ମାଲିକମାନେ ଗୁରୁତ୍ୱ ଦେବାକୁ ସମସ୍ତ କମିଟି ପକ୍ଷରୁ ଦାବି କରାଯିବ। ବିଶେଷକରି ଯାତ୍ରା ମାଲିକ ଓ ଯାତ୍ରା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ବୁଝାମଣା ଭିତ୍ତିରେ ଯାତ୍ରା କଳାର ଉନ୍ନତି ସାଧନକୁ ଗୁରୁତ୍ୱ ଦିଆଯିବ ବୋଲି ବୈଠକରେ ମଞ୍ଚ ସଭାପତି ରଘୁନାଥ ମହାନ୍ତି, ଉପ ସଭାପତି ବୈକୁଣ୍ଠ ନାଥ ପାକଳଙ୍କ ସମେତ ସମସ୍ତ ସଦସ୍ୟ ସହମତି ପ୍ରକାଶ କରିଥିଲେ। ସହ ସମ୍ପାଦକ ପ୍ରମୋଦ ମିଶ୍ର ବୈଠକ ପରିଚାଳନା କରିଥିଲେ।

# ଜୟ ଓଡ଼ିଶା ପକ୍ଷରୁ 'ରକ୍ତଦାନ' ଯୋଜନାର ୧୬ତମ ରକ୍ତଦାନ ଶିବିର

ଭୁବନେଶ୍ୱର, ୨୪।୮ (ସୌମ୍ୟରଞ୍ଜନ ରାଉତ)

ଜୟ ଓଡ଼ିଶା ପକ୍ଷରୁ 'ରକ୍ତଦାନ' ଯୋଜନାର ୧୬ତମ ରକ୍ତଦାନ ଶିବିର ରୋଟାରୀ କ୍ଲବ ଅଫ ଆଇକନସ ଓ ଶୁଶ୍ରୁତ ହସ୍ପିଟାଲ ଓ ଟ୍ରମା କେୟାରର ମିଳିତ ଆନୁକୁଲ୍ୟରେ, ଫରେଷ୍ଟ ପାର୍କ ନିକଟସ୍ଥ ଶୁଶ୍ରୁତ ହସ୍ପିଟାଲ ପ୍ରାଙ୍ଗଣରେ ଶନିବାର ଆୟୋଜିତ ହୋଇଥିଲା। ଶିବିରଟି ଶୁଶ୍ରୁତ ହସ୍ପିଟାଲର ନିର୍ଦ୍ଦେଶିକି ଚିଦାମ୍ବିକା ଖଗୁଆଙ୍କ ନେତୃତ୍ୱରେ ଓ ରେଡକ୍ରସର ପୂର୍ବତନ ଚେୟାରମ୍ୟାନ ମେଜର ଡ. କଳ୍ପନା ଦାସ ପରିଚାଳନାରେ ସମାପିତ ହୋଇଥିଲା। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଓ ଭାଜପା ନେତା ନିରଞ୍ଜନ ମିଶ୍ର ଯୋଗଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ଏକାଧିକ ଯୁବପିଢ଼ି ଯୋଗାଇଦେଇଥିବାରୁ ବାବୁ ସିଂ ସମସ୍ତଙ୍କୁ ଖୁବ ଉତ୍ସାହିତ କରିବା ସହ ଅନ୍ୟାନ୍ୟ ସଂଗଠନ ମାନଙ୍କୁ ମଧ ଏପରି ଶିବିର ଆୟୋଜନ କରିବା ନିମନ୍ତେ ଉଦବୋଧନ ଦେଇଥିଲେ। ଯେଉଁମାନେ ରକ୍ତଦାନଶିବିର ଆୟୋଜନ କରିବାକୁ ଇଚ୍ଛୁକ। ସେମାନେ ସହାୟତା ନିମନ୍ତେ ଯୋଗାଯୋଗ କଲେ ମିଳିତ ଭାବେ ସମାଜ ପାଇଁ କାର୍ଯ୍ୟ କରିପାରିବା ବୋଲି ଜୟ ଓଡ଼ିଶା ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି।



ଶୁଶ୍ରୁତ ହସ୍ପିଟାଲ ପ୍ରାଙ୍ଗଣରେ ଜୟ ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।



ରୋଟାରି ଭବନରେ ରବିବାର ଅନୁଷ୍ଠିତ ଉତ୍ସବରେ ବ୍ଲାକ୍ ଇଗଲ ବୁକ୍ସ ଓ ଟାଇମ୍ ପାସ୍ ପକ୍ଷରୁ ପ୍ରକାଶିତ ବୀଣାପାଣି ପ୍ରଧାନଙ୍କ ପୁସ୍ତକ 'ପର ପୁରୁଷ' ଓ 'ଫେରିଥିବା ନଈ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଟ୍ୟାଲେଣ୍ଟ ଦେଖାଇଲେ ଜୟଦେବ କଲେଜ ବାଣିଜ୍ୟ ଛାତ୍ରୀଛାତ୍ର

ବାଲିଅନ୍ତା ୨୪।୮( ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜର ବାଣିଜ୍ୟ ବିଭାଗ ପକ୍ଷରୁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ଟାଲେଣ୍ଟ ଶୋ ଓ ଫୁଡ ଷ୍ଟଲ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ପାରମ୍ପରିକ ଓଡ଼ିଆ ଖାଦ୍ୟର ୨୦ଟି ଷ୍ଟଲ ଖୋଲିଥିଲେ। ଏହାର ବିଚାରକ ଭାବେ ଅଧ୍ୟାପକ କରମ ଚାନ୍ଦ ସିଂହ, କଲ୍ୟାଣୀ ମହାନ୍ତି ଓ ରଞ୍ଜିତା ଗଡସରା କାର୍ଯ୍ୟ ତୁଲାଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରବି ନାରାୟଣ ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡ. ଦେବାଶିଷ ଦାସ ଓ ଡ. ସୁପ୍ରିୟା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଇନୋଭେସନ ଓ ଷ୍ଟାର୍ଟ ଅପ -୨୦୨୫ ଶୀର୍ଷକ ଉପରେ ଆୟୋଜିତ ଏହି କର୍ମଶାଳାରେ ଯୁବଗୋଷ୍ଠୀ କିଭଳି ନିଜକୁ ମାର୍କେଟିଙ୍ଗରେ ରିପ୍ରେଜେଣ୍ଟ କରିପାରିବେ ଓ ଔଦ୍ୟୋଗିକ ମନୋଭାବ ନେଇ ରୋଜଗାରକ୍ଷମ ହେବା ସହ ଆଗକୁ ଯାଇପାରିବେ ସେ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। କର୍ମଶାଳାକୁ ଅଧ୍ୟାପିକା ଲୁସିନା ପ୍ରିୟଦର୍ଶିନୀ ରାଉତ ଓ ରାମପ୍ରସାଦ ପଣ୍ଡା ପରିଚାଳନା କରିଥିଲେ।

# ପି ଜେ +୨ ଶିକ୍ଷାନୁଷ୍ଠାନରେ ସ୍ୱାଗତ ଉତ୍ସବ

ଭୁବନେଶ୍ୱର,୨୪।୮(ଅନୁରାଧା ମହାରଣା)

ପଞ୍ଚାନନ ଜେନା ମେମୋରିଆଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ +୨ କଲେଜରେ ବିଜ୍ଞାନ ଓ କଳା ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ଆରୋହଣ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପାଧ୍ୟକ୍ଷ ଆଶିଷ କୁମାର ବେଉରିଆଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପଞ୍ଚାନନ ଜେନା ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ କିପରି ହୋଇପାରିବ ସେ ସମ୍ପର୍କରେ ଲକ୍ଷ୍ମୀଧର କହିଥିଲେ। +୨ର ନିର୍ଦ୍ଦେଶକ ଡ. ରାଜୀବ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହ ନୈତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ସଞ୍ଜୀବ କୁମାର ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମୟର ଠିକ ଉପଯୋଗ କରିବା ସହ ଦୃଢ଼ମନା ହେବା ପାଇଁ ପରାମର୍ଶ ଦେଇଥିଲେ। ପିଜେ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ପ୍ରତାପ ଚନ୍ଦ୍ର ଜେନା ଓ ଭାଇସ ଚେୟାରମ୍ୟାନ ପ୍ରମୋଦ କୁମାର ଜେନା ନବାଗତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବରିଷ୍ଠ ଅଧ୍ୟାପକ ରଶ୍ମୀ ରଞ୍ଜନ ଷଡ଼ଙ୍ଗୀ, ଅଧ୍ୟାପିକା ଡ. ମଧୁସ୍ମିତା ପତି ଓ ବନ୍ଦିତା ସାହାଣୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଅଧ୍ୟାପିକା ଶର୍ମିଷ୍ଠା ପଣ୍ଡା ଧନ୍ୟବାଦ ଦେଇଥିଲେ।


ଭୁବନେଶ୍ୱରର ଜଣେ ଶିଳ୍ପୀ ଏକ ଗଣେଶ ପ୍ରତିମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ ; ବିକାଶ ନାୟକ)

*ଗଣେଶ ପୂଜା ପାଇଁ ରାଜଧାନୀ ଭୁବନେଶ୍ୱରରେ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ବିଭିନ୍ନ ପୂଜା କମିଟି ଓ କ୍ଲବ୍ ପକ୍ଷରୁ ପ୍ରତିଯୋଗିତାମୂଳକ ଭାବେ ପୂଜା ଆୟୋଜନ କରାଯାଉଛି। କେଉଁଠି ମୂର୍ତ୍ତି ତ ଆଉ କେଉଁଠି ତୋରଣରେ ନିଆରା କରି ଦେଖାଇବାକୁ ପ୍ରୟାସ ଚାଲିଛି। ତେବେ ପୂର୍ବବର୍ଷଗୁଡ଼ିକଠାରୁ ଏବର୍ଷ ରାଜଧାନୀରେ ନିଆରା ଗଣେଶ ପୂଜା ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି।*

# ସିଜୁଆ ଗଣେଶ ପୂଜାରେ ସୀତା ହରଣ କାହାଣୀ

ଭୁବନେଶ୍ୱର,୨୪।୮(ସୁଚିସ୍ମିତା ସାହୁ)

ଯୁଗଜ୍ୟୋତି ଯୁବକ ସଂଘ ପକ୍ଷରୁ ଚଳିତବର୍ଷ ସିଜୁଆରେ ଗଣେଶ ପୂଜାରେ ସୀତା ହରଣ କାହାଣୀ ଦେଖିବାକୁ ମିଳିବ। ଏଥର ମଣ୍ଡପରେ ୧୫ଫୁଟର ମୂର୍ତ୍ତି ପୂଜା ପାଇବେ। ତୋରଣ ମଧ ୮୦ ଫୁଟ ଉଚ୍ଚତାର କରାଯାଉଛି। ଏଥିସହ ଭକ୍ତଙ୍କ ମନୋରଞ୍ଜନ ପାଇଁ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଯାତ୍ରା ସିଂହବାହିନୀର ଫ୍ରି ଶୋ' ସହିତ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ସେହିପରି ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୧୫ ସିସିଟିଭି ଲଗାଯିବା ସହିତ ୧୫୦ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ ବୋଲି ସଭାପତି ବବରୁବାହନ ଗୁମାନସିଂ ଓ ସୁଜିତ କୁମାର ବଳବନ୍ତରାୟ ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରତିବର୍ଷ ପରମ୍ପରାଗତ ଭାବେ ବିଭିନ୍ନ ରୂପକ ଦ୍ୱାରା ସମାଜରେ ସନ୍ଦେଶ ଦେବା ପ୍ରୟାସ କରିଥାଏ, କିନ୍ତୁ ଏଥର ସୀତା ହରଣ (ସୀତା ଚୋରି) କନସେପ୍ଟ କରାଯାଇଛି। ସମାଜରେ ନାରୀ ମୂର୍ଖ ନୁହେଁ, ତାଙ୍କୁ ଅବହେଳା କରିବା ଉଚିତ ନୁହେଁ ବୋଲି ସଚେତନତାର ପ୍ରଚାରପ୍ରସାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ ଯୁଗଜ୍ୟୋତି ଯୁବକ ସଂଘ କର୍ମକର୍ତ୍ତାମାନେ ଗଣେଶ ପୂଜା ସମ୍ପର୍କରେ ସୂଚନା ଦିଆଯାଉଛି।

# ବଡ଼ଗଡ଼ରେ ପୂଜା ପାଇବେ ୬୧ ଫୁଟ୍‌ର ଗଣେଶ

## ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

ପୁରୁଣା ଭୁବନେଶ୍ୱର,୨୪।୮(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୨୭ରେ ଗଣେଶ ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ବଡଗଡ ଗ୍ରାମ ନିକଟସ୍ଥ ପଡିଆରେ ପୂଜା ପାଇବେ ୬୧ ଫୁଟ୍ ଉଚ୍ଚତା ବିଶିଷ୍ଟ ଲାଲବାଗ ଗଣେଶ। ଏଥିସହ ଗଜାନନଙ୍କ ନିକଟରେ ୬୧ କେଜିର ଲଡୁ ଭୋଗ ମଧ କରାଯିବ। ବ୍ରାଇଟ ଷ୍ଟାର ୟୁଥ ଆସୋସିଏଶନ୍ ଏବଂ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଶୃଙ୍ଖଳିତ ଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଯେଉଁଥିରେ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବା ସହ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ହୁଇଲ ଚେୟାର ଓ ବ୍ୟାଟେରି ଚାଳିତ ଗାଡ଼ିର ବ୍ୟବସ୍ଥା ରହିଛି। ଉତ୍ସବରେ ମଦ ମୁକ୍ତ ଭଶାଣି ପ୍ରତି ବିଶେଷ ଧାନ ଦିଆଯାଇଛି ବୋଲି କମିଟିର ସମ୍ପାଦକ ସଂଗ୍ରାମ ମାର୍ଥା କହିଛନ୍ତି। ଏହି ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଆୟୋଜକ କମିଟି ଏବଂ ଗ୍ରାମବାସୀଙ୍କ ପକ୍ଷରୁ ୧୦୦ଜଣ ସ୍ୱେଚ୍ଛାସେବୀ ପୋଲିସଙ୍କୁ ସହଯୋଗ କରିବାକୁ ସ୍ଥିର ହୋଇଛି। ଏହି ବୃହଦାକାୟ ପ୍ରତିମୂର୍ତ୍ତିକୁ ୧୦ ଟ୍ୟାଙ୍କର ପାଣିରେ ସିଞ୍ଚନ ପୂର୍ବକ ବିସର୍ଜନ କରାଯିବ। ଏବେ ପ୍ରତିମୂର୍ତ୍ତିକୁ ନିର୍ମାଣରେ ଜଟଣୀ ଶିଳ୍ପୀ ମନୋଜ କୁମାର କାଣ୍ଡିଙ୍କ ସମେତ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ କାରିଗର ନିୟୋଜିତ ରହିଛନ୍ତି। ଗଣେଶଙ୍କ ପରିଧାନ ବସ୍ତ୍ର ସୋନପୁରର ବୁଣାକାର ବିକ୍ରମ ମେହେରଙ୍କ ଦ୍ୱାରା ବୁଣାଯାଇଛି। ଏହି ବସ୍ତ୍ର ପାଇଁ ୬୨ହଜାର ଟଙ୍କା ବ୍ୟୟ ହୋଇଛି। ଗଣେଶ ମହୋତ୍ସବରେ ଆଲୋକୀକରଣ ସହ ଜର୍ମାନ ଶେଡର ପେଣ୍ଡାଲ ନିର୍ମାଣ ହେବ ବୋଲି ମାର୍ଥା ସୂଚନା ଦେଇଛନ୍ତି।




# ହାତୀ ସୁରକ୍ଷା ବାର୍ତ୍ତାଦେବେ ଗଜାନନ

## ୱିନର ଆସୋସିଏଶନ ପକ୍ଷରୁ ଭୋଗ ହେବ ୮୧ କେଜି ଲଡ୍ଡୁ

ଭୁବନେଶ୍ୱର,୨୪।୮ (ସୁଚିସ୍ମିତା ସାହୁ)

ଶହୀଦନଗରସ୍ଥିତ ୱିନର ଆସୋସିଏଶନ ପକ୍ଷରୁ ୧୧ ବର୍ଷ ଧରି ଗଣେଶ ପୂଜା ପାଳନ କରାଯାଉଛି। ଚଳିତବର୍ଷ ପୂଜା ମଣ୍ଡପରେ ରଥ ଉପରେ ୪୬ଫୁଟ ଉଚ୍ଚତାର ଗଣେଶ ପୂଜା ପାଇବେ। ପ୍ରତିବର୍ଷ ଭଳି ଏବର୍ଷ ମଧ ପରିବେଶ ଓ ଜୀବଜନ୍ତୁଙ୍କ ସୁରକ୍ଷା ପ୍ରତି ଧାନ ଦିଆଯାଇଛି। ଗତ ଦଶବର୍ଷରେ ଓଡ଼ିଶାରେ ୮୫୭ ହାତୀଙ୍କ ଜୀବନ ଯାଇଛି। ବିଦ୍ୟୁତ ଆଘାତରେ ପ୍ରାଣ ହରାଉଥିବାରୁ ହାତୀଙ୍କ ସୁରକ୍ଷା ବାର୍ତ୍ତାନେଇ ହାତୀରେ ଗଣେଶ ବିଜେ କରିବେ। ଏବର୍ଷର ୮୧ କିଲୋଗ୍ରାମର ଲଡୁ ମୁଖ୍ୟ ଆକର୍ଷଣ ପାଲଟିଛି। ଭକ୍ତମାନେ ନିଜ ଇଚ୍ଛାନୁସାରେ ମହାପ୍ରଭୁ ଗଜାନନଙ୍କ ପାଖରେ ନିଜ ନାମରେ କଳସ ବସାଇପାରିବେ। ନାମ ଓ ଗୋତ୍ର ଉଲ୍ଲେଖ କରି ପୂଜାର୍ଚ୍ଚନା ମଧ କରିବାର ସୁଯୋଗ ରହିଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ଉମାନାଥ ମିଶ୍ର, ଉପଦେଷ୍ଟା ନାରାୟଣ ମହାପାତ୍ର, ଉପଦେଷ୍ଟା ସାସ୍ୱତୀ ମିଶ୍ର, ଉପଦେଷ୍ଟା ଭି. ସନ୍ତୋଷ କୁମାର ରାଓ ଓ ଉପଦେଷ୍ଟା ନିରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ରେଡକ୍ରସ କାଉନସିଲରଙ୍କୁ ରାଜୀବ ଗାନ୍ଧୀ ସମ୍ମାନ

ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଉପଲକ୍ଷେ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ ଓ ଷ୍ଟଡି ସର୍କଲ ପକ୍ଷରୁ ସେବା କ୍ଷେତ୍ରରେ ଅନେକ ବ୍ୟକ୍ତିଙ୍କୁ ରବିବାର ସମ୍ମାନିତ କରାଯାଇଛି। ଅଂଶୁପା ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧାପକ ତଥା ମହାବିଦ୍ୟାଳୟର ଯୁବ ରେଡ଼କ୍ରସ କାଉନସିଲର ସଞ୍ଜୟ କୁମାର ପ୍ରଧାନଙ୍କୁ ରାଜୀବ ଗାନ୍ଧୀ ସମ୍ମାନ ପ୍ରଦାନ କରାଯାଇଛି। ଓଡିଶାର ଜଣେ ସଫଳ କାଉନସିଲର ଭାବେ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ସଞ୍ଜୟଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଛନ୍ତି।

# ଧାନ ରୁଆ ବାଧାପ୍ରାପ୍ତ: ଚିନ୍ତାରେ ଚାଷୀ

- ତଳି ପାକଳ ହୋଇ ନାଳି ପଡ଼ିଗଲାଣି
- ଖରିଫ ଧାନ ଚାଷ ପାଇଁ ଆବଶ୍ୟକ ବର୍ଷା ହୋଇନାହିଁ
- ସ୍ୱଳ୍ପ ଉଠାଜଳସେଚନ ପ୍ରକଳ୍ପ ମଧ୍ୟରୁ ଅନେକ ଅଚଳ

**ବାଙ୍କୀ,୨୪।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ଉପଖଣ୍ଡରେ ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ଆବଶ୍ୟକ ଅନୁସାରେ ବର୍ଷା ହୋଇନାହିଁ। ଫଳରେ ଚାଷ କାର୍ଯ୍ୟ ବିଶେଷତଃ ରୁଆ ପୋତା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବାଙ୍କୀ ବ୍ଲକର ୨୦ ପଞ୍ଚାୟତ, ଡମପଡ଼ା ବ୍ଲକର ୧୭ ପଞ୍ଚାୟତ ଓ ବାଙ୍କୀ ବିଜ୍ଞାପିତ ପରିଷଦ ଅଞ୍ଚଳର ୧୭ଟି ୱାର୍ଡରେ ବର୍ଷା ଅଭାବରୁ ଚାଷୀମାନେ ଧାନଚାଷ ରୁଆପୋତା କାର୍ଯ୍ୟ କରିପାରୁ ନାହାନ୍ତି। ଏପରିକି ପକାଯାଇଥିବା ତଳି ମଧ ପାକଳ ହୋଇ ନାଳି ପଡ଼ିଗଲାଣି। ଏହାସତ୍ତ୍ୱେ ବାଙ୍କୀ କୃଷି ବିଭାଗ ସମ୍ପୂର୍ଣ୍ଣ ନୀରବ ରହିଛି। ବର୍ଷା ଅଭାବରୁ ପୋଖରୀ ବନ୍ଧ ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ପ୍ରକଳ୍ପରେ ଜଳ ନାହିଁ।

ଫଳରେ ଚାଷୀମାନେ ଚେଷ୍ଟା କଲେ ମଧ କେନାଲ ପମ୍ପ ଦ୍ୱାରା ଜଳ ବ୍ୟବହାର କରି ଚାଷ କାର୍ଯ୍ୟ କରିପାରୁ ନାହାନ୍ତି। ବାଙ୍କୀରେ ଥିବା ହାତଗଣତି ସ୍ୱଳ୍ପ ଉଠାଜଳସେଚନ ପ୍ରକଳ୍ପ ମଧ୍ୟରୁ ଅନେକ ଅଚଳ ଥିବାରୁ ତାହା ମଧ ଚାଷୀଙ୍କ ଚାଷ କାର୍ଯ୍ୟରେ ବାଧକ ସାଜିଛି। ବିଶେଷତଃ ବାଙ୍କୀ ବ୍ଲକର ପଶ୍ଚିମ ବାଙ୍କୀର କାଳିପୋଇ, ବଳଭଦ୍ରପୁର, ଜଗନ୍ନାଥପୁର, ବରପୁଟ, ବୈଦ୍ୟେଶ୍ୱର, ନୂଆଗାଁ, କେନ୍ଦୁପଲ୍ଲୀ, ପୁଇଁଟା, ଅନୁଆରୀ, ଗୋଳାଗଣ୍ଡ, କଳାପଥର ଏବଂ ଡମପଡ଼ା ବ୍ଲକର ବିଲିପଡା,ଶିମିଳିପୁର, ହରିରାଜପୁର, ଭେଡରାମଚନ୍ଦ୍ରପୁର, ରଗଡି, ଗୋପାଳପୁର, ପାଟପୁର, ନରଗାଙ୍ଗ ପ୍ରମୁଖ ପଞ୍ଚାୟତରେ ବର୍ଷା ଅଭାବ ରହିଛି। ଏନେଇ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚଳିତବର୍ଷ ଚାଷୀମାନେ ସମବାୟ ବ୍ୟାଙ୍କ ମାଧ୍ୟମରେ ଖରିଫ ଋଣ କରି ତଥା ହାତ ଉଧାରି ମାଧ୍ୟମରେ ବିହନ କିଣା ଠାରୁ ଟ୍ରାକ୍ଟର ଭଡା ପର୍ଯ୍ୟନ୍ତ ଖର୍ଚ୍ଚ କରିଥିଲେ। ମାତ୍ର ଏବେ ଚାଷ କାର୍ଯ୍ୟ କରିପାରୁ ନଥିବାରୁ ସେମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଭାଦ୍ରବ ମାସ ଅଧା ହେବାକୁ ବସିଲାଣି। ଦିନେ ଦୁଇଦିନ ମଧ୍ୟରେ ଆବଶ୍ୟକ ବର୍ଷା ନ ହେଲେ ବାଙ୍କୀ ଉପଖଣ୍ଡରେ ଖରିଫ ଧାନ ଚାଷ ପ୍ରଭାବିତ ହେବ । ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିବ। ଏଣୁ ଏବେଠାରୁ ବିକଳ୍ପ ସ୍ୱରୂପ ଜିଲା ପ୍ରଶାସନ ଓ ବାଙ୍କୀ ଉପଖଣ୍ଡ ପ୍ରଶାସନ ତଦନ୍ତ କରି ଚାଷୀ ପାଇଁ କରିଥିବା ଋଣ ଛାଡ଼ କରିବା ସହ ଆଗାମୀ ଦିନରେ ବିକଳ୍ପ ଚାଷ ପାଇଁ ଆବଶ୍ୟକ ବିହନ ଓ ସାର ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ କୃଷକ ନେତା ତଥା ବାଙ୍କୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାହ୍ନୁଚରଣ ସିଂହ ଓ ଚାଷୀ ନେତ୍ରୀ ମିନତୀ ମହାପାତ୍ର ଦାବି କରିଛନ୍ତି ।

ଏ ସମ୍ପର୍କରେ ବାଙ୍କୀ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ବର୍ଷା ଅଭାବରୁ ରୁଆ ଯାଇଥିବା ଧାନ କ୍ଷେତ ଶୁଖିଲା ପଡ଼ିଛି।

## ସଂକ୍ଷେପରେ

### ଇକୋ ସେନ୍ସିଟିଭ ଜୋନ୍‌ରେ ସର୍ଭେ ଆରମ୍ଭ

ବାରଙ୍ଗ,୨୪।୮(ଲିଙ୍ଗରାଜ ରାଉତ): ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବା ଉଦ୍ଦେଶ୍ୟରେ ନନ୍ଦନକାନନ ପକ୍ଷରୁ ଇକୋ ସେନ୍ସିଟିଭ ଜୋନକୁ ନେଇ ସର୍ଭେ କାମ ଆରମ୍ଭ ହୋଇଯାଇଛି। ଏଥିସହ ନୂତନ ଜ୍ଞାନକୌଶଳରେ ଏହାର ରୂପରେଖ ବଦଳାଇବା ପାଇଁ ମଧ ପ୍ରୟାସ କରାଯାଉଛି। ଏନେଇ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ଉକ୍ତ ସର୍ଭେ କାମର ଦାୟିତ୍ୱ ଏକ ସ୍ୱେଚ୍ଛାସେବୀ ସଂଗଠନ ଚନ୍ଦନମ୍‌କୁ ଦିଆଯାଇଛି। ସଂଗଠନ ପକ୍ଷରୁ ଅବସରପ୍ରାପ୍ତ ଫରେଷ୍ଟ ଅଫିସର ଭୀମସେନ ମହାରଣା, ଦୀପକ ରଞ୍ଜନ ଖିଲାର, ପ୍ରବୋଧ ଚନ୍ଦ୍ର ନାୟକଙ୍କୁ ନେଇ ଗଠନ କରାଯାଇଛି। ଏମାନେ ସେନ୍ସିଟିଭ ଅଞ୍ଚଳକୁ ଗସ୍ତ କରି ସେଠାରେ ଗଢି ଉଠିଥିବା ହୋଟେଲ, ପାନ ଦୋକାନ ଓ ଅନ୍ୟାନ୍ୟ ବ୍ୟବସାୟୀମାନଙ୍କ ଅସୁବିଧା ଓ ସୁବିଧା ବିଷୟରେ ପଚାରି ବୁଝି ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହାସହ ଦୋକାନ ଓ ହୋଟେଲରୁ ବାହାରୁଥିବା ପ୍ଲାଷ୍ଟିକ ବୋତଲ, ଜରି, ବଳକା ଖାଦ୍ୟ, ଅଳିଆ ଆବର୍ଜନା, ବର୍ଜ୍ୟବସ୍ତୁ ପକାଇବାର ସୁବିଧା, ପର୍ଯ୍ୟଟକ ମାନଙ୍କ ସୁବିଧା, ରାସ୍ତାଘାଟ, ପାନୀୟ ଜଳ, ଲାଇଟ, ଆସୁଥିବା ଯାତ୍ରୀବାହୀ ଗାଡି ରହିବାର ସୁବିଧା, ବ୍ୟବସାୟୀମାନଙ୍କ ସ୍ଥାୟିତ୍ୱ ଆଦି ବିଭିନ୍ନ ବିଷୟରେ ପଚାରିବୁଝିଛନ୍ତି। ଏଥିସହ ଇକୋ ସେନ୍ସିଟିଭ ଅଞ୍ଚଳରେ ବେଆଇନ ଭାବେ ଗଢିଉଠିଥିବା ଅଟ୍ଟାଳିକା ଓ ପ୍ରତିଷ୍ଠାନଗୁଡ଼ିକର ତାଲିକା ମଧ ସଂଗ୍ରହ କରିଛନ୍ତି ଏହି ସର୍ଭେ ଘଟଣା ପରେ ନନ୍ଦନକାନନ ବସଷ୍ଟାଣ୍ଡର ରୂପରେଖ ଖୁବ୍ ଶୀଘ୍ର ବଦଳିବାକୁ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ସର୍ଭେ ପରେ ଏହାର ରିପୋର୍ଟ ନନ୍ଦନକାନନ ଉପନିର୍ଦ୍ଦେଶକ ଓ ଖୋର୍ଦ୍ଧା ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ପ୍ରବୋଧ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

### ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ

ତ୍ରିଶୂଳିଆ, ୨୪।୮(ତୁଷାରକାନ୍ତ ବେହେରା): ମୁଣ୍ଡଳୀସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଭୌତିକ ସଂସ୍ଥାନର ନିର୍ଦ୍ଦେଶକ ଡ. କରୁଣାକର ଯୋଗଦେଇ ସମାଜରେ ସମସ୍ତ ବୃତ୍ତିର ଆବଶ୍ୟକତା ସମାନ ମାତ୍ରାରେ ରହିଛି ଓ ଏହାର ସୁବିନିଯୋଗରେ ହିଁ ସମାଜର ସମୃଦ୍ଧି ସମ୍ଭବ ବୋଲି ଡ. ନନ୍ଦ ନିଜ ବକ୍ତବ୍ୟରେ କହିଥିଲେ। ଏଥିସହ ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ ଏବଂ ମନୁଷ୍ୟ ଜାତି ସର୍ବଦା ଜିଜ୍ଞାସୁ ରହି ସମାଜର ଉନ୍ନତି ସାଧନା ନିମନ୍ତେ କାର୍ଯ୍ୟ କରିଆସୁଛି ବୋଲି ନିଜର ପକ୍ଷ ରଖିଥିଲେ। ଏହି ଅବସରରେ ଭୌତିକ ସଂସ୍ଥାନର ବୈଜ୍ଞାନିକ ଡ. କ୍ଷୀରୋଦ ଚନ୍ଦ୍ର ପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରାଚାର୍ଯ୍ୟ ରାମରାଜ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ଏବଂ ଶିକ୍ଷୟିତ୍ରୀ ତପସ୍ୱିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ମହାକାଶ ବିଜ୍ଞାନ ଉପରେ ଏକ ପ୍ରଦର୍ଶନୀ ଆୟୋଜନ କରିଥିଲେ ଏବଂ ମୁଖ୍ୟ ଅତିଥି ପରିଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଦିଲୀପ ବେହେରା ଧନ୍ୟବାଦ ଦେଇଥିଲେ।

# ଅନ୍‌ଲାଇନ୍ ଗେମ୍ ପ୍ରଚାର କରି ଅଡୁଆରେ ଏମ୍‌ପିଙ୍କ ପ୍ରତିନିଧି

**ମଙ୍ଗୁଳି–ଜଗତପୁର,୨୪।୮ (ମାନସ ସାମଲ):**

ଅନ୍‌ଲାଇନ ଗେମ୍ ପାଇଁ ପ୍ରଚାର କରି କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ ଅଡୁଆରେ ଫସିଛନ୍ତି। ପ୍ରଫୁଲ୍ଲଙ୍କ ସମେତ ୩ଜଣଙ୍କ ନାମରେ ଟାଙ୍ଗୀ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏନେଇ ପୋଲିସ ଏକ ମାମଲା(ନଂ. ୨୭୬/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

ସୂଚନା ମୁତାବକ,ଟାଙ୍ଗୀ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ପ୍ରଦୀପ କୁମାର ଦାସ ଓରଫ ଗୁଲୁ ନାନା ନାମକ ଜଣେ ଯୁବକ 'huge indian app' ନାମକ ଏକ ଅନ୍‌ଲାଇନ ଗେମ୍ ଆପ୍‌ରେ ଟଙ୍କା ବିନିଯୋଗ କରିବାକୁ ପ୍ରବର୍ତ୍ତାଇଥିଲେ। ଖୁବ୍ କମ୍ ଦିନରେ ଟଙ୍କା ଡବଲ ହେବା ସହ କୌଣସି ବ୍ୟକ୍ତି ଅନ୍ୟକାହାକୁ ଯଦି ଏହି ଆପ୍‌ରେ ଯୋଡ଼ନ୍ତି ତେବେ ତାଙ୍କୁ ମାସିକ ୧୦ରୁ ୨୦ହଜାର ପର୍ଯ୍ୟନ୍ତ ଦରମା ମିଳିପାରିବ ବୋଲି ଲୋଭ ଦେଖାଇଥିଲେ। ଏଥିରେ ସ୍ଥାନୀୟ ପଞ୍ଚାୟତରୁ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଓ ବୟସ୍କ ବ୍ୟକ୍ତି ଯୋଡ଼ି ହୋଇ ପ୍ରାୟ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରି ହରାଇଥିବା ଜଣାପଡ଼ିଛି। ତେବେ ଏହି ଗେମ୍‌ରେ ଟଙ୍କା ବିନିଯୋଗ ପାଇଁ ବିଭିନ୍ନ ସମୟରେ ଉକ୍ତ ସଂସ୍ଥାର କଟକ ମୁଖ୍ୟ ପାର୍ଥସାରଥି ଦାସ ଓ ପ୍ରଦୀପ କୁମାର ଦାସ କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସହାୟତାରେ ବିଭିନ୍ନ ସମୟରେ ବୈଠକ କରି ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇଥିଲେ। ଏସଂସ୍ଥା କେବଳ ଟାଙ୍ଗୀ ଭିତରେ ସୀମିତ ନ ରହୁ, ସମସ୍ତେ ଚେଷ୍ଟା ଜାରି ରଖିଲେ ଜିଲା ବାହାର ପିଲା ମଧ ଏହି ଆପ୍‌ରେ ଯୋଡ଼ି ହୋଇପାରିବେ ବୋଲି ପ୍ରଫୁଲ୍ଲଙ୍କ ଏକ ଭିଡିଓ ମୋବାଇଲ୍‌ରୁ ମୋବାଇଲ୍ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ପ୍ରଫୁଲ୍ଲଙ୍କ କହିବା ହେଲା ଦେଢ଼ମାସ ତଳେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ପିଲାଙ୍କୁ ନେଇ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଅତିଥିଭାବେ ଯୋଗ ଦେଇଥିଲେ। ଉକ୍ତ କମ୍ପାନୀ ସହିତ ତାଙ୍କର ବ୍ୟକ୍ତିଗତ ଭାବେ କୌଣସି ସମ୍ପର୍କ ନାହିଁ। ତଦନ୍ତରେ ସହଯୋଗ କରିବେ ବୋଲି ପ୍ରଫୁଲ୍ଲ କହିଛନ୍ତି।

### ୩ଜଣଙ୍କ ନାମରେ ମାମଲା


# ୧୭ତମ ଇଶା ଗ୍ରାମୋତ୍ସବମ୍‌ର କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ



ଷଷ୍ଠ ବାଟାଲିୟନରେ ଇଶାର ୧୭ତମ ଇଶା ଗ୍ରାମୋତ୍ସବମ୍‌ର କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଟିମଙ୍କୁ ଅତିଥି ପୁରସ୍କାର ବିତରଣ କରୁଛନ୍ତି।

**କଟକ,୨୪।୮(ଶିଳ୍ପା ପ୍ରିୟଦର୍ଶିନୀ):**

ଇଶା ପକ୍ଷରୁ ୧୭ତମ ଇଶା ଗ୍ରାମୋତ୍ସବମ୍‌ର କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ଓଏମ୍‌ପିସ୍ଥିତ ଷଷ୍ଠ ବାଟାଲିୟନଠାରେ ୨ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଭଲି ଓ ଥ୍ରୋ–ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭଲି ବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୯ଟି ଟିମ୍ ସାମିଲ ହୋଇଥିଲେ। ଏହି ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ପ୍ରଥମ ସ୍ଥାନ ମା' ମଙ୍ଗଳା ଆଥ୍‌ଲେଟିକ କ୍ଲବ ଜେନାପଦା ଓ ଦ୍ୱିତୀୟ ସ୍ଥାନ ଜୟପୁର କ୍ଲବ ଅଧିକାର କରିଥିଲା। ସେହିପରି ଥ୍ରୋ–ବଲ୍ ପ୍ରତିଯୋଗିତାର ପ୍ରଥମ ଦିନରେ ସ୍ୱତନ୍ତ୍ର ଭାବେ ମହିଳାଙ୍କ ୮ଟି ଟିମ୍ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାର ଫାଇନାଲ ରାଉଣ୍ଡର ପ୍ରଥମ ସ୍ଥାନ ଆଶ୍ରମ ପାଟନା, ଦ୍ୱିତୀୟ ସ୍ଥାନ ଗୋଲ୍‌ଡେନ ଷ୍ଟାର ଅଧିକାର କରିଥିଲା। ପ୍ରତିଯୋଗିତାରେ ରେଫରି ଭାବେ ଚନ୍ଦ୍ରକାନ୍ତ ସ୍ୱାଇଁ, ସୂର୍ଯ୍ୟକାନ୍ତ ସ୍ୱାଇଁ ଓ କୈଳାଶ ଚନ୍ଦ୍ର ବାରିକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ଭଲିବଲ ଆସୋସିଏଶନର ପୂର୍ବତନ ସଭାପତି ସୁବୋଧ ରାଉତରାୟ ଯୋଗ ଦେଇ ବିଜୟୀ ଟିମ୍‌କୁ ପୁରସ୍କୃତ କରିଥିଲେ। ତେବେ ଏପରି କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତା ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବ ବୋଲି ଏହି ଅବସରରେ ସେ କହିଛନ୍ତି। କାର୍ଯ୍ୟକ୍ରମକୁ ଇଶାର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।





ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ କଟକସ୍ଥିତ ଗୌରୀଶଙ୍କର ପାର୍କ ନିକଟରୁ ବାହାରିଥିବା ଶୋଭାଯାତ୍ରା ଇଣ୍ଡିଆ ମାର୍ଚ୍ଚ ଫର ସାଇନ୍ସରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଶିକ୍ଷକମାନେ।

## ଗହଣା ବ୍ୟବସାୟୀଙ୍କଠାରୁ ଲୁଟ ମାମଲା
# ମାଷ୍ଟରମାଇଣ୍ଡ ସମେତ ୫ଗିରଫ, ୨ ଫେରାର

କଣ୍ଠାପଡା, ୨୪।୮(ସୂର୍ଯ୍ୟନାରାୟଣ ସାହୁ)– ଗୋବିନ୍ଦପୁର ବଜାରର ଜଣେ ଗହଣା ବ୍ୟବସାୟୀଙ୍କଠାରୁ ଗତ ୧ତାରିଖ ରାତିରେ ଅଳଙ୍କାର ଲୁଟ୍ ମାମଲାରେ ପୋଲିସ ଘଟଣାର ମାଷ୍ଟରମାଇଣ୍ଡ ସମେତ ୫ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋବିନ୍ଦପୁର ଥାନାସ୍ଥିତ ମାଝିଗ୍ରାମର ଜିତୁ ଓରଫ ସୁଜିତ କୁମାର ବେହେରା, କନ୍ଦରପୁର ଥାନାସ୍ଥିତ କନ୍ଦରପୁର ଗ୍ରାମର କାଳିଆ ଓରଫ ଭରତ କୁମାର ଦାସ, ବ୍ରାହ୍ମଣବାଡ଼ ଗ୍ରାମର ରାକି ଓରଫ ରାକେଶ କୁମାର ଶୁକ୍ଳା, ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଚାନ୍ଦପୁର ଗ୍ରାମର ସରୋଜ ନାଥ ଓ କାଳନ୍ଦୀ ଭୋଇ। ଏହି ଘଟଣାରେ ଅନ୍ୟ ୨ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ପୋଲିସ ସେମାନଙ୍କ ନିକଟରୁ ଏକ ମୋଟରସାଇକେଲ ଓଡି୦୫–ଏଏସ୍–୫୧୮୬, ବିଦେଶୀ ମୁଦ୍ରା ଓ କିଛି ରୁପା, ସୁନା ଅଳଙ୍କାର ଜବତ କରିଥିବା ରବିବାର ଗୋବିନ୍ଦପୁର ପୋଲିସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଟକସଦର ଉପଖଣ୍ଡ ପୋଲିସ ଅଧିକାରୀ କିରଣ ହେମ୍ବ୍ରମ ଓ ଗୋବିନ୍ଦପୁର ଥାନାଧିକାରୀ ସୋନାଲୀ ଆନନ୍ଦ ସୂଚନା ଦେଇଛନ୍ତି।

# ସମ୍ଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

**କଟକ ସଦର,୨୪।୮ (ସୁଶାନ୍ତ କୁମାର ଜେନା):**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦର ପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ବିଭାଗ ଓ ସମ୍ଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଆୟୋଜିତ ସମାରୋହରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଉତ୍ତର ପୂର୍ବ ସମ୍ଭାଗର ସମ୍ପାଦକ ମହେନ୍ଦ୍ର କୁମାର ଘଡ଼େଇ, ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ସାଧୁ ଜେନା, ସମ୍ପାଦକ ରାଧାକୃଷ୍ଣ ସ୍ୱାଇଁ, ସାମାଜିକ କର୍ମୀ ହୃଷୀକେଶ ଜେନା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ୧୧୭ ଜଣ ପ୍ରତିଯୋଗୀ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ରାଧାକ୍ରିଷ୍ଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ଉପସଭାପତି ସଂଯୁକ୍ତା ମହାରଣା, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ତରାଇ, କୋଷାଧ୍ୟକ୍ଷ ପ୍ରଭାତ ମଲ୍ଲିକ, ଉପଦେଷ୍ଟା ନବଘନ ରାଉତ, ବିଭାଗ ନିରୀକ୍ଷକ ରାହାସ ବିହାରୀ ମହାପାତ୍ର, ଶିକ୍ଷା ବିକାଶ ସମିତି ପୂର୍ବ ପ୍ରାନ୍ତ ଗଣିତ ପ୍ରମୁଖ ସୋମନାଥ ବିଶ୍ୱାଳ, ଦୟାନିଧି ଚୌଧୁରୀ, ମଧୁସୂଦନ ନାୟକ, ସୁଶାନ୍ତ ଦଣ୍ଡପାଟ, କନ୍ଦରପୁର ଶିଶୁ ମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରସ୍ୱତୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ୍‌ର ଚେୟାରମ୍ୟାନ ବିଭୁଦତ୍ତ ସ୍ୱାଇଁ, ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତିର ଇନ୍ଦୁମତୀ ଦେବୀ, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ସନ୍ତୋଷ ତ୍ରିପାଠୀ ଓ ପ୍ରାନ୍ତ ଶାରୀରିକ ସଂଯୋଜକ ବଳରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ବାଇପାସ ରାସ୍ତା ନିର୍ମାଣ ଦାବି

**ବାଙ୍କୀ,୨୪।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀକୁ ଭିଡ଼ ମୁକ୍ତ କରିବା ପାଇଁ ଏନ୍‌ଏସି ଅନ୍ତର୍ଗତ ଚକାପଦାଠାରୁ ଡାଙ୍ଗିପିଟା, ସାହାଡାପଦା, ମନ୍ତ୍ରୀ ସାହି ଗ୍ରାମ ଦେଇ ଏନ୍‌ଏସି ଛକ ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ସଂଯୋଗ କରିବା ପାଇଁ ଦାବି ହୋଇଛି। ଏନେଇ ଭାଜପା ବରିଷ୍ଠ ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ଲିଖିତ ଆକାରରେ ଅଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ୱାର୍ଡର ୧,୨,୩, ୪ ,୧୪, ୧୫, ୧୬ , ୧୭ ବାସିନ୍ଦାମାନେ ଉପକୃତ ହେବା ସହ ବିଭିନ୍ନ ପର୍ବପର୍ବାଣି, ମହୋତ୍ସବ, ବନ୍ୟା ଓ ବାତ୍ୟା ସମୟରେ ପରିବହନ ତଥା ଯାତାୟାତ କରିବାରେ ସୁବିଧା ହେବ। ଏଥିସହ ଦୈନିକ ଘଟୁଥିବା ଦୁର୍ଘଟଣା ରୋକାଯାଇପାରିବ ବୋଲି ଶୁଭ୍ରାଂଶୁ ଦାବିପତ୍ରରେ ଉପସ୍ଥାପନ କରିଛନ୍ତି। ଏଥିସହ ଏହି ଦାବିକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ କଟକ ଜିଲାପାଳଙ୍କୁ ସାକ୍ଷାତ କରି ଅବଗତ କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ତରଫରୁ ଏକ ପ୍ରସ୍ତାବ ପାରିତ ହେବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏମ୍‌ପି ଓ ଜିଲାପାଳ ସମ୍ମତି ପ୍ରକାଶ କରିଛନ୍ତି ବୋଲି ପାଢ଼ୀ ସୂଚନା ଦେଇଛନ୍ତି।

# ଉଚ୍ଚ ଶିକ୍ଷା ଲାଭ କରି ସମାଜ ପାଇଁ ଉପଯୋଗୀ ହୁଅନ୍ତୁ ଛାତ୍ରୀଛାତ୍ର



ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ପ୍ରଦାନ କରୁଛନ୍ତି।

### ୩୬ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ପ୍ରଦାନ

**ଆଠଗଡ,୨୪।୮(ସତ୍ୟ ପ୍ରସାଦ ରଥ) :**

ଫୋରମ ଅଫ ଏକାଡେମିକ୍ସ ଆନୁକୂଲ୍ୟରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ଶିକ୍ଷା ଜ୍ୟୋତି ସମ୍ମାନ –୨୦୨୫ ଲାପଟପ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ସହରସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କଟକ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧ୍ୟାପିକା ଡ. ସୁଜାତା ସାହାଣୀ ମୁଖ୍ୟ ଅତିଥି ଓ ଅଖିଳ ଭାରତ ଛାତ୍ର ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାଲାଭ କରି ସମାଜ ପାଇଁ ଉପଯୋଗୀ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ ସଭାପତି ପ୍ରଫେସର ଦାମୋଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଆଠଗଡ ନିର୍ବାଚନ ମଣ୍ଡଳୀରେ ମାଟ୍ରିକ ପରୀକ୍ଷାରେ ଏ–୧ ପାଇଥିବା ୧୫ ଛାତ୍ରୀଛାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ଅନ୍ୟାନ୍ୟ ବେସରକାରୀ କାର୍ଯ୍ୟାଳୟ ଓ କେନ୍ଦ୍ରୀୟ ଶିକ୍ଷା ବୋର୍ଡରୁ ଏ–୧ ପାଇ ମାଟ୍ରିକ ପାସ୍ କରିଥିବା ୧୩ ଛାତ୍ରୀଛାତ୍ର, ଯୁକ୍ତ ୨ ପରୀକ୍ଷାରେ ୩ ବିଭାଗ ଯଥା କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ୪ ଛାତ୍ରୀଛାତ୍ରଙ୍କ ସହ ଜଣେ ଦୃଷ୍ଟିବାଧକ ଛାତ୍ରୀ ଓ ଯୁକ୍ତ ୩ରେ କଳା,ବିଜ୍ଞାନ, ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଛାତ୍ରୀଛାତ୍ରଙ୍କ ସମେତ ୩୬ ଜଣଙ୍କୁ ଲାପ୍‌ଟପ ବଣ୍ଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରାଧ୍ୟାପକ ଡ. ଶଶୀଭୂଷଣ ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଶତକଡା ୧୦୦ପ୍ରତିଶତ ପରୀକ୍ଷା ଫଳ ରଖିଥିବା ୧୭ ସରକାରୀ ଉଚ୍ଚବିଦ୍ୟାଳୟ ଓ ୧୦ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଡ. ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରକୃତିର ସୌନ୍ଦର୍ଯ୍ୟରୁ ସାହିତ୍ୟର ସୃଷ୍ଟି

### ବୈକୁଣ୍ଠ ସାହିତ୍ୟ ସଂସଦର ମୌସୁମୀ ଆସର

**ବଡ଼ମ୍ବା, ୨୪।୮(ମାୟାଧର ମଲ୍ଲିକ):**

ବୈକୁଣ୍ଠ ସାହିତ୍ୟ ସଂସଦ ବଡ଼ମ୍ବା ଆନୁକୂଲ୍ୟରେ ରବିବାର ମୌସୁମୀ ଆସର ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିର ସୌନ୍ଦର୍ଯ୍ୟରୁ ସାହିତ୍ୟର ସୃଷ୍ଟି ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ତଥା କବି ଜଗନ୍ନାଥ ବାରିକିଙ୍କ ଅଧ୍ୟକ୍ଷତାରେ ରାଜ ବିଶ୍ୱମ୍ଭର କ୍ଲବ ପରିସରରେ ଅନୁଷ୍ଠିତ ଏହି ଆସରକୁ ସଂସ୍କୃତ ବିଭାଗ ଅଧ୍ୟାପକ ଡ. ସାରଦାନନ୍ଦ ଦାଶ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀନିବାସ ପ୍ରଧାନଙ୍କ ବେଦଧ୍ୱନିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ବିପିନ ବିହାରୀ ମହାନ୍ତି, ମୁଖ୍ୟବକ୍ତା ସାହିତ୍ୟିକ ସୁଦାମ ସୋଲମନ ଗୋଚ୍ଛି ଓ ସମ୍ମାନିତ ଅତିଥିଭାବେ ରାଧାକୃଷ୍ଣ ସାହିତ୍ୟ ସଂସଦର ପ୍ରତିଷ୍ଠାତା ନାରାୟଣ ପାତ୍ର ଏବଂ ସ୍ୱତନ୍ତ୍ର ଅତିଥିଭାବେ ବଡ଼ମ୍ବାର ଖାତନାମା ସାହିତ୍ୟିକ କବି ଦୁର୍ଯ୍ୟୋଧନ ବରାଳ ଉପସ୍ଥିତ ଥିଲେ। ଉକ୍ତ ସାହିତ୍ୟ ଆସରରେ ବଡ଼ମ୍ବା ସମେତ ବିଭିନ୍ନ ଅଞ୍ଚଳରୁ ବହୁ କବୟିତ୍ରୀ, କବି ଓ ସାହିତ୍ୟକ ଯୋଗ ଦେଇ ବର୍ଷା ଏବଂ ବର୍ଷାଋତୁ ସମ୍ବନ୍ଧୀୟ କବିତା ଓ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ଧନେଶ୍ୱର ସ୍ୱାଇଁ, କୃଷ୍ଣଚନ୍ଦ୍ର ରାଉତ, କାର୍ତ୍ତିକ ଚନ୍ଦ୍ର ପୁହାଣ, ସୁଶୀଲ କୁମାର ଜେନା, ପ୍ରଭାକର ମହାପାତ୍ର, ଆଇନଜୀବୀ ସନ୍ତୋଷ କୁମାର ବେହେରା, ଓଡ଼ିଆ ବିଭାଗ ଅଧ୍ୟାପକ ଅରବିନ୍ଦ ନାୟକ, ଜ୍ଞାନେନ୍ଦ୍ର ରାଉତ, ସହଦେବ ମଲ୍ଲିକ, ନିଗମାନନ୍ଦ ନାୟକ, ଗୋବିନ୍ଦଚନ୍ଦ୍ର ସିଂ ସାମନ୍ତ, ନିହାର ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈକୁଣ୍ଠ ସାହିତ୍ୟ ସଂସଦ ସମ୍ପାଦକ ଆଇନୀଜୀବୀ ଗିରିଜା ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସଦସ୍ୟ ତଥା ସାମାଜିକ କର୍ମୀ ଶିବ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।





ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ସାମାଜିକ କର୍ମୀ ଉପେନ୍ଦ୍ର ପଟ୍ଟନାୟକଙ୍କ ପରଲୋକ

ଟାଙ୍ଗୀ,୨୪।୮(ରଘୁନାଥ ସାହୁ)

ଟାଙ୍ଗୀବ୍ଲକ୍ଅଧୀନମଙ୍ଗଳାଯୋଡ଼ିରସାମାଜିକ କର୍ମୀ ଉପେନ୍ଦ୍ର ପଟ୍ଟନାୟକ (୯୪)ଙ୍କର ଶୁକ୍ରବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି।



ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତି ୧ଟାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ବିୟୋଗରେ ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ସର୍ବେଶ୍ୱର ସାହୁ, ପ୍ରଭାତ ସାମନ୍ତରାୟ, ମାନସ ପ୍ରଧାନଙ୍କ ସମେତ ଶତାଧିକ ବ୍ୟକ୍ତି ଶୋକ ବ୍ୟକ୍ତ ସହ ଅନ୍ତିମ ଦର୍ଶନ କରିଥିଲେ। ପୁତ୍ର ଉମେଶ ଚନ୍ଦ୍ର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ପରିଚୟ ମିଳିନି

ବେଗୁନିଆ,୨୪।୮(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା– ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ୨ମାସ ତଳେ ଜଣେ ଯୁବକ ଦୁର୍ଘଟଣାରେ ଆହତ ହୋଇଥିଲେ। ବାଘମାରୀ ଥାନା ଅତ୍ରି ଗ୍ରାମର କରୁଣାକର ଚମ୍ପତି ତାଙ୍କୁ ଉଦ୍ଧାରକରି ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ବର୍ତ୍ତମାନ ଯୁବକ ଜଣକ ସୁସ୍ଥ ହୋଇଥିବାବେଳେ ସେ ଲେଖାପଢ଼ା ଓ କଥାବାର୍ତ୍ତା କରିପାରୁନଥିବାରୁ ତାଙ୍କର ଗ୍ରାମ ଏବଂ ପରିବାରର ଠିକଣା ସମ୍ପର୍କରେ ଜାଣିହେଉନାହିଁ। ଯଦି କୌଣସି ବ୍ୟକ୍ତିବିଶେଷ ସମ୍ପୃକ୍ତ ଯୁବକଙ୍କ ପରିଚୟ ଜାଣିଥିବେ ତେବେ ବାଘମାରୀ ଥାନା କିମ୍ବା ଫୋନ୍ ନମ୍ବର ୮୭୫୦୨୩୪୪୩ରେ ଯୋଗାଯୋଗ କରିବାକୁ ଚମ୍ପତିଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

### ମଲ୍ଟି ଲେବଲ କାର୍ ପାର୍କିଂରୁ ତଳକୁ ଖସିଲା ବୋଲେରୋ

ପୁରୀ,୨୪।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥବଲ୍ଲଭ ମଲ୍ଟି ଲେବଲ କାର୍ ପାର୍କିଂ ଠାରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ପାର୍କିଂ ସମୟରେ ପ୍ରଥମ ମହଲାରୁ ବୋଲେରୋ ଗାଡ଼ି ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ ଗାଡ଼ିରେ ଥିବା ଡ୍ରାଇଭର ଗୁରୁତର ହୋଇଛନ୍ତି। ଗୁରୁତର ଡ୍ରାଇଭର ହେଉଛନ୍ତି, ବାଲେଶ୍ୱର ଜିଲା ଧାମରା ଅଞ୍ଚଳର ସଞ୍ଜୟ ସେଠୀ। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୀ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।ଅପରପକ୍ଷରେ ଗାଡ଼ି ପ୍ରଥମ ମହଲାରୁ ତଳକୁ ପଡ଼ି ଗାଡ଼ିଟି ଭାଙ୍ଗି ଚୁରମାର ହୋଇଛି। ତେବେ କେଉଁ ପରିସ୍ଥିତିରେ ଗାଡ଼ିଟି ଏକ ମହଲାରୁ ତଳକୁ ଖସି ପଡ଼ିଲା, ସେନେଇ କିଛି ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପାର୍କିଂ ସମୟରେ ଡ୍ରାଇଭର ପଛକୁ ଗାଡ଼ି ନେଉଥିବା ବେଳେ ଗାଡ଼ିଟି ତଳକୁ ଖସି ପଡ଼ିଥିବା ଅନୁମାନ କରାଯାଇଛି।

# ୫ ବର୍ଷ ହେଲା ବିନା ବିଦ୍ୟୁତ୍‌ରେ ଚାଲିଛି ପିଚୁକୁଳି ଆର୍‌ଆଇ ଅଫିସ

## ମାସେ ହେବ ରାଜସ୍ୱ ସେବା ବନ୍ଦ, ଲୋକେ ହଇରାଣ

ବୋଲଗଡ଼,୨୪।୮(ଦେବବ୍ରତ ହୋତା)



ବୋଲଗଡ ତହସିଲ ଅଧୀନ ପିଚୁକୁଳି ରାଜସ୍ୱ କାର୍ଯ୍ୟାଳୟ ବିନା ବିଦ୍ୟୁତ ସଂଯୋଗରେ ୫ବର୍ଷ ଧରି ଚାଲିଆସୁଛି। ବ୍ଲକର ୫ଟି ପଞ୍ଚାୟତ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ବାସିନ୍ଦାଙ୍କ ଜମିଜମା ପଞ୍ଜୀକରଣ ତଦାରଖ, ଘରବାରି ପରିବର୍ତ୍ତନ, ମ୍ୟୁଟେଶନ, ବିଭିନ୍ନ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ନିର୍ଭର କରୁଥିବା ବେଳେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ଏହା ମାଧ୍ୟମରେ ଆଦାୟ କରିଥାନ୍ତି। ଏପରିସ୍ଥଳେ ସମସ୍ତ କାର୍ଯ୍ୟ ଡିଜିଟାଇଜେଶନ ପଦ୍ଧତିରେ ଅନ୍‌ଲାଇନରେ କରାଯିବାକୁ ବିଦ୍ୟୁତ ସଂଯୋଗ ଜରୁରୀ। ତେବେ ବିଗତ ୫ବର୍ଷ ଧରି ବିନା ବିଦ୍ୟୁତ୍ ସଂଯୋଗରେ ରାଜସ୍ୱ ସେବା ଚାଲୁଥିବା ନେଇ ଜନସାଧାରଣ ଚକିତ ହୋଇଛନ୍ତି। ପିଚୁକୁଳି ରାଜସ୍ୱ ନିରୀକ୍ଷକ ଦେବଦତ୍ତ ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, ଆଗରୁ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଭଡ଼ାଘରେ ଏହି କାର୍ଯ୍ୟାଳୟ ଚାଲୁଥିଲା। ୫ବର୍ଷ ତଳେ ନିଜସ୍ୱ ଗୃହ ନିର୍ମାଣ ପରେ କାର୍ଯ୍ୟାଳୟ ଏଠାକୁ ସ୍ଥାନାନ୍ତର ହୋଇଥିଲା। ବିଦ୍ୟୁତ ଖୁଣ୍ଟ ବସାଇ ଘର ୱେୟାରିଂ କରାଯାଇଥିଲା। ମାତ୍ର କୌଣସି କାରଣରୁ ବିଦ୍ୟୁତ ସଂଯୋଗ ହୋଇ ନ ଥିଲା। ସମସ୍ତ ସରକାରୀ କାମ କାର୍ଯ୍ୟ କରିବା ପାଇଁ ରାଜସ୍ୱ ନିରୀକ୍ଷକ ଦୁଇଟି ଲାପଟପକୁ ଅନ୍ୟତ୍ର ଚାର୍ଜ କରି କାମ ଚଳାଉଥିଲେ। ମାତ୍ର ଏହା ଚାର୍ଜ କରିବା ପାଇଁ ଅସୁବିଧା ହେବାରୁ ପ୍ରାୟ ଏକ ମାସ ହେବ କାର୍ଯ୍ୟାଳୟ କାମ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଖରାଦିନେ ତଥା ଅନ୍ୟାନ୍ୟ ସମୟରେ ସେଠାରେ ବିନା ବିଦ୍ୟୁତରେ କାର୍ଯ୍ୟ କରିବା ସମ୍ଭବ ହେଉ ନ ଥିବା ବେଳେ ଏନେଇ ସେ ବୋଲଗଡ଼ ତହସିଲଦାର ବିଜୟ ସେଠୀଙ୍କୁ ଜଣାଇଛନ୍ତି। ରାଜସୁନାଖଳା ବିଦ୍ୟୁତ ସେକ୍ସନକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ପାଇଁ ତହସିଲଦାର ଚିଠି କରିଛନ୍ତି। ପିଚୁକୁଳି ରାଜସ୍ୱ କାର୍ଯ୍ୟାଳୟରେ ଏପରି ଅବ୍ୟବସ୍ଥା ନେଇ ଲୋକେ ବିଭିନ୍ନ କାମରେ ଆସି ହଇରାଣ ହେଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ନେଇ ମଧ୍ୟ କାର୍ଯ୍ୟ ସମ୍ପାଦନାରେ ଘୋର ଅସୁବିଧା ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# କୁହୁଡ଼ିରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି



ବୈଠକରେ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି।

ଟାଙ୍ଗୀ,୨୪।୮(ରଘୁନାଥ ସାହୁ)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ କୁହୁଡ଼ି ରେଳଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ରବିବାର ରେଳଷ୍ଟେଶନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିଲିକା, ଖୋର୍ଦ୍ଧା ବିଧାନସଭା ମଣ୍ଡଳୀ, ପୁରୀ ଓ ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ କୁହୁଡ଼ି, ରତନପୁର, ସୋରଣ, ମାନସିଂହପୁର, ହାଟବରଡ଼ିହ, ଛକଡ଼ିପୁର, କୁଞ୍ଜୁରୀ, ଚଣ୍ଡେଶ୍ୱର, ହରିପୁର, କଇଥପଲା ସମେତ ଏକାଧିକ ଗାଁର ଜଣାଶୁଣା ବ୍ୟକ୍ତିମାନେ ବୈଠକରେ ଯୋଗଦେଇଥିଲେ। ଦ୍ରୁତଗାମୀ ଟ୍ରେନ ରହଣି ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ଚିଲିକା ଓ ଖୋର୍ଦ୍ଧା ବିଧାୟକ, ପୁରୀ ଓ ଭୁବନେଶ୍ୱର ଏମ୍‌ପିଙ୍କୁ ପୁର୍ନବାର ଦାବି ସମ୍ପର୍କରେ ଅବଗତ କରାଯିବ। ରେଳ କର୍ତ୍ତୃପକ୍ଷଙ୍କୁ ପତ୍ର ଯୋଗେ ପୁନର୍ବାର ଦରଖାସ୍ତ ପ୍ରଦାନ କରାଯିବ। ବାରମ୍ବାର ଆବେଦନ ଓ ନିବେଦନ କରାଯିବା ସତ୍ତ୍ୱେ ଯଦି ଲୋକପ୍ରତିନିଧି କିମ୍ବା ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନ ନିଅନ୍ତି, ତେବେ ଆନ୍ଦୋଳନ କରାଯିବାକୁ ସ୍ଥିର ହୋଇଛି। ସୂଚନା ଥାଉକି, ୨୦୨୦ ମସିହା ପୂର୍ବରୁ କୁହୁଡ଼ି ରେଳଷ୍ଟେଶରେ ହୀରାଖଣ୍ଡ ଓ ତିରୁପତି ଏକ୍ସପ୍ରେସ ରହୁଥିଲା। କରୋନା କଟକଣା ଯୋଗୁ ଏହି ଦୁଇ ଟ୍ରେନ ରହଣିକୁ ବନ୍ଦ କରାଯାଇଥିଲା କିନ୍ତୁ ଦୀର୍ଘ ୫ବର୍ଷ ପରେ ବି କୁହୁଡ଼ି ଷ୍ଟେଶନରେ ଉକ୍ତ ଏକ୍ସପ୍ରେସ ଟ୍ରେନ ରହଣି ହୋଇନାହିଁ।

### ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର,୨୪।୮(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ୭୦ ହଜାରରୁ ଊର୍ଦ୍ଧ୍ୱ ଲେଭଲ ଭି(ଏ) ବର୍ଗର ଅବହେଳିତ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ। ଏବେ ସେମାନେ ମାତ୍ର ୨୨୦୦ ଗ୍ରେଡ ପେ' ହାରରେ ବେତନ ପାଉଛନ୍ତି। ଏହି ଗ୍ରେଡ ପେ' ଆମ ଦେଶରେ ଅନ୍ୟ କୌଣସି ରାଜ୍ୟରେ ପ୍ରଚଳିତ ନାହିଁ ବୋଲି ଲେଭଲ ଭି(ଏ) ୟୁନିୟନ ଓଡ଼ିଶାର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ଯଦି ସେମାନଙ୍କୁ ଅନ୍ୟ ୨୩ଟି ରାଜ୍ୟ ଭଳି ୪୨୦୦ ଗ୍ରେଡ ପେ' ଭାବରେ ଅବିକଳ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ କରା ନ ଯାଏ, ତେବେ ବିଧାନସଭା ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏନେଇ ଭୁବନେଶ୍ୱରସ୍ଥିତ ଗୋଦାବରୀଶ ଭବନରେ ରବିବାର ଏକ ବୈଠକ ବସିଥିଲା। ସଂଘ ସଦସ୍ୟ ପ୍ରକାଶ ନାରାୟଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆବାହକ ଭାବେ ପ୍ରଦୀପ୍ତ ବେହେରା, ବିବେକାନନ୍ଦ ବେହେରା, ମଳୟ କୁମାର ଜେନା, ଆରତ ଭଞ୍ଜନ ସାହୁ, ସୁନୀଲ କୁମାର ପ୍ରଧାନ, ଦେବକୀ ପାତ୍ରଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ରହି ଦାବି ଉପସ୍ଥାପନ କରିଛନ୍ତି।

# ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା



ବାଳକମାନେ କବାଡ଼ି ଖେଳୁଛନ୍ତି।

ବେଗୁନିଆ,୨୪।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ନିଶଙ୍କ ପରିଚାଳନା କରିଥିଲେ। ଗଞ୍ଜାମ ଜିଲା ସାରଦାସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁଶାନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଚିକିତ୍ସାଧିକାରୀ ଡା. ସ୍ୱରୂପ ମିଶ୍ର ଏବଂ ଡା. ବିଭୂତି ଭୂଷଣ ଯତି, ଖଣତି ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ, କଡ଼ବ ସାଧନକେନ୍ଦ୍ର ସଂଯୋଜକ ରବୀନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ କବାଡ଼ି, ଖୋ ଖୋ, ବ୍ୟାଡ୍‌ମିଣ୍ଟନ, ଭଲିବଲ୍, କ୍ରିକେଟ୍ ଏବଂ ଫୁଟ୍‌ବଲ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା, ସୁରଜିତା ଦଳେଇ, ଶୁଭଲକ୍ଷ୍ମୀ ସାହୁ ଓ ସୁନିତା ପୃଷ୍ଟି, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ରିସ୍ମାରଶ୍ମି ପାଇକରାୟ, ସସ୍ମିତା ସାହୁ, ଆଶା ମୁର୍ମୁ, ଶିକ୍ଷକ ଅଜିତ୍ କୁମାର ପୁରୀ, ସୂର୍ଯ୍ୟକାନ୍ତ ମହାପାତ୍ର ଏବଂ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ

ଟାଙ୍ଗୀ,୨୪।୮(ରଘୁନାଥ ସାହୁ)

ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ଶନିବାର ଅଗ୍ନିଶମ କେନ୍ଦ୍ର ତରଫରୁ ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଟାଙ୍ଗୀ ଫାୟାର ଅଧିକାରୀ ପ୍ରତାପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଆକସ୍ମିକ ଦୁର୍ଘଟଣାରୁ କିଭଳି ନିଜକୁ ଓ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେଇପାରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ।

# ଅଧ୍ୟାପକ, କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ବେଗୁନିଆ,୨୪।୮(ହରପ୍ରସନ୍ନ ପଣ୍ଡା)

ରାଜ୍ୟ ସଂଘର ଆହ୍ୱାନକୁ ସମର୍ଥନ ଜଣାଇ ବେଗୁନିଆ ମହାବିଦ୍ୟାଳୟ ସମ୍ମୁଖରେ ବେସରକାରୀ ଅଧ୍ୟାପକ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି। ପୂର୍ଣ୍ଣ ଅନୁଦାନ ଓ ସରକାରୀ କର୍ମଚାରୀ ମାନ୍ୟତା ଦାବି ନେଇ ଗତ ୧୬ତାରିଖରୁ ଆନ୍ଦୋଳନ ଜାରି ରହିଛି। ବେଗୁନିଆ ମହାବିଦ୍ୟାଳୟର ଅଧ୍ୟାପକ ଦାମୋଦର ସାହୁ, ବିଦ୍ଭେସ ରଞ୍ଜନ ଚୌଧୁରୀ, ଶୁଭେନ୍ଦୁ ପଟ୍ଟନାୟକ, ସୁଧାଂଶୁ ପରିଡ଼ା ଏବଂ ସଂଗ୍ରାମ କେଶରୀ ଜୟସିଂହ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଶିବିରରେ ୪୪ ୟୁନିଟ୍ ରକ୍ତ ସଂଗ୍ରହ




ଖୋର୍ଦ୍ଧା,୨୪।୮(ପ୍ରଭାତ ପାଣିଗ୍ରାହୀ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଖୋର୍ଦ୍ଧାଠାରେ ରବିବାର ରାଜଯୋଗିନୀ ଦାଦି ପ୍ରକାଶମଣିଙ୍କ ୧୮ତମ ପୁଣ୍ୟତିଥି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧା ପଞ୍ଚାୟତସମିତି ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ଡା. ଅମିୟ ଜେନାମଣି, ସାମାଜିକ କର୍ମୀ ସୁଧୀର ମାନସିଂହ ଏବଂ ଜୟକୃଷ୍ଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିରରୁ ୪୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ବ୍ଲଡ୍‌ବ୍ୟାଙ୍କର ଡା. ସୌରଭ ସୁନ୍ଦରରାୟ, ଟେକ୍ନିସିଆନ୍ ଅରୁଣ କୁମାର ସାହୁ, ଝୁନୁଲତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଝିଲ୍ଲିରାଣୀ ପାତ୍ର ସହଯୋଗ କରିଥିଲେ। ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଓ ସଂଯୋଜକ ବ୍ରହ୍ମକୁମାର ଜୟକୃଷ୍ଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁହୁଡ଼ି ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ



ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁମାନେ

ଟାଙ୍ଗୀ,୨୪।୮(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ଲକ୍ଷ୍ମୀଧରପୁରସ୍ଥିତ ସତ୍‌ସଙ୍ଗ କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଠାରେ ରାଧା ମା'ଙ୍କ ସମ୍ପର୍କରେ ଆଲୋକପାତ କରିବା ସହିତ ରାଧାକୃଷ୍ଣ କଥାମୃତ ପ୍ରଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁହୁଡ଼ି କେନ୍ଦ୍ରର ପରିଚାଳକ ଶିକ୍ଷାବିତ୍ ବସନ୍ତ କୁମାର ସାହୁ, ଶ୍ରୀନିବାସ ବିଶ୍ୱାଳ, ଗୋବିନ୍ଦ ଭାଇ, ସତ୍ୟ ଭାଇ, କାହ୍ନା ଭାଇ, ଶିକ୍ଷାବିତ୍ ହେମନ୍ତ କୁମାର ଜେନା, ଅଧ୍ୟାପକ ବସନ୍ତ ସାହୁ, ପ୍ରଫୁଲ୍ଲ ନାୟକ, ମିଟୁ ସାହୁ, ଗାଙ୍ଗୁଲି ବଳବନ୍ତରାୟ, ନରେନ୍ଦ୍ର ପ୍ରତାପସିଂହ, ମମିତା ସାହୁ, ଶଶୀ ଦେଇ, ଜ୍ୟୋସ୍ନାରାଣୀ ଭୁଜବଳ ପ୍ରମୁଖ ସତ୍‌ସଙ୍ଗରେ ଉପସ୍ଥିତ ଥିଲେ। କୃପାଳୁ ମହାରାଜଙ୍କ ପରମ ଶିଷ୍ୟା ରାସେଶ୍ୱରୀ ଦେବୀଙ୍କ ବଜ୍ରଗୋପିକାଧାମ ସହଯୋଗରେ କୁହୁଡ଼ି ଲକ୍ଷ୍ମୀଧରପୁରରେ ଭାରତୀୟ ସତ୍‌ସଙ୍ଗ କେନ୍ଦ୍ର କୁହୁଡ଼ି ଶାଖା ଗଢ଼ିଉଠିଥିଲା।

# ଯାତ୍ରା ଟିକେଟ ଦର ୨ଶହ ମଧ୍ୟରେ ରହୁ

## ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୪।୮(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚ ପକ୍ଷରୁ ଖୋର୍ଦ୍ଧା ଜିଲାର ସମସ୍ତ ଅପେରା କମିଟି (ଦୋଳ ପୂର୍ଣ୍ଣିମା କମିଟି, ଗ୍ରାମ୍ୟ କମିଟି, ମନ୍ଦିର କମିଟି ଓ ମେଳା କମିଟି)କୁ ନେଇ ରବିବାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଖଣ୍ଡଗିରି ଛକସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ସୁଗମ ଓ ସୁଲଭ ବ୍ୟବସ୍ଥା ଆପଣାଇବା ଯାତ୍ରା ପାର୍ଟି ନିକଟରେ ଦାବି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ମଞ୍ଚ ସମ୍ପାଦକ କୃଷ୍ଣଚନ୍ଦ୍ର ଜେନା କହିଛନ୍ତି ଯେ, ଯାତ୍ରା ପରିବେଷଣ ପାଇଁ ଯାତ୍ରା ପାର୍ଟି ପକ୍ଷରୁ ରାତି ପିଛା ନିଆଯାଉଥିବା ଦର ଏବେ ସମସ୍ୟା ସୃଷ୍ଟି କରିଛି। ରାତି ପିଛା ଏବେ ଏ-ଗ୍ରେଡ ଦଳ ୪ଲକ୍ଷ ୨୦ ହଜାର ଟଙ୍କା ନେଉଛନ୍ତି। ତେଣୁ ଯାତ୍ରା ଦେଖିବାପାଇଁ ଟିକେଟ ୨ଶହରୁ ୪ଶହ ଟଙ୍କାରେ ବିକ୍ରି ହେଉଛି। ଫଳରେ ଗୋଟିଏ ପରିବାରରୁ ୫ଜଣ ଆସିଲେ, ସର୍ବନିମ୍ନ ୧୦୦୦ ଟଙ୍କା ଟିକେଟ ଦେଇ ଯାତ୍ରା ଦେଖିବା ନେଇ ଆଉ ଆଗ୍ରହ ପ୍ରକାଶ ପାଉନାହିଁ। ତେଣୁ ଯାତ୍ରା ଦେଖିବାକୁ ଦର୍ଶକଙ୍କ ଆଗମନ ପୂର୍ବ ତୁଳନାରେ ହ୍ରାସ ପାଇଛି। ଯାତ୍ରା ପାର୍ଟି ଗ୍ରେଡେଶନ ଭିତ୍ତିରେ ରାତି ପିଛା ଯାତ୍ରା ପରିବେଷଣର ଦର ଧାର୍ଯ୍ୟ କରିବାକୁ ଦାବି ହୋଇଛି। ଏ-ଗ୍ରେଡ୍ ଯାତ୍ରା ପାର୍ଟି ରାତି ପିଛା ୨ଲକ୍ଷ ୫୦ ହଜାର ଟଙ୍କା, ବି-ଗ୍ରେଡ ୨ଲକ୍ଷ ଏବଂ ସି-ଗ୍ରେଡ୍ ପାର୍ଟି ୧ଲକ୍ଷ ୮୦ ହଜାର ଟଙ୍କା ଦର ଧାର୍ଯ୍ୟ କରିବାକୁ ଦାବି କରାଯିବ। ଏହା ହୋଇପାରିଲେ ଲୋକେ ୧୦୦ରୁ ୨ଶହ ଟଙ୍କା ଭିତରେ ଟିକେଟ ଦେଇ ଯାତ୍ରା ଦେଖିପାରିବେ ଏବଂ ପୁଣି ଯାତ୍ରା ଦେଖିବାକୁ ବିପୁଳ ଯାତ୍ରା ଦର୍ଶକଙ୍କ ଭିଡ଼ ଜମିବ ବୋଲି ସେ କହିଛନ୍ତି। ମଞ୍ଚର ନୃସିଂହ ପ୍ରସାଦ ସୁନ୍ଦରାୟ କହିଛନ୍ତି, ବଳିଷ୍ଠ କାହାଣୀକୁ ଯାତ୍ରା ମାଲିକମାନେ ଗୁରୁତ୍ୱ ଦେବାକୁ ଦାବି ରଖାଯିବ। ଯାତ୍ରାରେ ନଗ୍ନତାକୁ କୌଣସିପ୍ରକାରରେ ମଧ୍ୟ ପ୍ରଶ୍ରୟ ଦିଆଯିବ ନାହିଁ। ଏନେଇ ସମସ୍ତ ଯାତ୍ରା ଆୟୋଜକ କମିଟିମାନେ ସହମତି ପ୍ରକାଶ କରିଛନ୍ତି। ଯେପରି ସାମାନ୍ୟତମ ନଗ୍ନତା ଦେଖିବାକୁ ନ ମିଳେ ସେଥିପ୍ରତି ଯାତ୍ରା ମାଲିକମାନେ ଗୁରୁତ୍ୱ ଦେବେ। ଯେପରି ମହିଳା ଦର୍ଶକ ସପରିବାର ବସି ଯାତ୍ରା ଦେଖିପାରିବେ ସେନେଇ ଯାତ୍ରା ମାଲିକମାନେ ଗୁରୁତ୍ୱ ଦେବାକୁ ସମସ୍ତ କମିଟି ପକ୍ଷରୁ ଦାବି କରାଯିବ। ବୈଠକରେ ମଞ୍ଚ ସଭାପତି ରଘୁନାଥ ମହାନ୍ତି, ଉପ ସଭାପତି ବୈକୁଣ୍ଠ ନାଥ ପାଇକ, ସହସମ୍ପାଦକ ପ୍ରମୋଦ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଗଣେଶ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ

ଖୋର୍ଦ୍ଧା,୨୪।୮(ପ୍ରଭାତ ପାଣିଗ୍ରାହୀ)



ଗଣେଶ ପୂଜା ପାଇଁ ସଜେଇ ହେଉଛି ପୂଜାମଣ୍ଡପ। ସବୁଠି ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର। ମୂର୍ତ୍ତିଗୁଡ଼ିକରେ ଦିଆଯାଉଛି ଶେଷ ସ୍ପର୍ଶ। ଚଳିତ ବର୍ଷ ବିଭିନ୍ନ ଥିମ୍‌କୁ ନେଇ ମୂର୍ତ୍ତି ନିର୍ମାଣ କରାଯାଉଛି। ୩-୪ ମାସ ପୂର୍ବରୁ ମୂର୍ତ୍ତି ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ତେବେ କାରିଗରଙ୍କ ପାଇଁ କଞ୍ଚାମାଲ୍ ସମସ୍ୟା ସୃଷ୍ଟି କରିଛି। ଉନ୍ନତମାନର ମାଟି ମିଳୁନାହିଁ। ଚିକିଟା ମାଟି ଆବଶ୍ୟକ ଥିବା ବଳେ ଗାଁ ଗହଳିରେ ମିଳୁଥିବା ମାଟିରେ ଛୋଟ ଗୋଡ଼ି, ପଥର ମିଶିଥିବାରୁ ଏହାକୁ ବାହାର କରି ଭଲ ମାଟି ପ୍ରସ୍ତୁତ କରିବାରେ ବହୁ ସମୟ ଅତିବାହିତ ହୋଇଯାଉଛି। ଭଲ ମାଟି ଅଭାବରୁ ଚଳିତ ବର୍ଷ ବହୁ ଗ୍ରାହକଙ୍କୁ ଫେରାଇବାକୁ ପଡ଼ିଛି ବୋଲି କେତେଜଣ କାରିଗର କହିଛନ୍ତି।

ଖୋର୍ଦ୍ଧା ଗୁରୁଜଙ୍ଗ ମାଳିସାହିର ୩ ଭାଇ ଆଶିଷ ରଣା, ଦେବାଶିଷ ରଣା ଓ ଶୁଭାଶିଷ ରଣା ସମ୍ପ୍ରତି ମୂର୍ତ୍ତି ନିର୍ମାଣରେ ନିମଗ୍ନ ରହିଛନ୍ତି। ତାଙ୍କ ସହିତ ୧୦ଜଣ କର୍ମଚାରୀ ମଧ୍ୟ କାମ କରୁଛନ୍ତି। ସେମାନେ ବାଲ୍ ଗଣେଶ, ବମ୍ବେ ଷ୍ଟାଇଲ ମୂର୍ତ୍ତି, ସିଂହାସନ, ଶିବପାର୍ବତୀ, ଶିବଲିଙ୍ଗ, ହାତୀ, ବୃଷଭ, ହଂସ, ମୟୂର ଉପରେ ବିଘ୍ନରାଜ ବିରାଜିଥିବାର ମୂର୍ତ୍ତି ଗଢିଛନ୍ତି। କଲ୍‌କୀ ଅବତାର, ଦଶାବତାର, ସପ୍ତଫେଣୀ, ପଞ୍ଚଫେଣୀ, ନୃସିଂହ ଅବତାର, ତ୍ରିଶୂଳ, ଡମ୍ବରୁ ଉପରେ ବିଜେ ଗଣେଶ ଏବଂ ଡାଇନୋସର ପ୍ରଭୃତି ୧୦ରୁ ୧୫ ପ୍ରକାର ଭେରାଇଟି ଶ୍ରୀଗଣେଶ ପ୍ରତିମୂର୍ତ୍ତି ଗଢା ସରି ରଙ୍ଗ ଦିଆଚାଲିଛି। ପ୍ରାୟ ୭୦ରୁ ୮୦ଟି ଛୋଟ ଓ ବଡ଼ ମୂର୍ତ୍ତି ନିର୍ମାଣ ଚାଲିଛି। ଅଳଙ୍କାର ପରିଧାନ ପରେ ନେତ୍ରରେ ଶେଷ ସ୍ପର୍ଶ ଦିଆଯିବ। ଆଶିଷ କହିଛନ୍ତି, ଜାନୁଆରୀରୁ ନଡ଼ା ଓ ମାଟି ସଂଗ୍ରହ କରାଯାଏ। ବର୍ଷସାରା କାମ ଲାଗିରହେ। ଖୋର୍ଦ୍ଧା ସମେତ ବିଭିନ୍ନ ଅଞ୍ଚଳରୁ ଅର୍ଡର ଆସେ। ବାପା ଜଟାଧାରୀ ରଣା ଓ ତାଙ୍କ ଭାଇ ରାମଚନ୍ଦ୍ର ରଣା ମାଟି କାମ ଆରମ୍ଭ କରିଥିଲେ। ବାପାଙ୍କ ସହିତ ତିନିଭାଇ ଯୋଡ଼ି ହୋଇଥିଲେ। ସେମାନେ ପଶୁମୁଖା ମୂର୍ତ୍ତି, ଚଇତି, ଘୋଡ଼ାନାଚ, ବାଘ, ଷଣ୍ଢ, ହରିଣ, ଭାଲୁ, ବଳଦ, ରାଜାରାଣୀ, ସୈନ୍ୟ କଟୁଆଳ, କାଳୀ, ଦୁର୍ଗା ଆଦି ମେଢ଼ ନିର୍ମାଣ କରନ୍ତି।

ସେହିପରି ଜଟଣୀ ବ୍ଲକ ଛଣଘର ଅଞ୍ଚଳର ଶଶିକାନ୍ତ ମହାରଣାଙ୍କର ପିଲାବେଳୁ ଚିତ୍ରକଳା ପ୍ରତି ଆଗ୍ରହ ରହିଥିଲା। କଲର ପେନସିଲ ଧରି ଦେବଦେବୀଙ୍କ ଚିତ୍ର ଆଙ୍କୁଥିବା ଶଶିକାନ୍ତ ଏବେ ସଫଳ ଓ ସ୍ୱାବଲମ୍ବୀ ଶିଳ୍ପୀ। ତାଙ୍କୁ ୩ ଭାଇ, ମା, ବାପା ସହଯୋଗ କରିଥାନ୍ତି। ତାଙ୍କ ସାନଭାଇ ନିଶିକାନ୍ତ କୁହନ୍ତି, ଆମେ କୌଣସି ପ୍ରଶିକ୍ଷଣ ନେଇନାହୁଁ। ଶ୍ରୀଗଣେଶଙ୍କ ଆଶୀର୍ବାଦ ଏବଂ ଭାଇଙ୍କ ପ୍ରେରଣାରୁ ଏବେ ମୂର୍ତ୍ତି ଗଢିପାରୁଛୁ। ଜଟଣୀ କୁଦିଆରୀର ଶିଳ୍ପୀ ଚନ୍ଦ୍ରକାନ୍ତ ବେହେରା କୌଳିକ ବୃତ୍ତିକୁ ଧରିରଖିଛନ୍ତି। ଚଳିତ ବର୍ଷ ସେ ୨ ଫୁଟରୁ ୧୪ ଫୁଟ ପର୍ଯ୍ୟନ୍ତ ଅନେକ ମୂର୍ତ୍ତି ଗଢୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ସହଯୋଗୀମାନଙ୍କୁ ରୋଜଗାର ଯୋଗାଇଛନ୍ତି। ଚନ୍ଦ୍ରକାନ୍ତ କହିଛନ୍ତି, ମୁମ୍ବାଇ ଷ୍ଟାଇଲ ମୂର୍ତ୍ତିର ଚାହିଦା ରହିଛି। ଜଟଣୀ, ଖୋର୍ଦ୍ଧା, ଭୁବନେଶ୍ୱର, ପିପିଲି, ପୁରୀ, ନିମାପଡ଼ା ପ୍ରଭୃତି ଅଞ୍ଚଳରୁ ତାଙ୍କ ପାଖକୁ ଅର୍ଡର ଆସେ। ସୁକାନ୍ତ ବେହେରା କହିଛନ୍ତି, ମୂର୍ତ୍ତି ନିର୍ମାଣରେ ସେ କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର କରୁଛନ୍ତି, କାରଣ ରାସାୟନିକ ରଙ୍ଗ ବ୍ୟବହାର ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି। ସେହିପରି ନୀଳକଣ୍ଠ ମହାରଣା କହିଛନ୍ତି, ପ୍ରାୟ ୪୦ ବର୍ଷ ହୋଇଗଲା ମୂର୍ତ୍ତି ତିଆରି କରିଆସୁଛି। ଚଳିତବର୍ଷ ଚାରିଆଡୁ ଅର୍ଡର ଆସୁଛି। ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର ମୂର୍ତ୍ତି ନିର୍ମାଣ କରାଯାଇଛି।

# ୮ କୋଟିର ସାଇବର ଠକେଇ

## ୨ ଅଭିଯୁକ୍ତଙ୍କୁ ରାଜ୍ୟ ବାହାରୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ,୨୪।୮ (କାର୍ତ୍ତିକ ସାହୁ)

ପ୍ରାୟ ୮ କୋଟି ଟଙ୍କାର ୨ଟି ପୃଥକ୍ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ରାଜ୍ୟ ବାହାରୁ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପଞ୍ଜାବ ଲୁଧିଆନାର ଯୋଧେୱାଲା ଥାନା ଅନ୍ତର୍ଗତ ଇନ୍ଦେରବିହାରରୁ ବିଟୁ କୁମାର(୪୧) ଏବଂ ଆନ୍ଧ୍ରପ୍ରଦେଶର ହରିଜନୱାଡାରୁ ଅଭିଯୁକ୍ତ ଚପାଲମାଡୁଗୁ ସୁଧୀର କୁମାର (୩୩)ଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ନିକଟରୁ ସାଇବର ଠକେଇରେ ବ୍ୟବହୃତ ନାନାପ୍ରକାର ସାମଗ୍ରୀ ଜବତ କରିଛି।

ସୂଚନାନୁସାରେ, ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇ ୬ କୋଟି ୧୬ ଲକ୍ଷ ୩୭ ହଜାର ୮୪ ଟଙ୍କା ହରାଇଥିଲେ। ସାଇବର ଠକମାନେ ତାଙ୍କୁ ଅଧିକ ଲାଭ ପାଇବାର ଆଶା ଦେଖାଇଥିଲେ। ଡିଜିଟାଲ କରେନ୍ସି ଏକ୍ସଚେଞ୍ଜ କାରବାର ଜରିଆରେ ତାଙ୍କୁ ବହୁ ଅଧିକ ଅର୍ଥ ମିଳିବ ବୋଲି କୁହାଯାଇଥିଲା। ପ୍ରାଥମିକ ଅବସ୍ଥାରେ କ୍ଷତି ହୋଇଥିଲେ ବି ତାଙ୍କୁ ଅଧିକ ଅର୍ଥ ବିନିଯୋଗ ପାଇଁ ସାଇବର ଠକମାନେ ପ୍ରବର୍ତ୍ତାଇଥିଲେ। ଉପରୋକ୍ତ ପରିମାଣର ଅର୍ଥ ସେ ବିନିଯୋଗ କରିବାପରେ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଅର୍ଥ ଉଠାଣ ପାଇଁ ସେମାନେ ପୁଣି ଅତିରିକ୍ତ ଅର୍ଥ ଦାବି କରିଥିଲେ। ଏପରି କି ଅର୍ଥ ନ ଦେଲେ ଟଙ୍କା ଉଠାଇ ଦିଆଯିବ ନାହିଁ ବୋଲି ସେମାନେ କହିଥିଲେ। ଫଳରେ ବ୍ୟକ୍ତି ଜଣକ ଠକାମିରେ ପଡ଼ିଥିବା ହୃଦ୍‌ବୋଧ କରି କ୍ରାଇମବ୍ରାଞ୍ଚରେ ୨୦୨୪ ଜୁଲାଇ ୯ତାରିଖରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚରେ ଏନେଇ କେସ୍ ନଂ.୩୮/୨୦୨୪ ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଟିମ୍ ଅର୍ଥ କାରବାର ତଥ୍ୟ ପରଖିବା ପରେ ଠକେଇ ପଞ୍ଜାବର ଲୁଧିଆନା ଅଞ୍ଚଳରୁ ହୋଇଥିବା ଜଣାପଡ଼ିଥିଲା। ତଦନ୍ତକାରୀ ଦଳ ସେଠାକୁ ଯାଇ ବିଟୁ କୁମାରଙ୍କୁ ଗିରଫ କରି ସେଠାକାର ଜେଏମ୍‌ଏଫ୍‌ସି ପ୍ରଥମ ଶ୍ରେଣୀ ଅଦାଲତରେ ହାଜର କରାଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଟିମ୍ ଅଭିଯୁକ୍ତଙ୍କୁ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି କଟକରେ ପହଞ୍ଚିଛି। ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍ କାର୍ଡ, ବିଭିନ୍ନ ବ୍ୟାଙ୍କର ଡେବିଟ୍ କାର୍ଡ ଆଦି ସାମଗ୍ରୀ ଜବତ କରାଯାଇଛି।

ସେହିପରି ଅନ୍ୟ ଜଣେ ବ୍ୟକ୍ତି ୧ କୋଟି ୧ ଲକ୍ଷ ୪୪ ହଜାର ୬୯୯ ଟଙ୍କା ଅନୁରୂପ ଭାବରେ ଠକେଇର ଶିକାର ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ ଗତ ମାର୍ଚ୍ଚ ୧୭ ତାରିଖରେ ମାମଲା (ନଂ. ୧୦/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ଇନ୍‌ସପେକ୍ଟର ବିଭୁରଞ୍ଜନ ସୁନ୍ଦରାୟଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଦଳ ଆନ୍ଧ୍ରପ୍ରଦେଶର ହରିଜନୱାଡାରୁ ଅଭିଯୁକ୍ତ ସୁଧୀରଙ୍କୁ ଗିରଫ କରିଛି। ସୁଧୀରଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍ କାର୍ଡ, ବ୍ୟାଙ୍କ ପାସ୍ ବୁକ୍, ଚେକ୍ ଆଦି ଜବତ ହୋଇଛି। ତଦନ୍ତକାରୀ ଟିମ୍ ଏଥିସହ ଅଭିଯୁକ୍ତଙ୍କୁ ଗୁଣ୍ଟୁରସ୍ଥିତ ସ୍ପେଶାଲ ମୋବାଇଲ କୋର୍ଟରେ ହାଜର କରାଇବାପରେ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି କଟକରେ ପହଞ୍ଚିଛି।

## ଗୁହାଳରୁ ବିସ୍ଫୋରକ ଜବତ ଘଟଣାର ଖୋଳତାଡ଼

ଛତ୍ରପୁର,୨୪।୮ (ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ବି. ମୋହନ ରେଡ୍ଡୀଙ୍କ ଆଦର୍ଶ ଗାଈ ଗୁହାଳରୁ ଗତ ୧୬ ତାରିଖ ରାତିରେ କନ୍ଧମାଳ ଜିଲା ଡୁମୁଡିବନ୍ଧ ପୋଲିସ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଥିଲା। ସରକାରଙ୍କ ପକ୍ଷରୁ ମୋହନଙ୍କୁ ଗାଈ ଗୁହାଳ ପାଇଁ ୨୦୧୮/୧୯ ବର୍ଷରେ ଅର୍ଥ ପ୍ରଦାନ କରାଯାଇଥିବାବେଳେ ସେଠାରୁ ୬.୯ ଟନ୍‌ର ଡିଟୋନେଟର, ଜିଲେଟିନ ଆଦି ଜବତ ଘଟଣାରେ ଛତ୍ରପୁର ବ୍ଲକ ପ୍ରଶାସନ ଖୋଳତାଡ଼ କରିଛି। ଉକ୍ତ ଗୁହାଳକୁ ମୋହନ ବ୍ରହ୍ମପୁର ଆମ୍ବପୁଆ ଅଞ୍ଚଳର ହେମନ୍ତ ସେଠୀଙ୍କୁ ଭଡା ଆକାରରେ ପ୍ରାୟ ଦେଢ ବର୍ଷ ହେବ ଦେଇଥିଲେ। ହେମନ୍ତ ସେଠାରେ ବିନା ଲାଇସେନ୍ସରେ ବିସ୍ଫୋରକ ସାମଗ୍ରୀ ରଖୁଥିଲେ। ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ,ଏଡିଇଓଙ୍କୁ ଛତ୍ରପୁର ବ୍ଲକ ବିଡିଓ ଚିଠି କରି ଏହି ଘଟଣାର ତଦନ୍ତ କରି ୨ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି ।

## ମହିଳାଙ୍କ ମୁଣ୍ଡ ଗଣ୍ଡି ଅଲଗା କଲେ ଦୁର୍ବୃତ୍ତ

ବାରିପଦା/ରାଇରଙ୍ଗପୁର, ୨୪।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ମାନସ ମହାନ୍ତି)

ଘରେ ପଶି ମହିଳାଙ୍କୁ ବୀଭତ୍ସ ହତ୍ୟା। ଏକ ଧାରୁଆ ଅସ୍ତ୍ରରେ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ଫେରାର ହୋଇଯାଇଛନ୍ତି ଦୁର୍ବୃତ୍ତ। ଶନିବାର ରାତିରେ ଏଭଳି ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟିଛି ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ଦେଓଗାମ ଅଞ୍ଚଳରେ। ମହିଳା ଜଣକ ରୋଷେଇ କରୁଥିବା ସମୟରେ ଦୁର୍ବୃତ୍ତ ଜଣକ ହତ୍ୟା କରିଥିବା ଜଣାପଡ଼ିଛି। ମୃତା ମହିଳା ହେଲେ ସୁହାଗି ଗୋଇପାଇ(୩୫)। ରବିବାର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ରକ୍ତ ନମୁନା ସଂଗ୍ରହ ପୂର୍ବକ ତଦନ୍ତ ଜାରି ରଖିଛନ୍ତି ।

ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ସୁହାଗିଙ୍କ ସ୍ୱାମୀ ମୋଠାଇ ଗୋଇପାଇ ନିକଟସ୍ଥ ଗ୍ରାମକୁ ଫୁଟ୍‌ବଲ୍ ଖେଳ ଦେଖିବାକୁ ଯାଇଥିଲେ। ସୁହାଗି ଘରେ ଏକୁଟିଆ ଥିବା ଜାଣି ଏହାର ସୁଯୋଗରେ ଦୁର୍ବୃତ୍ତ ବର୍ବରକାଣ୍ଡ ଭିଆଇଛନ୍ତି। ଫୁଟ୍‌ବଲ ଖେଳ ଦେଖିସାରି ମୋଠାଇ ରାତି ପ୍ରାୟ ୯ଟା ବେଳେ ଘରକୁ ଫେରିବା ପରେ ସ୍ତ୍ରୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏପରିକି ଶରୀରରୁ ମୁଣ୍ଡଟି ଅଲଗା ହୋଇ କିଛି ଦୂରରେ ପଡ଼ିଥିବା ବେଳେ ହାତରେ ଖୁସୁଣୀ ଧରିଥିଲେ। ସେ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ ପୋଲିସକୁ ଖବର ଦେଇଥିଲେ। ରାଇରଙ୍ଗପୁର ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ତିରିଂ ଥାନାଧିକାରୀ ପ୍ରଶାନ୍ତ ଜେନା ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ମୋଠାଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୨୫/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନା ପଠାଇଥିଲା। ତେବେ ହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ଫେରାର ଅଭିଯୁକ୍ତ ଧରାପଡ଼ିବା ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।

## ଶ୍ୱଶୁରଙ୍କ ଆକ୍ରମଣରେ ଜ୍ୱାଇଁ ଗୁରୁତର

ଦେଓଗାଁ,୨୪।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

### ସ୍ତ୍ରୀଙ୍କୁ ଆଣିବାକୁ ଯାଇଥିଲେ

ବଲାଙ୍ଗୀର ଜିଲା ଦେଓଗାଁ ଥାନା ତଥା ସଦର ବ୍ଲକ ଅନ୍ତର୍ଗତ ଶିବତଲା ଗାଁରେ ରବିବାର ଅପରାହ୍ନରେ ଶ୍ୱଶୁରଙ୍କ ଆକ୍ରମଣରେ ଜ୍ୱାଇଁ ଗୁରୁତର ଆହତ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଅଭିଯୋଗ ପରେ ଶ୍ୱଶୁରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଯେ, ପୁଇଁନ୍ତଳା ଥାନା ଅଧୀନ ଆଠଗାଁର ଜଣେ ଯୁବକ ଶିବତଲା ଗାଁରେ ବିବାହ କରିଥିଲେ। ପାରିବାରିକ କଳହରୁ ତାଙ୍କ ସ୍ତ୍ରୀ ବାପଘରେ ଆସି ରହୁଥିଲେ। ରବିବାର ଯୁବକ ଜଣକ ଶ୍ୱଶୁର ଘରକୁ ଆସି ସ୍ତ୍ରୀଙ୍କୁ ସାଙ୍ଗରେ ନେବା ପାଇଁ କହିଥିଲେ। ଏହାକୁ ନେଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ଉତ୍ତ୍ୟକ୍ତ ହୋଇ ଯୁବକ ଜଣକ ସ୍ତ୍ରୀଙ୍କୁ ମାଡ ମାରିବାରୁ ଶ୍ୱଶୁର ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ। ଜ୍ୱାଇଁଙ୍କୁ ପାନେ ଦେବା ପାଇଁ ମନସ୍ଥ କରି ଘର ନିକଟସ୍ଥ ହରଗୌରୀ ମନ୍ଦିର ନିକଟରେ ଛପି ରହିଥିଲେ। ଏହି ସମୟରେ ଜ୍ୱାଇଁ ବାଇକ୍‌ରେ ଯାଉଥିବା ବେଳେ ଶ୍ୱଶୁର ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଆହତ ଜ୍ୱାଇଁଙ୍କୁ ଉଦ୍ଧାର କରାଯାଇ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ସମୟରେ ଆଉ ଦୁଇଜଣ ସହଯୋଗ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

## ବୋମା, ଗୁଳି ଫୁଟାଇ ସୁନା ଦୋକାନରୁ ଲୁଟ୍



ଲୁଟ୍ ଘଟଣା ପରେ ସାଇ ସୋନୁ ଅଳଙ୍କାର ଦୋକାନ ସମ୍ମୁଖରେ ଲୋକଙ୍କ ଭିଡ଼।

### ଦୁର୍ବୃତ୍ତଙ୍କ ଗୁଳିରେ ଜଣେ ଗ୍ରାହକ ଗୁରୁତର

ନିରାକାରପୁର/ଟାଙ୍ଗୀ, ୨୪।୮ (ମାନସ ଚନ୍ଦ୍ର ପଟ୍ଟନାୟକ/ ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଷ୍ଟେଟବ୍ୟାଙ୍କ ପାର୍ଶ୍ୱରେ ଥିବା ସାଇ ସୋନୁ ଅଳଙ୍କାର ଦୋକାନରୁ ରବିବାର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବୋମା ଫିଙ୍ଗି ଓ ଗୁଳି ଫୁଟାଇ ୧୧ କେଜି ସୁନା ଓ ୪ କେଜିରୁ ଉର୍ଦ୍ଧ୍ୱ ଓଜନର ରୁପା ଅଳଙ୍କାର ଲୁଟି ନେଇଥିବା ଦୋକାନ ମାଲିକ ସୁଶାନ୍ତ ବେହେରା ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତଙ୍କ ଗୁଳିରେ ଜଙ୍କିଆ ଥାନା ଅଧୀନ ସରପାରି ଗ୍ରାମର ରାଜା ପ୍ରଧାନ ନାମକ ଗ୍ରାହକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୧ଟାରେ ୪ଟି ପଲସର ମୋଟର ସାଇକେଲରେ ୮ଜଣ ହେଲମେଟ୍ ପିନ୍ଧିଥିବା ଦୁର୍ବୃତ୍ତ ଆସିଥିଲେ। ୪ଜଣ ଦୋକାନ ବାହାରେ ବାଇକ୍‌ରେ ବସିରହିଥିବାବେଳେ ଅନ୍ୟ ୪ଜଣ ଭିତରେ ପଶିଥିଲେ। ସମସ୍ତେ ବନ୍ଧୁକ ଓ ବୋମା ଧରିଥିଲେ। ପ୍ରାୟ ଅଧଘଣ୍ଟା ଧରି ଦୁର୍ବୃତ୍ତମାନେ ଲୁଟ୍‌ପାଟ୍ କରିଥିଲେ। ଏହି ସମୟରେ ଲୁଚିରହିଥିବା ଜଣେ ଗ୍ରାହକଙ୍କୁ ଦେଖିପାରି ହଡ଼ବଡ଼େଇ ଯାଇ ଗୁଳି କରିଥିଲେ। ଗୁଳି ତାଙ୍କ ଗୋଡ଼ରେ ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ। ସେ ସେଠାରେ ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିବାବେଳେ ଦୁର୍ବୃତ୍ତମାନେ ଚାଲିଯାଇଥିଲେ। ସେହିପରି ସେମାନେ ଲୁଟ୍ ସାମଗ୍ରୀ ଧରି ଦୋକାନ ବାହାରକୁ ଆସିବାବେଳେ କେତେଜଣ ଲୋକଙ୍କୁ ଦେଖି ସେମାନଙ୍କୁ ଭୟଭୀତ କରିବା ପାଇଁ ଦୁଇଟି ବୋମା ଫିଙ୍ଗି ଚମ୍ପଟ ମାରିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଖବର ପାଇ ତଦନ୍ତ ଜାରି ରଖିଥିବା ଜଙ୍କିଆ ଥାନାଧିକାରୀ ସୁଶାନ୍ତ ବେହେରା କହିଛନ୍ତି।

## ସ୍ପାରେ ଦେହ ବ୍ୟବସାୟ : ୪ ନାବିକ କୋର୍ଟ ଚାଲାଣ

ପାରାଦୀପ,୨୪।୮ (ଶରତ ରାଉତ)

### ୯ ବଙ୍ଗୀୟ ମହିଳାଙ୍କୁ ଘରକୁ ପଠାଇଲା ପୋଲିସ

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବିଜୟଚନ୍ଦ୍ରପୁରରେ ଥିବା ଏକ ସ୍ପା ସେଣ୍ଟର ଉପରେ ଶନିବାର ରାତିରେ ପୋଲିସ ଚଢ଼ାଉ କରିଥିଲା। ଉକ୍ତ ଘଟଣାରେ ରବିବାର ୪ ଜଣ ଗ୍ରାହକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଦେହ ବ୍ୟବସାୟରେ ଲିପ୍ତ ୯ ଜଣ ବଙ୍ଗୀୟ ମହିଳାଙ୍କ ଡାକ୍ତରୀମାଇନା କରାଯାଇ ଘରକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ମାମଲା (ନଂ.୨୩୨/୨୫) ରୁଜୁ ହୋଇଛି। ଅପରପକ୍ଷେ ଗିରଫ ହୋଇଥିବା ୪ ଗ୍ରାହକ ଜାହାଜର ନାବିକ ବୋଲି ପୋଲିସ କହିଛି। ସେମାନଙ୍କ ମଧ୍ୟରେ ଦୁଇ ଜଣ ମହାରାଷ୍ଟ୍ର, ଜଣେ ବିହାର ଓ ଅନ୍ୟ ଜଣେ ରାଜସ୍ଥାନର। ସେମାନଙ୍କ ମଧ୍ୟରୁ ଜଣେ କୋଷ୍ଟଗାର୍ଡ ଯବାନ ଥିବା ଜଣାପଡ଼ିଛି। ଯେଉଁ ସ୍ପା ସେଣ୍ଟର ମଧ୍ୟରେ ଏହି ଦେହ ବ୍ୟବସାୟ ଚାଲୁଥିଲା ତାହା ଏକ ୪ ତାଲା ବିଶିଷ୍ଟ କୋଠା ଘର। ସେଠାରେ ପଶ୍ଚିମବଙ୍ଗର ମହିଳାମାନଙ୍କୁ ନିୟୋଜିତ କରାଯାଇଥିଲା। ପ୍ରାୟ ସମୟରେ ଜାହାଜର ଏଜେଣ୍ଟ କମ୍ପାନୀ ଜରିଆରେ ଗ୍ରାହକ ଯୋଗାଡ କରାଯାଇଥାଏ। ଏହି କାର୍ଯ୍ୟରେ ବଡ଼ପଡିଆ ଅଞ୍ଚଳର ଜଣେ ବ୍ୟକ୍ତି ମଧ୍ୟସ୍ଥତା କରୁଥିଲେ। ଚଢ଼ାଉ ପରେ ସ୍ପା ସେଣ୍ଟର ମାଲିକ ଫେରାର ଥିବା ନେଇ ଥାନାଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି।


ସ୍ପା ସେଣ୍ଟରରୁ ଉଦ୍ଧାର ହୋଇଥିବା ମହିଳାମାନେ।

# Business

## ସେପ୍ଟେମ୍ବର ୨ରେ ସେମିକନ୍ ଇଣ୍ଡିଆ

ଭୁବନେଶ୍ୱର,୨୪।୮



ସେମିକନ୍ ଇଣ୍ଡିଆ(ସେମିକନ୍ ଇଣ୍ଡିଆ-୨୦୨୫)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ପ୍ରଦର୍ଶନୀ ନୂଆଦିଲ୍ଲୀର ଯଶୋଭୂମି (ଇଣ୍ଡିଆ ଇଣ୍ଟରନ୍ୟାଶନାଲ କନ୍‌ଭେନଶନ ଏବଂ ଏକ୍ସପୋ ସେଣ୍ଟର ନୂଆଦିଲ୍ଲୀ)ଠାରେ ୨୦୨୫ ସେପ୍ଟେମ୍ବର ୨ରେ ଆୟୋଜିତ ହେବାକୁ ଯାଉଛି। ଏପରିକି ସେମିକନ ଇଣ୍ଡିଆର ୪ର୍ଥ ସଂସ୍କରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷକରି ଭାରତକୁ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ପାୱାରହାଉସ୍ ଭାବେ ସ୍ଥାନିତ କରିବାକୁ ନେଇ ଏହାର ଐତିହ୍ୟକୁ ପାଳନ କରିବା ସହିତ ସେମିକନ୍ ଇଣ୍ଡିଆ-୨୦୨୫ର ୪ର୍ଥ ସଂସ୍କରଣ ବିଶ୍ୱ ନେତା, ସେମିକଣ୍ଡକ୍ଟର ଶିଳ୍ପ ବିଶେଷଜ୍ଞ, ଶିକ୍ଷାବିତ୍, ସରକାରୀ ଅଧିକାରୀ ଏବଂ ଛାତ୍ରଙ୍କ ସମେତ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରିବ। ଭାରତର ସେମିକଣ୍ଡକ୍ଟର ବିପ୍ଳବକୁ ତ୍ୱରାନ୍ୱିତ କରି ସେମିକଣ୍ଡକ୍ଟର ଶିଳ୍ପକୁ ପ୍ରୋତ୍ସାହିତ କରୁଥିବା ବିଶ୍ୱ ଶିଳ୍ପ ସଂଘ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଏମ୍‌ଇଆଇଟିୱାଇ)ର ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେମିକନ୍ ଇଣ୍ଡିଆ-୨୦୨୫ର ଆଭିମୁଖ୍ୟ ଓ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ନେକ୍ସଟ ସେମିକଣ୍ଡକ୍ଟର ପାୱାରହାଉସ୍ ନିର୍ମାଣ ବିଷୟବସ୍ତୁ ଅଧୀନରେ ଏହି କାର୍ଯ୍ୟକ୍ରମ ହାଇ ପ୍ରୋଫାଇଲ୍ କିନୋଟ୍, ପ୍ୟାନେଲ୍ ଆଲୋଚନା, ଫାୟାରସାଇଡ୍ ଚାଟ୍, ପେପର ଉପସ୍ଥାପନା, ୬ଟି ଅନ୍ତର୍ଜାତୀୟ ଗୋଲଟେବୁଲ ଏବଂ ଅନ୍ୟାନ୍ୟ ମାଧ୍ୟମରେ ଫାବ୍ସ, ଆଡଭାନ୍ସଡ୍ ପ୍ୟାକେଜିଂ, ସ୍ମାର୍ଟ ଉତ୍ପାଦନ, ଏଆଇ, ଯୋଗାଣ ଶୃଙ୍ଖଳା ପରିଚାଳନା, ସ୍ଥାୟିତ୍ୱ, କର୍ମଶକ୍ତି ବିକାଶ, ଡିଜାଇନ୍ ଏବଂ ଷ୍ଟାର୍ଟଅପ୍ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ନବସୃଜନ ଏବଂ ଧାରା ବିଷୟରେ ମୂଲ୍ୟବାନ ଦିଗଦର୍ଶନ ପ୍ରଦାନ କରିବ। ସେମିକନ୍ ଇଣ୍ଡିଆ ପ୍ରଦର୍ଶନୀରେ ୬ଟି କଣ୍ଟ୍ରି ରାଉଣ୍ଡ ଟେବୁଲ, ୪ଟି ଦେଶର ପାଭିଲିଅନ୍, ୯ଟି ରାଜ୍ୟର ଅଂଶଗ୍ରହଣ ଏବଂ ୧୫,୦୦୦ ରୁ ଅଧିକ ପ୍ରତ୍ୟାଶିତ ପରିଦର୍ଶକ ସମେତ ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳରୁ ପ୍ରାୟ ୩୫୦ ପ୍ରଦର୍ଶକ ସାମିଲ ହେବେ। ଯାହା ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ସଦ୍ୟତମ ଉନ୍ନତି ପ୍ରଦର୍ଶନ ପାଇଁ ଦକ୍ଷିଣ ଏସିଆର ଏକମାତ୍ର ବୃହତ୍ତମ ପ୍ଲାଟଫର୍ମ ପ୍ରଦାନ କରିବ ବୋଲି ଏମଇଆଇଟିୱାଇର ସଚିବ ଏସ୍. କୃଷ୍ଣନ୍ କହିଛନ୍ତି। ଭାରତର ସେମିକଣ୍ଡକ୍ଟର ଶିଳ୍ପ ଏକ ସଫଳତା ପାଇଁ ପ୍ରସ୍ତୁତ ସହ ଘରୋଇ ନୀତି ଏବଂ ଘରୋଇ କ୍ଷେତ୍ରର କ୍ଷମତା ଶେଷରେ ଦେଶକୁ ବିଶ୍ୱସ୍ତରୀୟ ପ୍ରସିଦ୍ଧି ପାଇଁ ସମନ୍ୱିତ ହେଉଛି। ଆମେ ଏହି ପରିବର୍ତ୍ତନଶୀଳ ଦୃଶ୍ୟପଟକୁ ନେଭିଗେଟ୍ କରିବା ସମୟରେ ବିକାଶ ଏବଂ ସଫଳତାର ପରବର୍ତ୍ତୀ ଲହରକୁ ଅନଲକ୍ କରିବା ପାଇଁ ସହଯୋଗ ଏବଂ ଇକୋସିଷ୍ଟମ୍ ନିର୍ମାଣ ଗୁରୁତ୍ୱପୂର୍ଣ୍ଣ ହେବ ଏବଂ ସେମିକନ୍ ଇଣ୍ଡିଆ-୨୦୨୫ ଏଥିପାଇଁ ଉତ୍ପ୍ରେରକର ଭୂମିକା ଗ୍ରହଣ କରିବ ବୋଲି ସେମି ଇଣ୍ଡିଆ ଏବଂ ଆଇଇଏସଏର ସଭାପତି ଅଶୋକ ଚାନ୍ଦକ କହିଛନ୍ତି।

## ଏଏମ୍‌ଏଫ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୪।୮

ଆକ୍ସିସ ମ୍ୟୁଚୁଆଲ ଫଣ୍ଡ (ଏଏମଏଫ) ର ନୂତନ ଉତ୍ପାଦ ତଥା ଆକ୍ସିସ ନିଫ୍ଟି ୫୦୦ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ ଏଣ୍ଡେଡ ଇଣ୍ଡେକ୍ସ ଫଣ୍ଡ ହୋଇଥିଲାବେଳେ ଏହି ଫଣ୍ଡକୁ ଫଣ୍ଡ ମ୍ୟାନେଜର କାର୍ତିକ କୁମାର ଓ ହିତେଶ ଦାସ ପରିଚାଳନା କରିବେ। ଭାରତର ୫୦ଟି ଉଚ୍ଚ ମାନର କମ୍ପାନିରେ ସହଜ, ସ୍ୱଚ୍ଛତା ଓ ସୁଲଭ ମାଧ୍ୟମରେ ନିବେଶ କରିବା ପାଇଁ ନିବେଶକମାନଙ୍କୁ ସୁବିଧା ଦେବା ଲାଗି ଆକ୍ସିସ ନିଫ୍ଟି ୫୦୦ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡକୁ ପ୍ରସ୍ତୁତ କରାଯାଇଛି। ନିଫ୍ଟି ୫୦୦ରୁ ଅତି ଯତ୍ନର ସହ ଏହି କମ୍ପାନିଗୁଡ଼ିକୁ ଚୟନ କରାଯାଇଛି। ଇକ୍ୱିଟି ଉପରେ ଉଚ୍ଚ ରିଟର୍ଣ୍ଣ, ନିମ୍ନ ଆର୍ଥିକ ଲେଭରେଜ ଓ ସ୍ଥିର ଆୟ ଅଭିବୃଦ୍ଧି ଭଳି ମାନଦଣ୍ଡ ଆଧାରରେ କମ୍ପାନିଗୁଡ଼ିକୁ ଚୟନ କରାଯାଇଛି। ଆକ୍ସିସ ଏଏମସିର ଏମଡି ଓ ସିଇଓ ବି ଗୋପକୁମାର କହିଛନ୍ତି , ଗୁଣାତ୍ମକ ମାନ ହେଉଛି ସମୟ ପରିକ୍ଷୀତ ନିବେଶ ବିଷୟ ଯାହା ବଜାରର ଅସ୍ଥିରତା ସମୟରେ କେବଳ ସ୍ଥିରତା ପ୍ରଦାନ କରିବ ନାହିଁ, ବରଂ ଅଭିବୃଦ୍ଧି ବଜାୟରେ ଉଚ୍ଚ ରିଟର୍ଣ୍ଣ ହାସଲ କରିବାର କ୍ଷମତା ମଧ୍ୟ ପ୍ରଦାନ କରିଥାଏ।

## ଡିଜିଟାଲ କ୍ରୟରେ ୫୦ ମିଲିୟନରୁ ଅଧିକ ଏମ୍‌ଏସ୍‌ଏମ୍‌ଇ

ଭୁବନେଶ୍ୱର,୨୪।୮

ବର୍ତ୍ତମାନ ସମୟରେ ଉଭୟ କ୍ରେତା ଓ ବିକ୍ରେତା ଅନଲାଇନ କାରବାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଫଳରେ ଇକମର୍ସ ପ୍ଲାଟଫର୍ମଗୁଡିକର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ନିକଟରେ ପଞ୍ଜୀକୃତ ଉଦ୍ୟମ ଏବଂ ଏଫଏସଏସଏଆଇ ଭଳି ଅନ୍ୟାନ୍ୟ ବ୍ୟବସାୟ ଲାଇସେନ୍ସଧାରୀମାନେ ଇକମର୍ସ ପ୍ଲାଟଫର୍ମର ଡିଜିଟାଲ କ୍ରୟରେ ସାମିଲ ହୋଇ ସରଳୀକୃତ ଡିଜିଟାଲ୍ କ୍ରୟରୁ ମଧ୍ୟ ଆବଶ୍ୟକ ଲାଭ ପାଇପାରିବେ। ସେହିଭଳି ଇକମର୍ସ ପ୍ଲାଟଫର୍ମ ଆମାଜନ ବିଜନେସ୍ ପକ୍ଷରୁ ମଧ୍ୟ ଏହି ସୁବିଧା ଖୋଲିଯାଇଛି, ଯେଉଁଠାରେ ଉଦ୍ୟମ ଏବଂ ଏଫ୍‌ଏସ୍‌ଏସଏଆଇ ଲାଇସେନ୍ସଧାରୀମାନେ ଆମାଜନ ବିଜନେସରେ ସାଇନ୍ ଅପ୍ କରିପାରିବେ। ଏପରିକି ବିଦ୍ୟମାନ ଜିଏସଟି ଏବଂ ବି-ପାନ୍ ବିକଳ୍ପ ସହିତ ପାର୍ବଣ ଋତୁ ପୂର୍ବରୁ ଏହି ସମ୍ପ୍ରସାରଣ ଦେଶର ୫୦ମିଲିୟନରୁ ଅଧିକ ଏମ୍‌ଏସ୍‌ଏମ୍‌ଇ (ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ୮୦%) କୁ ଆମାଜନ ବ୍ୟବସାୟ ମାଧ୍ୟମରେ ଡିଜିଟାଲ୍ କ୍ରୟ ସୁବିଧା ପ୍ରଦାନ କରୁଛି। ଏ ସମ୍ପର୍କରେ ଆମାଜନ ବିଜନେସର ନିର୍ଦ୍ଦେଶକ ମିତ୍ରନ ଭାଦୁରୀ କହିଛନ୍ତି, ଉଦ୍ୟମ ଏବଂ ଏଫଏସଏସଏଆଇ ଭଳି ଅନ୍ୟାନ୍ୟ ବ୍ୟବସାୟ ଲାଇସେନ୍ସଧାରୀମାନେ ଆମାଜନ ବିଜନେସ ପ୍ରଦାନ କରୁଥିବା ସରଳୀକୃତ ଡିଜିଟାଲ୍ କ୍ରୟରୁ ମଧ୍ୟ ଲାଭ ପାଇବେ। ଏପରିକି ଅନେକ ବିକ୍ରେତା, ଅସଙ୍ଗତ ମୂଲ୍ୟ ଏବଂ ଲମ୍ବା ପ୍ରକ୍ରିୟା କାରଣରୁ ଏମଏସଏମଇ କ୍ରେତାମାନଙ୍କ ପାଇଁ କ୍ରୟ ପ୍ରାୟତଃ ଏକ ଚକ୍ରବ୍ୟୂହ ପରି ହୋଇପାରେ ବୋଲି କୁହାଯାଉଛି। ଆମେ ନିରନ୍ତର ଏହି ସମସ୍ୟାକୁ ସମାଧାନ ଏବଂ କ୍ରୟକୁ ସରଳ, ଦକ୍ଷ କରିଆସୁଛୁ। ଏହି ସମ୍ପ୍ରସାରଣ ସହିତ ଆମେ ବର୍ତ୍ତମାନ ବହୁ ଲକ୍ଷ ବ୍ୟବସାୟକୁ ପ୍ରାମାଣିକ ଉତ୍ପାଦ, ପ୍ରତିଯୋଗିତାମୂଳକ ବଲ୍କ ମୂଲ୍ୟ, କ୍ରେଡିଟ୍ ଏବଂ ଅନେକ ଆମାଜନ ବି୨ବି ଲାଭ ପାଇବାକୁ ସକ୍ଷମ କରିଛୁ, ଏହାଦ୍ୱାରା ସେମାନଙ୍କର କ୍ରୟକୁ ସୁଗମ କରାଯାଇପାରିବ।

## ମିଳିତ ସହଭାଗିତାରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୮

ଭୁବନେଶ୍ୱରର ମଣିପାଲ ହସ୍ପିଟାଲ ପକ୍ଷରୁ ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ଏବଂ ଲେଡିଜ ସର୍କଲ କଟକ-୨୦୭ ର ମିଳିତ ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଶେଷ କରି ଏମ୍ପାୱାର ହର୍ ହେଲ୍‌ଥ ଓମେନ୍ସ ୱେଲ୍‌ନେସ ଟକ୍ ଶୀର୍ଷକ ଏହି କାର୍ଯ୍ୟକ୍ରମକୁ ଫ୍ଲୋ ହେଲ୍‌ଥ କବଚ-୨୦୨୫ ଅଭିଯାନ ସଫଳତାର ସହିତ ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ବୁଦ୍ଧିଜୀବୀ, ଗୃହିଣୀ, ସ୍ୱାସ୍ଥ୍ୟ ସଚେତନତା କରୁଥିବା ବିଭିନ୍ନ ସଂଗଠନର ସଦସ୍ୟମାନେ ଯୋଗ ଦେଇଥିଲେ । ଏହି ଅଭିଯାନରେ ମହିଳାମାନେ ସ୍ୱାସ୍ଥ୍ୟ ସମ୍ପର୍କିତ ଭଲ ପସନ୍ଦ ବିଷୟରେ ସଚେତନ ହୋଇଥିଲେ। ଏହି ଅବସରରେ ମଣିପାଲ ସାଥୀ ପ୍ରିଭିଲେଜ କାର୍ଡ'ର ଶୁଭାରମ୍ଭ ମଧ୍ୟ କରାଯାଇଥିଲା, ଏହା ମାଧ୍ୟମରେ ବିଶେଷ ସ୍ୱାସ୍ଥ୍ୟ ସୁବିଧା ମିଳିବ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର କ୍ଲଷ୍ଟର ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର, ମହିଳାକେନ୍ଦ୍ରିକ ସ୍ୱାସ୍ଥ୍ୟସେବାରେ ହସ୍ପିଟାଲର ପ୍ରତିବଦ୍ଧତା ବିଷୟରେ କହିଥିଲେ। ସେହିଭଳି ଫିକି ଫ୍ଲୋ ଭୁବନେଶ୍ୱରର ଚେୟାରପର୍ସନ ଡା. ପ୍ରଜ୍ଞା ପରମିତା ମିଶ୍ର ନିଜ ଭାଷଣରେ ମହିଳାଙ୍କ ପ୍ରତିରୋଧାତ୍ମକ ଚିକିତ୍ସା ଓ ସ୍ୱାସ୍ଥ୍ୟ ସୂଚନା ବିନିମୟର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଲେଡିଜ ସର୍କଲ କଟକ-୨୦୭ର ଚେୟାରପର୍ସନ ସ୍ନେହା ସାରାଓଗୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ସଶକ୍ତୀକରଣ ବିଷୟରେ ମତ ରଖିଥିଲେ।

## ଅଲ ନ୍ୟୁ ରେନୋ କାଇଗର୍‌ର ଅନାବରଣ

ଭୁବନେଶ୍ୱର,୨୪।୮ (ଅଭୟ ଦାଶ)




ରେନୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ମଡେଲ ତଥା ଅଲ ନ୍ୟୁ ରେନୋ କାଇଗର୍ (ନ୍ୟୁ କାଇଗର୍)ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ବିଶେଷ କରି ଏହାକୁ ରିଥିଙ୍କ୍ ପରଫର୍ମାନ୍ସ ଦର୍ଶନ ଆଧାରରେ ବିକାଶ କରାଯାଇଛି। ଅପରପକ୍ଷରେ ଅତ୍ୟାଧୁନିକ ୧୦୦ ପିଏସ୍ ଟର୍ବୋଚାର୍ଜଡ୍ ଇଞ୍ଜିନ ଓ ୩୫ରୁ ଅଧିକ ଫିଚର ସହ ଉପଲବ୍ଧ। ନୂଆ କାଇଗର୍‌ରେ ୩୫ ପ୍ରକାରର ଆଧୁନିକ ସୁରକ୍ଷା ବ୍ୟବସ୍ଥା ସହ ଉନ୍ନତି ଜ୍ଞାନକୌଶଳରେ ବିକଶିତ କରାଯାଇଛି। ସେହିପରି ଦୃଢ଼ ଡିଜାଇନ, ସ୍ମାର୍ଟ ପ୍ରଯୁକ୍ତି, ଉନ୍ନତ ସୁରକ୍ଷାର ସମନ୍ୱୟ ସହିତ ନୂଆ କାଇଗର ଶକ୍ତିଶାଳୀ ପ୍ରଦର୍ଶନ ପ୍ରଦାନ କରୁଛି। ଏହା ଚିନ୍ତାଶୀଳ ଭାବେ ପ୍ରସ୍ତୁତ କରାଯାଇଥିବା ଟ୍ରିମ୍‌ରେ ଉପଲବ୍ଧ ରହିଛି। ସୁବିଧାସୁଯୋଗରେ ପରିପୂର୍ଣ୍ଣ ଟର୍ବୋ କାଇଗର୍‌ର ଦୁଇଟି ଭାରିଆଣ୍ଟ ଟେକ୍ନୋ ଓ ଇମୋସନ୍‌ର ମୂଲ୍ୟ (ଏକ୍ସ ଶୋ'ରୁମ୍) ଯଥାକ୍ରମେ ୯.୯୯ ଲକ୍ଷ ଓ ୧୧.୨୯ ଲକ୍ଷ ଟଙ୍କା ରହିଛି। ଏପରି କି ଇଞ୍ଜିନ ଭାରିଆଣ୍ଟର ଦାମ୍ ଯଥାକ୍ରମେ ୬.୨୯ ଲକ୍ଷ ଓ ୯.୧୪ ଲକ୍ଷ ଟଙ୍କା (ଏକ୍ସ ଶୋ'ରୁମ୍) ରହିଛି।

## ବ୍ୟବସାୟ ସମ୍ପ୍ରସାରଣକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୪।୮

ବର୍ତ୍ତମାନ ଘରୋଇ ବଜାରରେ ଦୁଇଚକିଆ ବୈଦ୍ୟୁତିକ ଯାନର ଚାହିଦା ବୃଦ୍ଧି ପାଉଛି। ଫଳରେ ଇଲେକ୍ଟ୍ରିକ ମୋଟରସାଇକେଲ ନିର୍ମାତାଗୁଡ଼ିକ ବ୍ୟବସାୟ ବୃଦ୍ଧି ପାଇଁ ଫୁଟପ୍ରିଣ୍ଟ ସହ ନେଟୱର୍କ ବୃଦ୍ଧି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓବେନ ଇଲେକ୍ଟ୍ରିକ ବ୍ୟବସାୟ ସମ୍ପ୍ରସାରଣ ସହ ନିକଟରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ବ୍ରାଣ୍ଡର ୫୦ତମ ଆଉଟଲେଟ (ନୂତନ ଶୋ'ରୁମ୍)ର ଶୁଭାରମ୍ଭ (ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ) କରିଛି। କମ୍ପାନୀ ଚଳିତ ଆର୍ଥିକବର୍ଷ ଶେଷସୁଦ୍ଧା ଦେଶବ୍ୟାପୀ ୧୫୦ରୁ ଉର୍ଦ୍ଧ୍ୱ ଶୋ'ରୁମ ଏବଂ ସର୍ଭିସ ସେଣ୍ଟର ଖୋଲିବାର ଲକ୍ଷ୍ୟ ରଖିଛି। ସେହିଭଳି କମ୍ପାନୀ ବିଶାଖାପାଟଣା ଏବଂ ଗୁଣ୍ଟୁର (ଆନ୍ଧ୍ରପ୍ରଦେଶ), ରାଞ୍ଚି (ଝାଡଖଣ୍ଡ), ଜବଲପୁର (ମଧ୍ୟପ୍ରଦେଶ), ଆଲିଗଡ ଏବଂ ଉନ୍ନାଓ (ଉତ୍ତରପ୍ରଦେଶ) ଏବଂ ପାଲକ୍କଡ (କେରଳ)ଠାରେ ନୂତନ ଶୋ'ରୁମ୍ ସହ ବ୍ୟବସାୟକୁ ସମ୍ପ୍ରସାରିତ କରିଛି। ଏ ସମ୍ପର୍କରେ ଓବେନ ଇଲେକ୍ଟ୍ରିକ୍‌ର ପ୍ରତିଷ୍ଠାତା ତଥା ସିଇଓ ମଧୁମିତା ଅଗ୍ରୱାଲ କହିଛନ୍ତି, ଓବେନ ଇଲେକ୍ଟ୍ରିକ୍‌ର ୫୦ତମ ଡିଲରଶିପ୍‌ର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରି କି ସମଗ୍ର ଭାରତରେ ଇଲେକ୍ଟ୍ରିକ ଚଳନକ୍ଷମତା ବା ମୋବିଲିଟିକୁ ପହଞ୍ଚାଇବାରେ ଆମର ଏକ ଦୃଢ଼ ପଦକ୍ଷେପକୁ ଏହା ଦର୍ଶାଉଛି। ଓବେନ ଇଲେକ୍ଟ୍ରିକ ଏକ ଭାରତୀୟ ଇଭି କମ୍ପାନୀ, ଯାହା ନିଜେ ନିଜର ବ୍ୟାଟେରି, ମୋଟର, ଚାର୍ଜର ଓ ଭେହିକିଲ ନିୟନ୍ତ୍ରଣ ୟୁନିଟ ତିଆରି କରିଥାଏ। ଏହି କମ୍ପାନୀ ଭାରତରେ ବିଭିନ୍ନ ପରିସ୍ଥିତିରେ ଭଲ ଚାଲିପାରିବା ଭାବେ ପ୍ରସ୍ତୁତ କରାଯାଇଛି। କମ୍ପାନୀ ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ଦେଶବ୍ୟାପୀ ୧୫୦ରୁ ଉର୍ଦ୍ଧ୍ୱ ଶୋ'ରୁମ ଏବଂ ସର୍ଭିସ ସେଣ୍ଟର ଖୋଲିବାର ଲକ୍ଷ୍ୟ ରଖିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ସ୍ରିୟାଂଶୁ ଶୁମନ ପରିବାରବର୍ଗ


ସଙ୍ଗୀତା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅସୁସ୍ଥ, ହିଂସ୍ର ହାତୀଙ୍କୁ କରାଯିବ ସୁରକ୍ଷିତ ସ୍ଥାନାନ୍ତର

## ଅନୁଗୋଳ ବନଖଣ୍ଡକୁ ମିଳିଲା କୋଟିଏ ଟଙ୍କାର ଟ୍ରକ୍ 'ଐରାବତ'

**ଅନୁଗୋଳ,୨୪।୮ (ମାନସ ବିଶ୍ୱାଳ)**

ହିଂସ୍ର ହେଉ ଅବା ଅସୁସ୍ଥ ହାତୀ, ଟ୍ରାଙ୍କୁଲାଇଜ ପରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଏଣିକି ଆଉ କଷ୍ଟକର ହେବ ନାହିଁ। ଟ୍ରକ୍‌ରେ ଚଢ଼ାଇବା ଏବଂ ଓହ୍ଲାଇବାରେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ପରିବହନ ବେଳେ ହାତୀର ସ୍ୱାସ୍ଥ୍ୟାବସ୍ଥା କିପରି ଅଛି, ସେଥିପାଇଁ ବାରମ୍ବାର ଯାଞ୍ଚର ମଧ୍ୟ ଆବଶ୍ୟକତା ନାହିଁ। ନିୟମିତ ଖାଦ୍ୟ ପ୍ରଦାନ, ଗାଡ଼ି ଉପରେ ସ୍ନାନ ଏପରି କି ଖରାତାତିରୁ ରକ୍ଷା କରିବାକୁ ଛାଇ ପ୍ରଦାନ କରିବା ଭଳି ବ୍ୟବସ୍ଥା ମଧ୍ୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚିଯିବ ହାତୀଙ୍କୁ। ଗୋଟିଏ ଅର୍ଥରେ କହିଲେ, ଆରାମଦାୟକ ଓ ସମ୍ପୂର୍ଣ୍ଣ ସୁରକ୍ଷିତ ହେବ ହାତୀ ସ୍ଥାନାନ୍ତର। କାରଣ ରାଜ୍ୟର ପ୍ରଥମ ବନଖଣ୍ଡ ଭାବେ ଅନୁଗୋଳ ବନଖଣ୍ଡକୁ ମିଳିଛି କୋଟିଏ ଟଙ୍କା ମୂଲ୍ୟର ଏପରି ଅତ୍ୟାଧୁନିକ ବ୍ୟବସ୍ଥା ଥିବା ହାତୀ ସ୍ଥାନାନ୍ତର ଟ୍ରକ୍ 'ଐରାବତ'।


ଅନୁଗୋଳ ବନଖଣ୍ଡକୁ ଆସିଥିବା ଅତ୍ୟାଧୁନିକ ଯାନ ଐରାବତ।

ପ୍ରକାଶ ଯେ, ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଚିନ୍ତାର କାରଣ ହୋଇଛି। ଅନେକ ସମୟରେ ଗାଁ ମୁହାଁ ହିଂସ୍ର ହାତୀ ଏକାଧିକ ମଣିଷର ଜୀବନ ନେବା ପରି ଘଟଣା ଏହି ଜିଲାରେ ଦେଖିବାକୁ ମିଳୁଛି। ଫଳରେ ଉକ୍ତ ମଣିଷମରା ହାତୀକୁ ସ୍ଥାନାନ୍ତର ପାଇଁ ଦାବି କରାଯାଉଛି। ସେହିପରି ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ହାତୀଙ୍କ ମଧ୍ୟରୁ ଅସୁସ୍ଥତା କାରଣରୁ ଏକାଧିକ ହାତୀଙ୍କ ଜୀବନ ଯାଇଥିବା ଦେଖାଯାଇଛି। ତେଣୁ ଅସୁସ୍ଥ ହାତୀଙ୍କୁ ସୁରକ୍ଷିତ ଭାବେ ଚିକିତ୍ସାସ୍ଥଳରେ ପହଞ୍ଚାଇବା ଓ ହିଂସ୍ର ହାତୀଙ୍କୁ ଜନବସତିଠାରୁ ଦୂରରେ ରଖିବା ଜରୁରୀ ହୋଇପଡ଼ିଛି। କିନ୍ତୁ ହାତୀଙ୍କ ସ୍ଥାନାନ୍ତରକୁ ନେଇ ପୂର୍ବରୁ ବହୁ ସମସ୍ୟା ଦେଖାଦେଇଥିବାରୁ ଏପରି ଅତ୍ୟାଧୁନିକ ଯାନର ଆବଶ୍ୟକତା ରହିଥିଲା। ତେଣୁ ଝାଡ଼ଖଣ୍ଡରେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ଐରାବତକୁ ଅନୁଗୋଳ ବନଖଣ୍ଡକୁ ହସ୍ତାନ୍ତର କରାଯାଇଛି। ଏହି ଯାନରେ ଅନୁଗୋଳ ସହ ଅନ୍ୟାନ୍ୟ ଜିଲାର ହାତୀଙ୍କୁ ସ୍ଥାନାନ୍ତର କରାଯିବ। ଡିଏଫ୍‌ଓ ନୀତିଶ କୁମାର କହିଛନ୍ତି, ଐରାବତରେ ଥିବା ଲିଫ୍ଟ ଯୋଗୁ ହାତୀକୁ ଟ୍ରକ୍ ଉପରକୁ ଉଠାଇବା ଓ ଓହ୍ଲାଇବା ସହଜ ହୋଇଯିବ। ଏହି ଟ୍ରକ୍‌ରେ ୧୫ ଶହ ଲିଟର ଜଳଧାରଣ କରୁଥିବା ପାଣିଟାଙ୍କି ରହିଛି। ଆବଶ୍ୟକସ୍ଥଳେ ଜଳାଶୟରୁ ମଧ୍ୟ ଏହି ଟ୍ରକ୍ ପାଣି ଭର୍ତ୍ତି କରିପାରିବ। ହାତୀ ଶରୀରର ତାପମାତ୍ରା ମାପିବାକୁ ଏଥିରେ ଅଟୋମେଟିକ ମେସିନ ଓ ଫାଷ୍ଟଏଡ ବକ୍ସ ଖଞ୍ଜାଯାଇଛି। ଉଜ୍ଜ୍ୱଳ ଆଲୋକ ପାଇଁ ଲାଇଟ, ସିସି କ୍ୟାମେରା, ଟ୍ରାଫିକରେ ନ ଫସିବା ପାଇଁ ସାଇରନ ଆଦି ଅନେକ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି।

# ଅର୍କକ୍ଷେତ୍ରରେ ରହିଥିଲା ପଞ୍ଚତୀର୍ଥ

## ଏକା ସମୟରେ ଦେବୀ ଭଗବତୀ ଓ ସିଦ୍ଧ ଚଣ୍ଡୀଙ୍କ ପ୍ରତିଷ୍ଠା ଯଜ୍ଞ ହୋଇଥିଲା

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ପୂର୍ବ ସଂଖ୍ୟାରେ ଐତିହ୍ୟ ଗଡ଼ - ଗୋଲରାଗଡ଼ ଏବଂ ବାଙ୍ଗୁରିଲଟା ଜଙ୍ଗଲ ବିଷୟରେ ଆଲୋଚନା କରିଥିଲେ। ବାସ୍ତବରେ ପ୍ରାଚୀନ କାଗଜାତର ଅନୁସନ୍ଧାନରେ ଆମେ ଜାଣିଲୁ କୁଶଭଦ୍ରା ନଦୀର ପୂର୍ବ କୂଳରୁ 'କେଲୁଣୀ' ମୁହାଣ ପର୍ଯ୍ୟନ୍ତ ଗୋଲରାଗଡ଼ ସାଆନ୍ତଙ୍କ ରାଜ୍ୟ ଥିଲା। ସାଆନ୍ତଙ୍କ ପରାମର୍ଶରେ ବିଦ୍ୟା ଜେନା ବାଙ୍ଗୁରୀଲଟା ଜଙ୍ଗଲରୁ ଯୋଗାଇ ଦେଇଥିଲେ କାଠ ଓ ବାଉଁଶ।

ଏହାପରେ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିଲା ଶ୍ରୀ ସୂର୍ଯ୍ୟ ବିଗ୍ରହଙ୍କର ଅଭିଷେକ ଉତ୍ସବ। ଅଭିଷେକ ପୂର୍ବରୁ 'ସୂର୍ଯ୍ୟଗଙ୍ଗା'ରୁ ଜଳାବତ୍ତୁ ସେବା ପାଇଁ ସାତଜଣ ବ୍ରାହ୍ମଣ ଜଳ ଆଣିଥିଲେ। ଅର୍କକ୍ଷେତ୍ରରେ ପ୍ରାଚୀନ କାଳରୁ ପଞ୍ଚତୀର୍ଥ ପ୍ରସିଦ୍ଧ ଥିଲା। ସୂର୍ଯ୍ୟଗଙ୍ଗା, ଶାଲ୍ମଳୀ ଭାଣ୍ଡ, ମଣିକର୍ଣ୍ଣିକା ଓ ଚନ୍ଦ୍ରଭାଗା ପବିତ୍ର ପୁଷ୍କରିଣୀ ଭାବରେ ପ୍ରସିଦ୍ଧ ଥିବାବେଳେ ମହୋଦଧି ତୀର୍ଥ ମିଶି ପଞ୍ଚତୀର୍ଥ ପ୍ରସିଦ୍ଧ ଥିଲା।


କୁଶଭଦ୍ରା, ପ୍ରାଚୀ ଓ କାଦୁଆ ନଦୀର ସଙ୍ଗମ ସ୍ଥଳରେ ପ୍ରାଚୀନ କାଳରୁ ବିଜେ କରିଥିବା ଶ୍ରୀତ୍ରିବେଣୀଶ୍ୱର ମନ୍ଦିର। ଅନତି ଦୂରରେ ସୂର୍ଯ୍ୟଗଙ୍ଗା ତୀର୍ଥ ଅଗମ୍ୟ ଜଙ୍ଗଲ ହୋଇ ପୋତି ହୋଇପଡ଼ିଛି। **(ଫଟୋ: ଜ୍ୟୋତିରାଜ ମହାନ୍ତି, କୋଣାର୍କ)**

କୁଶଭଦ୍ରା ନଦୀ, ପ୍ରାଚୀନଦୀ ଓ କାଦୁଆ ନଦୀର ସଙ୍ଗମ ସ୍ଥଳରେ ଶ୍ରୀତ୍ରିବେଣୀଶ୍ୱର ମହାଦେବ ବିଜେ କରିଛନ୍ତି। ସ୍ମରଣଯୋଗ୍ୟ, ଚନ୍ଦ୍ରଭାଗା ବୁଡ଼ରେ ଯେଉଁ ତିନି ମହାଦେବ ଆସନ୍ତି, ସେମାନଙ୍କ ମଧ୍ୟରେ ଶ୍ରୀତ୍ରିବେଣୀଶ୍ୱର ଅନ୍ୟତମ। ଅନ୍ୟ ଦୁଇ ମହାଦେବ ହେଲେ ଶ୍ରୀଦକ୍ଷିଣେଶ୍ୱର ଓ ଶ୍ରୀଈଶାନେଶ୍ୱର।

ତିନିନଦୀର ସଙ୍ଗମ ସ୍ଥଳର ଅନତି ଦୂରରେ ସୂର୍ଯ୍ୟଗଙ୍ଗା ବିଶାଳ ଆକାର ଧାରଣ କରି ପୂର୍ବେ ଅବସ୍ଥିତ ଥିଲା। ଏବେ ସଂକୁଚିତ ହୋଇ ଅବହେଳିତ ହୋଇପଡ଼ିଛି। ମାଧିପୁର ଗ୍ରାମରେ ସୂର୍ଯ୍ୟଗଙ୍ଗାରୁ ଜଳ ଆଣିବା ପରେ ବ୍ରାହ୍ମଣମାନେ ବିଶ୍ରାମ ନେଇଥିଲେ। ସୁବିଧା ଅସୁବିଧା ଦେଖିବା ପାଇଁ ତାଙ୍କ ସାଙ୍ଗରେ ନାରାୟଣ ମହାପାତ୍ର ଦାୟିତ୍ୱରେ ଥିଲେ। ସେତିକିବେଳେ କୋଣାର୍କର ପ୍ରସିଦ୍ଧ ଦେବୀ ଭଗବତୀଙ୍କ 'ନ୍ୟାସ' ପାଇଁ ଏକ ଯଜ୍ଞ ହୋଇଥିଲା। ନ୍ୟାସ କରିଥିଲେ ସାମନ୍ତ ବାମଦେବ ମହାପାତ୍ର।

ସେଇ ଏକା ସମୟରେ ଅର୍କକ୍ଷେତ୍ରରେ ଦେବୀ ସିଦ୍ଧଚଣ୍ଡୀ ଦୁର୍ଗା ମନ୍ଦିର ମଧ୍ୟ ପ୍ରତିଷ୍ଠା ହୋଇଥିଲା। ସାମନ୍ତ ବାମଦେବ ମହାପାତ୍ର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଥିଲେ।

ଶ୍ରୀସୂର୍ଯ୍ୟ ବିଗ୍ରହଙ୍କର ପ୍ରତିଷ୍ଠା କାଳରେ ଶ୍ରୀରୁଦ୍ରଙ୍କୁ ପ୍ରତିଷ୍ଠା ସ୍ଥାନକୁ ବିଜେ କରାଯାଇଥିଲା। ଶ୍ରୀରୁଦ୍ର ବିଜେ କରିବା ସମୟରେ ଶୁକ୍ଳ ଯଜୁର୍ବେଦ ଅନ୍ତର୍ଗତ ଅଷ୍ଟାଧ୍ୟାୟୀ ଲଗାତାର ପଣ୍ଡିତମାନେ ପାଠ କରିଥିଲେ। ପ୍ରତିଷ୍ଠା କାର୍ଯ୍ୟ ମହୋଦଧି କୂଳରେ ସମ୍ପନ୍ନ ହୋଇଥିଲା। ବିଜେ ହୋଇ ଆସିଥିବା ଶ୍ରୀରୁଦ୍ର ଏବେ ଶ୍ରୀବାମଦେବ ଶିବ ଭାବରେ ପରିଚିତ। ଶ୍ରୀବାମଦେବଙ୍କ ପ୍ରତିଷ୍ଠା କାଳରେ ଶିବ ଅଭିଷେକ ଅନୁଷ୍ଠାନ କରିଥିଲେ ମାଗା ମିଶ୍ର।

ଓଡ଼ିଶାର ପାରମ୍ପରିକ ଉପାସନା ଧାରା, ଯଜ୍ଞାନୁଷ୍ଠାନର ବ୍ୟବସ୍ଥା ଓ ବିଗ୍ରହ ପ୍ରତିଷ୍ଠାର ଏକ ସ୍ପଷ୍ଟ ଚିତ୍ର ଆମେ ପୋଥିରୁ ପାଉଛୁ। ହାରାହାରି ୮୦୦ ବର୍ଷ ତଳର ପୁରାତନ ବ୍ୟବସ୍ଥା। ସୂଚନା ଦେଇଥିଲୁ ପୂର୍ବରୁ ଯେ, ଗଜପତି ଲାଙ୍ଗୁଳା ନରସିଂହଦେବ ନିର୍ମାଣ କରାଉଥିବା ଶ୍ରୀପଦ୍ମକେଶର ମନ୍ଦିର ହେଉଛି ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ଶ୍ରୀସୂର୍ଯ୍ୟଙ୍କର ଉପାସନା କୋଣାର୍କଠାରେ ବହୁ ପୂର୍ବରୁ ପ୍ରଚଳିତ ଥିଲା। ଏଥିରୁ ଆମେ ଜାଣିପାରିବା ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ଶ୍ରୀସୂର୍ଯ୍ୟଙ୍କର ଉପାସନା ଥିଲା। ଓଡ଼ିଆମାନେ ସନାତନୀୟ ବ୍ୟବସ୍ଥା ଅନୁଯାୟୀ ଶ୍ରୀସୂର୍ଯ୍ୟ ବିଗ୍ରହଙ୍କର ପ୍ରତିଷ୍ଠାଦି କର୍ମ କରୁଥିଲେ। ଆମର ସୈଦ୍ଧାନ୍ତିକ ଐତିହ୍ୟକୁ କିଛି ଲେଖକ ଆଙ୍ଗୁଠି ଦେଖାଇବାକୁ ପଛେଇ ନାହାନ୍ତି। କଥାରେ ହେଲେ କହିଥାନ୍ତେ! ବାଚାଳଙ୍କ ପରି ଲେଖିଯାଇଛନ୍ତି ଯେ ଓଡ଼ିଶାରେ ବ୍ରାହ୍ମଣ ନ ଥିଲେ, କୋଣାର୍କକୁ ଅର୍କ ବ୍ରାହ୍ମଣ ଆସିଥିଲେ...! ଓଡ଼ିଶାରୁ ଦାନାପାଣି ଖାଉଥିବା ଅଣଓଡ଼ିଆ ଅଧିକାରୀ ତ ଲେଖିଦେଲେ ଯେ ସବୁ ଉପାସନା ଓ ଉପାସକ ଇରାନ୍ ପଟୁ ଆସିଥିଲେ!

# ଜିଲାପାଳଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍: ଲୋକଙ୍କୁ ମାଗୁଛନ୍ତି ଟଙ୍କା

**ବାରିପଦା,୨୪।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ସାଇବର ଅପରାଧ ଦିନକୁ ଦିନ ବଢୁଥିବା ବେଳେ ଅନେକ ଏହାର ଶିକାର ହୋଇ ସର୍ବସ୍ୱ ହରାଉଛନ୍ତି। ହ୍ୟାକରମାନେ ସୋସିଆଲ ମିଡିଆରେ ସକ୍ରିୟ ହୋଇ ଅଧିକାରୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ଏପରିସ୍ଥଳେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟଙ୍କ ଫେସ୍‌ବୁକ ଆକାଉଣ୍ଟକୁ ହ୍ୟାକ୍ କରି ସାଧାରଣ ଲୋକଙ୍କୁ ଟଙ୍କା ମଗାଯାଉଛି। ଏନେଇ କୌଣସି ଲୋକ ପ୍ରତିକ୍ରିୟା ନ ଦେବା ଓ ଟଙ୍କା ନ ପଠାଇବାକୁ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ସାଇବର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଜିଲାପାଳଙ୍କ ସରକାରୀ ୱେବସାଇଟ କିମ୍ବା ପ୍ରେସ୍ ବିଜ୍ଞପ୍ତିକୁ ବିଶ୍ୱାସ କରିବା ସହ ସନ୍ଦେହଜନକ ମେସେଜ ଦେଖିଲେ ଖୁବ୍‌ଶୀଘ୍ର ପ୍ରଶାସନକୁ ସୂଚନା ଦେବା, କୌଣସି ଓଟିପି, ବ୍ୟାଙ୍କ ବିବରଣୀ କିମ୍ବା ବ୍ୟକ୍ତିଗତ ସୂଚନା ଫେସ୍‌ବୁକ ଆକାଉଣ୍ଟକୁ ପ୍ରଦାନ ନ କରିବାକୁ କୁହାଯାଇଛି।

## ଖେଳ ଖବର

# ଇଣ୍ଡିଆନ ରେଲ୍‌ୱେ ବିଜୟୀ

**ଚେନ୍ନାଇ,୨୪।୮**

ଓଡ଼ିଶା ବିପକ୍ଷରେ ଖେଳାଯାଇଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଇଣ୍ଡିଆନ ରେଲୱେ ୫ ଉଇକେଟରେ ବିଜୟୀ ହୋଇଛି। ପ୍ରଥମ ଇନିଂସରେ ଓଡ଼ିଶା ୨୨୨ ରନ କରିଥିବା ବେଳେ ଇଣ୍ଡିଆନ ରେଲୱେ ୨୧୦ ରନ କରିଥିଲା। ୧୨ ରନରେ ଆଗୁଆ ଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ୮ ଉଇକେଟ ହରାଇ ୧୮୪ ରନ କରିଥିଲା। ଜବାବରେ ୧୯୬ ରନର ଟାର୍ଗେଟକୁ ଇଣ୍ଡିଆନ ରେଲୱେ ୩୮ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଦଳ ପାଇଁ ଦୀନେଶ ମୋର ୬୭ ରନ କରିଥିଲେ। ଓଡ଼ିଶା ପକ୍ଷରୁ କାର୍ତ୍ତିକ ବିଶ୍ୱାଳ ଓ ସୁମିତ ଶର୍ମା ୨ଟି ଲେଖାଏ ଉଇକେଟ ନେଇଥିଲେ।



କଟକରେ ଅନୁଷ୍ଠିତ ୩୦ତମ ଓ୍ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ ଟେବୁଲ ଟେନିସର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

# ସାର୍ଥକ ପୁରୁଷ, ନେହା ମହିଳା ଚାମ୍ପିୟନ

**ଭୁବନେଶ୍ୱର, ୨୪।୮ (ବିଜୟ ରଣା)**

କଟକର ସିଡିଏସ୍ଥିତ ବିଜୁ ପଟ୍ଟନାୟକ ମଲ୍‌ଟିପରପୋଜ୍ ଇନ୍‌ଡୋର ହଲ୍‌ରେ ୩୦ତମ ଓ୍ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ ଟେବୁଲ ଟେନିସ ଚାମ୍ପିୟନଶିପ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷ ସିଙ୍ଗଲ୍ସରେ କଟକର ସାର୍ଥକ ଆର୍ଯ୍ୟ ଏବଂ ମହିଳା ବିଭାଗରେ ରେଲୱେର ନେହା କୁମାରୀ ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ସାର୍ଥକ ୪-୧ ଗେମ୍‌ରେ ଏସିକ୍‌ର ଶୁଭେନ୍ଦୁ ଶ'ଙ୍କୁ ହରାଇ ଦେଇଛନ୍ତି। ସେହିପରି ନେହା କୁମାରୀ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇଙ୍କୁ ୪-୩ରେ ପରାସ୍ତ କରିଛନ୍ତି। ୧୯ବର୍ଷରୁ କମ୍ ବିଭାଗରେ ସାର୍ଥକ ଓ ଶ୍ୱେତପଦ୍ମା ଦଳାଇ ବାଳକ ଓ ବାଳିକା ବିଭାଗରେ ଚାମ୍ପିୟନ ହୋଇଛନ୍ତି। ସାର୍ଥକ କଟକର ଜିଜ୍ଞାସୁ ସାହୁଙ୍କୁ ହରାଇ ଦେଇଥିବା ବେଳେ ଶ୍ୱେତପଦ୍ମା କଟକର ସାକ୍ଷୀ ଭଗତଙ୍କୁ ୩-୧ ଗେମ୍‌ରେ ହରାଇ ଦେଇଛନ୍ତି। ଚାମ୍ପିୟନଶିପର ଅନ୍ୟ ପ୍ରତିଯୋଗିତାଗୁଡ଼ିକ ମଧ୍ୟରେ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗରେ ଖୋର୍ଦ୍ଧାର ଉର୍ଜା ବର୍ମା ଓ କଟକର ଜିଜ୍ଞାସୁ ସାହୁ ଚାମ୍ପିୟନ ହୋଇଛନ୍ତି। ୧୫ବର୍ଷରୁ କମ୍ ବିଭାଗ ବାଳକରେ ପୁରୀର ସାଇ କିରଣ ପ୍ରଧାନ ଏବଂ ବାଳିକାରେ ଖୋର୍ଦ୍ଧାର ଶ୍ୱେତା ବର୍ମା ଚାମ୍ପିୟନ ହୋଇଛନ୍ତି। ୧୩ ବର୍ଷରୁ କମ୍ ବାଳକରେ ଭୁବନେଶ୍ୱରର ଅଭିଷେକ ଦାସ, ବାଳିକାରେ ଶ୍ୱେତା ବର୍ମା ଚାମ୍ପିୟନ ହୋଇଛନ୍ତି। ୧୧ ବର୍ଷରୁ କମ୍ ବର୍ଗ ବାଳକରେ କଟକରୁ ରୁଦ୍ର ରଣବୀର ଓ ବାଳିକାରେ ପୁରୀର ଗାୟତ୍ରୀ ପଟ୍ଟନାୟକ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ଓଡ଼ିଶା ପ୍ରୋ ଟି୨୦ ଲିଗ୍ ମାର୍କି ଖେଳାଳିଙ୍କ ତାଲିକା ଘୋଷଣା

**ଭୁବନେଶ୍ୱର,୨୪।୮ (ଅନାଦି କର):** ବହୁ ପ୍ରତୀକ୍ଷିତ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ) ପକ୍ଷରୁ ରବିବାର ମାର୍କି ଖେଳାଳିଙ୍କ ତାଲିକା ଘୋଷଣା କରାଯାଇଛି। ଏହି ତାଲିକାରେ ୬ ଖେଳାଳି ଯଥା ଶୁଭ୍ରାଂଶୁ ସେନାପତି, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର, ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ, ସୂର୍ଯ୍ୟକାନ୍ତ ପ୍ରଧାନ ରହିଛନ୍ତି। ଏହି ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ଆମେ ଗର୍ବର ସହ ଆମ ମାର୍କି ଖେଳାଳିଙ୍କୁ ପରିଚିତ କରାଉଛୁ। ସେମାନେ ଉପସ୍ଥିତି ଲିଗ୍‌କୁ ଏକ ମଜଭୁତ ମୂଳଦୂଆ ପ୍ରଦାନ କରିବ ଓ ସେମାନେ ଯୁବ ଖେଳାଳିଙ୍କୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେବେ। ଓଡ଼ିଶା କ୍ରିକେଟ୍‌କୁ ଅଧିକ ଉଚ୍ଚତାରେ ପହଞ୍ଚାଇବା ପାଇଁ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଏକ ପଦକ୍ଷେପ ଏବଂ ଏହି ଖେଳାଳିମାନେ ସେଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ।


## ୩୬ତମ ଜନ୍ମବାର୍ଷିକ ଶୁଭେଚ୍ଛା




**ସଙ୍ଗୀତା ନାୟକ**
ସାଇ ଶ୍ରୀକ୍ଷେତ୍ର, ହାଇଟେକ ମେଡିକାଲସାମ୍ନା, ଭୁବନେଶ୍ୱର।
ଶ୍ରୀଜଗନ୍ନାଥ ଏବଂ ଶିବ(ମହାପ୍ରଭୁ) ତୁମକୁ ସର୍ବଦା ସହାୟକ ହୁଅନ୍ତୁ।
-ଶୁଭେଚ୍ଛା ସହ-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୭୩୭

## ୧୩ତମ ଜନ୍ମଦିନ ଶୁଭେଚ୍ଛା




**ସ୍ରିୟାଂଶୁ ଶୁମନ ନାୟକ (ପୁକୁଲି)**
ସାଇ ଶ୍ରୀକ୍ଷେତ୍ର, ହାଇଟେକ ମେଡିକାଲସାମ୍ନା, ଭୁବନେଶ୍ୱର।
ଶ୍ରୀଜଗନ୍ନାଥ ଏବଂ ଶିବ(ମହାପ୍ରଭୁ) ତୁମକୁ ସର୍ବଦା ସହାୟକ ହୁଅନ୍ତୁ।
-ଶୁଭେଚ୍ଛା ସହ-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୭୩୮


# ସୌମ୍ୟରଞ୍ଜନ ଚାମ୍ପିୟନ

## ରାଜ୍ୟ ଓପନ ଚେସ୍

**ଭୁବନେଶ୍ୱର, ୨୪।୮ (ବିଜୟ ରଣା)**

କେସୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ସହଯୋଗରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୬ଷ୍ଠ ସମର ବିଜୟ ମହାନ୍ତି ମେମୋରିଆଲ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୫ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଭୁବନେଶ୍ୱରର ଟପ୍ ସିଡ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର (୫.୦ ପଏଣ୍ଟ) ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିବାବେଳେ ଓମ୍ ଆଦିତ୍ୟ ଖାଡଙ୍ଗା (୪.୦) ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ, ମନୀଷ କୁମାର, ବିଶ୍ୱଜିତ ସାହୁ, ତନ୍ମୟ ତ୍ରିପାଠୀ ଏବଂ କଟକର ପ୍ରତ୍ୟୁଷ ମହାପାତ୍ର ପ୍ରମୁଖ ୪ପଏଣ୍ଟ ସହ ୩ୟରୁ ୭ମ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ଦିୟା ଦାସ ପ୍ରଥମ ଏବଂ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମଦର୍ସ ପବ୍ଲିକ ସ୍କୁଲର ସିନିୟର ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକ ସୁଚେତା ଭଞ୍ଜ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଉପସ୍ଥିତ ଥିଲେ ନୂଆଦିଲ୍ଲୀ ଏମ୍ସ ପ୍ରଫେସର ଡ. ସୁଜାତା ମହାନ୍ତି, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଏୟାର ଇଣ୍ଡିଆର ଚିଫ୍ ମ୍ୟାନେଜର ଶେଖର ମହାନ୍ତି ଏବଂ ସ୍ୱର୍ଗତ ସମର ବିଜୟ ମହାନ୍ତିଙ୍କ ନାତି ପ୍ରତୀକ ଭଞ୍ଜ।

# ଉତ୍କଳ ସ୍ପୋର୍ଟ୍ସ ମିଟ୍ କରାଟେ ଉଦ୍‌ଯାପିତ

**ଭୁବନେଶ୍ୱର,୨୪।୮ (ଅନାଦି କର)**

ଉତ୍କଳ କରାଟେ ସ୍କୁଲଠାରେ ଚାଲିଥିବା ଉତ୍କଳ ସ୍ପୋର୍ଟ୍ସମିଟ୍‌ର କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ୬, ୭, ୮, ୯ ଓ ୧୦ ବର୍ଷର ବାଳକ ଓ ବାଳିକାଙ୍କର କାଟା ଓ ଫାଇଟ୍ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ଖାରବେଳ ମଲ୍ଲିକ, ଜୟଦେବ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ଦୀପକ କୁମାର ସାମନ୍ତରା, ଗୋପାଳ ଚନ୍ଦ୍ର ଦାସ, ଏନ୍ ବି ପଟ୍ଟନାୟକ, ଉମାକାନ୍ତ ବେହେରା, ବିଜନ କୁମାର ଦଳବେହେରା, ଶୁଭାଶିଷ ମହାପାତ୍ର, ଆଦିତ୍ୟ ମିଶ୍ର, ସନ୍ତୋଷ କୁମାର ମହାରଣା, ଅନୁପମା ସ୍ୱାଇଁ, ସୁସ୍ମିନି ପାଲଟାସିଂ, କୃଷ୍ଣ ଚନ୍ଦ୍ର ନାୟକ, ମୋନାଲି ସାହୁ, ବ୍ରତତି ବିଶ୍ୱପ୍ରଭା ପତି, କ୍ରିଷ୍ଟା ଶିକାରୀ, ଯୋଗେଶ ବରିହା, ମହେଶ ଡୋରା, ଶୁଭେନ୍ଦୁ ଲେଙ୍କା, ସପନ ମିଶ୍ର, କୃଷ୍ଣ ଚନ୍ଦ୍ର ମହାରଣା, ଦେବେନ୍ଦ୍ର ରଣା, ସୁମନ୍ତ କୁମାର ପଣ୍ଡା, ଅମୀୟ କୁମାର ସାହୁ, ବିନୋଦ ଟପୋ, ପ୍ରଭାତ କୁମାର ସାହୁ, ସୁଶାନ୍ତ ପଣ୍ଡା, ରାଜେଶ ମହାପାତ୍ର, ରୌନକ ପଟ୍ଟନାୟକ, ପ୍ରଦୀପ କୁମାର ଦେବ ଓ ଗୋପାଳ କୃଷ୍ଣ କୁଁଅର ପରିଚାଳନା କରିଥିଲେ।


# Classified Everyday 0674-2580101, 9692975378



**REAL ESTATE**
**SALE**

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Commercial cum residential Plot, Gharabari with Compound wall touching to N.H 316 road(Nakhara to Niali) 10km from Nakhara & 15km to Bhubaneswar 80x30= 2400sft high land from road level @2750/- persft. 7809525452. D-76485




Newly open Jyoti Spa positively heath benefits (Expert therapist). Contact- 8458067955. D-76933

**AFFIDAVIT**

I, Sangita Rout, W/o- Bibhudutta Swain residing at plot No.-845/4320, Laxmisagar fishing tank(north), Bhubaneswar-751006, declare via affidavit 52AA 655205 that my daughter erlier known as " Shreeya" now onwards will be known as " Shreeya Swain". D-1745

By virtue of an affidavit sworn before the Executive Magistrate, Boudh, No.1162, date 20.8.25, I Haripriya Rath, W/o. Narendra Kumar Rath, R/o. Village- Saranda, P.O.- Mursundhi, P.S./Dist.- Boudh, Odisha, PIN- 762014 declare that I have changed my name from Harapriya Rath to Haripriya Rath. Henceforth, I shall be known as Haripriya Rath for all purposes
Haripriya Rath. D-1749

By virtue of an affidavit sworn before Executive Magistrate, Attabira I, Shaibya Kumbhar, At- Khaliapali (Palsanali), P.O.- Kumelsingha, P.S.- Attabira declare that I have changed my name from Sabya Deep to Shaibya Kumbhar. Henceforth, I shall be known as Shaibya Kumbhar for all purposes. D-1746

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରେଣୁବାଳା ମହାନ୍ତି**
ବାଲିଛକ ସାହି, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-ଶୋକସନ୍ତପ୍ତ-
ହତଭାଗ୍ୟ ସ୍ୱାମୀ- ଶ୍ରୀଯୁକ୍ତ ବି.ଆର. ମହାନ୍ତି, ଭାଇ- ଭାଉଜ, ପୁତ୍ର- ପୁତ୍ରବଧୂ, ଝିଅ- ଜ୍ୱାଇଁ, ନାତି- ନାତୁଣୀ, ବନ୍ଧୁ-ବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-1748

## ମାନସିକତା ସକାରାତ୍ମକ ରହିଲେ...



ଯଦି ଆପଣଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଲା ତେବେ ତାହାର ଏକ ଉପକାରୀ ଗୁଣ ଶରୀରକୁ ମିଳିଥାଏ। ଏହାଦ୍ୱାରା ହୃତ୍‌ପିଣ୍ଡ ପୂର୍ବାପେକ୍ଷା ଆହୁରି ସୁସ୍ଥ ରହିଥାଏ। ତେବେ ହାର୍ଟ କିପରି ସୁସ୍ଥ ରହିବ ସେ ବିଷୟରେ ଆମେ ସଚେତନ ହେବା ନିହାତି ଜରୁରୀ। 'ସକାରାତ୍ମକ ମାନସିକତା ଏବଂ ହୃତ୍‌ପିଣ୍ଡ' ବିଷୟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ସେମାନଙ୍କ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି, ସେମାନଙ୍କର ହାର୍ଟ ଅଧିକ ସକ୍ରିୟ ଭାବରେ କାମ କରୁଛି। ତେଣୁ ଜଣେ ବ୍ୟକ୍ତି ଯେତେ ସମ୍ଭବ ନିଜକୁ ଚାପମୁକ୍ତ ରଖିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।

## ଅତ୍ୟଧିକ ମିଠା ଖାଇବା ସ୍ମରଣଶକ୍ତିକୁ ପ୍ରଭାବିତ କରିପାରେ



ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପୁଷ୍ଟିବିଜ୍ଞାନୀମାନେ। 'ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଏଭଳି ତଥ୍ୟ ମିଳିପାରିଛି। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା।

## ଖାଲି ପେଟରେ ଚା-କଫି ପିଉଥିଲେ...



ଚା' ଓ କଫି ଅମ୍ଳୀୟ ଅଂଶ ରହିଛି। ତେଣୁ ଖାଲିପେଟରେ ଏହାକୁ ପିଇଲେ ଶରୀରରେ ଅମ୍ଳ ଓ କ୍ଷାରର ସନ୍ତୁଳନ ବିପର୍ଯ୍ୟସ୍ତ ହୋଇପଡ଼େ। ସକାଳେ ପାକସ୍ଥଳୀ ଭିତରେ କୌଣସି ଖାଦ୍ୟ ନ ଥାଏ। ଫଳରେ ପାକସ୍ଥଳୀ ନରମ ଥାଏ। ସକାଳୁ ଖାଲି ପେଟରେ ଚା' ପିଇଲେ ଝିଲ୍ଲୀ ଉପରେ ପ୍ରତିକୂଳ ପ୍ରଭାବ ପଡେ ଏବଂ ଦୀର୍ଘକାଳିକ ପାକସ୍ଥଳୀ ପ୍ରଦାହ ବା କ୍ରନିକ ଗାଷ୍ଟ୍ରାଇଟିସ୍ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ ଅରୁଚି ହୋଇ ଭୋକ ମରିଯାଇପାରେ। ବିଶେଷଭାବରେ ଖାଲି ପେଟରେ କଡ଼ା ଚା' ପିଇଲେ ପାକସ୍ଥଳୀରୁ ଅମ୍ଳ କ୍ଷରଣ ବଢ଼ିଯାଏ। ଏତଦ୍‌ବ୍ୟତୀତ ସକାଳେ ବିଛଣା ଛାଡ଼ିବା ପରେ ପରେ ଚା' କିମ୍ବା କଫି ପିଇଲେ ପାଟିରେ ଥିବା ଜୀବାଣୁଗୁଡ଼ିକ ଧୋଇହୋଇ ଅନ୍ତ୍ରନଳୀ ଭିତରକୁ ପ୍ରବେଶ କରିଥାଆନ୍ତି। ଚା'ରେ ରହିଥାଏ ସାମାନ୍ୟ ପରିମାଣର ନିକୋଟିନ୍, ଯାହା ଆସକ୍ତି ସୃଷ୍ଟିର କାରଣ ହୋଇପାରେ। ତେଣୁ ସକାଳେ ଖାଲିପେଟରେ ଚା' ହେଉ କି କଫି ପିଇବା ଆଦୌ ନିରାପଦ ନୁହେଁ। ବରଂ ସକାଳୁ ଉଠି ଗିଲାସେ ପାଣି ପିଇ ସାରି ଫଳଟିଏ ଖାଇନେବା ପରେ ୧୫ ରୁ ୨୦ ମିନିଟ୍ ପରେ ଚା' ପିଇହେବ। ଚା' ସହ ବିସ୍କୁଟ୍ କି ସାମାନ୍ୟ ଜଳଖିଆ ଖାଇଲେ ତାହା ଅପେକ୍ଷାକୃତ ନିରାପଦ। ସକାଳେ କିଛି ଖାଇ ସାରିବା ପରେ ହିଁ ଚା' ପିଆଯାଇପାରେ। ହେଲେ ଖାଲିପେଟରେ ଚା' କି କଫି ପିଇବା ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ।

# ସୌରଜଗତରେ ଆନ୍ତଃନାକ୍ଷତ୍ରିକ ଅତିଥି



ଇଂ. ମାୟାଧର ସ୍ୱାଇଁ

"ସୌରଜଗତ ବାହାରୁ ଏହା ଭିତରକୁ ପଶି ଆସି ପୁଣି ପଳାଇ ଯାଇଥିବା ପ୍ରଥମ ଜଣା ଗ୍ରହାଣୁର ନାମ ହେଉଛି ଓଉମୁଆମୁଆ। ଏହାକୁ ଯୁକ୍ତରାଷ୍ଟ୍ର ଆମେରିକାର ହାୱାଇଠାରେ ଥିବା ପାନଷ୍ଟ୍ରାସ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ୨୦୧୭ ମସିହା ଅକ୍ଟୋବର ୧୯ ତାରିଖରେ ଆବିଷ୍କାର କରାଯାଇଥିଲା। ଏହି ପର୍ଯ୍ୟବେକ୍ଷଣ 'ନାସା'ର ପୃଥିବୀର ସମୀପବର୍ତ୍ତୀ ବସ୍ତୁଗୁଡିକ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା। ସୂର୍ଯ୍ୟଠାରୁ ଏହାର ନିକଟତମ ବିନ୍ଦୁରୁ ପ୍ରାୟ ୪୦ ଦିନ ଗତି କରିବା ପରେ ଏହାକୁ ଆବିଷ୍କାର କରାଗଲା ଏବଂ ଏହା ସେତେବେଳକୁ ପୃଥିବୀଠାରୁ ପ୍ରାୟ ୩୩ ନିୟୁତ କିମି ଦୂରରେ ଥିଲା। ଏହାର ଆବିଷ୍କାରକ ହେଉଛନ୍ତି କାନାଡାର ଜ୍ୟୋତିର୍ବିଦ୍ ରବର୍ଟ ୱଇରିକ୍। ଏହାର ଆକାର ହେଉଛି ୨୩୦ ମିଟର x ୩୫ମିଟର x ୩୫ ମିଟର।"





ସୌରଜଗତରେ ସମସ୍ତ ଗ୍ରହ, ଗ୍ରହାଣୁ, ବାମନ ଗ୍ରହ, ଧୂମକେତୁ ଆଦି ସୂର୍ଯ୍ୟଙ୍କୁ ପରିକ୍ରମା କରିଥାଆନ୍ତି। ଏହିସବୁ ବସ୍ତୁପିଣ୍ଡ ଉପରେ ସୂର୍ଯ୍ୟର ମାଧ୍ୟାକର୍ଷଣ ପ୍ରଭାବ ରହିଛି। ସୌରଜଗତର ଶେଷ ଗ୍ରହ ନେପଚୁନ ପରେ ଅନେକ ଦୂର ପର୍ଯ୍ୟନ୍ତ କୁଇପର ବଳୟ ରହିଛି, ଯେଉଁଥିରେ ଅନେକ ଗ୍ରହାଣୁ ରହିଛନ୍ତି। କୁଇପର ବଳୟ ପରେ ସୌରଜଗତ ଶେଷ ହୋଇଛି। ସୌରଜଗତ ସୀମା ପରେ ଏକ ଅନ୍ଧାରୁଆ ଅଞ୍ଚଳ ରହିଛି, ଯାହା ନାମ ହେଉଛି ଉର୍ଟ ବାଦଲ।

ବେଳେବେଳେ ସୌରଜଗତ ବାହାରୁ କିଛି ବସ୍ତୁପିଣ୍ଡ ସୌରଜଗତ ଭିତରକୁ ପ୍ରବେଶ କରିଥାଏ। ଏହା ଉପରେ ସୂର୍ଯ୍ୟଙ୍କର ମାଧ୍ୟାକର୍ଷଣ ପ୍ରଭାବ ପଡି ନ ଥାଏ। ଏଣୁ ଏହା ସୂର୍ଯ୍ୟଙ୍କୁ ପରିକ୍ରମା କରି ନ ଥାଏ। ଅନୁମାନ କରାଯାଉଛି ଯେ, କୌଣସି ନକ୍ଷତ୍ରର ପ୍ରଭାବରେ ଏଗୁଡିକୁ ସୌରଜଗତକୁ ପ୍ରବେଶ କରିଥାଆନ୍ତି। ସୌରଜଗତ ଦେଇ କିଛି ଦିନ ଗତି କରିବା ପରେ ଏଗୁଡିକ ପୁନଶ୍ଚ ଆନ୍ତଃନାକ୍ଷତ୍ରିକ ମହାକାଶକୁ ଚାଲିଯାଆନ୍ତି।

ଆମର ପର୍ଯ୍ୟବେକ୍ଷଣ ପ୍ରଯୁକ୍ତିବିଦ୍ୟାର ଉନ୍ନତି ହେବା ପରେ ବର୍ତ୍ତମାନ ସୌରଜଗତକୁ ଅଳ୍ପ ଦିନ ପାଇଁ ପ୍ରବେଶ କରୁଥିବା ଆନ୍ତଃନାକ୍ଷତ୍ରିକ ବସ୍ତୁଗୁଡିକ ଚିହ୍ନଟ କରିପାରୁଛେ ଏବଂ ସେଗୁଡ଼ିକ ସମ୍ବନ୍ଧରେ କିଛି ତଥ୍ୟ ମଧ୍ୟ ହାସଲ କରିପାରୁଛେ। ଆମେମାନେ ଏପର୍ଯ୍ୟନ୍ତ ମାତ୍ର ତିନୋଟି ଅତିଥି ବସ୍ତୁପିଣ୍ଡକୁ ଚିହ୍ନଟ କରିପାରିଛେ। ସେଗୁଡିକ ହେଉଛି–ଓଉମୁଆମୁଆ, ବୋରିସୋଭ ଏବଂ ଆଟଲାସ।

### ଓଉମୁଆମୁଆ

ସୌରଜଗତ ବାହାରୁ ଏହା ଭିତରକୁ ପଶି ଆସି ପୁଣି ପଳାଇ ଯାଇଥିବା ପ୍ରଥମ ଜଣା ଗ୍ରହାଣୁର ନାମ ହେଉଛି ଓଉମୁଆମୁଆ। ଏହାକୁ ଯୁକ୍ତରାଷ୍ଟ୍ର ଆମେରିକାର ହାୱାଇଠାରେ ଥିବା ପାନଷ୍ଟ୍ରାସ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ୨୦୧୭ ମସିହା ଅକ୍ଟୋବର ୧୯ ତାରିଖରେ ଆବିଷ୍କାର କରାଯାଇଥିଲା। ଏହି ପର୍ଯ୍ୟବେକ୍ଷଣ 'ନାସା'ର ପୃଥିବୀର ସମୀପବର୍ତ୍ତୀ ବସ୍ତୁଗୁଡିକ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା। ସୂର୍ଯ୍ୟଠାରୁ ଏହାର ନିକଟତମ ବିନ୍ଦୁରୁ ପ୍ରାୟ ୪୦ ଦିନ ଗତି କରିବା ପରେ ଏହାକୁ ଆବିଷ୍କାର କରାଗଲା ଏବଂ ଏହା ସେତେବେଳକୁ ପୃଥିବୀଠାରୁ ପ୍ରାୟ ୩୩ ନିୟୁତ କିମି ଦୂରରେ ଥିଲା। ଏହାର ଆବିଷ୍କାରକ ହେଉଛନ୍ତି କାନାଡାର ଜ୍ୟୋତିର୍ବିଦ୍ ରବର୍ଟ ୱଇରିକ୍। ଏହାର ଆକାର ହେଉଛି ୨୩୦ ମିଟର x ୩୫ ମିଟର x ୩୫ ମିଟର। ଏହାର ଅସାଧାରଣ ଆକାର ଓ ଅନ୍ୟାନ୍ୟ ଉତ୍ସରୁ ଅନେକ ବ୍ୟକ୍ତି ଏହା ବାହାର ଗ୍ରହରୁ ଆସିଥିବା ମନେକଲେ। ଏହାର ବେଗ ଘଣ୍ଟା ପ୍ରତି ୩୦,୦୦୦ କିମି ଥିଲା ଏବଂ ଏହାର ଗତିପଥରୁ ଜଣାଗଲା ଯେ ଏହା ଆମ ସୌରଜଗତର ବସ୍ତୁପିଣ୍ଡ ନୁହେଁ। ୨୦୧୯ ମସିହା ଜୁଲାଇ ମାସ ସୁଦ୍ଧା ଜ୍ୟୋତିର୍ବିଦମାନେ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଏହା ହେଉଛି ଗୋଟିଏ ପ୍ରାକୃତିକ ବସ୍ତୁପିଣ୍ଡ ଏବଂ ଏହା ସୌରଜଗତ ବାହାରୁ ଆସିଛି। ଏହା ପୃଥିବୀକୁ ମାତ୍ର ଏକ ସପ୍ତାହ ଦେଖା ଯାଇଥିଲା। ଏଣୁ ଏହା ସମ୍ବନ୍ଧରେ ବିଶେଷ ଅଧ୍ୟୟନ କରାଯାଇପାରିଲା ନାହିଁ।

### ବୋରିସୋଭ

ଏହାକୁ କ୍ରିମିୟାର ଜ୍ୟୋତିର୍ବିଦ ଗେନାଡି ବୋରିସୋଭ ୨୦୧୯ ମସିହା ଅଗଷ୍ଟ ୨୯ ତାରିଖରେ କ୍ରିମିୟାର ନୌଚିନିଜସ୍ଥିତି ମାର୍ଗୋ ପର୍ଯ୍ୟବେକ୍ଷଣାଗାରୁ ଆବିଷ୍କାର କରିଥିଲେ। ଏହା ହେଉଛି ଗୋଟିଏ ଧୂମକେତୁ। ଏହାର ଉତ୍‌କେନ୍ଦ୍ରତା ୩.୩୬ ଥିଲା ଏବଂ ସୂର୍ଯ୍ୟ ଚାରିପଟେ ଏହା ପରିକ୍ରମଣ କରି ନ ଥିଲା। ଏହା ୨୦୧୯ ମସିହା ଅକ୍ଟୋବର ମାସ ଶେଷ ଆଡକୁ ସୌରଜଗତରେ ପ୍ରବେଶ କରିଥିଲା ଏବଂ ସେହି ବର୍ଷ ଡିସେମ୍ବର ୮ ତାରିଖରେ ସୂର୍ଯ୍ୟଠାରୁ ଏହାର ନିକଟତମ ଦୂରତା ଦୁଇ ମହାଜାଗତିକ ଏକକ ଥିଲା। ଏହା ସେହି ବର୍ଷ ଡିସେମ୍ବର ୨୮ ତାରିଖରେ ପୃଥିବୀ ନିକଟତର ଥିଲା। ଏହାର ଲାଞ୍ଜର ଦୈର୍ଘ୍ୟ ପୃଥିବୀ ଆକାରର ୧୪ ଗୁଣ ଥିଲା। ଏହାର କୋମା ଏବଂ ଧୂଳି ଓ ଗ୍ୟାସ୍‌ର ବାଦଲ ଥିଲା। ଏହା ପୃଥିବୀ ଠାରୁ ୩୦୦ ନିୟୁତ କିମିରୁ ଅଧିକ ଦୂର ଦେଇ ଯାଇଥିବାରୁ ଏହାର ଠିକ୍ ଆକାର ଓ ଆକୃତି ନିର୍ଦ୍ଧାରଣ କରାଯାଇ ପାରି ନ ଥିଲା। ଏହାର ନାଭିକ ବ୍ୟାସ ୧.୪ରୁ ୧୬ କିମି ମଧ୍ୟରେ ଆକଳନ କରାଯାଇଛି।

### ଆଟଲାସ

ସୌରଜଗତକୁ ଆସିଥିବା ତୃତୀୟ ଜଣା ଆନ୍ତଃନାକ୍ଷତ୍ରିକ ଅତିଥି ହେଉଛି ଆଟଲାସ।

ଏହା ହେଉଛି ଗୋଟିଏ ଧୂମକେତୁ। ଏହାକୁ ୨୦୨୫ ମସିହା ଜୁଲାଇ ୧ ତାରିଖରେ ଚିଲିରେ ଥିବା ଡିପ୍ ରାନ୍‌ଡେର୍ମ ସର୍ଭେ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଚିହ୍ନଟ କରାଯାଇଛି। ଏହି ସର୍ଭେ ହେଉଛି ପୃଥିବୀ ସହିତ ସଂଘର୍ଷ ସମ୍ଭାବନା ଥିବା ଗ୍ରହାଣୁ ସମ୍ବନ୍ଧୀୟ ପ୍ରକଳ୍ପର ଅଂଶବିଶେଷ। ଏହି ପ୍ରକଳ୍ପର ନାମ ହେଉଛି ଆଟଲାସ ଏବଂ ଏହି ନାମକରଣ ଅନୁସାରେ ଆନ୍ତଃନାକ୍ଷତ୍ରିକ ଅଞ୍ଚଳରୁ ଆସିଥିବା ଧୂମକେତୁର ନାମକରଣ କରାଯାଇଛି।

ସୌରଜଗତକୁ ଆସିଥିବା ଅନ୍ୟ ଦୁଇ ଆନ୍ତଃନାକ୍ଷତ୍ରିକ ବସ୍ତୁପିଣ୍ଡଠାରୁ ଏହା ହେଉଛି ବଡ ଓ ଉଜ୍ଜ୍ୱଳ। ଏହାର କକ୍ଷର ଉତ୍‌କେନ୍ଦ୍ରତା ହେଉଛି ୬.୨। ସୂଚନାଯୋଗ୍ୟ ଯେ ଯେଉଁ ବସ୍ତୁପିଣ୍ଡର କକ୍ଷର ଉତ୍‌କେନ୍ଦ୍ରତା ଏକରୁ ଅଧିକ ହୋଇଥାଏ, ତାହା ସୂର୍ଯ୍ୟ ଚାରିପଟେ ପରିକ୍ରମଣ କରି ନ ଥାଏ। ଅନ୍ୟ ଅର୍ଥରେ, ଏହା ଆନ୍ତଃନାକ୍ଷତ୍ରିକ ମହାକାଶରୁ ଆସିଛି ଏବଂ ପୁନଶ୍ଚ ସେଠାକୁ ଫେରିଯିବ। ତୁଳନାତ୍ମକ ଭାବେ ଉମୁଆମୁଆ ଓ ବୋରିସୋଭ କକ୍ଷର ଉତ୍‌କେନ୍ଦ୍ରତା ଯଥାକ୍ରମେ ହେଉଛି ୧.୨ ଓ ୩.୬। ଆଟଲାସ୍‌ର ବ୍ୟାସ ହେଉଛି ୧୫ କିମି। ୨୦୨୫ ମସିହା ଜୁଲାଇ ପ୍ରଥମ ସପ୍ତାହରେ ଏହା ବୃହସ୍ପତିର କକ୍ଷ ମଝିରେ ପୃଥିବୀଠାରୁ ୫୨୦ ନିୟୁତ କିମି ଏବଂ ସୂର୍ଯ୍ୟଠାରୁ ୬୭୦ ନିୟୁତ କିମି ଦୂରରେ ଥିଲା। ଏହା ଚଳିତ ବର୍ଷ ଡିସେମ୍ବର ୧୯ରେ ପୃଥିବୀ ନିକଟତମ ହେବ ଏବଂ ପୃଥିବୀଠାରୁ ଏହା ୨୭୦ ନିୟୁତ କିମି ଦୂର ଦେଇ ଗତି କରିବ।

–୭୦, ଲକ୍ଷ୍ମୀ ବିହାର
ଫେଜ୍–୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ସନ୍ତୁଳିତ କ୍ୟାଲୋରି ଓ ରକ୍ତଦାନ

ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ। ହେଲେ ଏଥିରେ ଅସନ୍ତୁଳିତ ପରିଲକ୍ଷିତ ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିବା ସହ ଶରୀର ପାଇଁ ଅନେକ କ୍ଷତି ପହଞ୍ଚାଏ। ତେବେ କ୍ୟାଲୋରି ସ୍ତରକୁ ସନ୍ତୁଳିତ ରଖିବା ପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ। ସନ୍ତୁଳିତ ଖାଦ୍ୟ ଖାଇବା ବ୍ୟତୀତ ଆଉ ଏକ ସରଳ ଉପାୟରେ ଆମେ କ୍ୟାଲୋରିକୁ ସନ୍ତୁଳିତ ରଖିପାରିବା। ତାହା କ'ଣ ଜାଣନ୍ତି? ରକ୍ତଦାନ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିଥାଏ। ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଯଥେଷ୍ଟ ଜରୁରୀ। ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରୁଥିବା କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରିମାଣ କେତେ ରହୁଛି ତାହାକୁ ପରୀକ୍ଷା କରିବା ପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ।



## ଜାଣିରଖନ୍ତୁ


➔ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ରୋଗର କାରଣ ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଭୁଲନ୍ତୁ ନାହିଁ। ଯଦି ଆପଣଙ୍କର ଆଉ କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ତାକୁ ମଧ୍ୟ ଜଣାନ୍ତୁ।

➔ରାତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ରାତିରେ ଖାଇବା ଓ ଶୋଇବା ମଧ୍ୟରେ ଅତି କମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଦରକାର।

➔ବୟସ ବଢ଼ିବା ସହ ଧୀରେ ଧୀରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ଦେଖାଯାଏ। ତେଣୁ ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➔ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ, ନିକଟସ୍ଥ ହସ୍ପିଟାଲ୍ ଏବଂ କେତେକ ପରିଚିତ ଡାକ୍ତରଙ୍କର ନମ୍ବର ରଖିବାକୁ ଭୁଲନ୍ତୁ ନାହିଁ। ଦରକାର ସମୟରେ ଏହା ନିହାତି ଆପଣଙ୍କର କାମରେ ଆସିବ।

➔ଖାଲି ପାଦରେ ଦୌଡ଼ିବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ। ଏହାଦ୍ୱାରା ପାଦ ଉପରେ ଚାପ କମ୍ ପଡ଼ିଥାଏ ଓ ଏହାକୁ ଶକ୍ତ କରାଏ।



## ସ୍ୱାସ୍ଥ୍ୟ ସୂଚନା

➢ଆପଣ ମେଦବହୁଳତା ସମସ୍ୟା ସହ ଜଡ଼ିତ କି? ତେଣୁ ସବୁବେଳେ ନିଜର ଓଜନ ସନ୍ତୁଳିତ ରଖନ୍ତୁ। ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ସହ ନିୟମିତ ବ୍ୟାୟାମ କରନ୍ତୁ।

➢ଦୀର୍ଘକାଳୀନ ରୋଗ ସହ ଜଡ଼ିତ ଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➢ନିଜକୁ ସବୁବେଳେ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହା ପରୋକ୍ଷରେ ଆଉ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

➢ଯଦି ଆପଣ ଗୋଟିଏ ସ୍ଥାନରେ ଅଧିକ ସମୟ ବସି କାମ କରୁଛନ୍ତି ତେବେ କିଛି ସମୟ ବ୍ୟବଧାନରେ ଟିକେ ଉଠି ଚାଲବୁଲ କରନ୍ତୁ। ଏହାଦ୍ୱାରା ଅଣ୍ଟାଜନିତ ସମସ୍ୟା ଦେଖାଯିବାର ଆଶଙ୍କା କେତେକାଂଶରେ କମ୍ ଥାଏ।

➢ଦୃଷ୍ଟିଶକ୍ତିଜନିତ ସମସ୍ୟା ଦେଖାଦେଲେ ତାହାକୁ ଅବହେଳା କରନ୍ତୁ ନାହିଁ। ବିଳମ୍ବ ନ କରି ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

➢ପ୍ରତିଦିନ କିଛି ପରିମାଣର ସାଲାଡ ଖାଆନ୍ତୁ। ବିଶେଷଭାବରେ ଏହାକୁ ସକାଳ ଜଳଖିଆ ବା ବ୍ରେକଫାଷ୍ଟରେ ସାମିଲ କଲେ ସେଥିରୁ ଆହୁରି ଉପକାର ମିଳିଥାଏ।

➢ରାତିରେ ଶୋଇବାକୁ ଯିବା ପୂର୍ବରୁ ଭଲ ଭାବରେ ଗୋଡହାତ ଆଉ ମୁହଁ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।



## ଏପିଲେପ୍‌ସିର କାରଣ


ପ୍ରାୟ ୫୦ ପ୍ରତିଶତ ଏପିଲେପ୍‌ସି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଜଣାପଡି ନ ଥାଏ। ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା'ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଅର୍ବୁଦ ବା ଟ୍ୟୁମର୍ ହୋଇଥିଲେ ଏପିଲେପ୍‌ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍‌ସୀର ମଧ୍ୟ ବଂଶଗତ ପ୍ରଭାବ ରହିଛି। ଏପିଲେପ୍‌ସୀର ଏକାଧିକ ପ୍ରକାର। ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ। କିନ୍ତୁ ବାତ ମାରିବା ଲକ୍ଷଣଟି ହିଁ ପ୍ରଧାନ



ଓ ଏହା ଅନେକ ରୋଗୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁ ସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି ଅରାର କେତୋଟି ଉଦାହରଣ।

# ଏକ ଯୁଗର ଅବସାନ

**ନୂଆଦିଲ୍ଲୀ,୨୪।୮(ପି.ଟି.)**


ଚେତେଶ୍ୱର ପୂଜାରା

ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ରବିବାର ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟକୁ ଅଲବିଦା କହିଛନ୍ତି। ସେ ସୋସିଆଲ ମିଡିଆ ଜରିଆରେ ତାଙ୍କ ଅବସର ଘୋଷଣା କରିଛନ୍ତି। ୨୦୧୦ରେ ପଦାର୍ପଣ କରିଥିବା ୩୭ ବର୍ଷୀୟ ପୂଜାରା ଭାରତୀୟ ଜର୍ସିରେ ୨୦୨୩ରେ ଅନ୍ତିମ ଥର ଖେଳିଥିଲେ। ୧୦୩ ଟେଷ୍ଟ ମ୍ୟାଚ୍‌ରେ ୪୩.୬୦ ଆଭରେଜରେ ୭,୧୯୫ ରନ କରିଥିଲେ। ଏଥିରେ ୧୯ ଶତକ ଓ ୩୫ ଅର୍ଦ୍ଧଶତକ ସାମିଲ ଥିଲା। ସେ ଗୋଟିଏ ଇନିଂସରେ ସର୍ବାଧିକ ଅପରାଜିତ ୨୦୬ ରନ କରିଥିଲେ। ତାଙ୍କ ଅବସର ସହ ଭାରତୀୟ କ୍ରିକେଟରେ ଏକ ଯୁଗର ଅବସାନ ଘଟିଛି। ତାଙ୍କ ପୂର୍ବରୁ ତାଙ୍କ ସାଥି ଖେଳାଳି ବିରାଟ କୋହଲି, ରୋହିତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନ ଲମ୍ବା ଫର୍ମାଟରୁ ଅବସର ଘୋଷଣା କରିଥିଲେ।

"ମୁଁ ପିଲା ବେଳୁ ବାପା-ମା'ଙ୍କ ସହ ଭାରତୀୟ ଦଳ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଥିଲି। ଏହି ଖେଳ ମୋତେ ଅଭିଜ୍ଞତା, ଉଦ୍ଦେଶ୍ୟ, ଭଲ ପାଇବା ଓ ସବୁଠାରୁ ବଡ଼ ନିଜ ରାଜ୍ୟ ଓ ମହାନ୍ ଦେଶ ପାଇଁ ଖେଳିବାର ସୁଯୋଗ ଭଳି ଅନେକ କିଛି ଦେଇଛି। ଭାରତୀୟ ଜର୍ସି ପିନ୍ଧିବା, ଆନ୍ଥେମ ଗାନ କରିବା ଏବଂ ପ୍ରତ୍ୟେକ ଥର ଫିଲ୍ଡରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ଉଦ୍ୟମ କରିବାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ। କିନ୍ତୁ ଯେମିତି କଥାରେ ଅଛି, ସବୁ ଆରମ୍ଭର ଶେଷ ଅଛି। ଗର୍ବ ଓ ସମ୍ମାନର ସହିତ ମୁଁ ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି" ବୋଲି ପୂଜାରା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ଘରୋଇ କ୍ରିକେଟରେ ସୌରାଷ୍ଟ୍ର ପାଇଁ ଖେଳୁଥିଲେ। ପୂଜାରାଙ୍କ ଅବସର ସମ୍ପର୍କରେ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ସଭାପତି ଜୟଦେବ ଶାହା କହିଛନ୍ତି, ମୁଁ ଚାହୁଁଥିଲି ପୂଜାରା ପଡ଼ିଆରେ କ୍ରିକେଟକୁ ଅଲବିଦା କରନ୍ତୁ। କିନ୍ତୁ ଏହା ତାଙ୍କ ନିଷ୍ପତ୍ତି ଥିଲା। ଆମେ ତାଙ୍କ ଭବିଷ୍ୟତ ଲାଗି ଶୁଭକାମନା ଦେଉଛୁ। ତାଙ୍କ କ୍ୟାରିୟର ଗଢ଼ିବା ଲାଗି ତାଙ୍କ ବାପା ଅରବିନ୍ଦ ପୂଜାରାଙ୍କୁ ବଡ଼ ସାଲ୍ୟୁଟ।

ଭାରତୀୟ ଦଳରୁ ବାହାରେ ଥିବା ବେଳେ ପୂଜାରା କମେଣ୍ଟେଟର ଭାବେ ନିକଟରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ସହିତ ଯୋଡ଼ି ହୋଇଥିଲେ। କିମ୍ବଦନ୍ତୀ ଭାରତୀୟ ବ୍ୟାଟର ରାହୁଲ ଦ୍ରାବିଡ଼ଙ୍କ ଅବସର ପରେ ମୁଖ୍ୟତଃ ବିଦେଶୀ କଣ୍ଡିଶନରେ ଭାରତୀୟ ଟେଷ୍ଟ ଦଳର କାନ୍ଥ ଭାବେ ଖେଳିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତ ୨୦୧୮ ଓ ୨୦୨୧ ଅଷ୍ଟ୍ରେଲିଆରେ ଲଗାତର ଦୁଇ ଥର ଟେଷ୍ଟ ସିରିଜ୍ ଜିତିଥିଲା। ଉଭୟ ଥର ପୂଜାରାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଭାରତୀୟ ଦଳ ପାଇଁ ୫ଟି ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଥିଲେ। ସେ ଫାଷ୍ଟ-କ୍ଲାସ କ୍ରିକେଟରେ ୨୧,୩୦୧ ରନ କରିଥିଲେ, ଯେଉଁଥିରେ ୬୬ ଶତକ ଓ ୮୧ ଅର୍ଦ୍ଧଶତକ ରହିଛି। ୨୦୧୭ରେ ଭାରତୀୟ ଫାଷ୍ଟ-କ୍ଲାସ କ୍ରିକେଟ୍ ସିଜନ ଇତିହାସରେ ସର୍ବାଧିକ ୧,୬୦୫ ରନ କରି ରେକର୍ଡ କରିଥିଲେ। ପୂର୍ବରୁ ଗୋଟିଏ ସିଜନରେ ସର୍ବାଧିକ ରନ କରିବାର ରେକର୍ଡ ଚନ୍ଦୁ ବୋର୍ଡେଙ୍କ ନାମରେ ଥିଲା। ସେ ୧୯୬୪-୬୫ରେ ୧,୬୦୪ ରନ କରିଥିଲେ।

## ପୂଜାରା ନିଷ୍ଠା ଓ ନିଃସ୍ୱାର୍ଥପର ବ୍ୟାଟିଂର ଉଦାହରଣ ଥିଲେ

### ଚେତେଶ୍ୱର ପୂଜାରାଙ୍କ ଅବସର ଘୋଷଣା ପରେ ଅନେକ ଭାରତୀୟ କିମ୍ବଦନ୍ତୀ କ୍ରିକେଟର ଓ ତାଙ୍କ ପୂର୍ବତନ ସାଥୀ ଖେଳାଳି ତାଙ୍କ ନିଷ୍ଠା ଓ ନିଃସ୍ୱାର୍ଥପର ବ୍ୟାଟିଂକୁ ପ୍ରଶଂସା କରିଛନ୍ତି।

▶▶ ନଂ-୩ରେ ବ୍ୟାଟିଂ ଲାଗି ପୂଜାରାଙ୍କୁ ଆସୁଥିବା ଦେଖିଲେ ଆଶ୍ୱସ୍ତି ମିଳେ। ତୁମେ ପ୍ରତ୍ୟେକ ଥର ଧୈର୍ଯ୍ୟ, ସାହସ ଓ ଟେଷ୍ଟ କ୍ରିକେଟ ପ୍ରତି ଭଲ ପାଇବା ସହ ବ୍ୟାଟିଂ କର। ତୁମର ସୁଦୃଢ଼ ଟେକ୍‌ନିକ୍ ଓ ଚାପ ପରିସ୍ଥିତିରେ ଧୈର୍ଯ୍ୟ ଭାରତୀୟ ଦଳର ସ୍ତମ୍ଭ ଥିଲା। ତୁମର ଧୈର୍ଯ୍ୟ ଓ ସଂଘର୍ଷପୂର୍ଣ୍ଣ ଇନିଂସ ବିନା ଅଷ୍ଟ୍ରେଲିଆ ବିପକ୍ଷ ୨୦୧୮ ସିରିଜ୍ ଜିତିବା ସମ୍ଭବ ନ ଥିଲା।

**-ସଚିନ ତେନ୍ଦୁଲକର, କ୍ରିକେଟ ଆଇକନ**

▶▶ ଝଡ଼ ପ୍ରବଳ ଥିବା ବେଳେ ପୂଜାରା ଛିଡ଼ା ହୋଇଥିଲେ। ଆଶା ମଳିନ ପଡ଼ିଲା ବେଳେ ସେ ଲଢ଼େଇ କରିଥିଲେ। ପୁଜିଙ୍କୁ ଅଭିନନ୍ଦନ।

**-ଗୌତମ ଗମ୍ଭୀର, ଭାରତୀୟ ଦଳର ମୁଖ୍ୟ କୋଚ୍**

▶▶ ସର୍ବଦା ଦେଶ ପାଇଁ ଯିଏ ନିଜ ଶରୀର, ମନ ଓ ଆତ୍ମାକୁ ବାଜିରେ ଲଗାଏ। ଉଲ୍ଲେଖନୀୟ କ୍ୟାରିୟର ଲାଗି ଅଭିନନ୍ଦନ।

**-ଯୁବରାଜ ସିଂ, ପୂର୍ବତନ ଅଲରାଉଣ୍ଡର**

▶▶ ଜବରଦସ୍ତ କ୍ୟାରିୟର ପାଇଁ ଅଭିନନ୍ଦନ। ତୁମେ ଟେଷ୍ଟ କ୍ରିକେଟର ଜଣେ ଚମତ୍କାର ଆମ୍ବାସାଡର। କ୍ରିକେଟ ପଡ଼ିଆରେ ତୁମ ଉପଲବ୍ଧିରେ ଆମେ ସମସ୍ତେ ଗର୍ବିତ। ତୁମ ସହିତ କାମ କରିବା ସମ୍ମାନର ବିଷୟ। ଆଶା କରୁଛି ଦ୍ୱିତୀୟ ଇନିଂସରେ ତୁମେ ଚମକିବା ଜାରି ରଖିବ।

**-ଅନିଲ କୁମ୍ବଲେ, ପୂର୍ବତନ ଅଧିନାୟକ ଓ କୋଚ୍**

▶▶ ଧୈର୍ଯ୍ୟ ଓ ନିଃସ୍ୱାର୍ଥପରତାର ଉଦାହରଣ ହେଉଛି ପୂଜାରାଙ୍କ କ୍ୟାରିୟର। ପ୍ରତିପକ୍ଷ ଦଳର ଆକ୍ରମଣକୁ ନଷ୍ଟ କରିବାର ଦକ୍ଷତା ଏବଂ ଏକାଗ୍ରତାର ଅପାରଶକ୍ତି ଯୋଗୁ ସେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପର ଦୃଢ଼ କାନ୍ଥ ସଦୃଶ ଥିଲେ। ପାରମ୍ପରିକ ବ୍ୟାଟିଂ ଷ୍ଟାଇଲ ସହିତ ବି ଶୀର୍ଷ ସ୍ତରରେ ସଫଳତା ମିଳିପାରିବ ବୋଲି ସେ ଦେଖାଇଥିଲେ।

**-ଦେବଜିତ ସାଇକିଆ, ବିସିସିଆଇ ସମ୍ପାଦକ**

# ଐଶ୍ୱର୍ଯ୍ୟ ପ୍ରତାପ ଜିତିଲେ ସ୍ୱର୍ଣ୍ଣ ପଦକ

**ସିମ୍‌କେଣ୍ଟ, ୨୪।୮ (ପି.ଟି.)**


ଐଶ୍ୱର୍ଯ୍ୟ ପ୍ରତାପ ସିଂ

ଭାରତୀୟ ଶୁଟର ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ଏଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ପୁରୁଷ ୫୦ମିଟର ରାଇଫଲ ୩ ପୋଜିଶନ ପ୍ରତିଯୋଗିତାରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଜୁନିୟର ପୁରୁଷ ୩ପି ଇଭେଣ୍ଟରେ ଆଡ୍ରିୟାନ କର୍ମାକାର ଫାଇନାଲରେ ୩୬୩.୮ ସ୍କୋର ସହ ଏସିଆନ ଜୁନିୟର ରେକର୍ଡ ସହିତ ଏକ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଐଶ୍ୱର୍ଯ୍ୟ ପ୍ରତାପ ୪୬୩.୮ ସ୍କୋର ସହ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଚାଇନାର ଓ୍ୱେନୟୁ ଝାଓ ୪୬୨ ପଏଣ୍ଟ ସହ ରୌପ୍ୟ ଜିତିଥିବାବେଳେ ଜାପାନର ନାଓୟା ଓକାଡା ୪୪୫.୮ ସ୍କୋର ସହ ବ୍ରୋଞ୍ଜ ପାଇଥିଲେ। ଐଶ୍ୱର୍ଯ୍ୟ ପ୍ରତାପ ପ୍ରତିଯୋଗିତାର ଅଧିକାଂଶ ଭାଗ ଆଗରେ ରହିଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଚେନ୍ ସିଂ ଚତୁର୍ଥ ଏବଂ ଅଖିଲ ଶେଓରାନ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ୩ ଭାରତୀୟ ଐଶ୍ୱର୍ଯ୍ୟ, ଚେନ୍ ସିଂ ଓ ଶେଓରାନ ୫୦ମିଟର ରାଇଫଲ ୩ ପୋଜିଶନ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ଐଶ୍ୱର୍ଯ୍ୟ କ୍ୱାଲିଫିକେଶନ ମୋଟ ୫୮୪ ସ୍କୋର ସହ କ୍ୱାଲିଫିକେଶନରେ ତୃତୀୟ ସ୍ଥାନରେ ରହିଥିଲେ। ଐଶ୍ୱର୍ଯ୍ୟଙ୍କର ସମାନ ଇଭେଣ୍ଟରେ ଏହା ହେଉଛି ଦ୍ୱିତୀୟ ଏସିଆନ ଟାଇଟଲ। ଏହା ପୂର୍ବରୁ ସେ ୨୦୨୩ରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଜାକର୍ତ୍ତାରେ ୨୦୨୪ ସଂସ୍କରଣରେ ସେ ନିଜ ଦେଶର ଶେଓରାନଙ୍କଠାରୁ ପରାଜିତ ହୋଇ ରୌପ୍ୟ ପଦକ ପାଇଥିଲେ।

**ଏସିଆନ ଶୁଟିଂ ଚାମ୍ପିୟନଶିପ୍**







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ